Dharitri 50 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୯/୨୦୨୪ (୮+୮=୧୬ ପୃଷ୍ଠା) | Bhubaneswar, Monday, April 29/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 155 | ମୂଲ୍ୟ ₹୭/-




## ପାର୍ବତୀଙ୍କୁ ୨ ସ୍ୱର୍ଣ୍ଣ

ମୁମ୍ବାଇରେ ଅନୁଷ୍ଠିତ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଡିସକସ୍ ଓ ଶଟ୍‌ପୁଟ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ପାର୍ବତୀ ସେଠୀ।

୦୮

୦୨

## ପ୍ରିୟଙ୍କାଙ୍କ ଜୀବନରେ ଅନେକ ପରିବର୍ତ୍ତନ

ଝିଅ ମାଲତି ମେରିଙ୍କ ଜନ୍ମ ପରେ ତାଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏକ ସାକ୍ଷାତ୍କାରରେ କହିଛନ୍ତି।





ପୁରୀ ରେଳଷ୍ଟେଶନ ପରିସରରେ ନିର୍ମାଣ ହେଉଥିବା କୋଠାର ଛାତ ଭୁଶୁଡ଼ିପଡ଼ିବା ପରେ ଉଦ୍ଧାର କାର୍ଯ୍ୟ ଚାଲିଛି। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

# ରେଳଷ୍ଟେଶନ ଛାତ ଭୁଶୁଡ଼ିଲା

## ୪ ଶ୍ରମିକ ଗୁରୁତର

ପୁରୀ, ୨୮।୪(ଅଜିତ୍ ମହାନ୍ତି)

ପୁରୀ ରେଳଷ୍ଟେଶନକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟ ନେଇ କାର୍ଯ୍ୟ ଜାରି ରହିଥିବାବେଳେ ରବିବାର ଏକ ଅଘଟଣ ଘଟିଛି। ରେଳଷ୍ଟେଶନ ପରିସରରେ ଏକ ନିର୍ମାଣାଧୀନ କୋଠାର ଛାତ ଭୁଶୁଡ଼ିପଡ଼ିଛି। ଫଳରେ କାର୍ଯ୍ୟରତ ୪ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବିଶୁ ମଣ୍ଡଳ, ଶଙ୍କର ବେରା, ଶମ୍ଭୁ ବେରା ଓ କୁନୁ ଗୌଡ଼। କୁନୁ ଗଞ୍ଜାମ ଜିଲାର ବାସିନ୍ଦା ହୋଇଥିବାବେଳେ ଅନ୍ୟ ୩ଜଣ ପଶ୍ଚିମବଙ୍ଗ ମେଦିନପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଆହତମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଘଟଣର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଛାତ ନିର୍ମାଣ ପାଇଁ ଲାଗିଥିବା ସେଣ୍ଟ୍ରିଂରେ ତ୍ରୁଟି ଥିବା ଯୋଗୁ ଏଭଳି ଘଟିଥିବା ଅନୁମାନ କରାଯାଉଛି। ପୂର୍ବତଟ ରେଳପଥ ପକ୍ଷରୁ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ପୁରୀ ରେଳଷ୍ଟେଶନ ପରିସରସ୍ଥ ସମ୍ମୁଖ ଭାଗରେ କୋଠା ନିର୍ମାଣ ଚାଲିଥିଲା। ରବିବାର ସକାଳ ପ୍ରାୟ ୯ଟା ୩୦ରେ କାମ ଚାଲିଥିବାବେଳେ ହଠାତ୍ କୋଠାର ଛାତ ଭୁଶୁଡ଼ି ପଡ଼ିଥିଲା। ଏହି ସମୟରେ ୬ଜଣ ଶ୍ରମିକ ନିୟୋଜିତ ଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ଗୁରୁତର ଆହତ ହୋଇଥିଲେ। ଏହି ଖବର ପାଇବା ପରେ ଜିଆର୍‌ପି, ଆର୍‌ପିଏଫ, ଅଗ୍ନିଶମ ବାହିନୀ ଏବଂ ପୁରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମିଳିତ ଭାବେ ଉଦ୍ଧାର କାର୍ଯ୍ୟ କରିଥିଲେ। ଜଣେ ଆହତଙ୍କ କହିବାନୁଯାୟୀ, ପ୍ରବଳ ଖରା ଯୋଗୁ ଭୋରରୁ କାମ ଆରମ୍ଭ ହୋଇଥିଲା। ପ୍ରାୟ ସାଢ଼େ ୯ଟାରେ କାର୍ଯ୍ୟ ଚାଲିଥିବାବେଳେ ହଠାତ୍ ଛାତ ଭୁଶୁଡ଼ି ପଡ଼ିଥିଲା। ଆମେ କେହି କିଛି ବୁଝିବା ପୂର୍ବରୁ ତଳକୁ ଖସିପଡ଼ିଥିଲୁ। ମୋ ମୁଣ୍ଡ ଓ ଗୋଡ଼ରେ ଜୋର୍ ଆଘାତ ଲାଗିଛି। ସୌଭାଗ୍ୟବଶତଃ ବଞ୍ଚିଗଲୁ। ଭଗବାନ ଆମକୁ ରକ୍ଷା କରିଦେଲେ। ଏନେଇ ଜିଆର୍‌ପି ଅଧିକାରୀ ସନ୍ତୋଷ ବାହିନୀପତି କହିଛନ୍ତି, ଖବର ପାଇବା ପରେ ଘଟଣାସ୍ଥଳରେ ଉଦ୍ଧାରକାରୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ରେଲୱେର ସ୍ୱତନ୍ତ୍ର ଟିମ୍ ସହ ଜିଆର୍‌ପି ପୋଲିସ ଆଲୋଚନା କରି ଘଟଣାର ତଦନ୍ତ କରିବ। ସେହିପରି ଉପଜିଲାପାଳ ଗୋପୀନାଥ କୁଅଁର ସ୍ଥିତି ଅନୁଧ୍ୟାନ କରିବା ପରେ କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ୬ଜଣ ଶ୍ରମିକ କାର୍ଯ୍ୟରତ ଥିଲେ ଓ ସେମାନଙ୍କ ମଧ୍ୟରୁ ୪ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତମାନେ କିପରି ସୁସ୍ଥ ହେବେ ତାହା ଆମର ପ୍ରାଥମିକତା ରହିବ। ଏପରି କାହିଁକି ଘଟିଲା ସେ ନେଇ ମଧ୍ୟ ଅନୁଧ୍ୟାନ କରାଯିବ ବୋଲି କୁଅଁର ପ୍ରକାଶ କରିଛନ୍ତି। ଆର୍‌ପିଏଫ୍ ଡିଆଇଜି ବାଣୀଶଙ୍କର ନାଥ କହିଛନ୍ତି, ଏହି ଘଟଣା ସମ୍ପର୍କରେ ମାମଲା ରୁଜୁ ସହ ତଦନ୍ତ କରାଯିବ। ସକାଳ ପ୍ରାୟ ୧୦ଟାରେ ସେ ଏହି ଘଟଣା ସମ୍ପର୍କରେ ☞ପୃଷ୍ଠା–୭

# ୨ ଲୋକ ସଭା, ୮ ବିଧାନସଭାରେ ପ୍ରାର୍ଥୀ ଦେଲା କଂଗ୍ରେସ

## କଟକ ବାରବାଟୀରୁ ସୋଫିଆ ଫିର୍‌ଦୋସ୍

ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ରବିବାର ରାତିରେ ୨ଟି ଲୋକ ସଭା ସମ୍ବଲପୁର ଓ କଟକ ଏବଂ ୮ ବିଧାନସଭା ଆସନ ଲାଗି ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସମ୍ବଲପୁର ଲୋକ ସଭା ଆସନ ପାଇଁ ଦଳ ପୂର୍ବରୁ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରିଥିବା ବେଳେ ତାଙ୍କୁ ବଦଳାଇ ଦିଆଯାଇଛି। ନିକଟରେ ବିଜେଡି ଛାଡ଼ି ଆସି କଂଗ୍ରେସରେ ଯୋଗ ଦେଇଥିବା ପୂର୍ବତନ ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି କଟକ ଲୋକ ସଭା ଆସନରେ ଦଳ ସୁରେଶ ମହାପାତ୍ରଙ୍କୁ ଟିକେଟ ଦେଇଛି। ଏହାଦ୍ୱାରା କଂଗ୍ରେସ ରାଜ୍ୟର ସମସ୍ତ ୨୧ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ଶେଷ କରିଛି।

ଦଳ ଘୋଷଣା କରିଥିବା ୮ ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରୁ ବାରିପଦା ଏବଂ ଖଣ୍ଡପଡ଼ା ଆସନରେ ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଛି। ବାରିପଦାରେ ବାଦଲ ହେମ୍ବ୍ରମଙ୍କୁ ଦଳ ପ୍ରଥମେ ପ୍ରାର୍ଥୀ କରିଥିଲା। ହେଲେ ତାଙ୍କୁ ପରିବର୍ତ୍ତନ କରି ତାଙ୍କ ସ୍ଥାନରେ ପ୍ରମୋଦ କୁମାର ହେମ୍ବ୍ରମଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ଖଣ୍ଡପଡ଼ାରେ ମନୋଜ କୁମାର ପ୍ରଧାନଙ୍କୁ ବଦଳାଇ ନିକଟରେ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିବା ବୈଜୟନ୍ତିମାଳା ମହାନ୍ତିଙ୍କୁ ପ୍ରାର୍ଥୀ କରିଛି। ଚଳିତ ଥର କଟକ–ବାରବାଟୀରେ ବିଧାୟକ ମହମ୍ମଦ ମୋକିମ ନିର୍ବାଚନ ଲଢୁନାହାନ୍ତି। ତେଣୁ କଂଗ୍ରେସ ମୋକିମ୍‌ଙ୍କ ଝିଅ ସୋଫିଆ ଫିରଦୋସ୍‌ଙ୍କୁ କଟକ–ବାରବାଟୀ ଆସନରୁ ପ୍ରାର୍ଥୀ କରିଛି। ☞ପୃଷ୍ଠା–୭

# ଅସହ୍ୟ କରୁଛି ତାତି, ଗୁଳୁଗୁଳି

ଭୁବନେଶ୍ୱର, ୨୮।୪(ଅସମାପିକା ସାହୁ)

- ୪୩ ଡିଗ୍ରୀ ଉପରେ ୧୨ ସହର
- ୪୪.୩ ସହ ତୃତୀୟ ଦିନ ପାଇଁ ଅନୁଗୋଳ ସବୁଠୁ ଉତ୍ତପ୍ତ

ରାଜ୍ୟରେ ଅସହ୍ୟ ତାତି ଜାରି ରହିଛି। ସକାଳୁ ଟାଇଁ ଟାଇଁ ଖରା ଡରାଉଥିବାବେଳେ ପୂର୍ବାହ୍ନ ୧୧ଟାରୁ ଅଧିକାଂଶ ସ୍ଥାନରେ ପାରଦ ୪୦ ପାର୍ ହୋଇଯାଉଛି। ଏଥିସହ ଗୁଳୁଗୁଳି ସହିତ ଗରମ ପବନରେ ମଣିଷ ସହ ପଶୁପକ୍ଷୀ ମଧ୍ୟ ଏକପ୍ରକାର ଛଟପଟ ହେଉଛନ୍ତି। ବିନା ଏସିରେ ଘର ଭିତରେ ବି ରହିବା ମୁସ୍କିଲ ହୋଇପଡୁଛି। ରବିବାର ୨୭ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଅଧିକ ରେକର୍ଡ କରାଯାଇଥିବା ବେଳେ ୧୨ ସହରରେ ୪୩ ଡିଗ୍ରୀ ଉପରେ ରହିଥିଲା। ଅନୁଗୋଳ ଲଗାତର ତୃତୀୟ ଦିନ ପାଇଁ ୪୪.୩ ଡିଗ୍ରୀ ସହ ସବୁଠୁ ଉତ୍ତପ୍ତ ସହର ପାଲଟିଥିବାବେଳେ ରବିବାର ମଧ୍ୟ ଦେଶରେ ତୃତୀୟ ସ୍ଥାନରେ ରହିଛି। ତେବେ ଆସନ୍ତା ମେ’ ୧ ପର୍ଯ୍ୟନ୍ତ ଏହିଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆହୁରି ତିନିଦିନ କିପରି ଏହି ଗ୍ରୀଷ୍ମ ପ୍ରବାହକୁ ସାମ୍ନା କରିବେ ସେ ନେଇ ଲୋକଙ୍କ ମନରେ ☞ପୃଷ୍ଠା–୭






# ରାହୁଲଙ୍କ ପାନ ଉପାଖ୍ୟାନରେ କେନ୍ଦ୍ର, ରାଜ୍ୟର ଦୁର୍ନୀତି



ନିଶ୍ଚିନ୍ତକୋଇଲି, ୨୮।୪ (ଅଶୋକ କୁମାର ମହାପାତ୍ର)

ଓଡ଼ିଶାରେ ଭାଜପା ଓ ବିଜେଡି ମଧ୍ୟରେ ବୁଝାମଣାରେ ସରକାର ଚାଲିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ନ ଦେଇ ମୁଷ୍ଟିମେୟ ବିତ୍ତଶାଳୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ଅଖିଳ ଭାରତ କଂଗ୍ରେସ କମିଟି ପୂର୍ବତନ ସଭାପତି ରାହୁଲ ଗାନ୍ଧୀ ରବିବାର କଟକ ଜିଲାର ନିଶ୍ଚିନ୍ତକୋଇଲି କୁଳିଆ ପଡ଼ିଆରେ ଆୟୋଜିତ ☞ପୃଷ୍ଠା–୭

# ନବୀନଙ୍କ ନାଁ ନ ନେଇ ଟାର୍ଗେଟ୍

## ବ୍ରହ୍ମପୁର ବିଜୟ ସଙ୍କଳ୍ପ ସମାବେଶରେ ନଡ୍ଡା

ବ୍ରହ୍ମପୁର, ୨୮।୪ (ନରସିଂହ ସାହୁ/ସ୍ମୃତି ରଞ୍ଜନ ମହାଲିକ)



୨୪ ବର୍ଷର ବିଜେଡି ସରକାରରେ ଶିଳ୍ପ, କୃଷି, ଶିକ୍ଷା ଓ ସବୁଥିରେ ଓଡ଼ିଶା ପଛରେ ପଡ଼ିଛି। ଦେଶରେ ମୋଦିଙ୍କ ଶାସନରେ ଗରିବଙ୍କ ସମେତ ସବୁବର୍ଗର ଲୋକଙ୍କ ପାଇଁ କରାଯାଇଥିବା ଆୟୁଷ୍ମାନ ଯୋଜନା ଓଡ଼ିଶାରେ ବିଜେଡି ସରକାର କାର୍ଯ୍ୟକାରୀ କରୁନାହିଁ। ତେଣୁ ଏହି ସରକାର ବଦଳିବା ଦରକାର ବୋଲି ରବିବାର ବ୍ରହ୍ମପୁର ଆମ୍ବପୁଆ ବିବେକ ବିହାରରେ ଅନୁଷ୍ଠିତ ଭାଜପାର ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା କହିଛନ୍ତି।

ନଡ୍ଡା ପ୍ରଥମେ ଜୟ ଜଗନ୍ନାଥ କହି ନିଜର ଭାଷଣ ଆରମ୍ଭ କରିବା ସହ ଉତ୍କଳ ଗୌରବ ମଧୁସୂଦନ ଦାସ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ନବୀନଙ୍କ ନାଁ ନ ଧରି ବିଜେଡି ସରକାରକୁ ଟାର୍ଗେଟ କରିଥିଲେ। ଓଡ଼ିଶାକୁ ମୋଦି ସର୍ବାଧିକ ଅନୁଦାନ ଦେଇଛନ୍ତି। ଚଳିତ ନିର୍ବାଚନରେ ଓଡ଼ିଶାବାସୀ ଭାଜପାକୁ ଆଶୀର୍ବାଦ କରି ସରକାର ଗଠନରେ ସହଯୋଗ କଲେ ଆସନ୍ତା ୫ ବର୍ଷରେ ବିକଶିତ ଭାରତରେ ଯୋଡ଼ି ହେବ ଏବଂ ବହୁମୁଖୀ ବିକାଶର ବାଟ ☞ପୃଷ୍ଠା–୭

# ‘ଜିଲାସ୍ତରରେ ଆଣ୍ଟି ର୍‍ୟାଗିଂ କମିଟି କର’

ଭୁବନେଶ୍ୱର, ୨୮।୪(ଅସମାପିକା ସାହୁ)

ଶିକ୍ଷାନୁଷ୍ଠାନରେ ରାଗିଂ ରୋକିବା ପାଇଁ ଜିଲାସ୍ତରରେ ଗଠନ ହେବ ଆଣ୍ଟି ର୍‍ୟାଗିଂ କମିଟି। ଏ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ଜିଲାର ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ☞ପୃଷ୍ଠା–୭

## ଆଜିର ସମ୍ପାଦକୀୟ

ନୋଟା ହେଉ ପ୍ରାର୍ଥୀ

# ଅଶ୍ଳୀଳ ଭିଡିଓ: ଦେବେଗୌଡ଼ାଙ୍କ ନାତି ଫେରାର

ବେଙ୍ଗାଲୁରୁ, ୨୮।୪

ତୃତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ନାତି ତଥା ହାସନ ଏମ୍‌ପି ପ୍ରଜ୍ୱଳ ରେଭନ୍ନାଙ୍କ କେତେକ ଅଶ୍ଳୀଳ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ଏନ୍‌ଡିଏ ପ୍ରାର୍ଥୀ ରେଭନ୍ନା କେତେଜଣ ମହିଳାଙ୍କ ସହ ଆପତ୍ତିଜନକ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ବହୁଳ ପ୍ରସାରିତ ଭିଡିଓଗୁଡ଼ିକ ଉଭୟ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ଏବଂ ଭାରତୀୟ ଜନତା ପାର୍ଟି (ଭାଜପା) ପାଇଁ ଲଜ୍ଜାକର ସ୍ଥିତି ସୃଷ୍ଟି କରିଛି।



କଂଗ୍ରେସ ପକ୍ଷରୁ ଟୁଇଟ୍ କରାଯାଇଥିବା ଫଟୋରେ ପ୍ରଧାନମନ୍ତ୍ରୀଙ୍କ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ତାଙ୍କ ୨ ପୁଅ ଓ ନାତି ପ୍ରଜ୍ୱଳ।

ରେଭନ୍ନା ତାଙ୍କ ଭାବମୂର୍ତ୍ତି ମଳିନ କରିବା ଉଦ୍ଦେଶ୍ୟରେ ଜାଲ୍ ଭିଡିଓ ପ୍ରସ୍ତୁତ କରାଯାଇଥିବା ଦର୍ଶାଇ ଥାନାରେ ଏତଲା ଦେଇଦେବା ପରେ ଦେଶ ଛାଡ଼ି ଜର୍ମାନୀକୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏହି ସ୍କାଣ୍ଡାଲର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି।

ଜେଡିଏସ୍ ମୁଖ୍ୟ ଦେବେଗୌଡ଼ାଙ୍କ ସାନପୁଅ ଏଚ୍.ଡି. କୁମାରସ୍ୱାମୀ ପୂର୍ବରୁ ମୁଖ୍ୟମନ୍ତ୍ରୀ ଥିବାବେଳେ ବଡ଼ପୁଅ ☞ପୃଷ୍ଠା–୭

**ମଣିପୁରର ୬ ବୁଥ୍‌ରେ ସାନି ଭୋଟ ୩୦ରେ**
ବାହ୍ୟ ମଣିପୁର ସଂସଦୀୟ କ୍ଷେତ୍ରର ୬ଟି ବୁଥ୍‌ରେ ଆସନ୍ତା ୩୦ରେ ସାନି ମତଦାନ ହେବ। ଗତ ୨୬ ତାରିଖରେ ମତଦାନବେଳେ ଉକ୍ତ ବୁଥ୍ ମଧ୍ୟରୁ ୪ଟିରେ ଅଜଣା ବ୍ୟକ୍ତି ପ୍ରବେଶ କରି ଇଭିଏମ୍ ଏବଂ ଭିଭିପିଏଟିକୁ ଭଙ୍ଗାରୁଜା କରିଥିଲେ। ଗୋଟିଏ ବୁଥ୍‌ରେ ଇଭିଏମ୍ କାମ କରି ନ ଥିବାବେଳେ ଅନ୍ୟ ଏକ ବୁଥ୍‌ରେ ଗଣ୍ଡଗୋଳ ହୋଇଥିଲା।

## ସଂକ୍ଷେପରେ

### ନାଭାଲ୍‌ନି ଗ୍ରୁପ୍ ପାଇଁ କାମ କରୁଥିବା ୨ ଖବରଦାତା ଜେଲ ଗଲେ

**ଲଣ୍ଡନ,୨୮।୪:** ରୁଷିଆର ଦିବଂଗତ ବିରୋଧୀ ଦଳ ନେତା ଆଲେକ୍ସି ନାଭାଲ୍‌ନିଙ୍କ ଦ୍ୱାରା ପ୍ରତିଷ୍ଠିତ ଗ୍ରୁପ୍ ପାଇଁ କାମ କରୁଥିବା ଅଭିଯୋଗରେ ୨ ଜଣ ଖବରଦାତାଙ୍କୁ ଭ୍ଲାଡିମିର ପୁଟିନ୍ ସରକାର ଗିରଫ କରି ଜେଲ ପଠାଇଛନ୍ତି। ସେମାନଙ୍କ ବିରୋଧରେ ଉଗ୍ରବାଦ ଅଭିଯୋଗ ଅଣାଯାଇଛି। ରୁଷୀୟ ଖବରଦାତା କୋନ୍‌ଷ୍ଟାଣ୍ଟିନ୍ ଗାବୋଭ ଏବଂ ସର୍ଗେଇ କାରେଲିନ୍‌ଙ୍କ ବିରୋଧରେ ଲାଗିଥିବା ଦଫା ଅନୁଯାୟୀ ବିଚାର ଆରମ୍ଭ ପୂର୍ବରୁ ତାଙ୍କୁ ଅନ୍ୟୂନ ୨ ମାସ ଜେଲରେ ରହିବାକୁ ପଡ଼ିବ। ଉଗ୍ରବାଦରେ ସମ୍ପୃକ୍ତି ପ୍ରମାଣିତ ହେଲେ ସେମାନଙ୍କୁ ୨ ବର୍ଷରୁ ୬ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ମିଳିପାରେ। ୟୁକ୍ରେନ୍ ଉପରେ ରୁଷିଆ ୨ ବର୍ଷରୁ ଊର୍ଦ୍ଧ୍ୱ ଆକ୍ରମଣ ଚଳାଇଥିବାବେଳେ ଭିନ୍ନ ମତ ରଖୁଥିବା ବ୍ୟକ୍ତି ଏବଂ ସ୍ୱାଧୀନ ଗଣମାଧ୍ୟମ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ପୂର୍ବରୁ ଅନେକ ଖବରଦାତା ସରକାରଙ୍କ ବିରୋଧରେ ସ୍ୱର ଉଠାଇ ଗିରଫ ହୋଇଛନ୍ତି। ସେନା ବିରୋଧରେ ଭୁଲ ତଥ୍ୟ ଦେବା କିମ୍ବା ସେନାକୁ ସମାଲୋଚନା କରି ମନ୍ତବ୍ୟ ଦେବାକୁ ନୂଆ ଆଇନରେ ଅପରାଧ ବିବେଚନା କରାଯାଇଛି। ପୂର୍ବରୁ ଫୋର୍ବସ୍ ପତ୍ରିକାର ସାମ୍ବାଦିକ ସର୍ଗେଇ ମିଙ୍ଗାଜୋଭ୍‌ଙ୍କୁ ଏହି ମାମଲାରେ ଗିରଫ କରାଯାଇଥିଲା।

### ଦିଲ୍ଲୀ କଂଗ୍ରେସ ସଭାପତିଙ୍କ ଇସ୍ତଫା

**ଆପ୍ ସହ ମେଣ୍ଟକୁ ଦାୟୀ କଲେ**

**ନୂଆଦିଲ୍ଲୀ,୨୮।୪ (ପି.ଟି.):** ବରିଷ୍ଠ କଂଗ୍ରେସ ନେତା ଅରବିନ୍ଦର ସିଂ ଲଭ୍‌ଲି ଦଳର ଦିଲ୍ଲୀ ସଭାପତି ପଦରୁ ରବିବାର ଇସ୍ତଫା ଦେଇଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସହ କଂଗ୍ରେସର ମେଣ୍ଟକୁ ସେ ଏଥିପାଇଁ ଦାୟୀ କରିଛନ୍ତି। ଫଳରେ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ବଡ଼ ଝଟକା ଲାଗିଛି।


ଅରବିନ୍ଦର ସିଂ ଲଭ୍‌ଲି

ଦିଲ୍ଲୀ କଂଗ୍ରେସ ମେଣ୍ଟକୁ ବିରୋଧ କରୁଥିବାବେଳେ ଦଳ ହାଇକମାଣ୍ଡ ଆପ୍ ସହ ଏକାଠି ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଲା ବୋଲି ଲଭ୍‌ଲି କହିଛନ୍ତି। ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପାଖକୁ ପଠାଇଥିବା ଇସ୍ତଫା ପତ୍ରରେ ସେ ଉଲ୍ଲେଖ କରିଛନ୍ତି, ଦଳରେ ତାଙ୍କ ହାତଗୋଡ଼ ବାନ୍ଧି ଦିଆଗଲା ଭଳି ସେ ଅନୁଭବ କରୁଥିଲେ। ଦିଲ୍ଲୀ ନେତାଙ୍କ ସର୍ବସମ୍ମତ ନିଷ୍ପତ୍ତିକୁ ଏଆଇସିସି ଦିଲ୍ଲୀ ପ୍ରଭାରୀ ଦୀପକ ବାବରିଆ ଅଟକାଉଥିଲେ ବୋଲି ଲଭ୍‌ଲି କହିଛନ୍ତି। ଭାଜପା ପୂର୍ବ ଦିଲ୍ଲୀ ଆସନରୁ ହର୍ଷ ମାଲହୋତ୍ରାଙ୍କୁ ବଦଳାଇ ତାଙ୍କ ସ୍ଥାନରେ ଲଭ୍‌ଲିଙ୍କୁ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଛି। ତେବେ ଲଭ୍‌ଲି ଏହାକୁ ଖଣ୍ଡନ କରିଛନ୍ତି। ସେ କେବଳ ଦିଲ୍ଲୀ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି, ଅନ୍ୟ କୌଣସି ଦଳରେ ଯୋଗ ଦେଉନାହାନ୍ତି ବୋଲି ଲଭ୍‌ଲି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।



ପୋରବନ୍ଦରରେ ଡ୍ରଗ୍ସ ସହ ପାକିସ୍ତାନୀ ବୋଟ୍‌କୁ ଜବତ କରିଥିବା ଭାରତୀୟ ତଟସୁରକ୍ଷା ଜାହାଜ ରାଜରତନ ସହ ଯବାନମାନେ। ଗିରଫ ୧୪ ପାକିସ୍ତାନୀ ବୋଟ୍‌ର କର୍ମଚାରୀ।

## ୬୦୦ କୋଟିର ଡ୍ରଗ୍ସ ସହ ପାକିସ୍ତାନୀ ବୋଟ୍ ଜବତ: ୧୪ ଗିରଫ

**ପୋର୍‌ବନ୍ଦର,୨୮।୪**

ଗୁଜରାଟ ଉପକୂଳରେ ଭାରତୀୟ ତଟ ସୁରକ୍ଷା ବାହିନୀ ଏକ ସନ୍ଦିଗ୍ଧ ପାକିସ୍ତାନୀ ବୋଟ୍‌କୁ ଅଟକ ରଖିଛି। ଏଥିରୁ ୬୦୦ କୋଟି ଟଙ୍କା ମୂଲ୍ୟର ୮୬ କିଲୋଗ୍ରାମ ଡ୍ରଗ୍ସ ଜବତ ହେବା ପରେ ବୋଟ୍‌ର ୧୪ ଜଣ ପାକିସ୍ତାନୀ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଗୋଇନ୍ଦା ସୂଚନା ଆଧାରରେ ତଟସୁରକ୍ଷା ବାହିନୀ ସମେତ ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଏବଂ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ନିଶାଦ୍ରବ୍ୟ ଚୋରାଚାଲାଣ ସିଣ୍ଡିକେଟ୍ ଉପରେ ମିଳିତ ଚଢ଼ାଉ କରାଯାଇଥିଲା। ତଟ ସୁରକ୍ଷା ବଳ ପକ୍ଷରୁ ଶନିବାର ରାତିସାରା ମିଳିତ ସାମୁଦ୍ରିକ ଅଭିଯାନ ଜାରି ରହିଥିଲା ବୋଲି ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଏହି ଅଭିଯାନରେ କେତେକ ଜାହାଜ ଏବଂ ବିମାନକୁ ନିୟୋଜିତ କରାଯାଇଥିଲା। ଅଭିଯାନରେ ମୁଖ୍ୟ ଭୂମିକା ନେଇଥିବା ତଟସୁରକ୍ଷା ଜାହାଜ ରାଜରତନରେ ଏନ୍‌ସିବି ଏବଂ ଏଟିଏସ୍ ଅଧିକାରୀମାନେ ଥିଲେ। ସନ୍ଦିଗ୍ଧ ବୋଟ୍‌ଟି ଖସିଯିବା ପାଇଁ ବହୁ ଉଦ୍ୟମ କରିଥିଲେ ମଧ୍ୟ ତଟସୁରକ୍ଷା ଜାହାଜ ଏହା ଉପରେ ତୀକ୍ଷ୍ଣ ନଜର ରଖି ଅଟକାଇଥିଲା। ଏକ ବିଶେଷଜ୍ଞ ଟିମ୍ ବୋଟ୍‌ରେ ତଲାସି ନେବାବେଳେ ଡ୍ରଗ୍ସ ମିଳିଥିଲା। ଅଧିକ ତଦନ୍ତ ପାଇଁ ବୋଟ୍ ସହ କର୍ମଚାରୀମାନଙ୍କୁ ପୋର୍‌ବନ୍ଦର ଅଣାଯାଇଛି।

## ଭାରତ ଗସ୍ତ ବାତିଲ କରି ଚାଇନା ଗଲେ ମସ୍କ

**ବେଜିଂ, ୨୮।୪**

ଟେସ୍‌ଲା ସିଇଓ ଏଲନ୍ ମସ୍କ ଭାରତ ଗସ୍ତ ବାତିଲ କରିବା ପରେ ରବିବାର ଅଚାନକ ଚାଇନା ଗସ୍ତ କରିଛନ୍ତି। ସେ ଚାଇନାର ବରିଷ୍ଠ ଅଧିକାରୀଙ୍କ ସହ ଅନେକ ପ୍ରସଙ୍ଗରେ ଆଲୋଚନା କରିବେ। ଚାଇନା ବିଶ୍ୱର ଦ୍ୱିତୀୟ ବୃହତ ଅଟୋ ମୋବାଇଲ ବଜାର ହୋଇଥିବାବେଳେ ସେଠାରେ ଟେସଲାକୁ ବହୁ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଗସ୍ତରେ ସେ ଚାଇନାର ବରିଷ୍ଠ ଅଧିକାରୀଙ୍କ ସହ ଫୁଲ୍ ସେଲ୍ଫ ଡ୍ରାଇଭିଂ (ଏଫ୍ଏସ୍‌ଡି) ସଫ୍ଟୱେୟାର ବିଷୟରେ ଚର୍ଚ୍ଚା କରିଛନ୍ତି। ଏହି ସଫ୍ଟୱେୟାରରେ ରହିଥିବା ଡାଟାକୁ ଆମେରିକା ସ୍ଥାନାନ୍ତରଣ ପାଇଁ ଚାଇନାକୁ ରାଜି କରାଇବାକୁ ସେ ଚାହୁଁଥିବା ରିପୋର୍ଟ ପ୍ରକାଶ ପାଇଛି।

# ରାମ ନାମ ଧରି...

**ସିର୍‌ସି/ନୂଆଦିଲ୍ଲୀ,୨୮।୪**

କେନ୍ଦ୍ରରେ କ୍ଷମତାସୀନ ଭାଜପା ଏଥର ମଧ୍ୟ 'ରାମ ନାମ' ଧରି ଲୋକ ସଭା ନିର୍ବାଚନ ବୈତରଣୀ ପାର ହେବାକୁ ଉଦ୍ୟମ ଚଳାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ନେଇ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପର୍ଯ୍ୟନ୍ତ ଗୈରିକ ଦଳର ନେତାମାନେ ପ୍ରଚାର ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏଡ଼ାଇଯିବା ସହ ଧ୍ରୁବୀକରଣର ସହଜ ଅସ୍ତ୍ର ଭାବେ 'ରାମ ନାମ' ଉଚ୍ଚାରଣ କରୁଛନ୍ତି। ତେବେ ବେରୋଜଗାରି, ଦରଦାମ ବୃଦ୍ଧି, କୃଷକ ସମସ୍ୟା ଭଳି ବିଫଳତାରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ଶାସକ ଦଳ ଏଭଳି ପନ୍ଥା ଆପଣାଇଛି, ଯାହାକି ଏହାକୁ ବୁମେରାଂ ହେବ ବୋଲି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

କର୍ଣ୍ଣାଟକର ଉତ୍ତର କନ୍ନଡ଼ ଜିଲା ସିର୍‌ସିରେ ରବିବାର ଏକ ଦଳୀୟ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଯେଉଁମାନେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଥିଲେ, ସେମାନଙ୍କୁ ଏଥର ଲୋକ ସଭା ନିର୍ବାଚନରେ ଦେଶବାସୀ ପ୍ରତ୍ୟାଖ୍ୟାନ କରିବେ। ଦେଶ ସ୍ୱାଧୀନ ହେବାର ପରଦିନ ହିଁ ରାମମନ୍ଦିର ନିର୍ମାଣ ଉପରେ ନିଷ୍ପତ୍ତି ନିଆଯିବା ଆବଶ୍ୟକ ଥିଲା। ଏହି ପ୍ରସଙ୍ଗରେ ବିରୋଧୀ ଦଳକୁ ଟାର୍ଗେଟ କରିବାକୁ ଯାଇ ମୋଦି ଆହୁରି କହିଛନ୍ତି, କଂଗ୍ରେସ ଓ ଏହାର କୋଟେରି ରାମମନ୍ଦିର ନିର୍ମାଣ କରାଇ ନ ଦେବାକୁ ଦୀର୍ଘ ୭୦ ବର୍ଷ ଧରି ଉଦ୍ୟମ ଚଳାଇଥିଲେ। ସେମାନେ ବିଚାରର ଶେଷ ଦିନରେ ମଧ୍ୟ କୋର୍ଟକୁ ଧାଇଁଥିଲେ। ରାମମନ୍ଦିର ଟ୍ରଷ୍ଟିମାନେ ସବୁ ମତଭେଦକୁ ଭୁଲି କଂଗ୍ରେସକୁ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଡାକିଥିଲେ। କିନ୍ତୁ କଂଗ୍ରେସ ନେତାମାନେ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଭୋଟରମାନେ ଏହି ଦଳକୁ ପ୍ରତ୍ୟାଖ୍ୟାନ କରିବେ।

ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୟୁପିର କାସ୍‌ଗଞ୍ଜରେ ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରବେଳେ କହିଛନ୍ତି, ରାହୁଲ ଗାନ୍ଧୀଙ୍କ କଂଗ୍ରେସ ଓ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ରାମମନ୍ଦିର ପ୍ରସଙ୍ଗକୁ ଝୁଲାଇ ରଖିଥିଲା। ଯେଉଁମାନେ କରସେବକଙ୍କୁ ଗୁଳି କରିଥିଲେ ଏବଂ ଯେଉଁମାନେ ରାମମନ୍ଦିର ପ୍ରତିଷ୍ଠା କରିଛନ୍ତି, ସେମାନଙ୍କ ମଧ୍ୟରୁ କାହାକୁ ଭୋଟ ଦେବେ ମତଦାତା ବିଚାର କରନ୍ତୁ। ଆପଣମାନେ ମୋଦିଙ୍କୁ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ କଲେ। ସେ ଗତ ଜାନୁୟାରୀ ୨୨ରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା କରି 'ଜୟ ଶ୍ରୀରାମ' କରିଛନ୍ତି। ତେଣୁ ଆଉ ଥରେ ସୁଯୋଗ ଦିଅନ୍ତୁ ବୋଲି ଶାହା ଅନୁରୋଧ କରିଛନ୍ତି। ଯୋଗୀ କହିଛନ୍ତି, ଆମେ ରାମମନ୍ଦିର ନିର୍ମାଣ କଲୁ। ସମାଜବାଦୀ ପାର୍ଟି ଏବଂ ବହୁଜନ ସମାଜ ପାର୍ଟି ଲୋକଙ୍କୁ ଗୋମାଂସ ଖାଇବା ଅଧିକାର ଦେବାକୁ ଚାହୁଁଛନ୍ତି।


କର୍ଣ୍ଣାଟକର ସିର୍‌ସିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାଜପା ନେତୃବୃନ୍ଦ।

**ଅଯୋଧ୍ୟା ଯିବେ ରାହୁଲ ଗାନ୍ଧୀ**

ଅନ୍ୟପକ୍ଷେ ରାମମନ୍ଦିର ପ୍ରସଙ୍ଗରେ ଭାଜପାକୁ ଟାର୍ଗେଟ କରିଆସୁଥିବା କଂଗ୍ରେସ ମଧ୍ୟ ବର୍ତ୍ତମାନ ନରମ ହିନ୍ଦୁତ୍ୱ ଆଡ଼କୁ ମୁହାଁଇଲାଣି। ନେହେରୁ-ଗାନ୍ଧୀ ପରିବାରର ଦୁଇ ପାରମ୍ପରିକ ଆସନ ଅମେଠି ଓ ରାଏବରେଲିରେ ରାହୁଲ ଏବଂ ତାଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏଭଳି ସମୟରେ ରାହୁଲ ଅଯୋଧ୍ୟା ଗସ୍ତକରି ରାମଲାଲାଙ୍କ ଦର୍ଶନ କରିବେ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହା ଦେଖି ଭାଜପା ନେତ୍ରୀ ମୀନାକ୍ଷୀ ଲେଖୀ କହିଛନ୍ତି, ରାହୁଲ, ତାଙ୍କ ମା' ସୋନିଆ ଓ ଭଉଣୀ ପ୍ରିୟଙ୍କା ହେଉଛନ୍ତି 'ନିର୍ବାଚନୀ ହିନ୍ଦୁ'। ଏମାନେ ରାମଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠାଉଥିଲେ। ନିର୍ବାଚନ ବେଳେ ଭୋଟର ଏମାନଙ୍କୁ ଉଚିତ ଜବାବ ଦେବେ।

## ଅଭିନେତା ସାହିଲ ଖାନ୍ ଗିରଫ

**ମୁମ୍ବାଇ,୨୮।୪**

**ମହାଦେବ ବେଟିଂ ଆପ୍ ମାମଲା**

ମହାଦେବ ବେଟିଂ ଆପ୍ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଅଭିନେତା ସାହିଲ ଖାନ୍‌ଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି। ବମ୍ବେ ହାଇକୋର୍ଟ ସାହିଲଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେବା ପରେ ସେ ଫେରାର ହୋଇଯାଇଥିଲେ। ଦୀର୍ଘ ୪୦ ଘଣ୍ଟାର ଅଭିଯାନ ପରେ ଛତିଶଗଡ଼ ପୋଲିସ ସହାୟତାରେ ମୁମ୍ବାଇ ପୋଲିସ ସାଇବର ସେଲ୍‌ର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ତାଙ୍କୁ ରବିବାର ସକାଳେ ଛତିଶଗଡ଼ରୁ ଗିରଫ କରିଥିଲା। ତାଙ୍କୁ ୪ ଦିନ ପାଇଁ ପୋଲିସ ହାଜତକୁ ପଠାଇ ଦିଆଯାଇଛି। 'ଷ୍ଟାଇଲ୍' ଏବଂ 'ଏକ୍ସକ୍ୟୁଜ୍ ମି' ଭଳି ଚଳଚ୍ଚିତ୍ରରେ ଅଭିନୟ କରିବା ସାଙ୍ଗକୁ ସାହିଲ ସୋସିଆଲ ମିଡିଆରେ ଜଣେ ଇନ୍‌ଫ୍ଲୁଏନ୍ସର ଭାବେ ବେଶ୍ ଲୋକପ୍ରିୟ। ବିବାଦୀୟ ମହାଦେବ ବେଟିଂ ଆପ୍‌ର ପ୍ରମୋଟର ଏବଂ ଛତିଶଗଡ଼ର କେତେକ ଫାଇନାନ୍ସ ଏବଂ ରିଅଲ ଇଷ୍ଟେଟ୍ ସଂସ୍ଥା ସହ ତାଙ୍କର ବେଆଇନ କାରବାର ଉପରେ ଏସ୍ଆଇଟି ତଦନ୍ତ କରୁଛି। ଏହି ମାମଲାରେ ପୂର୍ବରୁ ମହାରାଷ୍ଟ୍ର ସାଇବର ସେଲ୍ ଅଭିନେତ୍ରୀ ତମନ୍ନା ଭାଟିଆଙ୍କୁ ସମନ କରିଥିଲା।



## ଆପ୍‌ର ପ୍ରଚାର ଗୀତକୁ ବ୍ୟାନ୍ କଲେ ଇସି

**ନୂଆଦିଲ୍ଲୀ,୨୮।୪ (ପି.ଟି.)**

ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଲୋକ ସଭା ପ୍ରଚାର ଗୀତ ଉପରେ ନିର୍ବାଚନ କମିଶନ (ଇସି) ପ୍ରତିବନ୍ଧ ଲଗାଇଛି। ଆପ୍ ଗୀତ 'ଜେଲ କେ ଜବାବ ମେ ହମ୍ ଭୋଟ ଦେଙ୍ଗେ' ଶାସକ ଭାଜପା ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ବିରୋଧରେ ଯାଉଥିବାରୁ ଏହାକୁ ଇସି ବନ୍ଦ କରିଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ଇସି ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ଆପ୍‌ର ବରିଷ୍ଠ ନେତ୍ରୀ ଆତିଶୀ ରବିବାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ବୋଧହୁଏ ପ୍ରଥମ ଥର ପାଇଁ ନିର୍ବାଚନ କମିଶନ କୌଣସି ଦଳର ପ୍ରଚାର ଗୀତ ଉପରେ ନିଷେଧାଦେଶ ଲଗାଇଛନ୍ତି। ଉକ୍ତ ଗୀତରେ ଭାଜପା ବିଷୟ ଉଲ୍ଲେଖ ନାହିଁ କି ଏହା ଆଦର୍ଶ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରୁନାହିଁ। ଏଥିରେ ତଥ୍ୟଗତ ଭିଡିଓ ଓ ଘଟଣାବଳୀ ସାମିଲ ହୋଇଥିଲା। ଭାଜପା ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିଲେ ମଧ୍ୟ ନିର୍ବାଚନ କମିଶନ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଆତିଶୀ ଅଭିଯୋଗ କରିଛନ୍ତି। ଯଦି ଭାଜପା ଏକଚ୍ଛତ୍ରବାଦ କରେ ତେବେ ଠିକ୍ ଏବଂ ଅନ୍ୟ କିଏ ଏହାକୁ ନେଇ ଯଦି ପ୍ରଶ୍ନ ଉଠାଇଲେ ତେବେ ଭୁଲ୍। ଏଥିରୁ ଜଣାପଡୁଛି ଗଣତନ୍ତ୍ର ବିପଦରେ ରହିଛି। ଭାଜପାର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ବିରୋଧରେ ଇସି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ଏବଂ ବିରୋଧୀ ଦଳଗୁଡ଼ିକର ପ୍ରଚାର ବନ୍ଦ କରନ୍ତୁ ନାହିଁ ବୋଲି ଦିଲ୍ଲୀ ମନ୍ତ୍ରୀ ଆତିଶୀ କହିଛନ୍ତି। ସୂଚନାଯୋଗ୍ୟ, ଆପ୍‌ର ୨ ମିନିଟ୍‌ର ପ୍ରଚାର ଗୀତକୁ ଦଳୀୟ ନେତା ଦିଲୀପ ପାଣ୍ଡେ ଲେଖିବା ସହ ଗାଇଥିବାବେଳେ ଗୁରୁବାର ଦଳର ମୁଖ୍ୟାଳୟରେ ଏହାକୁ ଉନ୍ମୋଚନ କରାଯାଇଥିଲା।

## ବେଲୁଚିସ୍ତାନରେ ବର୍ଷା ବିପ୍ରାତ: ୨୨ ମୃତ

**କରାଚୀ,୨୮।୪**

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ପ୍ରବଳ ବର୍ଷା ସାଙ୍ଗକୁ କୁଆପଥର ବୃଷ୍ଟି ଯୋଗୁ ୨୨ ଜଣଙ୍କ ମୃତ୍ୟୁ ଘଟିଛି। କାଳବୈଶାଖୀଜନିତ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ଜଲାର ସହରାଞ୍ଚଳରେ ବନ୍ୟା ସୃଷ୍ଟି ହୋଇଛି। କ୍ୱେଟା ଉପତ୍ୟକାରେ ଶନିବାର ଦିନ ତମାମ ସର୍ବାଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ କହିଛି। ଅଚାନକ ବନ୍ୟାରେ ଅନେକ ଘର ଭାସିଯାଇଛି। ରାସ୍ତାଘାଟ ବୁଡ଼ିରହିଥିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

## ମୋଦିଙ୍କୁ ସମାଲୋଚନା କରି ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ନେତା ଗିରଫ

**ବିକାନେର,୨୮।୪ (ପି.ଟି.)**

ରାଜସ୍ଥାନରେ ଲୋକ ସଭା ନିର୍ବାଚନ ଶେଷ ହେବା ପରେ ବିକାନେରର ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଉସ୍‌ମାନ ଘନିଙ୍କୁ ଶାନ୍ତି ଭଙ୍ଗ କରିବା ଅଭିଯୋଗରେ ପୋଲିସ ଗିରଫ କରିଛି। ୩ ଦିନ ପୂର୍ବରୁ ଭାଜପା ତାଙ୍କୁ ଦଳରୁ ବହିଷ୍କାର କରିଥିଲା। ଭୋଟ କେନ୍ଦ୍ରରେ ସେ କେତେଜଣ ଅଫିସରଙ୍କ ସହ ଝଗଡ଼ା କରିଥିଲେ ଓ ଶାନ୍ତି ଭଙ୍ଗ ଲାଗି ଉଦ୍ୟମ କରିଥିଲେ ବୋଲି ପୋଲିସ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଘନି ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତବ୍ୟକୁ ବିରୋଧ କରିଥିଲେ। ମୋଦି କହିଥିଲେ, କଂଗ୍ରେସ କ୍ଷମତାରେ ଥିଲାବେଳେ ଦେଶର ସମ୍ପତ୍ତି ଉପରେ ମୁସଲମାନଙ୍କୁ ପ୍ରଥମ ଅଧିକାର ଦିଆଯାଉଥିଲା। କଂଗ୍ରେସ କ୍ଷମତାକୁ ଆସିଲେ ଯେଉଁମାନଙ୍କର ଅଧିକ ପିଲା ଏବଂ ଯେଉଁମାନେ ଅନୁପ୍ରବେଶକାରୀ, ସେମାନଙ୍କୁ ଆପଣମାନଙ୍କ କଷ୍ଟଲବ୍ଧ ଅର୍ଥକୁ ବାଣ୍ଟିଦେବ ବୋଲି ମୋଦି କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ଘନି ସମାଲୋଚନା କରିଥିଲେ। ଭାଜପା କେବଳ ମୋଦିଙ୍କ ଦଳ ନୁହେଁ। ଆଗାମୀ ନିର୍ବାଚନରେ ଭାଜପା ରାଜସ୍ଥାନର ୨୫ ଆସନରୁ ୩ରୁ ୪ଟି ହରାଇବାକୁ ଯାଉଥିବା ସେ ପୂର୍ବାନୁମାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବାରୁ ଘନିଙ୍କୁ ଗିରଫ କରାଗଲା ବୋଲି କୁହାଯାଉଛି।


ଉସ୍‌ମାନ ଘନି

## ଫୁରସତ୍

## ଫ୍ଲାଇଟ୍ ଆଟେଣ୍ଡାଣ୍ଟରୁ ଏୟାରଲାଇନ୍ସ ସିଇଓ

**ଟୋକିଓ:** ଜାପାନରେ ଏକ ବୈପ୍ଳବିକ ଘଟଣା ସାମ୍ନାକୁ ଆସିଛି, ଯାହା ସମଗ୍ର ବିଶ୍ୱରେ ମହିଳାମାନଙ୍କ ପ୍ରେରଣାଦାୟୀ ହୋଇପାରିଛି। ଜାପାନ ଏୟାରଲାଇନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବରେ ମିସୁକୋ ଟୋଟୋରି ନିଯୁକ୍ତ ହୋଇଛନ୍ତି। ପ୍ରଥମ ମହିଳା ଭାବେ ଟୋଟୋରି ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଜାପାନର ଶୀର୍ଷ କମ୍ପାନୀଗୁଡ଼ିକ ମଧ୍ୟରୁ ୧ ପ୍ରତିଶତରୁ କମ୍ କମ୍ପାନୀ ମହିଳାଙ୍କ ନେତୃତ୍ୱରେ ଚାଲିଥିବା ବେଳେ ଟୋଟୋରିଙ୍କ ନିଯୁକ୍ତି ସହ ଏହି ତାଲିକାରେ ଏବେ ଜାପାନ ଏୟାରଲାଇନ୍ସ ଯୋଡ଼ି ହୋଇଛି। ଜାପାନ ଏୟାରଲାଇନ୍ସର ଏହି ବଡ ଘୋଷଣା ମହିଳା ସଶକ୍ତୀକରଣ ପାଇଁ ଏକ ମାଇଲଖୁଣ୍ଟ ହୋଇଥିବା ବିବେଚନା କରାଯାଉଛି। ଜଣେ ଫ୍ଲାଇଟ୍ ଆଟେଣ୍ଡାଣ୍ଟ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିବା ଟୋଟୋରି ଜାପାନ ଏୟାରଲାଇନ୍ସର ସିଇଓ ଭାବେ ନିଜ କାର୍ଯ୍ୟଭାର ଗ୍ରହଣ କରିବାକୁ ନେଇ ଚାରିଆଡ଼େ ବେଶ୍ ଚର୍ଚ୍ଚା ହେଉଛି।



ମିସୁକୋ ଟୋଟୋରି

ରିପୋର୍ଟ ଅନୁଯାୟୀ, ମିସୁକୋ ଟୋଟୋରି ୧୯୮୫ ମସିହାରେ ବିମାନ ସେବାରେ ଜଣେ ସାଧାରଣ ଆଟେଣ୍ଡାଣ୍ଟ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ତିନି ଦଶନ୍ଧି ଧରି ସେ ନିଜ କାର୍ଯ୍ୟକୁ ନିଷ୍ଠାର ସହ କରିବା ପରେ ୨୦୧୫ରେ ସେ ବରିଷ୍ଠ କ୍ୟାବିନ କ୍ରିଉ ସଦସ୍ୟ ଭାବେ ନିଯୁକ୍ତ ହୋଇଥିଲେ। ଏବେ ତାଙ୍କୁ ଜାପାନ ଏୟାରଲାଇନ୍ସର ସଭାପତି ତଥା ସିଇଓ ଭାବେ ନିଯୁକ୍ତ କରାଯାଇଛି। ତେବେ ଜାପାନ ଏୟାରଲାଇନ୍ସର ପୂର୍ବ ସିଇଓମାନଙ୍କଠାରୁ ଟୋଟୋରିଙ୍କ ପୃଷ୍ଠଭୂମି ସମ୍ପୂର୍ଣ୍ଣ ଭିନ୍ନ ଥିବା ଜଣାପଡ଼ିଛି। ଏହି ପଦବୀରେ ଅବସ୍ଥାପିତ ଶେଷ ୧୦ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ୭ ଜଣ ଜାପାନର ଶୀର୍ଷ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଟୋଟୋରି, ଅପେକ୍ଷାକୃତ କମ୍ ସମ୍ମାନଜନକ ନାଗାସାକିର କ୍ୱାସୁଇ ମହିଳା ଜୁନିୟର କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଟୋଟୋରିଙ୍କୁ ସିଇଓ କରିବା ପଛରେ ଜାପାନ ଏୟାରଲାଇନ୍ସ ପକ୍ଷରୁ ଅନେକ କାରଣ ଦର୍ଶାଯାଇଛି। ନିଜ କ୍ୟାରିୟରରେ ସୁରକ୍ଷିତ ଉଡ଼ାଣ କାର୍ଯ୍ୟ ଓ ପରିଚାଳନା, ବିମାନ ସେବାରେ ତାଙ୍କର ଅଭିଜ୍ଞତା ଏବଂ କୋଭିଡ ମହାମାରୀ ସମୟରେ ନିରାପଦ କାର୍ଯ୍ୟ ପରିଚାଳନା କରିବାରେ ଟୋଟୋରିଙ୍କ ଅବଦାନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ଜାପାନ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ଏହି ଅବସରରେ ୫୯ ବର୍ଷିୟା ଟୋଟୋରି କହିଛନ୍ତି, ଜାପାନ ଏବେ ମହିଳା ପରିଚାଳକଙ୍କ ସଂଖ୍ୟା ବୃଦ୍ଧି କରିବାର ପ୍ରାରମ୍ଭିକ ଲକ୍ଷ୍ୟ ପୂରଣ କରିବାକୁ ଚେଷ୍ଟା କରୁଛି। ଜାପାନରେ ଏବେ ମହିଳାମାନେ ନିଜକୁ ସକ୍ରିୟ ରଖିବାକୁ ଚାହୁଁଥିବା ଟୋଟୋରି କହିଛନ୍ତି। ଭବିଷ୍ୟତରେ ଏଠାରେ ମହିଳାମାନଙ୍କର ଅଧିକ ପ୍ରଗତି ହୋଇପାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ପ୍ରିୟଙ୍କାଙ୍କ ଜୀବନରେ ଅନେକ ପରିବର୍ତ୍ତନ

**ମୁମ୍ବାଇ:** ସଫଳ ଭାରତୀୟ ଅଭିନେତ୍ରୀମାନଙ୍କ ମଧ୍ୟରୁ ପ୍ରିୟଙ୍କା ଚୋପ୍ରା ଅନ୍ୟତମ। ଏହାସହ ସେ ଜଣେ ଅନ୍ତର୍ଜାତୀୟ ଆଇକନ୍ ମଧ୍ୟ। ବଲିଉଡ୍‌ରୁ ହଲିଉଡ୍ ପର୍ଯ୍ୟନ୍ତ ଏହି ଦେଶୀ ଗର୍ଲ ନିଜ ଅଭିନୟର ଦକ୍ଷତା ପ୍ରଦର୍ଶନ କରି ଆସିଛନ୍ତି। ସେହିପରି ପ୍ରିୟଙ୍କା ଅନେକ ପ୍ରସଙ୍ଗରେ ବିନ୍ଦାସ ଅନ୍ଦାଜରେ ନିଜ ମତ ରଖିଥାନ୍ତି। ପ୍ରିୟଙ୍କାଙ୍କ ଏହି ବୋଲ୍ଡ ଅନ୍ଦାଜକୁ ତାଙ୍କର ଅନେକ ପ୍ରଶଂସକ ମଧ୍ୟ ବେଶ୍ ପ୍ରଶଂସା କରିଥାନ୍ତି। ତେବେ ଝିଅ ମାଳତି ମେରିଙ୍କ ଜନ୍ମ ପରେ ତାଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିଥିବା ନିକଟରେ ଏକ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି। ଝିଅ ମାଳତୀ ଜନ୍ମ ହେବା ପରେ ତାଙ୍କ ଦାୟିତ୍ୱବୋଧତା ବଢ଼ିଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଜଣେ ମା' ହୋଇ ଝିଅର ଯତ୍ନ ନେବା କେବେ ମଧ୍ୟ ସହଜ ହୋଇ ନ ଥାଏ। ସେହିପରି ଝିଅ ଜନ୍ମ ହେବା ପରେ ତାଙ୍କ ଶୋଇବା ସମୟ ମଧ୍ୟ ବଦଳିଥିବା ପ୍ରିୟଙ୍କା କହିଛନ୍ତି। ତେବେ ସବୁବେଳେ ନିଜ ଶୋଇବା ପ୍ରତି ସେ ସତର୍କ ରହୁଥିବାରୁ ଏଥିନେଇ କିଛି ବିଶେଷ ସମସ୍ୟା ଉପୁଜି ନାହିଁ ବୋଲି ସେ କହିଛନ୍ତି। ତେବେ ଝିଅ ମାଳତିଙ୍କ ଅନେକ ଅଭ୍ୟାସ ତାଙ୍କ ଅଭ୍ୟାସ ସହ ମେଳ ଖାଉଥିବା ଏହି ଅବସରରେ ପ୍ରିୟଙ୍କା କହିଛନ୍ତି। ଝିଅ ମାଳତି ଖୁବ୍ କମ୍ ବୟସରୁ ହିଁ ଆତ୍ମବିଶ୍ୱାସୀ ହୋଇଥିବା ପ୍ରିୟଙ୍କା କହିଛନ୍ତି। ପିଲାଦିନେ ତାଙ୍କ ମାତାପିତା ଓ ପରିବାରର ବନ୍ଧୁ ମାନେ ତାଙ୍କୁ ବିଭିନ୍ନ ଉପାୟରେ ସଶକ୍ତ କରିଥିବା ଏହି ଅବସରରେ ପ୍ରିୟଙ୍କା ମନେ ପକାଇଛନ୍ତି। ଏବେ ସେ ସ୍ୱାମୀ ନିକ୍‌ଙ୍କ ସହ ମିଶି ଝିଅ ମାଳତିକୁ ସଶକ୍ତ କରୁଥିବା ଏହି ଅବସରରେ ପ୍ରିୟଙ୍କା କହିଛନ୍ତି।



# ରୋଚକ ହୋଇପାରେ ହିନ୍ଦୋଳ ଲଢ଼େଇ

ଢେଙ୍କାନାଳ,୨୮।୪(ରତନ ନାୟାର)


ମହେଶ ସାହୁ


ସୀମାରାଣୀ ନାୟକ


ଗୋବର୍ଦ୍ଧନ ଶେଖର ନାୟକ

ଢେଙ୍କାନାଳ ଜିଲାର ହିନ୍ଦୋଳ ସଂରକ୍ଷିତ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ରାଜନୈତିକ ବାତାବରଣ ସରଗରମ ହୋଇଛି। ବିଜେଡି ଟିକେଟରୁ ବଞ୍ଚିତ ହୋଇଥିବା ବିଧାୟିକା ସୀମାରାଣୀ ନାୟକ ଭାଜପାରେ ଯୋଗଦେଇ ଦଳୀୟ ପ୍ରାର୍ଥୀ ହେବା ପରେ ହିନ୍ଦୋଳ ରାଜନୀତିରେ ଉଷ୍ମତା ଅଧିକ ବଢ଼ିଯାଇଛି। ଅନ୍ୟପଟରେ ବିଜେଡି ପକ୍ଷରୁ ଏମ୍‌ପି ମହେଶ ସାହୁଙ୍କୁ ହିନ୍ଦୋଳ ଆସନ ପାଇଁ ବିଧାୟକ ପ୍ରାର୍ଥୀ କରାଯାଇଥିବାରୁ ଏଠାରେ ଲଢ଼େଇ ବେଶ୍ ରୋଚକ ହେବ ବୋଲି ଆଲୋଚନା ହେଉଛି।

ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀ ୨୦୦୦ ମସିହାରୁ ବିଜେଡିର ଗଡ଼ ଭାବେ ରହିଆସିଛି। ୨୦୦୦ରୁ ୨୦୦୯ ଯାଏ ଏଠାରୁ ବିଜେଡିର ଅଞ୍ଜଳି ବେହେରା ବିଜୟୀ ହୋଇଥିଲେ। ସେ ରାଜ୍ୟ ସରକାରରେ ମନ୍ତ୍ରୀ ପଦରେ ରହିଥିଲେ। ସେହିପରି ସୀମାରାଣୀ ନାୟକ ୨୦୧୪ ଓ ୨୦୧୯ ନିର୍ବାଚନରେ ହିନ୍ଦୋଳରୁ ବିଜେଡି ବିଧାୟିକା ହୋଇଥିଲେ। ୨୦୨୪ରେ ମଧ୍ୟ ସୀମାରାଣୀ ବିଜେଡି ଟିକେଟ୍ ଆଶାୟୀ ଥିଲେ। ହେଲେ ଦଳ ତାଙ୍କୁ ପ୍ରାର୍ଥୀ ନ କରିବାରୁ ସେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିଲେ। ଭାଜପା ତାଙ୍କୁ ଏଠାରୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ବିଜେଡି ହିନ୍ଦୋଳ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ଫଳରେ ବିଜେଡି ନିଜ ଗଡ଼ ରକ୍ଷା ପାଇଁ ଏଠାରେ ଉଦ୍ୟମ ଆରମ୍ଭ କରିଥିବା ବେଳେ ଭାଜପା ପରିବର୍ତ୍ତନ ଆହ୍ୱାନକୁ ନେଇ ଲଢ଼େଇ କରୁଛି। ସେହିପରି କଂଗ୍ରେସ ପ୍ରାର୍ଥୀ ଗୋବର୍ଦ୍ଧନ ଶେଖର ନାୟକଙ୍କ ଉପରେ ଚଳିତ ନିର୍ବାଚନରେ ସମସ୍ତଙ୍କ ନଜର ରହିଛି। ବିଜେଡି ପ୍ରାର୍ଥୀ ମହେଶ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ଚାଲୁଥିବା ପ୍ରଗତିର ଧାରାକୁ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ବଜାୟ ରଖିବା ମୁଖ୍ୟ ପ୍ରସଙ୍ଗ କରାଯିବ। ଅପହଞ୍ଚ ଅଞ୍ଚଳର ବିକାଶକୁ ଅଗ୍ରାଧିକାର ଦିଆଯିବ। କଳ କାରଖାନାର ସିଏସ୍ଆର୍ କାର୍ଯ୍ୟ ଓ ଥଇଥାନ ପ୍ରତି ଗୁରୁତ୍ୱ ଦିଆଯିବ। ଭାଜପା ପ୍ରାର୍ଥୀ ସୀମାରାଣୀ କହିଛନ୍ତି, ଭାଜପାର ଭରସାକୁ ବଜାୟ ରଖିବା ପାଇଁ ଉଦ୍ୟମ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଜନହିତକର ଯୋଜନାଗୁଡ଼ିକୁ ଆଧାର କରି ନିର୍ବାଚନ ଲଢ଼ାଯିବ। କଂଗ୍ରେସ ପ୍ରାର୍ଥୀ ଗୋବର୍ଦ୍ଧନ କହିଛନ୍ତି, ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୫ବର୍ଷ ହେଲା ଡାକ୍ତର ଅଭାବ ଏକ ପ୍ରମୁଖ ସମସ୍ୟା ହୋଇଛି। ଏଠାରେ ୧୫ଟି ଶିକ୍ଷାନୁଷ୍ଠାନ ଥିଲେ ମଧ୍ୟ ସ୍ଥାନୀୟ ଯୁବତୀଯୁବକ ନିଯୁକ୍ତି ପାଉନାହାନ୍ତି। ଶୀତଳ ଭଣ୍ଡାର ଓ ରକ୍ତ ଭଣ୍ଡାରର ଆବଶ୍ୟକତା ରହିଛି। ବର୍ଷକରେ ୪୦ ଜଣଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ଏସବୁର ସମାଧାନକୁ ନେଇ ଲଢ଼େଇ କରାଯିବ।

# ରାସେଶ୍ୱରୀଙ୍କ ଆଶୀର୍ବାଦ ନେଲେ ଧର୍ମେନ୍ଦ୍ର

ସମ୍ବଲପୁର,୨୮।୪ (ବି.ଶଙ୍କର)

ସମ୍ବଲପୁରର ପୂର୍ବତନ ବିଧାୟିକା ଡା.ରାସେଶ୍ୱରୀ ପାଣିଗ୍ରାହୀ ବିଧିବଦ୍ଧଭାବେ ବିଜୁ ଜନତା ଦଳରୁ ଏପ୍ରିଲ ୨୩ ତାରିଖରେ ଇସ୍ତଫା ଦେଇଛନ୍ତି। ସେ କୌଣସି ଦଳରେ ଯୋଗଦେବେ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି। ଏହିକ୍ରମରେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସକାଳେ ରାସେଶ୍ୱରୀଙ୍କ ବାସଭବନକୁ ଯାଇ ସୌଜନ୍ୟମୂଳକ ସାକ୍ଷାତ୍ କରିବା ସହ ଆଶୀର୍ବାଦ କାମନା କରିଥିଲେ। ଅପରପକ୍ଷେ ପାଣିଗ୍ରାହୀ କେନ୍ଦ୍ରମନ୍ତ୍ରୀଙ୍କ ପିଠି ଥାପୁଡାଇ ଦେଇଥିଲେ। ଏହି ଘଟଣା ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଆଲୋଚନାର ପ୍ରସଙ୍ଗ ହୋଇଛି । ସେହିପରି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହା ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଛି। ସୂଚନାଯୋଗ୍ୟ, ଏକ ପ୍ରତିଷ୍ଠିତ ରାଜନୈତିକ ପରିବାରରୁ ଆସିଥିବା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କର ସମ୍ବଲପୁର ବିଧାନସଭା କ୍ଷେତ୍ରରେ ଏକ ଦୃଢ଼ ସଙ୍ଗଠନ ରହିଛି। ୨୦୧୪ ମସିହାରେ ସେ ବିଜେଡି ଟିକେଟରେ ଭାଜପା ହେଭିୱେଟ ଜୟନାରାୟଣ ମିଶ୍ରଙ୍କୁ ହରାଇ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ।


ସମ୍ବଲପୁର ଲୋକ ସଭା ଆସନର ଭଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବାସଭବନକୁ ଯାଇ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଆଶୀର୍ବାଦ କାମନା କରୁଛନ୍ତି।


କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଚାରରେ ଆସିଥିବାବେଳେ ନିଶ୍ଚିନ୍ତକୋଇଲି କୂଳିଆ ପଡ଼ିଆଠାରେ ଅନୁଷ୍ଠିତ ସମାବେଶରେ ଉପସ୍ଥିତ ଜନସାଧାରଣ।

# ରାହୁଲଙ୍କ ଓଡ଼ିଶା ଗସ୍ତ ନେଇ ଜୋର୍ ଧରିଲା ରାଜନୀତି

ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)

■ରାଜ୍ୟରେ କିଛି ପ୍ରଭାବ ପଡ଼ିବନି କହିଲେ ବିଜେଡି, ଭାଜପା

■ପ୍ରଭାବ ଯଦି ପଡ଼ିବନି ସେମାନେ ଏତେ ବ୍ୟସ୍ତ କାହିଁକି ହେଉଛନ୍ତି: ଶରତ

୨୦୨୪ ନିର୍ବାଚନ ପାଇଁ ମେ' ୧୩ରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଅନୁଷ୍ଠିତ ହେବ। ଏଥିଲାଗି ଭାଜପା ଏବଂ କଂଗ୍ରେସର କେନ୍ଦ୍ରୀୟ ନେତାମାନଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଉଭୟ ଭାଜପା ଏବଂ ବିଜେଡି ଉପରେ ବର୍ଷିଛନ୍ତି। ଏହାସହ ଆଗାମୀ ଦିନରେ ରାଜ୍ୟରେ କଂଗ୍ରେସ କ୍ଷମତାକୁ ଆସିଲେ ଲୋକଙ୍କୁ କେଉଁସବୁ ସୁବିଧା ମିଳିବ ତା'ର ଏକ ଚିତ୍ର ଦଳୀୟ କର୍ମୀଙ୍କ ଜରିଆରେ ଲୋକଙ୍କ ନିକଟକୁ ବାର୍ତ୍ତା ଛାଡ଼ିଛନ୍ତି, ଯାହାକୁ ନେଇ ଉଭୟ ଭାଜପା ଏବଂ ବିଜେଡି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅନ୍ୟପଟେ ଉଭୟ ବିଜେଡି ଏବଂ ଭାଜପା ନେତାଙ୍କୁ ପାଲଟା ଜବାବ ଦେଇଛି କଂଗ୍ରେସ।

ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି ଯେ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ସାଲେପୁର ଆସି ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରିଛନ୍ତି। ତାଙ୍କ ଗସ୍ତ ରାଜ୍ୟ ନିର୍ବାଚନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଏହା କିନ୍ତୁ କ୍ରମାଗତ ଭାବେ ନିର୍ବାଚନ ହାରି ଆସୁଥିବା ଦଳୀୟ କର୍ମୀଙ୍କୁ ନିଶ୍ଚିତ ପ୍ରେରଣା ଯୋଗାଇବ। ସେହି ଦୃଷ୍ଟିକୋଣରୁ ତାଙ୍କର ଓଡ଼ିଶା ଗସ୍ତ କଂଗ୍ରେସ ପାଇଁ ଲାଭଦାୟକ ହୋଇପାରେ ବୋଲି ସସ୍ମିତ କହିଛନ୍ତି।

ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି ଯେ, ବିଜେଡି ପାଖରେ କଂଗ୍ରେସ ବିକ୍ରି ହୋଇସାରିଛି। ତେଣୁ ରାହୁଲଙ୍କ ଓଡ଼ିଶା ଗସ୍ତର କୌଣସି ପ୍ରଭାବ ଲୋକଙ୍କ ଉପରେ ପଡ଼ିବାର ନାହିଁ। କଂଗ୍ରେସ ଦେଶକୁ ୫୦ ବର୍ଷରୁ ଅଧିକ ଦିନ ଶାସନ କରିଛି। ଯଦି ସେ ସମୟରେ ସେମାନେ ଲୋକଙ୍କ ପାଇଁ କିଛି କରିଥାଆନ୍ତେ ତେବେ ବର୍ତ୍ତମାନ ଭତ୍ତା ଦେବା କଥା କାହିଁକି କହିବାକୁ ପଡ଼ିଥାଆନ୍ତା। ତେଣୁ ସେମାନେ ଶାସନରେ ଥିବାବେଳେ ଗୋଟିଏ ପରିବାରର କେବଳ ରୋଜଗାର ବଢ଼ାଇଛନ୍ତି। ବୁଡ଼ି ଯାଇଥିବା ଦଳ ହେଉଛି କଂଗ୍ରେସ, ତେଣୁ ଲୋକଙ୍କୁ ଏଭଳି ପ୍ରଲୋଭନ ଦେଖାଇ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି, ହେଲେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଗୋଲକ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ, କଂଗ୍ରେସ ଠିକ୍ ଭାବେ ଦେଶରେ କାମ କରିଥିଲା ବୋଲି ୫୦ ବର୍ଷରୁ ଅଧିକ ଦିନ କ୍ଷମତାରେ ରହିଥିଲା। ସେତେବେଳ ସମୟ ଅଲଗା ଥିଲା, ଏବେ କିଛି ଭିନ୍ନ ରହିଛି। ଦେଶ ପାଇଁ କଂଗ୍ରେସ ସେଭଳି କିଛି ଭଲ କାମ କରିଥିଲା ବୋଲି ବର୍ତ୍ତମାନ ଭାରତ ଆଗକୁ ଯାଇପାରିଛି। ଓଡ଼ିଶାରେ ଯେତେସବୁ ବଡ଼ ପ୍ରକଳ୍ପ, ଡ୍ୟାମ୍, ଏମ୍ସ ଏସବୁ କଂଗ୍ରେସ ହିଁ କରିଛି। ୧୦ ବର୍ଷ ଭାଜପା କ୍ଷମତାରେ ରହିଲା ପରେ ଓଡ଼ିଶାରେ କେଉଁ ବଡ଼ ପ୍ରକଳ୍ପ କରିଛି ସେମାନେ କୁହନ୍ତୁ। କେବଳ ମିଛ ପ୍ରତିଶ୍ରୁତି ଦେବାରେ ଭାଜପା ନେତାମାନେ ମାହିର। ଓଡ଼ିଶାରେ ଏବେ ବିଜେଡି ଅବସ୍ଥା କିଛି ଭଲ ନାହିଁ। ଲୋକମାନେ ସବୁଆଡେ ପରିବର୍ତ୍ତନ ଚାହୁଁଛନ୍ତି। ଓଡ଼ିଶାରେ ରାହୁଲଙ୍କ ଗସ୍ତର ଯଦି ପ୍ରଭାବ ପଡ଼ିବନି ତେବେ ବିଜେଡି, ଭାଜପା ଏତେ ବ୍ୟସ୍ତ କାହିଁକି ହେଉଛନ୍ତି ବୋଲି ଶରତ କହିଛନ୍ତି।

# ପ୍ରଶାନ୍ତଙ୍କୁ ନେଇ ଦଳରେ ବଢ଼ିଲା ଅଡୁଆ

ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)

**କାଲୁ ଗୋଷ୍ଠୀ ଅସନ୍ତୁଷ୍ଟ, ଶତାଧିକ କର୍ମୀ ଦଳ ଛାଡ଼ିବା ଚର୍ଚ୍ଚା**

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଭାଜପାରେ ଯୋଗଦାନ କରିବା ପରଠାରୁ ବିବାଦଘେରକୁ ଆସିଯାଇଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ତାଙ୍କୁ ଖୋର୍ଦ୍ଧାରୁ ବିଧାୟକ ପ୍ରାର୍ଥୀ ବୋଲି ଘୋଷଣା କରିବାକୁ ନେଇ ଭାଜପାର ଆଶାୟୀ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟଙ୍କ ସମର୍ଥକ ତୀବ୍ର ବିରୋଧ କରିଥିଲେ। ଏପରିକି ରାଜ୍ୟ ଭାଜପା କାର୍ଯ୍ୟାଳୟରେ ପ୍ରଶାନ୍ତ ଏବଂ କାଲୁ ସମର୍ଥକ ମୁହାଁମୁହିଁ ହୋଇଥିଲେ। ତେବେ ଚଳିତବର୍ଷ ନିର୍ବାଚନ ଲଢିବେ ନାହିଁ ବୋଲି ପ୍ରଶାନ୍ତ ଗଣମାଧ୍ୟମକୁ କହିଥିଲେ। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଓ ବେଗୁନିଆରେ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରଶାନ୍ତଙ୍କୁ ନେଇ ବିବାଦ ଉଠିବା ପରେ ଦଳ ତାଙ୍କୁ ବେଗୁନିଆରୁ ପ୍ରାର୍ଥୀ କରିବା ସମ୍ଭାବନା ରହିଥିବା ଆଲୋଚନା ହେଉଥିଲା। ଏବେ ଦଳ ପ୍ରଶାନ୍ତଙ୍କୁ ଖୋର୍ଦ୍ଧାରୁ ପ୍ରାର୍ଥୀ କରିଛି। ଫଳରେ ତାଙ୍କୁ ନେଇ ଦଳରେ ଅଡୁଆ ବଢ଼ିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। କାରଣ ଖୋର୍ଦ୍ଧାରେ କାଳୁଚରଣଙ୍କର ଏକ ବଡ଼ ଗୋଷ୍ଠୀ ସମର୍ଥକ ରହିଛନ୍ତି। ଦୀର୍ଘ ୫ବର୍ଷ ଧରି ସେ ସେମାନଙ୍କୁ ଧରି ଦଳୀୟ କାର୍ଯ୍ୟ କରିଆସୁଛନ୍ତି। ଏବେ ପ୍ରଶାନ୍ତ ଟିକେଟ ପାଇବା ପରେ କାଲୁ ଗୋଷ୍ଠୀ ଅସନ୍ତୁଷ୍ଟ ହୋଇପଡ଼ିଛନ୍ତି। କାଳୁଚରଣ ଯଦି ଦଳ ଛାଡ଼ି ଅନ୍ୟତ୍ର ଯାଆନ୍ତି, ତେବେ ତାଙ୍କ ସହିତ ବହୁ ସମର୍ଥକ ମଧ୍ୟ ଦଳ ଛାଡ଼ିବା ସମ୍ଭାବନା ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ପ୍ରଶାନ୍ତଙ୍କ ମନମୁଖି କାର୍ଯ୍ୟ ଓ ଏକଛତ୍ରବାଦ ନୀତିକୁ ନେଇ ଭାଜପାର କେତେଜଣ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ତେବେ ଦଳ ଏହାକୁ କିପରି ସମାଧାନ କରିବ, ପ୍ରଶାନ୍ତ କିପରି ଦଳୀୟ କର୍ମୀଙ୍କ ହୃଦୟ ଜିଣିବେ ତଥା ସେମାନେ କିପରି ତାଙ୍କୁ ଗ୍ରହଣ କରିବେ ତାହା ହିଁ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଦିନେ ଅପରାଜିତାଙ୍କ ସହ ଛାଇ ଭଳି ରହୁଥିବା ଜିଲା ସଭାପତି ରଶ୍ମି ମହାପାତ୍ର ଏବେ ଦୂରେଇ ଯାଉଛନ୍ତି। ପ୍ରଶାନ୍ତଙ୍କର ବହୁ ସମର୍ଥକ ରହିଥିଲେ ମଧ୍ୟ ଦଳୀୟ କର୍ମୀ ସାଥିରେ ନ ରହିଲେ କାହାକୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଭାଜପାର ଅସନ୍ତୁଷ୍ଟ କର୍ମୀ ପ୍ରଶ୍ନ କରିଛନ୍ତି।

# ଅପରାଧୀଙ୍କୁ ଭାଜପା ସ୍ୱାଗତ କରିବା ଆଶ୍ଚର୍ଯ୍ୟ କରିଛି: ଭୃଗୁ

ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ଓ ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଗୋଟିଏ ମଞ୍ଚରେ ଦେଖି ଆଶ୍ଚର୍ଯ୍ୟ ହେଲି। ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଚାର୍ଜଶିଟ୍ ହୋଇଛି, ଯିଏ କି ଚାକିରି ପାଇଁ ଟଙ୍କା ଆଦାୟ କରି ଲୋକଙ୍କୁ ଠକିଛନ୍ତି । ସେ ଅନେକ ମାସ ଧରି ଜେଲରେ ଥିଲେ। କୋର୍ଟ ପ୍ରଦୀପଙ୍କ ବିରୋଧରେ ଅଭିଯୋଗ ନିର୍ଦ୍ଧାରଣ କରିଥିବା ବିଜେଡିର ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଭୃଗୁ କହିଛନ୍ତି ଯେ, ୨୩ ବର୍ଷ ଧରି ଭାଜପାରେ ଥିଲି। ସେ ଭାଜପାରେ ଯୋଗ ଦେଇଥିଲେ କାରଣ ଭାବିଥିଲେ, ଏହା ଏକ ଭିନ୍ନତା ଥିବା ଦଳ । କିନ୍ତୁ ଯେଉଁ ଦଳ ପାଇଁ ମୋ ଜୀବନର ୨୩ ବର୍ଷ ଦେଇଥିଲି, ଭାଜପାର ଏଭଳି କପଟତା ଦେଖି ଦୁଃଖ ଲାଗୁଛି ବୋଲି ଭୃଗୁ କହିଛନ୍ତି।

# ଭାଜପାର ୨ ସାଂସଦ ପ୍ରାର୍ଥୀଙ୍କ ବିରୋଧରେ ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)

ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ନେଇ ଭାଜପା ପ୍ରାର୍ଥୀଙ୍କ ବିରୋଧରେ ରବିବାର ପୁଣି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ବିଜେଡିର ଏକ ପ୍ରତିନିଧି ଦଳ ଫେରାଦ ହୋଇଛି। ଭାଜପା ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ନିର୍ବାଚନୀ ପ୍ରଚାର କାର୍ଯ୍ୟରେ ପିଲାଙ୍କୁ ବ୍ୟବହାର କରିଥିବା ବିଜେଡି ଅଭିଯୋଗ କରିଛି। ବିଜେଡି ଅଭିଯୋଗ ଅନୁଯାୟୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ସହରରେ ଦଳୀୟ ପତାକା ଓ ବ୍ୟାନର ଲଗାଇବା କାର୍ଯ୍ୟରେ ପଞ୍ଚମ ଓ ଷଷ୍ଠ ଶ୍ରେଣୀ ପିଲାଙ୍କୁ ପ୍ରଦୀପ ବ୍ୟବହାର କରିଛନ୍ତି। ରାଜନୈତିକ କାର୍ଯ୍ୟକଳାପରେ ନାବାଳକଙ୍କୁ ବ୍ୟବହାର କରିବା କେବଳ ଅନୈତିକ ନୁହେଁ ବରଂ ସେମାନଙ୍କ ଅଧିକାରର ଏହା ଉଲ୍ଲଘଂନ ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି ବିଜେଡି ପ୍ରତିନିଧି ଦଳ ଭୁବନେଶ୍ୱର ଭାଜପା ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ନିଜ ନିର୍ବାଚନ ପ୍ରଚାର ରାଲିରେ ଛୋଟ ପିଲାଙ୍କୁ ବ୍ୟବହାର କରୁଛନ୍ତି। ସେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ପଦ୍ମକେଶରପୁର ଗାଁରେ କରିଥିବା ପ୍ରଚାର ରାଲିରେ ଛୋଟ ପିଲାଙ୍କୁ ସାମିଲ କରିଥିଲେ ବୋଲି ବିଜେଡି ଅଭିଯୋଗ କରିବା ସହ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ସରଗରମ ପଟାଙ୍ଗି ରାଜନୀତି

ସୁନାବେଡା/ସେମିଳିଗୁଡା, ୨୮।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ଆସନ୍ତା ୧୩ରେ ହେବ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ। ଇତିମଧ୍ୟରେ ସରିଯାଇଛି ନାମାଙ୍କନ। ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେକ୍ରମଶଃ ବଢିଚାଲିଛି ନିର୍ବାଚନୀ ଉଷ୍ମତା। ଏଠାରେ ତ୍ରିମୁଖୀ ଲଢେଇ ହେବା ନେଇ ଚର୍ଚ୍ଚା ହେଉଥିବା ବେଳେ କଂଗ୍ରେସ ଏଥିରେ ନିର୍ଣ୍ଣାୟକ ଭୂମିକା ନେଇପାରେ। ଗତ କିଛି ଦିନ ହେବ ଏଠାରେ କଂଗ୍ରେସ ପ୍ରାର୍ଥୀ ଚୟନକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ତେବେ ବିଜେଡି, ଭାଜପା, କଂଗ୍ରେସ କର୍ମୀମାନେ ନିଜ ଦଳୀୟ ପ୍ରାର୍ଥୀଙ୍କୁ ପରିବର୍ତ୍ତନ ପାଇଁ ଦାବି କରୁଥିଲେ। ହେଲେ କେବଳ ଭାଜପା ନିଜ ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। କଂଗ୍ରେସ ପ୍ରାର୍ଥୀ ପରିବର୍ତ୍ତନ କରି ନ ଥିବାରୁ ଦଳର ରଣନୀତି ଉପରେ ଅଧିକାଂଶଙ୍କ ନଜର ରହିଛି। ଟିକେଟ୍ ଘୋଷଣା ପରେ କର୍ମୀମାନେ ଏକାଠି ହୋଇ ପ୍ରାର୍ଥୀ ପରିବର୍ତ୍ତନ ଲାଗି ଜିଲା ସଭାପତି, ଏମ୍‌ପି ପ୍ରାର୍ଥୀ ଓ ଏଆଇସିସିକୁ ପତ୍ର ଲେଖି ଅବଗତ କରାଇଥିଲେ। ଶେଷରେ ନିରାଶ ହୋଇ କଂଗ୍ରେସର ଆଶାୟୀ ପ୍ରାର୍ଥୀ ଶାମ୍ଭ ପାଙ୍ଗି ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଫଳରେ ନିର୍ବାଚନ ମୈଦାନରେ କଂଗ୍ରେସ ପ୍ରାର୍ଥୀ ନିଜ ଦଳୀୟ ପ୍ରାର୍ଥୀଙ୍କ ସହ ଲଢିବେ ବୋଲି ସ୍ପଷ୍ଟ ହୋଇଯାଇଛି। ଶାମ୍ଭ ପାଙ୍ଗି ଦୀର୍ଘ ବର୍ଷ ହେବ କଂଗ୍ରେସ ସଙ୍ଗଠନକୁ ତ୍ରୁଣମୂଳସ୍ତରରୁ ମଝଭୁତ୍ କରିବାରେ କାର୍ଯ୍ୟ କରୁଥିଲେ। ଶେଷରେ ସେ ଟିକେଟ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ନିଜ ସମର୍ଥକଙ୍କ ଇଚ୍ଛାକୁ ସମ୍ମାନ ଦେଇ ସେ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଅପରପକ୍ଷରେ ଟିକେଟ୍ ପାଇଥିବା ରାମଚନ୍ଦ୍ର କାଡାମ୍ କର୍ମୀଙ୍କ ବିରୋଧର ସମ୍ମୁଖୀନ ହୋଇପାରନ୍ତି ବୋଲି ଆଲୋଚନା ହେଉଛି। ଶାମ୍ଭ କହିଛନ୍ତି, କଂଗ୍ରେସ ଜାଣିଶୁଣି ଦଳକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି। ଏହାର ଉଚିତ୍ ଜବାବ ଲୋକେ ଦେବେ ବୋଲି ସେ ପ୍ରକାଶ କରିଛନ୍ତି।

# ଗଣେଶ୍ୱରଙ୍କ ସମ୍ମୁଖରେ ଦୁଇ ମହିଳା ପ୍ରତିଦ୍ୱନ୍ଦ୍ୱୀ

କେନ୍ଦ୍ରାପଡ଼ା, ୨୮।୪ (ଜଗନ୍ନାଥ ଧଳ)

**କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ**


ଗୀତାଞ୍ଜଳି ସେଠୀ


ସିପ୍ରା ମଲ୍ଲିକ


ଗଣେଶ୍ୱର ବେହେରା

କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ରାଜନୀତି ଏକ ରୋଚକ ସ୍ଥିତିରେ ପହଞ୍ଚିଛି। ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳର ବିଧାୟକ ପ୍ରାର୍ଥୀ ଘୋଷଣା ପରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଥିବା ସ୍ପଷ୍ଟ ହୋଇଛି। ଏହି ନିର୍ବାଚନମଣ୍ଡଳୀ ପାଇଁ ଗଣେଶ୍ୱର ବେହେରା ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ତାଙ୍କର ଦୁଇ ମହିଳା ପ୍ରତିଦ୍ୱନ୍ଦ୍ୱୀ ଭାବେ କଂଗ୍ରେସର ଡ. ସିପ୍ରା ମଲ୍ଲିକ ଓ ଭାଜପାର ଗୀତାଞ୍ଜଳି ସେଠୀ ଦଳୀୟ ସଙ୍ଗଠନକୁ ଏକାଠି କରି ଗ୍ରାମ ଓ ସହରାଞ୍ଚଳରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି।

କେନ୍ଦ୍ରାପଡ଼ା ବ୍ଲକ ଓ ପୌରାଞ୍ଚଳ ସହ ପଟ୍ଟାମୁଣ୍ଡାଇର ୧୨ ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନ କ୍ଷେତ୍ରରେ ମୋଟ ଭୋଟରଙ୍କ ସଂଖ୍ୟା ୨,୨୮,୫୯୬। ଏଥିରୁ ପୁରୁଷଙ୍କ ସଂଖ୍ୟା ୧,୧୭,୯୪୧ ଓ ମହିଳାଙ୍କ ସଂଖ୍ୟା ୧,୧୦,୬୪୬। ପ୍ରାୟ ୭ ହଜାର ମହିଳାଙ୍କ ସଂଖ୍ୟା କମ୍ ରହିଥିଲେ ମଧ୍ୟ ମତଦାନ କେନ୍ଦ୍ରରେ ଏମାନଙ୍କ ଯୋଗଦାନ ପୁରୁଷଙ୍କଠାରୁ ଅଧିକ। ୨୦୧୭ ପଞ୍ଚାୟତ ନିର୍ବାଚନ, ୨୦୧୯ ସାଧାରଣ ନିର୍ବାଚନ ଓ ୨୦୨୨ ପଞ୍ଚାୟତ ନିର୍ବାଚନକୁ ଆକଳନ କଲେ ପୁରୁଷଙ୍କଠାରୁ ମହିଳାଙ୍କ ମତଦାନ ହାର ପ୍ରାୟ ୧୨ ପ୍ରତିଶତ ଅଧିକ। ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ରାଜନୈତିକ ଦଳ ରଣନୀତି ପ୍ରସ୍ତୁତ କରିଛନ୍ତି। ଅପରପକ୍ଷରେ ଚଳିତ ନିର୍ବାଚନରେ ପ୍ରାର୍ଥୀଙ୍କ ଦଳ ବଦଳ ଚର୍ଚ୍ଚାରେ ଅଛି। ଗଣେଶ୍ୱର କଂଗ୍ରେସ ଛାଡି ବିଜେଡି, ସିପ୍ରା ଓ ଗୀତାଞ୍ଜଳି ବିଜେଡି ଛାଡି କଂଗ୍ରେସ ଓ ଭାଜପାର ପ୍ରାର୍ଥୀ ହୋଇଛନ୍ତି। ୨୦୦୯ରେ ଗଣେଶ୍ୱରଙ୍କ ସହ ସିପ୍ରାଙ୍କ ମୁକାବିଲା ହୋଇଥିଲା। ସେହି ନିର୍ବାଚନରେ ସିପ୍ରା ବିଜୟୀ ହୋଇଥିଲେ। ସେହିପରି ଗୀତାଞ୍ଜଳି ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଜିଲା ପରିଷଦ ସଭାପତି ଭାବେ କାର୍ଯ୍ୟ ତୁଲାଇଛନ୍ତି। ଗଣେଶ୍ୱରଙ୍କ କଂଗ୍ରେସ ସମର୍ଥକ ବିଜେଡିରେ ଯୋଗ ଦେଇଛନ୍ତି। ଏହାସତ୍ତ୍ୱେ ବିଜେଡିର ଆଭ୍ୟନ୍ତର କନ୍ଦଳ ଅଦ୍ୟାବଧି ସମାଧାନ ହୋଇନାହିଁ। ଅସନ୍ତୁଷ୍ଟ ବିଜେଡି ନେତାଙ୍କ ମଧ୍ୟରେ ସମନ୍ୱୟ ପାଇଁ ରଣନୀତି ପ୍ରସ୍ତୁତ ହୋଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ପ୍ରତ୍ୟେକ ପ୍ରାର୍ଥୀ ପାଇଁ ବିଧାନସଭା କ୍ଷେତ୍ରର ଆଞ୍ଚଳିକ ସମସ୍ୟା ସମାଧାନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି। ପୂର୍ବରୁ ଏହି ବିଧାନସଭା କ୍ଷେତ୍ରରେ ମେଡିକାଲ କଲେଜ, କୃଷି ବିଶ୍ୱବିଦ୍ୟାଳୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା, କୃଷି କ୍ଷେତ୍ରକୁ ଜଳ ପରିଚାଳନା ଆଦିକୁ ନେଇ ଗଣେଶ୍ୱର ଆନ୍ଦୋଳନ କରୁଥିଲେ। ଏବେ ଏହି ସମସ୍ୟାକୁ କଂଗ୍ରେସ ପ୍ରାର୍ଥୀ ସିପ୍ରା ଓ ଭାଜପା ପ୍ରାର୍ଥୀ ଗୀତାଞ୍ଜଳି ଉଠାଇଲେଣି। ଏହାବ୍ୟତୀତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ଅବ୍ୟବସ୍ଥା, ମହିଳା ନିର୍ଯାତନା ଆଦିକୁ ବିରୋଧୀ ପ୍ରସଙ୍ଗ କରିଛନ୍ତି। ସେହିପରି ନିର୍ବାଚନମଣ୍ଡଳୀରେ ଧୋୟା ଅଞ୍ଚଳର ସମସ୍ୟା, ରାଶନ କାର୍ଡ, ଭତ୍ତା, ଆବାସ ଯୋଜନା ଆଦିର ଅବ୍ୟବସ୍ଥାକୁ ଶାସକ ଦଳ ପ୍ରାର୍ଥୀ ଗଣେଶ୍ୱରଙ୍କୁ ଅପ୍ରୀତିକର ପରିସ୍ଥିତିରେ ପକାଇବା ସମ୍ଭାବନା ଦେଖାଦେଇଛି। ତେବେ ଶାସକ ଦଳର ଉନ୍ନୟନ କାର୍ଯ୍ୟକୁ ଆଧାର କରି ଗଣେଶ୍ୱର ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ରାଜନୀତିରେ ଅଭିଜ୍ଞ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଥିବାରୁ ଆଗକୁ ଏହି ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

**ଆଜିର ମନ୍ତବ୍ୟ**

ଏକଛତ୍ରବାଦ ବିରୋଧରେ ଏବଂ ଗଣତନ୍ତ୍ର ସପକ୍ଷରେ ଭୋଟ ଦିଅନ୍ତୁ। ଭାରତ ମାତାର ଜଣେ ଝିଅ ହିସାବରେ ମୁଁ ଅନୁରୋଧ କରୁଛି।
**-ସୁନୀତା କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଏ ଗ୍ରାଣ୍ଡ ସିନୋପସିୟମ୍ ଅନ ନାଟ୍ୟଶାସ୍ତ୍ର, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ସକାଳ ୯ଟା ୩୦।
- ବିଶ୍ୱ ନୃତ୍ୟ ଦିବସ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ, ସ୍ଥାନ: ଗୁଞ୍ଜନ ଆର୍ଟ ଥିଏଟର, ମହତାବ ରୋଡ୍, କଟକ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ପୁରୀ ଭାଜପା ଲୋକସଭା ପ୍ରାର୍ଥୀ ଡାକ୍ତର ସମ୍ବିତ ପାତ୍ରଙ୍କ ନାମାଙ୍କନ ଶୋଭାଯାତ୍ରା, ସ୍ଥାନ: ପିପିଲି ନିର୍ବାଚନ ମଣ୍ଡଳୀ, ସମୟ : ସକାଳ ୮ଟା ୩୦।
- ସତ୍ୟବାଦୀ ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମାଙ୍କ ନାମାଙ୍କନ ପତ୍ର ଦାଖଲ ଓ ଶୋଭାଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମା' ସପ୍ତମାତୃକା ବିଜେସ୍ଥଳୀ ପରିସରରେ ଶ୍ରୀ ଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ଓ ହରିହାଟ, ସ୍ଥାନ: ସର୍ବପଡ଼ା, ନିମାପଡ଼ା, ସମୟ: ପ୍ରାତଃ ୫ଟା ହରିହାଟ ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଶ୍ରୀରାମ ଚରିତ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀ ନୃସିଂହ ଦେବଙ୍କ ପୀଠ, ବେଗୁନିଆ ଉପକଣ୍ଠ ପଣ୍ଡାଳମ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- କୃଷି ଗବେଷଣା ସମ୍ବନ୍ଧୀୟ ଆଲୋଚନା ଚକ୍ର, ସ୍ଥାନ: କୃଷି ଗବେଷଣା କେନ୍ଦ୍ର, ରାଣିତାଲ, ସିମୁଳିଆ, ସମୟ: ପୂର୍ବାହ୍ନ୧୦ଟା।
- ବିଶ୍ୱ ନୃତ୍ୟ ଦିବସ, ସ୍ଥାନ: ଟାଉନ୍‌ହଲ, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା।
- ଆମ ଗାଁ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ଦୁଧହଂସା ବୈଶାଖୀ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ଦୁଧହଂସା ମନ୍ଦିର ପଡ଼ିଆ, ବସ୍ତା ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ତେସିଙ୍ଗା, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା ୩୦।
- ଜଗବନ୍ଧୁ ମେମୋରିଆଲ ଫ୍ଲଡ଼ଲାଇଟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଚରଦିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ବିଜୟନଗର, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ରାମଚନ୍ଦ୍ରପୁର, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ: ଚାନ୍ଦବାଲି ଏନ୍‌ଏସି କଂଗ୍ରେସ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ମହୁଲିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଗୋପୀନାଥପୁର, ଚାନ୍ଦବାଲି, ସମୟ: ରାତି ୮ଟା।

## କେନ୍ଦୁଝର
- ଶିକ୍ଷକଙ୍କ ଅବସର ସମ୍ବର୍ଦ୍ଧନା ସଭା ପ୍ରସ୍ତୁତି ବୈଠକ, ସ୍ଥାନ: କରଡ଼ାପାଳ, ବାତୋ, ଘସିପୁରା, ସମୟ: ସକାଳ ୯ ଟା।
- କଂଗ୍ରେସ ପକ୍ଷରୁ ବାଇକ ଶୋଭାଯାତ୍ରା, ସ୍ଥାନ: ଟୋଲଙ୍କପଡ଼ା, ହରିଡ଼ାପାଳ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ଆଗର୍ଦା ଖଲଣା, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ମା' ହିଙ୍ଗୁଳାଙ୍କ ପୀଠରେ ପୂର୍ଣ୍ଣାହୁତି, ସ୍ଥାନ: ଭୋଳ ନୂଆଗାଁ ତରୁଆଁ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ୍ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଉଦଳା ବ୍ଲକସ୍ତରୀୟ ବିଜେଡି କର୍ମୀ ସମାବେଶ, ସ୍ଥାନ: ଉଦଳା ଥାନା ଛକ ଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଲୟର ଆସୋସିଏଶନର ୫୨ତମ ବାର୍ଷିକୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ସଂକୀର୍ତ୍ତନ, ସ୍ଥାନ: ରାଇରଙ୍ଗପୁର ଟାଉନ ଥାନା ପରିସର ହରିବୋଲ ମଣ୍ଡପ, ସମୟ: ଅପରାହ୍ନ ୨ଟା।
- ବିଜୁ ଜନତା ଦଳର ନିର୍ବାଚନୀ ସଭା, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ସାନମୁଣ୍ଡାବଣି ଓ ନୂଆଝାଳିଆ ଗ୍ରାମ ପଡିଆ, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ
- ଦେବସଭାର ଦ୍ୱିତୀୟ ଦିନରେ ମୁଖ୍ୟ ପ୍ରବଚକଙ୍କ ବାର୍ତ୍ତା, ସ୍ଥାନ: ଦାରିଙ୍ଗବାଡି ବ୍ଲକ ଗବାଟବାଡ଼ି ଗ୍ରାମ, ସମୟ: ସକାଳ ୭ଟାରୁ ଆରମ୍ଭ, ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟା ୫ଟାରୁ ।
- ଠାକୁରାଣୀ ଯାତ୍ରାରେ ଘଟ ପରିକ୍ରମା, ସ୍ଥାନ: ଦାରିଙ୍ଗବାଡ଼ି ଶିବମନ୍ଦିର ସାହି, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ
- ଶନିଶ୍ଚରଙ୍କ ବାର୍ଷିକ ଉତ୍ସବ, ସ୍ଥାନ: କାମାକ୍ଷାନଗର ଗୋଡିସାହି ସମୟ: ପୂର୍ବାହ୍ନ ୧୧ଟା୩୦।
- ବଦିପାଲା ତୃତୀୟ ଦିନ,ସ୍ଥାନ: କଚେରୀ ହତା, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ନିର୍ବାଚନ ପାଇଁ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୬ଟା।
- ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ, ସ୍ଥାନ: ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଜଗତ୍‌ସିଂହପୁର
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରଘୁନାଥପୁର ବ୍ଲକ, ରେଡ୍ଡୁଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଜଗତ୍‌ସିଂହପୁର ଜିଲା ଖାଦ୍ୟ ସୁରକ୍ଷା ନିରୀକ୍ଷଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ପାନୀୟ ଜଳ ଓ ହୋଟେଲ ଖାଦ୍ୟ ସମ୍ପର୍କରେ ଯାଞ୍ଚ, ସ୍ଥାନ: ବଡ଼ପଡିଆ, ଷଣ୍ଢକୁଦ ପାରାଦୀପ, ସମୟ: ପୂର୍ବାହ୍ନ ୯ଟା।

## କେନ୍ଦ୍ରାପଡ଼ା
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ଅପରାହ୍ନ ୪ଟା।

## ଯାଜପୁର
- ବିଜେଡି କର୍ମୀ ସମ୍ମିଳନୀ, ଯାଜପୁର ବ୍ଲକ ଅନ୍ତର୍ଗତ ରୁଦ୍ରପୁର ପଞ୍ଚାୟତର ରୁଦ୍ରପୁର ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ନୟାଗଡ଼ର ଉମାକାନ୍ତ ସାହୁଙ୍କ ଦ୍ୱାରା ଶ୍ରୀରାମ ଚରିତ ମାନସ, ସ୍ଥାନ: ଯାଜପୁର ରୋଡ ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା୩୦।

## ନୟାଗଡ଼
- ଦଶପଲ୍ଲା କାଷ୍ଠ ମୁଖା ରାମଲୀଳାର ଏକାଦଶ ଦିବସରେ ମୁକ୍ତ ରଙ୍ଗମଞ୍ଚରେ ପରିବେଷଣ ହେବ କୁମ୍ଭକର୍ଣ୍ଣ ବଧ, ସ୍ଥାନ: ଦଶପଲ୍ଲା ରଘୁନାଥ ମନ୍ଦିର, ସମୟ:ସନ୍ଧ୍ୟା ୬ଟା ।

ଖଣ୍ଡପଡ଼ା ରାମଲୀଳା, ସ୍ଥାନ:ଖଣ୍ଡପଡ଼ା ଗଡଭିତର ସାହି, ସମୟ: ରାତି ୯ଟା।

## ରାୟଗଡ଼ା
- ବଜରଙ୍ଗୀ ଦୀକ୍ଷାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ରାବଣ ପୋଡ଼ି ପଡିଆ, ବ୍ରାହ୍ମଣ ସାହି ରାୟଗଡା, ସମୟ: ସକାଳ ୮ରୁ ଆରମ୍ଭ ।

## କୋରାପୁଟ
କୋରାପୁଟ ସହରର ଗ୍ରାମଦେବୀ ମା' ମୁତ୍ୟାଲୁମା'ଙ୍କ ନବଦିନ ଘଟଯାତ୍ରା ଆରମ୍ଭ, ସ୍ଥାନ : ପୋଡ଼ାଗଡ ଲାଇନ ନିକଟସ୍ଥ ମା'ଙ୍କ ଅସ୍ଥାୟୀ ମଣ୍ଡପ, ସମୟ: ଭୋର ୫ଟାରୁ ରାତି ୮ଟା।

## ମାଲକାନଗିରି
ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ କାଲିମେଳା ବ୍ଲକ ଗସ୍ତ, ସ୍ଥାନ-କାଲିମେଳା ମିନି ଷ୍ଟାଡିୟମ, ସମୟ-ସକାଳ ୯ ଟା

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଉଷୁ ଆସୋସିଏଶନର ବୈଠକ, ସ୍ଥାନ:ବିନାଖଣ୍ଡୀ, ସମୟ: ସକାଳ ୯ଟା ।
- ଅବକାରୀ ବିଭାଗ ପକ୍ଷରୁ ବୈଠକ, ସ୍ଥାନ: ଜିଲା ଅବକାରୀ ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଅସି ଚାଳନା ଦଶମ ଦିବସ ତାଲିମ ଶିବିର, ସ୍ଥାନ: ଆର.ଏନ୍. ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ।
- ଭାଜପା ପକ୍ଷରୁ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଉପଜିଲାପାଳ ଓ ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ସକାଳ ୯ଟା ।
- ବଲାଙ୍ଗୀରରେ ମିଳିତ ଚିତ୍ରକଳା ପ୍ରଦର୍ଶନୀ ପଞ୍ଚମ ଦିନ, ସ୍ଥାନ: ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।
- ବିଜେଡ଼ିର ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ନେଇ ବୈଠକ, ସ୍ଥାନ: ଡିଏନ ରିସୋର୍ଟ, ଟିଟିଲାଗଡ,ସମୟ: ସନ୍ଧ୍ୟା: ୭ଟା ।
- ଜଗନ୍ନାଥପଡା ପ୍ରସିଦ୍ଧ ରାମଲୀଳା ଏକାଦଶ ରଜନୀ, ସ୍ଥାନ: ଜଗନ୍ନାଥ ମନ୍ଦିର, ଜଗନ୍ନାଥପଡା, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦ ମିନିଟ ।

## ସୁବର୍ଣ୍ଣପୁର
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ : ଭାଲୁଡୁଙ୍ଗୁରି ସ୍ଥିତ
- ଶୃଙ୍ଗଦର ମଠ,ବୀରମହାରାଜପୁର, ସମୟ :ଅପରାହ୍ନ ୪ଟା ।
- ଶ୍ରୀରାମଲୀଳା ନାଟକ ପରିବେଷଣ, ସ୍ଥାନ : ଚମ୍ପାମାଳ, ବୀରମହାରାଜପୁର,
- ସମୟ: ରାତ୍ରି ୧୧ଟା।
- ରାମଲୀଳା ନାଟକରେ ଇନ୍ଦ୍ରଜିତ ବଧ ପରିବେଷଣ, ସ୍ଥାନ: ତିକୁଡା,ଉଲୁଣ୍ଡା ବ୍ଲକ
- ସମୟ : ରାତ୍ରୀ ୧୧ଟା।
- ରାମଲୀଳା ନାଟକ, ସ୍ଥାନ : ବାଗବର,ବୀରମହାରାଜପୁର ବ୍ଲକ, ସମୟ : ରାତ୍ରୀ ୧୧ଟା ।
- ଶ୍ରୀରାମଲୀଳା ନାଟକ ପରିବେଷଣ, ସ୍ଥାନ: ମୁର୍ଖୁଣ୍ଡି,ବୀରମହାରାଜପୁର ବ୍ଲକ, ସମୟ: ରାତ୍ରି ୧୧ଟା।

## ରାଉରକେଲା
- ହନୁମାନ ଟେମ୍ପଲ ଟ୍ରଷ୍ଟ ପକ୍ଷରୁ ପ୍ରତିଷ୍ଠା ଦିବସ, ସ୍ଥାନ : କୋଏଲନଗର ଡି ବ୍ଲକ , ସମୟ: ସକାଳ ୮ଟା।
- ସ୍ୱାଧିନ ପ୍ରାର୍ଥୀନୀ ଅନୀତର ଧନୱାରଙ୍କ ନାମାଙ୍କନ ଦାଖଲ, ସ୍ଥାନ: ପିଏଆଇଟିଡିଏ, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ବିଧାନସଭା( ରାଉରକେଲା) ପ୍ରାର୍ଥୀନାମାଙ୍କନ ଫର୍ମ ବିକ୍ରୟ, ସ୍ଥାନ: ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଧାନସଭା(ରଘୁନାଥପାଲୀ)ପ୍ରାର୍ଥୀ ନାମାଙ୍କନ ଫର୍ମ ବିକ୍ରୟ, ସ୍ଥାନ: ରାଉରକେଲା ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ବରଗଡ଼
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପାଇକମାଲ କନ୍ଧିଡ଼ିହି, ସମୟ: ସକାଳ ୮ଟା।
- ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଗାଇସିଲେଟ ନାର୍ମେଦେଶ୍ୱର ମହାଦେବ ମନ୍ଦିର କଣ୍ଟାଖୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କ୍ରୀଷ୍ଣା ବିକାଶ ଅନୁଷ୍ଠାନର ପ୍ରତିଷ୍ଠା ଦିବସରେ ଆଲୋଚନାଚକ୍ର, ସ୍ଥାନ: କ୍ରୀଷ୍ଣା ବିକାଶ କ୍ୟାମ୍ପସ ବରାହଗୋଡ଼ା ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ନବ ଦିବସୀୟ ଶିବ ମହାପୁରାଣ ଜ୍ଞାନଯଜ୍ଞ, ସ୍ଥାନ: ଆମ୍ବେଡ଼କର ଛକ ନିକଟସ୍ଥ ଶ୍ୟାମଜୀ ରାଇସ ମିଲ, ସମୟ: ସକାଳ ୬ଟା।
- ଶ୍ରୀରାମ ନବମୀ ପାରାୟଣ ଓ ପ୍ରବଚନ, ସ୍ଥାନ: କେସିଙ୍ଗା ବ୍ଲକର ବାଲସି ଗ୍ରାମସ୍ଥିତ ଘୋଡାବହାଲି, ସମୟ: ଅପରାହ୍ନ ୪ଟା।
- ବିକାଶ ଅନୁଷ୍ଠାନର ପ୍ରତିଷ୍ଠା ଦିବସ, ସ୍ଥାନ: ଭବାନୀପାଟଣା ବିକାଶ ଉଇସ୍‌ଡ଼ମ ପାର୍କ, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ବହିରାରେ ଶ୍ରୀରାମଲୀଳା ଉତ୍ସବର ତ୍ରୟୋଦଶ ସନ୍ଧ୍ୟାରେ ନାଟକ ତରଣୀସେନ ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବୌଦ୍ଧ, ସମୟ: ରାତି ୯ଟା ।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ତ୍ରୟୋଦଶ ଦିବସ ନାଟକ ମହୀରାବଣ ବଧ, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର, କଣ୍ଟାମାଳ , ସମୟ: ରାତି ୯ଟା ।
- ଘଣ୍ଟାପଡାର ଶ୍ରୀଜଗନ୍ନାଥ ନାଟ୍ୟ ସଂସଦର ତ୍ରୟୋଦଶ ଦିବସ ନାଟକ ମହୀରାବଣ ବଧ, ସ୍ଥାନ: ଘଣ୍ଟାପଡା ଶ୍ରୀରାମମଣ୍ଡପ, କଣ୍ଟାମାଳ, ସମୟ: ରାତି ୯ଟା ।
- ବରଗାଁ ପଞ୍ଚାୟତର ମଲିକୁଦର ରାମାୟଣ ନାଟକର ତ୍ରୟୋଦଶ ଦିବସ ନାଟକ ବୀରବାହୁ ବଧ ଓ ରାବଣ ବଧ, ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ,କଣ୍ଟାମାଳ,ସମୟ: ରାତି ୯ଟା ।
- ବୌଦ୍ଧ ସହରର ଶ୍ରୀରାମଲୀଳା ଯାତ୍ରାର ତ୍ରୟୋଦଶ ଦିବସର ନାଟକ ଇନ୍ଦ୍ରଜିତ ବଧ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ ରାତି ୧୦ଟା ।
- ବାଉଁଶୁଣୀ ଶ୍ରୀରାମଲୀଳା ମହୋତ୍ସବର ତ୍ରୟୋଦଶ ଦିବସର ନାଟକ ଇନ୍ଦ୍ରଜିତ ବଧ, ସ୍ଥାନ: ବାଉଁଶୁଣୀ ଛକ, ବୌଦ୍ଧ, ସମୟ: ରାତି ୧୦ଟା ।

## ଦେବଗଡ଼
- ବାବା ସର୍ବେଶ୍ୱର ମନ୍ଦିର ରତ୍ନ ଉତ୍ସବ, ସ୍ଥାନ: ତିଲେଇବନି ବ୍ଲକ ତାଳବାହଲି, ସମୟ: ସକାଳ ୬ଟା ୩୦ ମିନିଟ୍‌ରୁ ଆରମ୍ଭ।

## ଝାରସୁଗୁଡ଼ା
- ଶୀତଳା ଠାକୁରାଣୀଙ୍କ ଷଷ୍ଠ ପୂଜା, ସ୍ଥାନ: ଝାରସୁଗୁଡା ସଦର ବ୍ଲକସ୍ଥିତ ରେଲୱେ କଲୋନୀ ପଡ଼ିଆ, ସମୟ: ସକାଳ ୮ଟା।
- ବ୍ରଜରାଜନଗର ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଓ ଝାରସୁଗୁଡା ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀନୀଙ୍କ ନାମାଙ୍କନପତ୍ର ଦାଖଲ, ସ୍ଥାନ: ଝାରସୁଗୁଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦ ମିନିଟ୍।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ନବମସ୍ଥ ଚନ୍ଦ୍ର ହେତୁ ପଡ଼ୋଶୀ, ବନ୍ଧୁବାନ୍ଧବ, ସହକର୍ମୀଙ୍କ ସହ ଆତ୍ମୀୟତା ବେଶ୍ ଜମିବ। ବନ୍ଧୁଙ୍କ ସହ ଧାରକରଜ, ଟଙ୍କା ପଇସାକୁ କେନ୍ଦ୍ରକରି କଳହ ଆଶଙ୍କା ଦେଖାଦେଇପାରେ। ସ୍ୱାସ୍ଥ୍ୟ ଓ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ। ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟା ସମାଧାନ ଘଟିବ।

**ବୃଷ**
ଚତୁର୍ଥାଧିପତିଙ୍କ ଶୁଭଦୃଷ୍ଟିରୁ ବନ୍ଧୁ ମିଳନ ସାଙ୍ଗକୁ ଭ୍ରମଣଜନିତ ଆନନ୍ଦ ଅନୁଭବ କରିବେ। ହଠାତ୍ ବାହାରକୁ ଯିବା ସମୟରେ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ମନ ଉଦାସ ରହିବ, ମାତ୍ର ଅପରାହ୍ନକୁ ପରିସ୍ଥିତି ବଦଳିଯିବ। ଉପରିସ୍ଥଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ**
ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ମନ ସଦାବେଳେ ମାନ୍ଦା ରହିବ। ଫଳରେ ନିରୁତ୍ସାହତା ଅନୁଭବ କରିବେ। ଆଜି ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ପଡ଼ିପାରେ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ**
ମୁଖଭାବାଧିପତି ଭାଗ୍ୟସ୍ଥ ଯୋଗୁ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥାରେ ଅନ୍ୟମାନଙ୍କୁ ଆକର୍ଷିତ କରିପାରିବେ। ଆର୍ଥିକ ଉନ୍ନତି, ସାମାଜିକ ସମ୍ମାନ, ଆନୁଷ୍ଠାନିକ କାମରେ ଅଗ୍ରଣୀ ଭୂମିକା ତୁଲାଇବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସ୍ଥଗିତ କାମଟି ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ।

**ସିଂହ**
ଚତୁର୍ଥାଧିପତିଙ୍କ ଶୁଭଦୃଷ୍ଟିରୁ ପାରିବାରିକ ସ୍ନେହ, ସୌହାର୍ଦ୍ଦ୍ୟ ପାଇବା ସହ ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟ ସମ୍ମାନଜନକ ରହିବ। କାର୍ଯ୍ୟସିଦ୍ଧି, ବୈଷୟିକ ଅଭିବୃଦ୍ଧି, ବ୍ୟବସାୟ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ଅର୍ଥ ପାଇ କାମ ହାସଲ କରିବେ ଓ ଭ୍ରମଣ ଯୋଗ ରହିଛି।

**କନ୍ୟା**
ଦୁଃସ୍ଥାନସ୍ଥ ଗ୍ରହ ପ୍ରଭାବରୁ ସାମୟିକ ପ୍ରତିରୋଧର ସାମ୍ନା କରିବାକୁ ପଡିଲେ ମଧ୍ୟ କାମ ଅଟକିବ ନାହିଁ। ଫଳତଃ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ପିଲାଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାର ଆଶଙ୍କା ରହିଛି। ଶାରୀରିକ ଦୁର୍ବଳତା ଦେଖାଦେଇପାରେ।

**ତୁଳା**
ସ୍ୱାତୀ ନକ୍ଷତ୍ର ସକାଶେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଅପରାହ୍ନରେ ଅଫିସ ଭିତରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ବ୍ୟବସାୟରେ ମନୋବଳ ଟାଣ ରହିବ ଏବଂ ଲାଭବାନ୍ ହେବେ। ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ସହଯୋଗ ଅପରିବର୍ତ୍ତିତ ରହିବାରୁ କୌଣସି ବିଶେଷ ଅସୁବିଧା ହେବ ନାହିଁ।

**ବିଛା**
ଦ୍ୱାଦଶ ସ୍ଥାନକୁ ଶୁକ୍ର ଅବଲୋକନ କରୁଥିବାରୁ ପୂର୍ବ ସ୍ଥିରୀକୃତ କାମ ସକାଶେ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହେବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ।

**ଧନୁ**
ଚତୁର୍ଥସ୍ଥ ରାହୁ ସହ ମଙ୍ଗଳ ହେତୁ ଘରର ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ଶିକ୍ଷା, ସନ୍ତାନଙ୍କ ସମସ୍ୟା ବଢ଼ିଯାଇପାରେ। ପୂର୍ବାଷାଢ଼ା ନକ୍ଷତ୍ର ପାଇଁ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମକର**
ସ୍ୱଗୃହୀ ଧନାଧିପତିଙ୍କ ଯୋଗୁ ଆର୍ଥିକ ସାହାଯ୍ୟ ଓ ବାଚନିକ ପ୍ରତିଶ୍ରୁତି ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବ । କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ମାଧ୍ୟମରେ ଜନମନ ହରଣ କରି ପ୍ରଶଂସାର ପାତ୍ର ହୋଇପାରନ୍ତି। ପ୍ରଶାସନ, ଆଇନ, ଅଦାଲତ, ପରିବହନ ଓ ବାଣିଜ୍ୟରେ ଉନ୍ନତି ଘଟିବ।

**କୁମ୍ଭ**
ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ। ପୂର୍ବଭାଦ୍ରବ ନକ୍ଷତ୍ର ଆଜି ଯେଉଁ କାମରେ ହାତ ଦେଲେ ମଧ୍ୟ ସଫଳତା ପାଇବେ।

**ମୀନ**
ରାଶ୍ୟାଧିପତି ଦ୍ୱିତୀୟସ୍ଥ ଯୋଗୁ ଅର୍ଥ, ସମ୍ମାନ, ବନ୍ଧୁପ୍ରୀତି, କାର୍ଯ୍ୟସିଦ୍ଧି ସାଙ୍ଗକୁ ଦିନଟିକୁ କର୍ମତତ୍ପର ରଖିପାରନ୍ତି। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ କ୍ଷେତ୍ରରେ ସାଧାରଣ ସମସ୍ୟା ବେଶି ସମୟ ତିଷ୍ଠି ରହିବ ନାହିଁ।

ଆଜି ଏପ୍ରିଲ ୨୯ ତାରିଖ, ବିଶ୍ୱ ନୃତ୍ୟ ଦିବସ, ବୈଶାଖ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ସୋମବାର, ରାଶିନକ୍ଷତ୍ର-ପୂର୍ବାଷାଢା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ ଓ ଜଳାଶୟ ଖନନ ପାଇଁ ଶୁଭଦିନ। ଦିବା ଘ.୦୫।୨୨ ଗତେ, ଘ.୦୬।୫୭ ମଧ୍ୟେ, ଘ.୧୦।୨୭ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୬।୫୭ ଗତେ, ଘ.୦୮।୩୩ ମଧ୍ୟେ ରାହୁକାଳ ।

# ପ୍ରତି ଜିଲାରେ ଲୋକନୃତ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବ

**ଆଜି ଅନ୍ତର୍ଜାତୀୟ ନୃତ୍ୟ ଦିବସ**



ଭୁବନେଶ୍ୱର,୨୮।୪ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ପରିଚୟ ତା'ର କଳା, ସଂସ୍କୃତିକୁ ନେଇ ସମୃଦ୍ଧ। ତେଣୁ ରାଜ୍ୟର ଲୋକକଳା, ସଙ୍ଗୀତ ଓ ନୃତ୍ୟର ପ୍ରଚାରପ୍ରସାର ପାଇଁ ପ୍ରୟାସ ଚାଲିଛି। ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକକଳା କଳାକାରଙ୍କୁ ଉତ୍ସାହିତ କରାଯାଉଛି। ୱାର୍କଶପ୍‌ରେ ସେମାନଙ୍କୁ ଆହୁରି ଦକ୍ଷ କରାଯାଉଛି। ସରକାରୀ କାର୍ଯ୍ୟକ୍ରମରେ ସବୁବେଳେ ଲୋକନୃତ୍ୟକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏଥର ୨୦୨୪ ନିର୍ବାଚନ ପାଇଁ ଲୋକନୃତ୍ୟକୁ ମଧ୍ୟ ବ୍ୟବହାର କରାଯାଉଛି। ବିଜୁ ଜନତା ଦଳ ସାଧାରଣ ଜନତାଙ୍କ ପାଖରେ ସେମାନଙ୍କ ବାର୍ତ୍ତା ପହଞ୍ଚାଇବାକୁ ଯୋଡ଼ିଶଙ୍ଖ ଲୋକନୃତ୍ୟକୁ ଆପଣେଇଛି। ନିକଟରେ ଲୋକ କଳାକାରଙ୍କ ପାଇଁ ଆର୍ଥିକ ସହାୟତା ରାଶି ବୃଦ୍ଧି କରାଯାଇଥିବାବେଳେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଲୋକନୃତ୍ୟର ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ପଦକ୍ଷେପ ନିଆଯାଉଛି। ଏକାଡେମୀ ସଚିବ ପ୍ରବୋଧ ରଥ କହିଛନ୍ତି, ଲୋକନୃତ୍ୟର ସଂରକ୍ଷଣ ପାଇଁ ଏକାଡେମୀ ପକ୍ଷରୁ ଜିଲା ସ୍ତରରେ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ ହୋଇଛି। ଆଗାମୀ ଆର୍ଥିକ ବର୍ଷରେ ଢେମସା, ଡାଲଖାଇ, ମୋଗଲ ତାମସାରେ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବ। ସେହିପରି 'ଦୀକ୍ଷାନ୍ତ' କାର୍ଯ୍ୟକ୍ରମରେ ଯେଉଁସବୁ ଲୋକନୃତ୍ୟ ସାମିଲ ରହିଛି, ଯେମିତିକି ସଖୀନାଚ, ପରବା, ଦୁରିଆ...ଆଦିର ସଂରକ୍ଷଣ ଓ ପ୍ରୋତ୍ସାହନ କରାଯାଉଛି। ଆଗାମୀ ଦିନରେ ଅଧିକ ପଦକ୍ଷେପ ସ୍ୱରୂପ ପ୍ରତି ଜିଲାରେ ଲୋକନୃତ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବ ବୋଲି ସେ କହିଛନ୍ତି।

## ଜାତୀୟ, ଅନ୍ତର୍ଜାତୀୟ ପରିଚୟ ପାଇଁ ପ୍ରୟାସ ହେଉ

ଓଡ଼ିଶାରେ ଅନେକ ଲୋକନୃତ୍ୟ ରହିଛି। ସମୟକ୍ରମେ କିଛି ଲୁପ୍ତ ଅବସ୍ଥାକୁ ଆସିଗଲାଣି। ହେଲେ ଏବେ ଯେତିକି ବି ଲୋକନୃତ୍ୟ ତିଷ୍ଠି ରହିଛି, ତାହା କେବଳ ଜିଲା ବା ରାଜ୍ୟ ସ୍ତରରେ ଜଣାଶୁଣା। ସବୁ ଲୋକନୃତ୍ୟକୁ ସମାନ ଗୁରୁତ୍ୱ ମିଳିପାରୁ ନାହିଁ କି ପଞ୍ଜୀକୃତ ହୋଇପାରୁନାହିଁ। ଗଞ୍ଜାମରେ ୬୩ଟି ଲୋକନୃତ୍ୟ ରହିଛି। ହେଲେ ପଶୁମୁଖା, ରଣପା, ଯୋଡ଼ିଶଙ୍ଖ ଲୋକନୃତ୍ୟ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜଣାଶୁଣା। ହେଲେ ବାକିସବୁ ଲୋକନୃତ୍ୟ ସ୍ଥାନୀୟ କିମ୍ବା ଜିଲାସ୍ତରରେ ସୀମିତ ରହୁଛି।

## ଲୋକନୃତ୍ୟର ସ୍ଥିତି ଓଡ଼ିଶାରେ ଭଲ

ନିର୍ବାଚନ ପାଇଁ ଏଥର ଯୋଡ଼ିଶଙ୍ଖ ପର୍ଯ୍ୟାପ୍ତ ସୁଯୋଗ ପାଇବ। ସେହିଭଳି ଭାରତଲୀଳା, ଗାହାଣି, ପାଲା, ଦାସକାଠିଆ ମାଧ୍ୟମରେ ମଧ୍ୟ ସରକାରଙ୍କ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ହେବ। ଓଡ଼ିଶାରେ ଦିନକୁ ଦିନ ଲୋକକଳା କ୍ଷେତ୍ରରେ ଭଲ ସୁଯୋଗ ସୃଷ୍ଟି ହେଉଛି। ଦେଶରେ ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଭଲ ରହିଛି। ନିକଟରେ ୫୦ହଜାର କଳାକାରଙ୍କ ପାଇଁ ସହାୟତା ରାଶି ସୁବିଧା ସହ ଆଗାମୀ ଦିନରେ ଆହୁରି ୩୦ହଜାର କଳାକାର ଏହି ସହାୟତା ପାଇପାରିବେ।



ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ହୋଇଥିବା ସିଟିଏମ୍‌ଏସ୍ ସ୍କିମ ଏକ ବହୁତ ଭଲ ପଦକ୍ଷେପ। ମାତ୍ର ତାହାକୁ ଠିକ୍ ଉପାୟରେ ପ୍ରସ୍ତୁତ କରାଯାଇ ନ ଥିବାରୁ ଯେତେଥର ତା'ର ନିୟମ ପରିବର୍ତ୍ତନ ହେଲେ ମଧ୍ୟ କିଛି ନା କିଛି ତ୍ରୁଟି ରହିଯାଉଛି।

**-ଆଲୋକ ବିଶୋଇ, ଉସ୍ତାଦ ବିସ୍‌ମିଲ୍ଲା ଖାଁ ଯୁବ ପୁରସ୍କାରପ୍ରାପ୍ତ କଳାକାର**

## ପ୍ରଡକ୍ସନ ଚାର୍ଜ, ପୋଷାକ ପାଇଁ ଆର୍ଥିକ ସହାୟତା ଦିଆଯାଉ



ଆମର ଲୋକକଳା କ୍ଷେତ୍ରରେ ଅନେକ ଉନ୍ନତି ହେଉଛି। ଥରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପଶ୍ଚିମବଙ୍ଗ ଯାଇଥିଲି। ସେଠାରେ ଓଡ଼ିଶାରେ କିଭଳି ଲୋକନୃତ୍ୟ ଓ ଲୋକକଳାକୁ ପ୍ରୋତ୍ସାହିତ କରାଯାଉଛି ସେ ସମ୍ପର୍କରେ ପଶ୍ଚିମବଙ୍ଗ ଓ ଛତିଶଗଡ଼ର ପ୍ରତିନିଧିମାନେ ମୋଠାରୁ ପଚାରି ବୁଝିଥିଲେ। ଏହାପରେ ଛତିଶଗଡ଼ରେ କଳାକାରଙ୍କୁ ପୁରସ୍କାର ପ୍ରଦାନ ମାଧ୍ୟମରେ ପ୍ରୋତ୍ସାହନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଆମେ ପଦକ୍ଷେପ ନେଲେ ଅନ୍ୟମାନେ ଆମଠୁ ଶିଖିପାରିବେ। କିନ୍ତୁ କେନ୍ଦ୍ରର ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଓଡ଼ିଶାକୁ ଅନେକ ସମୟରେ ଅବହେଳା କରୁଛି। ସେଥିପାଇଁ ଜାତୀୟ ସ୍ତରରେ ପ୍ରଦର୍ଶନ କମିଯାଉଛି। ସେହିପରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅନୁଷ୍ଠାନର ପ୍ରଡକ୍ସନ ଚାର୍ଜ ଉପରେ କିଛି ବ୍ୟବସ୍ଥା କରିବା ସହ ପାରମ୍ପରିକ ପୋଷାକ ପରିପାଟି ପାଇଁ ମଧ୍ୟ ଆର୍ଥିକ ସହାୟତା ଲାଗି ପଦକ୍ଷେପ ନେଲେ ଭଲ ହୁଅନ୍ତା। ଲୋକକଳାକାରମାନେ ସାଂସ୍କୃତିକ ଶିକ୍ଷିତ ହେବା ପାଇଁ ଅଧିକୁ ଅଧିକ କର୍ମଶାଳାର ଆବଶ୍ୟକତା ରହିଛି।

**-ଜଗଦୀଶ ପାଣିଗ୍ରାହୀ, ସମ୍ପାଦକ, ଗଞ୍ଜାମ ଜିଲା ଲୋକ କଳାକାର ମହାସଂଘ**

# ଓଡ଼ିଶାରେ ନବ ଜାଗରଣର ପ୍ରବର୍ତ୍ତକ ଥିଲେ ମଧୁ ବାବୁ




## ଉତ୍କଳଗୌରବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର,୨୮।୪(ଶର୍ମିଷ୍ଠା ପାଣିଗ୍ରାହୀ)**

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା, ବିହାର ଓ ଝାଡ଼ଖଣ୍ଡର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପ୍ରାଣିଗ୍ରାହୀ ଯୋଗଦେଇ କହିଲେ, ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ବିଧାଣି ମଧୁବାବୁ ଜଣେ ଆଇନଜୀବୀ, ଶିଳ୍ପୋଦ୍ୟୋଗୀ, ସମାଜସେବୀ ଓ ସାହିତ୍ୟ-ସଂସ୍କୃତିପ୍ରାଣ ଭାବରେ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଚିର ଅମର ରହିବେ। ଓଡ଼ିଆ ଜାତି ପାଇଁ ତାଙ୍କ ତ୍ୟାଗ ଓ ତପସ୍ୟା ଅତୁଳନୀୟ। ବିଚ୍ଛିନ୍ନାଞ୍ଚଳ ସହିତ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଏବଂ ଓଡ଼ିଶାରେ କୁଟୀର ଶିଳ୍ପର ବିକାଶ ସହିତ କୃଷି, ବାଣିଜ୍ୟ, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ନବ ଜାଗରଣର ପ୍ରବର୍ତ୍ତକ ଥିଲେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସୁଶାନ୍ତ କୁମାର ଦାଶ ଯୋଗଦେଇ କହିଲେ, ମଧୁବାବୁ ଓଡ଼ିଆମାନଙ୍କ ଭିତରେ ଜାତୀୟତାର ମହାପ୍ରବାହ ସୃଷ୍ଟି କରିବା ଲକ୍ଷ୍ୟରେ ଉତ୍କଳ ସମ୍ମିଳନୀର ମହାମନ୍ତ୍ର ଘୋଷଣା କରି ସତ୍ୟ ଓ ବିଶ୍ୱାସର ଯାଦୁକରୀ ସ୍ପର୍ଶରେ ସମସ୍ତ ଓଡ଼ିଆ ଜାତି ମଧ୍ୟରେ ଉଦ୍‌ବେଳନ ସୃଷ୍ଟି କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଓ ଲେଖକ ଭାଗବତ ଶୁକ୍ଳା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଓଡ଼ିଶା ପ୍ରଦେଶ ଓ ଭାଷାର ଉନ୍ନତି ପାଇଁ ତାଙ୍କ ଉଦ୍ୟମ ସର୍ବଦା ପ୍ରଶଂସନୀୟ। ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନରେ ଉନ୍ନତି ଆଣିବା ସହ ମାତୃଭୂମି ଓ ମାତୃଭାଷାର ଉନ୍ନତି ପାଇଁ ତାଙ୍କର ଆଜୀବନ ସଂଗ୍ରାମର ଫଳ ସ୍ୱରୂପ ୧୯୩୬ ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହୋଇଥିଲା ବୋଲି ସେ ପ୍ରକାଶ କରିଥିଲେ। ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସଭାପତିତ୍ୱ କରି କହିଲେ, ମଧୁବାବୁ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ ଏବଂ ନଭଶ୍ଚୁମ୍ବୀ ବ୍ୟକ୍ତିତ୍ୱର ଅଧିକାରୀ। ବିଭାଗର ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତ ମହାସାଗର ହେବ ସ୍ଥାୟୀ ଗ୍ରୀଷ୍ମ ଲହର ଅଞ୍ଚଳ

## ଅଧ୍ୟୟନରେ ପୂର୍ବାନୁମାନ

**ନୂଆଦିଲ୍ଲୀ,୨୮।୪ (ପି.ଟି.)**

ଭାରତରେ କିଛିଦିନ ହେଲା ଗ୍ରୀଷ୍ମ ଲହର ଜାରି ରହିଥିବାବେଳେ ଓଡ଼ିଶା ସମେତ କର୍ନାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ କେରଳରେ ସର୍ବାଧିକ ତାପମାତ୍ରା ଅନୁଭୂତ ହେଉଛି। ଆଗାମୀ ଦିନରେ ଭାରତ ମହାସାଗରରେ ପାଖାପାଖି ସ୍ଥାୟୀ ଗ୍ରୀଷ୍ମ ଲହର ଅନୁଭୂତ ହେବାକୁ ଯାଉଥିବା ଏକ ଅଧ୍ୟୟନରେ ପୂର୍ବାନୁମାନ କରାଯାଇଛି। ଉକ୍ତ ଅଧ୍ୟୟନରେ କୁହାଯାଇଛି ଯେ, ୨୦୨୦ରୁ ୨୧୦୦ ମଧ୍ୟରେ ଭାରତ ମହାସାଗର ଉପରିଭାଗର ତାପମାତ୍ରା ୧.୪ ଡିଗ୍ରୀରୁ ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବ। ଫଳରେ ବିଭିନ୍ନ ଦେଶରେ ଏହାର ବିନାଶକାରୀ ପରିଣାମ ପଡ଼ିବ।

ଭାରତ ମହାସାଗର ତାପମାତ୍ରା ବୃଦ୍ଧି ଯୋଗୁ ଏକବିଂଶ ଶତାବ୍ଦୀ ଶେଷ ବେଳକୁ ବର୍ଷକୁ ୨୨୦ରୁ ୨୫୦ ଦିନ ହିଟ୍‌ୱେଭ୍ ଅନୁଭୂତ ହୋଇପାରେ। ଉତ୍ତାପ ବୃଦ୍ଧି ଯୋଗୁ ସାମୁଦ୍ରିକ ବାତ୍ୟା ବଢ଼ିବା ସହ ମୌସୁମୀ ପ୍ରଭାବିତ ହେବ ଏବଂ ସମୁଦ୍ର ଜଳସ୍ତର ବଢ଼ିବ ବୋଲି ନୂତନ ଅଧ୍ୟୟନରେ କୁହାଯାଇଛି। ପୁଣେର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ ମେଟେରୋଲୋଜି (ଆଇଆଇଟିଏମ୍)ର ଜଳବାୟୁ ବୈଜ୍ଞାନିକ ରକ୍ସି ମାଥ୍ୟୁ କୋଲ୍ ଉକ୍ତ ଅଧ୍ୟୟନର ନେତୃତ୍ୱ ନେଇଥିଲେ। କେବଳ ସେତିକି ନୁହେଁ, ସାମୁଦ୍ରିକ ଗ୍ରୀଷ୍ମଲହର ଯୋଗୁ ପ୍ରବାଳଗୁଡ଼ିକ ଧଳା ହୋଇଯିବେ ଏବଂ ଆବାସ ସ୍ଥଳ କ୍ଷତିଗ୍ରସ୍ତ ହେବ। ଏହା ମତ୍ସ୍ୟ ଉତ୍ପାଦନକୁ ପ୍ରଭାବିତ କରିବ ବୋଲି ଅଧ୍ୟୟନରେ କୁହାଯାଇଛି। ଭାରତ ମହାସାଗରର ଦ୍ରୁତ ଉତ୍ତାପ ବୃଦ୍ଧି କେବଳ ଏହାର ପୃଷ୍ଠଭାଗରେ ସୀମିତ ରହିବ ନାହିଁ ୨,୦୦୦ ମିଟର ଗଭୀର ପର୍ଯ୍ୟନ୍ତ ଉତ୍ତାପ ଅନୁଭୂତ ହେବ। ଭବିଷ୍ୟତରେ ସମୁଦ୍ର ଆହରଣ କରି ଗଚ୍ଛିତ କରି ରଖୁଥିବା ବର୍ଦ୍ଧିତ ଉତ୍ତାପ ପରିମାଣ ପ୍ରତି ସେକେଣ୍ଡ, ପ୍ରତିଦିନ ଗୋଟିଏ ହିରୋସୀମା ପରମାଣୁ ବୋମା ବିସ୍ଫୋରଣର ଶକ୍ତି ସହ ସମାନ ହେବ ବୋଲି କୋଲ୍ କହିଛନ୍ତି। ଆରବ ସାଗର ସମେତ ଉତ୍ତରପଶ୍ଚିମ ଭାରତ ମହାସାଗରରେ ସର୍ବାଧିକ ଉତ୍ତାପ ଅନୁଭୂତ ହେବାକୁ ଥିବାବେଳେ ସୁମାତ୍ରା ଓ ଜାଭା ଉପକୂଳରେ ତାପମାତ୍ରା କମ୍ ରହିବ। ସମୁଦ୍ର ତାପମାତ୍ରା ବୃଦ୍ଧି ଫଳରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭୀଷଣ ଜଳବାୟୁ ଘଟଣା ବଢ଼ିପାରେ ବୋଲି ଅଧ୍ୟୟନରେ କୁହାଯାଇଛି। ୧୯୮୦ରୁ ୨୦୨୦ ମଧ୍ୟରେ ଭାରତ ମହାସାଗରର ସର୍ବାଧିକ ତାପମାତ୍ରା ବର୍ଷସାରା ୨୬ରୁ ୨୮ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ରହୁଥିଲାବେଳେ ଏକବିଂଶ ଶତାବ୍ଦୀ ଶେଷ ଭାଗକୁ ସର୍ବନିମ୍ନ ତାପମାତ୍ରା ୨୮.୩ ଡିଗ୍ରୀରୁ ୩୦.୭ ଡିଗ୍ରୀ ମଧ୍ୟରେ ରହିବ ବୋଲି କୁହାଯାଇଛି। ସମୁଦ୍ର ତାପମାତ୍ରା ବଢ଼ିଲେ, ଜଳସ୍ତର ମଧ୍ୟ ବୃଦ୍ଧି ପାଇବ ବୋଲି ଅଧ୍ୟୟନରେ ପୂର୍ବାନୁମାନ କରାଯାଇଛି।



# ଚିତ୍ରଶିଳ୍ପୀ ପଦ୍ମନାଭ ବେହେରାଙ୍କ ପରଲୋକ

**ଭୁବନେଶ୍ୱର,୨୮।୪(ଶର୍ମିଷ୍ଠା ପାଣିଗ୍ରାହୀ)**



ବର୍ଷୀୟାନ ଚିତ୍ରଶିଳ୍ପୀ ପଦ୍ମନାଭ ବେହେରାଙ୍କ ଶନିବାର ରାତି ୨ଟା ୩୦ରେ କଟକସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ଶିଳ୍ପୀ ବେହେରା ୧୯୪୧ରେ କଟକର କଠାଗଡ଼ାସାହି ଶିଳ୍ପୀ ପରିବାରରେ ଜନ୍ମଲାଭ କରିଥିଲେ। ୧୯୬୩ରେ ଖଲ୍ଲିକୋଟ ସରକାରୀ ଚାରୁକଳା ମହାବିଦ୍ୟାଳୟରୁ ଭାରତୀୟ ଚିତ୍ରକଳାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ପୁଣି ଜନ୍ମମାଟି କଟକ ସହରରେ ନିଜ କଳା ସାଧନା ଜାରି ରଖିଥିଲେ। ତାଙ୍କର ଜଳରଙ୍ଗ ଓ ଧୌତ ଚିତ୍ର ରାଜ୍ୟ ସ୍ତରୀୟ ତଥା ଜାତୀୟ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଛି। ସେ ଓଡ଼ିଶା ଲଳିତ କଳା ଏକାଡେ଼ମୀ ପୁରସ୍କାର ସହ ବହୁ ସମ୍ମାନ ଓ ସମ୍ବର୍ଦ୍ଧନା ଲାଭ କରିଛନ୍ତି।



ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ରବିବାର ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଉପରେ ପାଣି ସିଞ୍ଚନ କରାଯାଉଛି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ଯାଞ୍ଚବେଳେ ଗାଡ଼ିରୁ ମିଳିଲା ୩.୬୦ ଲକ୍ଷ ଟଙ୍କା

**ଭୁବନେଶ୍ୱର,୨୮।୪(ସୂର୍ଯ୍ୟକାନ୍ତ ବେହେରା)**

ଶୃଙ୍ଖଳିତ ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯାଇଛି। ବିଭିନ୍ନ ସ୍ଥାନରେ ଟଙ୍କା, ମଦ, ଅସ୍ତ୍ରଶସ୍ତ୍ର ଓ ବେଆଇନ ସାମଗ୍ରୀ କାରବାର ଉପରେ ନଜର ରଖାଯାଉଛି। ରାଜଧାନୀ ଭୁବନେଶ୍ୱରରେ କମିଶନରେଟ ପୋଲିସର ବିଭିନ୍ନ ଥାନା ପକ୍ଷରୁ ମଧ୍ୟ ଜୋରଦାର ଚେକିଂ ଓ ବ୍ଲକିଂ କରାଯାଉଛି। ଶନିବାର ରାତିରେ ଯାଞ୍ଚବେଳେ ଏକ କାରରୁ ନଗଦ ୩.୬୦ ଲକ୍ଷ ଟଙ୍କା ସହ ୧୦ଟି ଚୋରା ବାଇକ ଓ ୫ ଚୋରା ମୋରମ ବୋଝେଇ ଟ୍ରକ ଜବତ କରାଯାଇଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ଚାଳକ ମଦ୍ୟପାନ କରି ଡ୍ରାଇଭ କରୁଥିବାରୁ ମୋଟ ୬୦ରୁ ଅଧିକ ଗାଡି ଜବତ ହୋଇଥିବା ସେ କହିଛନ୍ତି।

ପୋଲିସ ସୂଚନାନୁସାରେ, ଚନ୍ଦ୍ରଶେଖରପୁର ଥାନା ପୋଲିସ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ବ୍ଲକିଂ କରାଯାଇ ଚେକିଂ ଚାଲିଥିଲା। ଓମ୍‌ଫେଡ୍ ଛକରେ ବ୍ଲକିଂ ଓ ଚେକିଂ ଚାଲିଥିବାବେଳେ ଚନ୍ଦକାରୁ ପୁରୀ ସାତଶଙ୍ଖ ଅଭିମୁଖେ ଯାଉଥିବା ଏକ କାରକୁ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ସେଥିରେ ଏକ ପାଣି କମ୍ପାନୀର ମ୍ୟାନେଜର ଯାଉଥିବାବେଳେ ତାଙ୍କ ନିକଟରୁ ୩ ଲକ୍ଷ ୬୦ ହଜାର ଟଙ୍କାର ବିଡା ବିଡା ନୋଟ୍ ମିଳିଥିଲା। ରାତିରେ ଏତେ ଟଙ୍କା ନେଇ କେଉଁଆଡେ ଯାଉଛ ବୋଲି ପୋଲିସ ପଚାରିବାରୁ ସେ କର୍ମଚାରୀଙ୍କୁ ଦରମା ଦେବାକୁ ନେଉଥିବା କହିଥିଲେ। ଫଳରେ ପୋଲିସ ଗାଡି ସହ ମ୍ୟାନେଜରଙ୍କୁ ଛାଡି ଦେଇଥିବାବେଳେ ଉକ୍ତ ଟଙ୍କାକୁ ଜବତ କରି ଅଧିକ ତଦନ୍ତ ଚଳାଇଛି। ସେହିଭଳି ତମାଣ୍ଡୋ ଥାନା ପୋଲିସ ରାତ୍ରି ଚେକିଂବେଳେ ୫ଟି ଚୋରା ମୋରମ ବୋଝେଇ ଟ୍ରକ ଓ ବିଭିନ୍ନ ଥାନା ପକ୍ଷରୁ ୧୦ ଚୋରା ମୋଟରସାଇକେଲ ଜବତ କରାଯାଇଛି। ଏଥିସହ ମଦ୍ୟପାନ କରି ଗାଡି ଚାଳକଙ୍କଠାରୁ ଟ୍ରାଫିକ ଥାନା ପୋଲିସ ୩୪ରୁ ଅଧିକ ଚାରି ଚକିଆ ଓ ୪ ଦୁଇ ଚକିଆ ଯାନ ଧରିଛି। ସହରରେ ମଦ୍ୟପାନ କରି ଗାଡି ଚାଳନା ଘଟଣାରେ ବିଭିନ୍ନ ଥାନା ପକ୍ଷରୁ ମୋଟ ୬୦ରୁ ଅଧିକ ଗାଡି ଜବତ ହୋଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଖଣ୍ଡାରେ ହାଣି ଜଙ୍ଗଲରେ ଫିଙ୍ଗିଲେ

**ନୀଳଗିରି,୨୮।୪(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଅଞ୍ଚଳ ଭାଲୁକାଶୁଣି ନିକଟ ତିନିକୋଶିଆ ଜଙ୍ଗଲରୁ ରବିବାର ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତ ଅସକୁଟି ଗାଁର ଶ୍ରୀରାମ ସିଂ। ତାଙ୍କୁ ୨ଜଣ ଯୁବକ ରାତି ଅଧରେ ଘରୁ ଉଠାଇ ଆଣି ଖଣ୍ଡାରେ ହାଣି ହତ୍ୟା କରିବା ପରେ ମୃତଦେହ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ପୋଲିସ ତଦନ୍ତ ଚଳାଇ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଶ୍ରୀରାମଙ୍କ ଘର ଭଡ଼ା ନେଇ ଜାମଦା ଅଞ୍ଚଳର ଅଶୋକ ସେଠୀ ଫଟୋ ଷ୍ଟୁଡିଓ ଦୋକାନ କରିଥିଲେ। ତେବେ କୌଣସି କାରଣକୁ ନେଇ ଶ୍ରୀରାମ ଓ ଅଶୋକଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଗତ ୨୫ତାରିଖ ରାତିରେ ଅଶୋକ ଏବଂ ତାଙ୍କ ସାଙ୍ଗ ଅଶୋକ ମହାନ୍ତ ଶ୍ରୀରାମଙ୍କୁ ଘରୁ ଡାକିନେଇଥିଲେ। ଉଭୟ ଏକ ମୋଟର ସାଇକେଲରେ ବସାଇ ବାଲେଶ୍ୱର ଜିଲା ନୀଳଗିରି ତିନିକୋଶିଆ ଜଙ୍ଗଲରେ ଏକ ଖଣ୍ଡାରେ ଶ୍ରୀରାମଙ୍କୁ ହାଣି ହତ୍ୟା କରିଥିଲେ। ପରେ ମୃତଦେହ ଜଙ୍ଗଲରେ ଲୁଚାଇ ଦେଇଥିଲେ। ଶ୍ରୀରାମ ଘରକୁ ନ ଫେରିବାରୁ ତହିଁ ପରଦିନ ପରିବାର ଲୋକେ ଶରତ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଶରତ ପୋଲିସ ଏକ ମାମଲା (ନଂ.୪୨/୨୪) ରୁଜୁ କରି ତଦନ୍ତ କରିବା ସହ ଅଶୋକ ସେଠୀ ଏବଂ ଅଶୋକ ମହାନ୍ତଙ୍କୁ ଗିରଫ କରିଛି। ରବିବାର ଶରତ ଥାନା ଅଧିକାରୀ, ମୟୂରଭଞ୍ଜ ସାଇଣ୍ଟିଫିକ ଟିମ୍, ବରହମପୁର ଥାନା ଅଧିକାରୀଙ୍କ ଉପସ୍ଥିତିରେ ଶ୍ରୀରାମଙ୍କ ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ସାରଦାଙ୍କ ପାଇଁ ୭୫୨ ପାହାଚ ଚଢ଼ି ବୈଷ୍ଣବ ଦେବୀଙ୍କ ଦର୍ଶନ କଲେ ସମର୍ଥକ

**ରାଉରକେଲା,୨୮।୪(ଦିନେଶ ମିଶ୍ର)**

ରାଉରକେଲା ନିର୍ବାଚନ ମଣ୍ଡଳୀରେ କିଛି ଦିନ ପୂର୍ବେ ଭାଜପାର ଜଣେ ସମର୍ଥକ ଦଳର ପ୍ରାର୍ଥୀ ଦିଲୀପ ରାୟଙ୍କ ଟାଟୋ ନିଜ ଛାତିରେ ତିଆରି କରି ଚର୍ଚ୍ଚାରେ ରହିଥିବାବେଳେ ରବିବାର ବିଜେଡି ଦଳର ଜଣେ ସମର୍ଥକ ଗୁରୁଣ୍ଡି ଗୁରୁଣ୍ଡି ବୈଷ୍ଣବ ଦେବୀ ମନ୍ଦିର ପାହାଚ ଚଢ଼ି ପୂଜାର୍ଚ୍ଚନା କରିଥିଲେ। ରାଉରକେଲା ବିଧାନସଭାର ବିଜେଡି ପ୍ରାର୍ଥୀ ସାରଦାଙ୍କ ବିଜୟୀ ପାଇଁ ସମର୍ଥକ ପ୍ରତାପ କୁମାର ୭୫୨ ପାହାଚ ଗୁରୁଣ୍ଡି ଗୁରୁଣ୍ଡି ଚଢ଼ି ବୈଷ୍ଣବଦେବୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ।


**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER** NIT No: TPCODL/P&S/NIT/24-25/03

**Bids are invited from eligible Bidders for the following tenders of TPCODL:**

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2024-25/1000000629 | RC for Supply of Three Phase LTCT Meter |
| 2 | TPCODL/CCG/2024-25/1000000631 | RC for Supply of Power Transformer |
| 3 | TPCODL/CCG/2024-25/1000000640 | RC for Supply of Fault Passage Indicator and DCU |
| 4 | TPCODL/CCG/2024-25/1000000643 | RC for Supply of Three Phase HT Meter |
| 5 | TPCODL/CCG/2024-25/1000000644 | RC for Supply of Three Phase Whole Current Meter |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **dtd. 29.04.2024**. Future communication / corrigendum to tender documents, if any, shall be available on TPCODL website.



**PRESS RELEASE**

**ELECTION OBSERVERS' CONTACT DETAILS OF NABARANGPUR DISTRICT**

Any Complaints or grievances relating to Simultaneous General Election, 2024 pertaining to 12 Nabarangpur (ST) PC and 73-Umerkote AC, 74-Jharigam AC, 75-Nabarangpur AC and 76-Dabugam AC may be lodged to the below mentioned Mobile No./Whatsapp No./Email ID

| Sl. No. | Name of the Observer | Observer for PC/ AC | Contact No./ Whatsapp No. | Email ID | Address |
|---|---|---|---|---|---|
| 1 | Sri Pallav Gopal Jha, IAS General Observer | 73-Umerkote AC/ AS, 74-Jharigam AC/AS, 75-Nabarangpur AC/AS 76-Dabugam AC/AS | 9692916499 | genobsnabarangpur@ gmail.com | Room No. 10, Circuit House, Nabarangpur |
| 2 | Sri Arnab Mukherjee, IRS Expenditure Observer | 12-Nabarangpur PC (73-Umerkote AC, 74-Jharigam AC, 75-Nabarangpur AC,76-Dabugam AC, 142-Kotpad AC, 146-Malkangiri AC, 147-Chitrakonda AC) | 7978513516 | obsexppc@gmail.com | Room No. 9, Circuit House, Nabarangpur |
| 3 | Sri. TP salim Kumar, IRS Expenditure Observer | 73-Umerkote AC, 74-Jharigam AC, 75-Nabarangpur AC, 76-Dabugam AC | 8114978370 | eonabarangpuracs@ gmail.com | Room No. 4, Circuit House, Nabarangpur |

**District Election Officer & Collector, Nabarangpur**



यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ,
ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍-୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **ତା.୧୪.୦୫.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକା ଠାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଦାଖଲ ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/** **୧) ଅଜିତ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲି, ଗଞ୍ଜାମ-୭୬୧୦୦୩, **୨) ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲି, ଗଞ୍ଜାମ-୭୬୧୦୦୩ / **ବକେୟା ଦେୟ: ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା** (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲି, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି କିମ୍ବା ୫୨୩ ବର୍ଗଫୁଟ ଏବଂ ଏହାର ଚଉହଦ୍ଦି- ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ଜାଗା, ଦକ୍ଷିଣ: କରୁଣା ରାଉଳଙ୍କ ଜାଗା | ଟ.୧,୧୦,୦୦୦/- / ଟ.୧୧,୦୦୦/- / ଟ.୧,୧୦୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |
| ୨. | **କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/** **୧) ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରିଷ୍ଣା ପଣ୍ଡିତ, **୨) ସରୋଜିନୀ ପଣ୍ଡିତ,** ସ୍ୱାମୀ: ଅଲି କ୍ରିଷ୍ଣା ପଣ୍ଡିତ, ଉଭୟଙ୍କ ଠିକଣା- ସା: ପ୍ରେମ ନଗର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ/ **ବକେୟା ଦେୟ: ୦୩.୦୮.୨୦୧୯ ସୁଦ୍ଧା ଟ.୯,୬୭,୮୦୨/- ଏବଂ ଟ.୧୨,୪୮,୬୦୪/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ସରୋଜିନୀ ପଣ୍ଡିତ** (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୮, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୪୧ଡିସିମିଲି ଏବଂ ଏହାର ଚଉହଦ୍ଦି- ପୂର୍ବ: ବିକ୍ରେତାଙ୍କ ଅବଶିଷ୍ଟ ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପାର୍ଟିଙ୍କ ଅବଶିଷ୍ଟ ଜମି | ଟ.୨,୧୧,୦୦୦/- / ଟ.୨୧,୦୦୦/- / ଟ.୨,୧୦୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |
| ୩. | **କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/** **୧) ଶ୍ରୀ ଅରୁଣ ଗୌଡ,** ପିତା: କାଶି ଗୌଡ, **୨) ଶ୍ରୀ କାଶି ଗୌଡ, ୩) ସିମାଞ୍ଚଳ ଗୌଡ,** ସମସ୍ତଙ୍କ ଠିକଣା- ସା: ଲାଠି, ଅଡା ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା/ **ବକେୟା ଦେୟ: ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଅରୁଣ ଗୌଡ, କାଶି ଗୌଡ ଏବଂ ସିମାଞ୍ଚଳ ଗୌଡ** (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚଉହଦ୍ଦି- ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ: କାମନା ଗୌଡଙ୍କ ଗୃହ | ଟ.୧,୦୫,୦୦୦/- / ଟ.୧୦,୫୦୦/- / ଟ.୧,୦୫୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |
| ୪. | **ଛତ୍ରପୁର-୨ ଶାଖା/ଫୋନ୍: ୯୮୬୭୧୦୧୪୪୯୦/** **୧) ମେସର୍ସ ଅଜମେର କାସ୍ଟ୍ୟୁ ପ୍ରଡକ୍ଟସ୍, ସ୍ୱତ୍ୱାଧିକାରୀ: ଆକବର ବେଗ୍, ୨) ଆକବର ବେଗ୍,** ପିତା: ସାହାଜାହାନ ବେଗ୍, ଉଭୟଙ୍କ ଠିକଣା- ବଜରଙ୍ଗ ନଗର, ଜେଲ୍ ରୋଡ୍, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୨୦/ **ବକେୟା ଦେୟ: ୨୮.୦୮.୨୦୨୨ ସୁଦ୍ଧା ଟ.୫୫,୧୮,୪୬୮.୨୩** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଆକବର ବେଗ୍,** ପିତା: ସାହାଜାହାନ ବେଗ୍, ସା: ବଜରଙ୍ଗ ନଗର, ଜେଲ ରୋଡ୍, ଛତ୍ରପୁରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୩୭/୪୫୩୭, ଖାତା ନଂ.: ୪୪୧/୨୯୫୦, ରେଭିନ୍ୟୁ ମୌଜା: ଛତ୍ରପୁର, ତହସିଲ: ଛତ୍ରପୁର, ସା: ଛତ୍ରପୁର, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୦ଡିସିମିଲି, ଏହାର ଚଉହଦ୍ଦି- ପୂର୍ବ: ରାସ୍ତା, ପଶ୍ଚିମ: ଡ୍ରେନ୍, ଉତ୍ତର: ପ୍ଲଟ୍ ନଂ. ୨୯ ଜମି, ଦକ୍ଷିଣ: ପ୍ଲଟ୍ ନଂ. ୩୧ ଜମି | ଟ.୪,୧୭,୨୦୦/- / ଟ.୪୨,୦୦୦/- / ଟ.୪,୨୦୦/- | ଆକାଉଣ୍ଟ ନଂ.: ୦୭୭୪୧୧୯୮୦୦୫୦୦୦୦ IFSC Code: UBIN0807745 |
| ୫. | **କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/** **୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, **୨) ଦିବ୍ୟ ଲୋଚନ ବେହେରା,** ସ୍ୱାମୀ: ଶତ୍ରୁଘ୍ନ ବେହେରା ଏବଂ **୩) ଶତ୍ରୁଘ୍ନ ବେହେରା,** ପିତା: ସୁବୁଦ୍ଧି ବେହେରା, ଉଭୟଙ୍କ ଠିକଣା- ଗ୍ରାମ: ହୁଣ୍ଡତ, ପୋ: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮/ **ବକେୟା ଦେୟ: ୨୮.୦୮.୨୦୨୨ ସୁଦ୍ଧା ଟ.୫୫,୧୮,୪୬୮.୨୩** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର.୦୪୧ଡିସିମିଲି କିମ୍ବା ୧୭୮୬ ବର୍ଗଫୁଟ, ଏହାର ଚଉହଦ୍ଦି- ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତୀ ସାସମଲଙ୍କ ଜମି, ଉତ୍ତର: ବିକ୍ରେତାଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧,୧୭,୦୦୦/- / ଟ.୧୨,୦୦୦/- / ଟ.୧,୨୦୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |
| ୬. | **ଭାବିନିପୁର ଶାଖା / ଫୋନ୍: ୭୮୯୪୧୧୯୯୧୦ /** **୧) ବି. ଚନ୍ଦ୍ରେୟା,** ପିତା: ବୁରୁଡୁ ସତେୟା, **୨) ବି. ଲଚ୍ଛିମି ଆମ୍ମା,** ସ୍ୱାମୀ: ବି. ଚନ୍ଦ୍ରେୟା, ଉଭୟଙ୍କ ଠିକଣା- ସା: ପଡା ପେଣ୍ଟପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, ଓଡ଼ିଶା, **୩) ରବି ନାରାୟଣ ସାହୁ,** ପିତା: କୃଷ୍ଣ ଚନ୍ଦ୍ର ସାହୁ, ବିଜୟ ବିହାର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା / **ବକେୟା ଦେୟ: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବି. ଲଚ୍ଛିମି ଆମ୍ମାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୧୧, ଖାତା ନଂ.: ୧୨୯୦/୯୮୭, କ୍ଷେତ୍ର: ଏକର୦.୦୨୫ଡିସିମିଲି, ରେଭିନ୍ୟୁ ମୌଜା: ଡୁରା ପେଣ୍ଟପଲ୍ଲୀ, ପଡା ପେଣ୍ଟପଲ୍ଲୀ, ବାହାଦୁର ପେଟା, ଡୁରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଏହାର ଚଉହଦ୍ଦି- ପୂର୍ବ: ପି. ଏରାମ୍ମାଙ୍କ ଘର, ପଶ୍ଚିମ: ବି. ସତେୟାଙ୍କ ଘର, ଉତ୍ତର: ଦଣ୍ଡାସୀ ଷ୍ଟ୍ରିଟ୍, ଦକ୍ଷିଣ: ରାସ୍ତା | ଟ.୧,୧୬,୫୦୦/- / ଟ.୧୧,୭୦୦/- / ଟ.୧,୧୭୦/- | ଆକାଉଣ୍ଟ ନଂ.: ୨୧୭୧୧୧୯୮୦୦୫୦୦୦୦ IFSC Code: UBIN0821713 |

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ୧୩.୦୫.୨୦୨୪ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଏବଂ ସମୟ: ତା.୧୩.୦୫.୨୦୨୪ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,
ଏନକମ୍ବ୍ରାନସେସ୍ ବିବରଣୀ ଯଦି କିଛି ଥାଏ: ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ:
**https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in** ଦେଖନ୍ତୁ।
ପରବର୍ତ୍ତୀ କୌଣସି ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: **ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨**

ଏହି ବିକ୍ରୟ ନୋଟିସଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୮.୦୪.୨୦୨୪ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ତୁମେ ଯେଉଁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ–ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। **–ଶ୍ରୀମା**



# ନୋଟା ହେଉ ପ୍ରାର୍ଥୀ

ଅଷ୍ଟାଦଶ ଲୋକ ସଭା ଲାଗି ଦେଶରେ ନିର୍ବାଚନ ଚାଲିଛି। ୭ ପର୍ଯ୍ୟାୟ ବିଶିଷ୍ଟ ମତଦାନ ପରେ ଜୁନ୍ ୪ରେ ଗଣତି ହେବ ବୋଲି କାର୍ଯ୍ୟସୂଚୀ ସ୍ଥିର ହୋଇଛି। ହେଲେ ୨୨ ଏପ୍ରିଲରେ ଗୁଜରାଟର ସୁରଟ ଲୋକ ସଭା ଆସନରୁ ଭାରତୀୟ ଜନତା ପାର୍ଟି(ଭାଜପା)ର ମୁକେଶ ଦଲାଲ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଅବଶ୍ୟ ତାଙ୍କ ନାମକୁ କୌଣସି ଭାବେ କଦର୍ଥ କରିବା ଉଚିତ ନୁହେଁ। ସେଠାକାର କଂଗ୍ରେସ ପ୍ରାର୍ଥୀଙ୍କ ମନୋନୟନ ପତ୍ର ପ୍ରତ୍ୟାଖ୍ୟାତ ହେବା ଓ ଅନ୍ୟ ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପରେ ଦଲାଲ ବିଜୟୀ ହୋଇଛନ୍ତି। ଲୋକ ପ୍ରତିନିଧି ଆଇନ ୧୯୫୧ ଧାରା ୫୩ (୩) ଅନୁଯାୟୀ ଜଣେ ପ୍ରାର୍ଥୀ କେଉଁ ପରିସ୍ଥିତିରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ଘୋଷିତ ହୋଇପାରିବେ, ସେ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ଅର୍ଥାତ୍ ଯଦି କୌଣସି ନିର୍ବାଚନମଣ୍ଡଳୀରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଜଣେମାତ୍ର ପ୍ରତିଦ୍ୱନ୍ଦ୍ୱିତାରେ ଥିବେ, ସେହି କ୍ଷେତ୍ରରେ ତାଙ୍କୁ ବିଜୟୀ ବୋଲି ଘୋଷଣା କରାଯିବ। ଏଠାରେ ସୁରଟ ଲୋକ ସଭା ଆସନରୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଦଲାଲ ନିର୍ବାଚିତ ହେବାକୁ କେତେକେ ପ୍ରାୟୋଜିତ ବୋଲି କହୁଛନ୍ତି। ଯୁକ୍ତି ଉପସ୍ଥାପନ କରାଯାଉଛି ଯେ, ଯଦି କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଭରିବାରେ ଭୁଲ୍ ଥିଲା ପରବର୍ତ୍ତୀ ସମୟରେ ଅନ୍ୟ ପ୍ରାର୍ଥୀମାନେ କେଉଁ ପରିସ୍ଥିତିରେ ପଡ଼ି ପ୍ରାର୍ଥିପତ୍ର ପ୍ରତ୍ୟାହାର କଲେ।

**ଅନେକେ ପ୍ରାର୍ଥୀ ଥାଆନ୍ତି ସେମାନେ ସମୁଦାୟ ମତଦାନର ୩୦ ପ୍ରତିଶତ ଭୋଟ ନ ପାଇ ମଧ୍ୟ ନିର୍ବାଚିତ ହୋଇଥାଆନ୍ତି। ଅର୍ଥାତ୍ ବାକି ଭୋଟର ସମ୍ପୃକ୍ତ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାତ କଲେ ବୋଲି ଧରାଯିବା କଥା। କିନ୍ତୁ ତାହା ହେଉନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ନିର୍ବାଚନକୁ ନେଇ ବହୁ ପରୀକ୍ଷାନିରୀକ୍ଷା ହେଉଥିବାରୁ ଏବେ ସମୟ ଆସିଲାଣି ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେଉଥିବା ପ୍ରାର୍ଥୀଙ୍କ ଲୋକପ୍ରିୟତା ମାପିବା ଲାଗି କିଛି ପଦ୍ଧତି ବାହାର କରାଯିବା ଦରକାର।**

ଏଭଳି ସ୍ଥଳେ ପ୍ରଖ୍ୟାତ ପ୍ରେରଣାଦାୟୀ ଲେଖକ ଶିବ ଖେରାଙ୍କ ସୁପ୍ରିମକୋର୍ଟରେ ନୋଟା (ନନ୍ ଅଫ୍ ଦି ଏବଭ) ସଂକ୍ରାନ୍ତରେ କରିଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ନେଇ ବିତର୍କ ଆରମ୍ଭ ହୋଇଛି। ସେ ନିଜ ଆବେଦନରେ କହିଛନ୍ତି, ଯଦି କୌଣସି ପ୍ରାର୍ଥୀ ନୋଟାଠାରୁ କମ୍ ଭୋଟ ପାଆନ୍ତି, ତାହା ହେଲେ ତାଙ୍କୁ ୫ ବର୍ଷ ପାଇଁ ନିର୍ବାଚନ ଲଢ଼ିବାରେ ବାରଣ କରାଯିବା ଉଚିତ। ଏଥିସହିତ ନୋଟାକୁ ନିର୍ବାଚନ କମିଶନ ଫିକ୍ସୋନାଲ କ୍ୟାଣ୍ଡିଡେଟ୍ ବା କାଳ୍ପନିକ ପ୍ରାର୍ଥୀ ଭାବେ ବିବେଚନା କରିବା ଲାଗି କହିଛନ୍ତି। ଖେରା ତାଙ୍କ ଆବେଦନରେ ଉଦାହରଣ ଦେଇ କହିଛନ୍ତି, ୨୦୧୮ରେ ମହାରାଷ୍ଟ୍ର ଓ ହରିୟାଣା ରାଜ୍ୟ ନିର୍ବାଚନ କମିଶନ ନୋଟାକୁ ଏକ କାଳ୍ପନିକ ପ୍ରାର୍ଥୀ ଭାବେ ଅଭିହିତ କରି ବିଜ୍ଞପ୍ତି ପ୍ରକାଶ କରିଥିଲେ। ସେଥିରେ କୁହାଯାଇଥିଲା ଯଦି ନୋଟା ଅନ୍ୟ ପ୍ରାର୍ଥୀଙ୍କଠାରୁ ଅଧିକ ଭୋଟ ପାଏ, ତାହା ହେଲେ ସେହି ନିର୍ବାଚନକୁ ରଦ୍ଦ କରାଯିବ। ସର୍ବୋଚ୍ଚ ଅଦାଲତ ଖେରାଙ୍କ ଆବେଦନକୁ ପ୍ରାରମ୍ଭିକ ଅବସ୍ଥାରେ ବିଚାରକୁ ନେବାରେ ଅନିଚ୍ଛୁକ ଥିଲେ। ହେଲେ ଆଇନଜୀବୀ ଗୋପାଳ ଶଙ୍କରନାରାୟଣ ସୁରଟର ଭାଜପା ପ୍ରାର୍ଥୀଙ୍କ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ସମ୍ବନ୍ଧୀୟ ପ୍ରସଙ୍ଗ ଉପସ୍ଥାପନ କରିବା ପରେ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନକୁ ଏହା ଉପରେ ମତ ରଖିବାକୁ କହିଛନ୍ତି। ଶଙ୍କରନାରାୟଣଙ୍କ ଯୁକ୍ତି ହେଉଛି, ଇଲେକ୍ଟ୍ରୋନିକ ଭୋଟିଂ ମେଶିନ୍ (ଇଭିଏମ୍)ରେ ନୋଟା ବିକଳ୍ପ ରହିଥିବାରୁ ଭାଜପା ପ୍ରାର୍ଥୀ ଯଦି ସେହି କାଳ୍ପନିକ ପ୍ରାର୍ଥୀଙ୍କ ସହ ଲଢ଼ିଥାଆନ୍ତେ, ତେବେ ତାଙ୍କ ପ୍ରତି ଜନମତ କ'ଣ ରହିଛି ଜଣାପଡ଼ିଥାଆନ୍ତା।

ଉପରୋକ୍ତ ଯୁକ୍ତି ନିଶ୍ଚିତ ତର୍ଜମାଯୋଗ୍ୟ। ଲୋକ ପ୍ରତିନିଧି ଆଇନ ଅନୁଯାୟୀ ଜଣେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇପାରିବେ। କିନ୍ତୁ ଉକ୍ତ ପ୍ରାର୍ଥୀ ସମ୍ପୃକ୍ତ ନିର୍ବାଚନମଣ୍ଡଳୀରେ କେତେ ଗ୍ରହଣୀୟ ତାହା ଅସ୍ପଷ୍ଟ ରହିଯାଉଛି। ନିୟମକୁ ଧରି ରଖି ନିର୍ବାଚନ କମିଶନ ମୁକେଶ ଦଲାଲଙ୍କୁ ବିଜୟୀ ଘୋଷିତ କରିପାରନ୍ତି। କିନ୍ତୁ ଯଦି ଶଙ୍କରନାରାୟଣନ୍‌ଙ୍କ ଯୁକ୍ତିକୁ ଆଇନସିଦ୍ଧ କରାଯାଏ, ତେବେ ମୁକେଶ ଦଲାଲଙ୍କୁ ନିର୍ବାଚନ ରଣାଙ୍ଗନର ସାମ୍ନା କରିବାକୁ ପଡ଼ିଥାଆନ୍ତା। ତାହା ହୋଇଥିଲେ, ନୋଟାର ବାସ୍ତବତା ପ୍ରମାଣ ହୋଇଥାଆନ୍ତା। ସମସ୍ତେ ଜାଣନ୍ତି ଗଣତନ୍ତ୍ରରେ ସଂଖ୍ୟା ବଳ ହେଉଛି ବଡ଼ କଥା। ତେବେ ଅନେକେ ପ୍ରାର୍ଥୀ ଥାଆନ୍ତି ସେମାନେ ସମୁଦାୟ ମତଦାନର ୩୦ ପ୍ରତିଶତ ଭୋଟ ନ ପାଇ ମଧ୍ୟ ନିର୍ବାଚିତ ହୋଇଥାଆନ୍ତି। ଅର୍ଥାତ୍ ବାକି ଭୋଟର ସମ୍ପୃକ୍ତ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାତ କଲେ ବୋଲି ଧରାଯିବା କଥା। କିନ୍ତୁ ତାହା ହେଉନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ନିର୍ବାଚନକୁ ନେଇ ବହୁ ପରୀକ୍ଷାନିରୀକ୍ଷା ହେଉଥିବାରୁ ଏବେ ସମୟ ଆସିଲାଣି ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେଉଥିବା ପ୍ରାର୍ଥୀଙ୍କ ଲୋକପ୍ରିୟତା ମାପିବା ଲାଗି କିଛି ପଦ୍ଧତି ବାହାର କରାଯିବା ଦରକାର।

# ଇସ୍ତାହାରର ପୃଷ୍ଠଭୂମି ଓ ରାଷ୍ଟ୍ରନୀତି



ହରେକୃଷ୍ଣ ପଣ୍ଡା

ଭାରତୀୟ ନିର୍ବାଚନୀ ଧାରାରେ ରାଜନୈତିକ ଦଳଗୁଡ଼ିକର ଇସ୍ତାହାର ପ୍ରତି ଥର ପ୍ରକାଶ ପାଇଆସୁଛି। ଏହାର ପୃଷ୍ଠଭୂମି କ'ଣ, ଦେଶ ବା ରାଜ୍ୟ ପାଇଁ ଏହାର ଆବଶ୍ୟକତା, ରାଷ୍ଟ୍ରୀୟ ନୀତିର ଏହା ସହାୟକ ହୋଇପାରୁଛି କି ନା ସେ ବିଷୟରେ ନିର୍ବାଚନ କମିଶନରଙ୍କଠାରୁ ଆରମ୍ଭକରି ଦେଶର ରାଷ୍ଟ୍ରନୀତିଜ୍ଞ ପର୍ଯ୍ୟନ୍ତ କେହି ମୂଲ୍ୟାୟନ କରିବା ଦେଖାଯାଇନାହିଁ। ଆମେ ସାଧାରଣତଃ ଜାଣୁ ଏହା ଏକ ଦଳୀୟ ଘୋଷଣାନାମା ଯେଉଁଥିରେ ଦଳ କ୍ଷମତାକୁ ଆସିଲେ ଆଗାମୀ ୫ ବର୍ଷରେ ଦେଶ ପାଇଁ କି କି କାର୍ଯ୍ୟ କରିବେ ତାହା ଏଥିରେ ଲିପିବଦ୍ଧ ହୋଇଥାଏ। ତେବେ ପ୍ରଶ୍ନ ଉଠେ, ଏହା କ'ଣ ରାଷ୍ଟ୍ରୀୟ ନୀତି ଉପରେ ପର୍ଯ୍ୟବସିତ? ଦେଖିବାକୁ ଗଲେ ଏହା କୌଣସି ପ୍ରକାର ରାଷ୍ଟ୍ରୀୟ ନୀତିକୁ ବୁଝାଏ ନାହିଁ। ବରଂ ଏହା ଭୋଟ ବ୍ୟାଙ୍କ ସୃଷ୍ଟି ଆଉ ଭୋଟରମାନଙ୍କ ଭିତ୍ତିଭୂମି ନିର୍ମାଣକୁ ବୁଝାଏ। ଭୋଟରମାନଙ୍କ ମନସ୍ତତ୍ତ୍ୱକୁ ନେଇ ଦଳର ରାଜନୈତିକ ବିଶାରଦମାନଙ୍କ ଦ୍ୱାରା ଏହି ଇସ୍ତାହାର ତିଆରି କରାଯାଇଥାଏ। ବିଜ୍ଞ ତଥା ସଚେତନ ଭୋଟରମାନେ ଦଳୀୟ ଇସ୍ତାହାରକୁ ବିଶ୍ୱାସ କରନ୍ତି ନାହିଁ। କିନ୍ତୁ ଅଜ୍ଞ, ଅଚେତନ ଭୋଟରମାନେ ଏହାକୁ ସହଜରେ ଗ୍ରହଣ କରିନିଅନ୍ତି। ତେଣୁ ସେହିମାନଙ୍କ ପାଇଁ ଅତି ଦଳ ଚତୁରତାର ସହ ଯଥେଷ୍ଟ ପ୍ରଲୋଭନର ପ୍ରତିଶ୍ରୁତି ଏଥିରେ ଦେଇଥାଆନ୍ତି। ଦେଶରେ ଗରିବୀ ହଟାଓ ସ୍ଲୋଗାନ ଆରମ୍ଭରୁ ଏପର୍ଯ୍ୟନ୍ତ ରହିଛି। ବେରୋଜଗାରିଙ୍କୁ ଭତ୍ତା, ମାଗଣା ଖାଦ୍ୟ, ମାଗଣା ବିଜୁଳି, ସଂରକ୍ଷଣ ଦାବି କରୁଥିବା ବିଭିନ୍ନ ବର୍ଗକୁ ସନ୍ତୁଷ୍ଟ କରିବା ପାଇଁ ସଂରକ୍ଷଣ ଅଂଶ ବୃଦ୍ଧି ପାଇଁ ଏଥର ପ୍ରତିଶ୍ରୁତି ଦିଆଯାଇଥିବା ଦେଖାଯାଉଛି। କଂଗ୍ରେସ ଇସ୍ତାହାରରେ ଶିକ୍ଷିତ ଯୁବ ବର୍ଗମାନଙ୍କ ପାଇଁ ପ୍ରତିଶ୍ରୁତି ଦେଖିବାକୁ ମିଳେ। ସିପିଏମ୍ ନିଜ ଇସ୍ତାହାରରେ କେତେକ ଆଇନ ପରିବର୍ତ୍ତନର ପ୍ରତିଶ୍ରୁତି ଦେଇଛି। ସେହିଭଳି ଭାରତୀୟ ଜନତା ପାର୍ଟି ନିଜର ସଂକଳ୍ପ ପତ୍ରରେ ବିକଶିତ ଭାରତ ଉପରେ ଗୁରୁତ୍ୱାରୋପ କରିଛି। ଏହାର ସମୟସୀମା ୨୦୪୭ ପର୍ଯ୍ୟନ୍ତ ନିଆଯାଇଛି। ସଂକଳ୍ପ ପତ୍ରରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଂରକ୍ଷଣ ଆଇନ ସମ୍ପର୍କରେ ପ୍ରତିଶ୍ରୁତି ଦେଇଛି। ଏହିଭଳି ବିଭିନ୍ନ ରାଜନୈତିକ ଦଳ ନିର୍ବାଚନୀ ଇସ୍ତାହାରରେ ବହୁତ ଲୋଭନୀୟ ପ୍ରତିଶ୍ରୁତି ଦେଇଥିବା ଦେଖାଯାଏ।

ତେବେ ଭୋଟରମାନେ ଏହା ଉପରେ ତର୍ଜମା କରିବା ଆବଶ୍ୟକ। କାରଣ ଭାରତର ସମ୍ବିଧାନରେ ଜନମଙ୍ଗଳ ପାଇଁ ବହୁ ନିୟମ ଓ ପ୍ରତିଶ୍ରୁତି ରହିଛି। ଏହାର ଊର୍ଦ୍ଧ୍ୱକୁ ଦଳୀୟ ଇସ୍ତାହାର ଯାଇପାରିଛି କି ନା ତାହା ଦେଖିବା କଥା। ଜନମଙ୍ଗଳକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଆମ ଦେଶରେ ୫ବର୍ଷିଆ ଯୋଜନା ପ୍ରଣୟନର ବ୍ୟବସ୍ଥା ରହିଛି। ସେହି ଯୋଜନାରେ ରାଷ୍ଟ୍ରମଙ୍ଗଳ ପାଇଁ ପ୍ରଚୁର ନିୟମ ଓ ମାର୍ଗଦର୍ଶନ ରହିଛି। ତାହା ଦେଶରେ କିପରି କାର୍ଯ୍ୟକାରୀ କରାଯାଇପାରିବ ସେଥିପାଇଁ କୌଣସି ଦଳ ଚିନ୍ତା ପ୍ରକଟ ନ କରି ଭୋଟରମାନଙ୍କ ଭିତ୍ତିଭୂମିକୁ ଗୁରୁତ୍ୱ ଦେବା ଓ ପ୍ରଲୋଭନର ବୁଢ଼ିଆଣୀ ଜାଲ ତିଆରି କରିବା କେତେଦୂର ସମୀଚୀନ ତାହା ବିଚାର କରାଯିବା ଆବଶ୍ୟକ। ସମ୍ବିଧାନର ଚତୁର୍ଥ ଭାଗରେ ରାଷ୍ଟ୍ର ଶାସନ ପାଇଁ କେତେକ ଆଦର୍ଶ ନୀତିର ବୟାନ କରାଯାଇଛି। ଏହି ନୀତିଗୁଡ଼ିକ ବହୁ ବର୍ଷ ଧରି ବିଦେଶୀ ଶାସନର କୁପରିଣାମ ଓ ଜନସାଧାରଣଙ୍କ ଦୁଃଖର ଲାଘବ ପାଇଁ ଆମ ସମ୍ବିଧାନରେ ସନ୍ନିବେସିତ ହୋଇଛି। ଦେଶରେ ଅର୍ଥନୈତିକ ବିକାଶ, ସମାଜରୁ ଶୋଷଣ, ଦାରିଦ୍ର୍ୟ ଓ ବ୍ୟାଧି ଦୂରୀକରଣ, ଜନମଙ୍ଗଳ ରାଷ୍ଟ୍ର ପ୍ରତିଷ୍ଠାର ମାର୍ଗ ଏଥିରେ ଦର୍ଶାଇ ଦିଆଯାଇଛି। ଏ ସବୁକୁ ସମ୍ବିଧାନରେ ନିର୍ଦ୍ଦେଶମୂଳକ ନୀତି ବୋଲି କୁହାଯାଇଛି। ସରକାର ନିଜ ସୁବିଧାନୁଯାୟୀ ଏଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ କୁହାଯାଇଛି। ଏଠାରେ ପ୍ରଶ୍ନ ଉଠେ ନିର୍ଦ୍ଦେଶମୂଳକ ନୀତି ଓ ମୌଳିକ ଅଧିକାର ଉପରେ। ଏ ଦୁଇଟି ମଧ୍ୟରେ ପ୍ରଭେଦ ରହିଛି। ମୌଳିକ ଅଧିକାର ସାବ୍ୟସ୍ତ କରିବା ପାଇଁ ନ୍ୟାୟାଳୟର ସାହାଯ୍ୟ ନିଆଯାଏ। କିନ୍ତୁ ନିର୍ଦ୍ଦେଶମୂଳକ ନୀତି ଗୁଡ଼ିକ ଯଦି ସରକାର କାର୍ଯ୍ୟକାରୀ ନ କରନ୍ତି ତେବେ ନାଗରିକମାନେ ଏଥିପାଇଁ କୌଣସି ନ୍ୟାୟାଳୟର ସାହାଯ୍ୟରେ ସାବ୍ୟସ୍ତ କରିପାରିବେ ନାହିଁ। ଏଗୁଡ଼ିକ ଆଇନ ପରିସୀମା ବାହାରେ ବୋଲି ବୁଝିବାକୁ ପଡ଼େ। ଠିକ୍ ଦଳୀୟ ଇସ୍ତାହାର ଉପରେ ଯେପରି କୌଣସି ପଦକ୍ଷେପ ନିଆଯାଇପାରିବ ନାହିଁ। ଦଳୀୟ ଇସ୍ତାହାର ପ୍ରକାଶ କରିବା ପାଇଁ କାହାରିକୁ ବାରଣ କରାଯାଇପାରିବ ନାହିଁ। କିନ୍ତୁ ଦଳୀୟ ଇସ୍ତାହାର ତା'ର ଲକ୍ଷ୍ୟ ସମ୍ବିଧାନର ନିର୍ଦ୍ଦେଶମୂଳକ ନୀତି ଉପରେ ପର୍ଯ୍ୟବସିତ ହେବା ଆବଶ୍ୟକ, ଯାହା ଲୋକମାନଙ୍କୁ ଯଥେଷ୍ଟ ଆକୃଷ୍ଟ କରିପାରିବ। ସମ୍ବିଧାନର ୩୬ ଧାରାରୁ ଆରମ୍ଭକରି ୫୧ ଧାରା ପର୍ଯ୍ୟନ୍ତ ନିର୍ଦ୍ଦେଶମୂଳକ ନୀତି ଲିପିବଦ୍ଧ ହୋଇଛି। ଏଥିରେ ଜନମଙ୍ଗଳ ପାଇଁ ଅତି ସୁନ୍ଦର ଓ ସବୁ ପ୍ରକାର ବ୍ୟବସ୍ଥା ଉପରେ ଦିଗ୍‌ଦର୍ଶନ ଦିଆଯାଇଛି। ଯାହାକୁ ଦଳ ଶାସନକୁ ଯିବା ପରେ କିଛିଟା କାର୍ଯ୍ୟକାରୀ କରିପାରିଲେ ବହୁ ଲୋକପ୍ରିୟତା ହାସଲ କରିପାରିବେ। ଏଥିରେ ସର୍ବମୋଟ ୧୬ଟି ଧାରା ରହିଛି। ସମ୍ବିଧାନରେ ଥିବା ନିର୍ଦ୍ଦେଶମୂଳକ ନୀତିଗୁଡ଼ିକୁ ୩ ଭାଗରେ ବିଭକ୍ତ କରାଯାଇଛି। ୧) ସମାଜବାଦ ନୀତି: ଏହି ନୀତି ଜନମଙ୍ଗଳ ରାଷ୍ଟ୍ର ପ୍ରତିଷ୍ଠାରେ ସହାୟ ହୋଇଥାଏ। ୨) ଗାନ୍ଧିବାଦୀ ନୀତି: ଏହା ପ୍ରଗତିଶୀଳ ରାଷ୍ଟ୍ର ଗଠନ କରିବା ପାଇଁ ଉଦ୍ଦିଷ୍ଟ। ୩) ଉଦାରବାଦୀ ନୀତି: ଏଥିରେ କେତେକ ଉଦାରବାଦୀ ବା ସାଧାରଣ ଜନମଙ୍ଗଳ ନୀତି ଅନ୍ତର୍ଭୁକ୍ତ କରାଯାଇଛି। ଏହି ନୀତିଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏଗୁଡ଼ିକ ଭାରତକୁ ଏକ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବା ପାଇଁ ଜନପ୍ରତିନିଧିଙ୍କୁ ବୈଧାନିକ କ୍ଷମତା ପ୍ରଦାନ କରିଛି। ଏକ ଜନମଙ୍ଗଳ ରାଷ୍ଟ୍ରରେ ରାଜନୈତିକ ସ୍ୱାଧୀନତା ଯେତିକି ଦରକାର, ସାମାଜିକ ଓ ଅର୍ଥନୈତିକ ସ୍ୱାଧୀନତା ମଧ୍ୟ ସେତିକି ଦରକାର। ତେଣୁ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସରକାର ବଳିଷ୍ଠ ପଦକ୍ଷେପ ନେବାକୁ ସମ୍ବିଧାନ ମନାକରି ନାହିଁ। କିନ୍ତୁ ସମ୍ବିଧାନର ବାହାରେ ରହି ଲୋକମାନଙ୍କୁ ଅଧିକ ପ୍ରତିଶ୍ରୁତି ଦେବାର ଆବଶ୍ୟକତା ନାହିଁ। ବରଂ ଦଳୀୟ ଇସ୍ତାହାର ଏହା ଉପରେ ପର୍ଯ୍ୟବସିତ ହେଲେ ଦେଶର ମଙ୍ଗଳ ସାଧନ ହୋଇପାରିବ। ଦେଶ ପାଇଁ କୌଣସି ନୂତନ ଯୋଜନାର ରୂପରେଖ, ପ୍ରତିଶ୍ରୁତି, ନେତୃତ୍ୱ ବାହାନାରେ ନୂତନ କାର୍ଯ୍ୟକ୍ରମ ବା ଏଜେଣ୍ଡା ଦର୍ଶାଇବା ଅର୍ଥ ସରକାର ନିଜକୁ ପ୍ରଚାରସର୍ବସ୍ୱରେ ପରିଣତ କରିବାର ଲାଳସା ବୋଲି ଧରାଯିବ।



ଦଳୀୟ ଇସ୍ତାହାର ପ୍ରକାଶ କରିବା ପାଇଁ କେହି ମନା କରିପାରିବେ ନାହିଁ। କିନ୍ତୁ ଇସ୍ତାହାରରେ ଯାହା ପ୍ରକାଶ କରାଯାଉଛି ତାହା ରାଷ୍ଟ୍ରୀୟ ନୀତିର ପରିପନ୍ଥୀ ବୋଲି ବୁଝା ପଡୁଛି। ଦଳୀୟ ଇସ୍ତାହାର ଜନମାନସକୁ ବିଭ୍ରାନ୍ତକର ପରିସ୍ଥିତି ସୃଷ୍ଟି କରୁଥିବା ଅନୁଭୂତ ହୁଏ। ଦଳୀୟ ଇସ୍ତାହାରରେ ଅନୁସୂଚିତ ଜାତି, ଜନଜାତି, ଓ ସଂଖ୍ୟାଲଘୁମାନଙ୍କୁ ଯେପରି ପ୍ରତିଶ୍ରୁତି ଦିଆହେଉଛି, ମାଗଣା ଯୋଜନାଗୁଡ଼ିକର ଯେଉଁଭଳି ଅବତାରଣା କରାଯାଉଛି ତାହା ବଦଳରେ ରାଷ୍ଟ୍ରୀୟ ନୀତିକୁ କାର୍ଯ୍ୟକାରୀ କରିବାର ପ୍ରତିବଦ୍ଧତା ଯଦି ଇସ୍ତାହାରରେ ଦର୍ଶାଯାଆନ୍ତା ତେବେ ଗଣତାନ୍ତ୍ରିକ ବ୍ୟବସ୍ଥାର ଉନ୍ନତି ଘଟନ୍ତା। ଏପରିକି ଏଥର କେତେକ ଦଳୀୟ ଇସ୍ତାହାରରେ ଗତ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଏବଂ ନିଜକୁ ସୁହାଇଲା ଭଳି ଆଇନର ପ୍ରବର୍ତ୍ତନ ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଯାହା ରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ସହ ଗଣତନ୍ତ୍ରର ସୁସ୍ଥ ପରମ୍ପରାକୁ ନଷ୍ଟ କରିଦେବାର ମାନସିକତା ସୁସ୍ପଷ୍ଟ। ତୃଣମୂଳ କଂଗ୍ରେସର ନିର୍ବାଚନୀ ଇସ୍ତାହାରରେ ସିଏଏ, ୟୁସିସି ଉଚ୍ଛେଦ ପାଇଁ ପ୍ରତିଶ୍ରୁତି ଦିଆଯାଇଛି, ଯାହା ରାଷ୍ଟ୍ରୀୟ ନୀତିକୁ ବିରୋଧକରେ। ନିର୍ବାଚନ ପୂର୍ବରୁ ଦଳ ଗୁଡ଼ିକ ଯଦି ସାମ୍ବିଧାନିକ ଜନମଙ୍ଗଳକାରୀ ଧାରା କାର୍ଯ୍ୟକାରୀ କରିବା ଉପରେ ଜୋର ଦିଅନ୍ତେ ଏବଂ କାର୍ଯ୍ୟରେ ପରିଣତ କରି ଦେଖାଇ ଦିଅନ୍ତେ ତେବେ ସେମାନେ ଅନାୟାସରେ ଅପ୍ରତିଦ୍ୱନ୍ଦ୍ୱୀ ନେତା ବା ସରକାର ବୋଲାନ୍ତେ। କିନ୍ତୁ ତାହା ନ କରି ଭୋଟରଙ୍କୁ ପ୍ରଲୋଭିତ କଲାଭଳି ନିଜକୁ ଏବଂ ନିଜ ଦଳକୁ ସୁହାଇଲା ଭଳି ଯେଉଁ ପ୍ରତିଶ୍ରୁତି ଦିଆଯାଉଛି ତାହା କେବେହେଲେ ରାଷ୍ଟ୍ର ପାଇଁ ମଙ୍ଗଳକର ନୁହେଁ। ଇସ୍ତାହାରରୁ ଜଣାପଡ଼େ ଦଳର ବିଚାରଧାରା କିପରି? ସେହି ଅନୁସାରେ ସେମାନେ କାର୍ଯ୍ୟ କରନ୍ତି ତାହା ଦେଶ ପାଇଁ ଓ ଗଣତନ୍ତ୍ର ପାଇଁ ଅସ୍ଥିରତା ସୃଷ୍ଟିକରେ। ତେଣୁ ଦଳୀୟ ଇସ୍ତାହାର ସବୁ ବେଳେ ରାଷ୍ଟ୍ରୀୟ ନୀତି ଉପରେ ପର୍ଯ୍ୟବସିତ ହେଉ, ଯାହା ଭାରତବାସୀ ରାଜନୈତିକ ଦଳଗୁଡ଼ିକରୁ ଆଶା କରନ୍ତି।

**ସୟଦପୁର, ଯାଜପୁର**
**ମୋ: ୯୪୩୭୩୧୫୬୨୩**

# ଯନ୍ତା ଭିତରେ ପ୍ରେସ୍ ସ୍ୱାଧୀନତା



ଜନାର୍ଦ୍ଦନ ପତି

୨୦୧୪ ଠାରୁ ଭାରତର ପ୍ରେସ୍ ସ୍ୱାଧୀନତା ଉପରେ ଜଘନ୍ୟ ଆକ୍ରମଣ ଆରମ୍ଭ ହୋଇଛି। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବାପରଠାରୁ ଏ ପର୍ଯ୍ୟନ୍ତ ଥରେ ବି ପ୍ରେସ୍ ସମ୍ମିଳନୀ କରିନାହାନ୍ତି ବା ସାମ୍ବାଦିକମାନଙ୍କୁ ପ୍ରଶ୍ନ ପଚାରିବାର ସ୍ୱାଧୀନତା ନେଇନାହାନ୍ତି। ଏପରି କି ଗତ ସେପ୍ଟେମ୍ବର ୨୦୨୩ରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜୋ–ବାଇଡେନ୍ ଜି–୨୦ ବୈଠକରେ ଯୋଗ ଦେବାକୁ ଆସିଥିବା ଅବସରରେ ଭାରତରେ ସାମ୍ବାଦିକ ସମ୍ମିଳନୀ ପାଇଁ ସେ କହିଲେ ମଧ୍ୟ ତାହା କରାଇ ଦିଆଗଲା ନାହିଁ। କଂଗ୍ରେସ ନେତା ଜୟରାମ ରମେଶ ତାଚ୍ଛଲ୍ୟ କରି ଲେଖିଥିଲେ ଯେ, 'ମୁଁ ସାମ୍ବାଦିକ ସମ୍ମିଳନୀ କରିବି ନାହିଁ କିମ୍ବା କରାଇ ଦେବି ନାହିଁ।' ଭାରତରୁ ଭିଏତ୍‌ନାମ ଯାଇ ବାଇଡେନ୍ ସେଠାରେ ସାମ୍ବାଦିକମାନଙ୍କୁ କହିଥିଲେ ଯେ, ସେ ମୋଦିଙ୍କୁ ତିନୋଟି ପ୍ରସଙ୍ଗ କହିଛନ୍ତି। ସେଗୁଡ଼ିକ ହେଉଛି– ମାନବିକ ଅଧିକାର, ପ୍ରେସ ସ୍ୱାଧୀନତା ଓ ସିଭିଲ ସୋସାଇଟି।

କଶ୍ମୀରରେ ସାମ୍ବାଦିକମାନଙ୍କୁ ବିନା କାରଣରେ ଜେଲରେ ରଖାଯାଉଛି। ସୁଲତାନ ନାମକ ଜଣେ ସାମ୍ବାଦିକଙ୍କୁ ୨୦୧୮ରେ ଗିରଫ କରାଯାଇ ଜେଲକୁ ପଠାଇ ଦିଆଗଲା। ଚାରିବର୍ଷ ପରେ ତାଙ୍କୁ ଅଦାଲତ ନିର୍ଦ୍ଦୋଷ ଘୋଷଣା ପରେ ସେ ଜେଲ ଗେଟ୍ ଅତିକ୍ରମ କରିବା ପୂର୍ବରୁ ତାଙ୍କୁ ଗିରଫ କରାଯାଇ ଉତ୍ତରପ୍ରଦେଶର ଜେଲକୁ ପଠାଇ ଦିଆଗଲା। ସେଠାରେ ମଧ୍ୟ ଅଭିଯୋଗମୁକ୍ତ ହେବାପରେ ପୁଣି ଗିରଫ ହୋଇଛନ୍ତି। ଧାରା ୩୭୦ ବାତିଲ ହେବା ପରଠାରୁ କଶ୍ମୀରର ଆଠଜଣ ସାମ୍ବାଦିକଙ୍କୁ ଗିରଫ କରାଯାଇଛି। ସାମ୍ବାଦିକମାନଙ୍କୁ ଗିରଫ ଓ ଜେଲ ପଠାଇ ସରକାର ଏକ ଆତଙ୍କ ସୃଷ୍ଟି କରିଛି। ନିଉଜ୍ ଉଇକ୍‌ର ପ୍ରତିଷ୍ଠାତା ଓ ଚିଫ୍ ଏଡିଟର ପ୍ରବୀର ପୁରକାୟସ୍ଥାଙ୍କୁ ଗତବର୍ଷ ଅକ୍ଟୋବରରୁ ଗିରଫ କରାଯାଇଛି।

ଭାରତରେ ପ୍ରଚାର ମାଧ୍ୟମ ବିଶେଷକରି ବହୁଳ ପ୍ରସାରିତ ସମ୍ବାଦପତ୍ର ଓ ଆଞ୍ଚଳିକ ସମ୍ବାଦପତ୍ରଗୁଡ଼ିକ ସରକାରଙ୍କ ଗୁଣଗାନ କରି ଚାଲିଛନ୍ତି। ଖୁବ୍ ଅଳ୍ପ ସଂଖ୍ୟକ ସମ୍ବାଦପତ୍ର ଓ ସୋସିଆଲ ମିଡିଆ ନିରପେକ୍ଷ ସମ୍ବାଦ ପରିବେଷଣ କରୁଛନ୍ତି। ମାତ୍ର ସେମାନେ ମଧ୍ୟ ଆକ୍ରମଣରୁ ମୁକ୍ତ ନୁହନ୍ତି। ଦି ୱାର, ନିଉଜ୍ ଲଣ୍ଡ୍ରି, ଜନହିତ, ଦେଶଭକ୍ତ ଭଳି ସୋସିଆଲ ମିଡିଆର ଅଫିସ୍‌କୁ ତଲାସି କରାଯାଉଛି।

ବହୁଦିନରୁ ପରିଚିତ ପି.ଟି.ଆଇ. ଓ ୟୁ.ଏନ.ଆଇ. ଖୁବ୍ ଚ୍ୟାଲେଞ୍ଜ ନେଇ ଗତି କରୁଥିବା ବେଳେ ୧୯୪୮ରେ ଆର.ଏସ୍.ଏସ୍. ଦ୍ୱାରା ପ୍ରତିଷ୍ଠିତ 'ହିନ୍ଦୁସ୍ତାନ ସମାଚାର' ନିଉଜ ଏଜେନ୍ସିର ପ୍ରସାର ବଢ଼ି ଚାଲିଛି। ସରକାରଙ୍କୁ ପ୍ରଶ୍ନ ପଚାରିଲେ ସାମ୍ବାଦିକମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଉଛି। ତା'ସତ୍ତ୍ୱେ ରବିଶ କୁମାର, ଅଭିଶାର ଶର୍ମା, ପ୍ରସୂନ ବାଜପେୟୀ, ଧ୍ରୁବ ରାଠି ଓ ଅନେକ ସାମ୍ବାଦିକ ଭୟ ନ କରି ସ୍ପଷ୍ଟ ଭାବେ ନିରପେକ୍ଷ ସମ୍ବାଦ ପରିବେଷଣ କରୁଛନ୍ତି।



ଗତବର୍ଷ ବିବିସି ପ୍ରଧାନମନ୍ତ୍ରୀଙ୍କ ଗୁଜରାଟ ମୁଖ୍ୟମନ୍ତ୍ରୀ କାଳରେ ହୋଇଥିବା ଦଙ୍ଗା ସମ୍ପର୍କିତ ଏକ ଭିଡିଓ ପ୍ରଚାର କରିଥିବାରୁ ବିବିସିର ଦିଲ୍ଲୀ ଓ ମୁମ୍ବାଇ ଅଫିସ ଉପରେ ଚଢ଼ାଉ କରାଯାଇଥିଲା।

ପ୍ରେସ ସ୍ୱାଧୀନତା ତାଲିକାରେ ଭାରତର ସ୍ଥାନ ତଳକୁ ତଳକୁ ଯାଉଛି। ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୬୧ରେ ପହଞ୍ଚିଛି। ଭାରତରେ ଭାଜପା ସରକାର ପ୍ରେସ୍‌କୁ ବିରୋଧୀ ଦଳମାନଙ୍କ ବିରୋଧରେ ଲଗାଉଛି। ଗୋଦି ମେଡିଆ ସରକାରଙ୍କୁ ପ୍ରଶ୍ନ ନ କରି ବିରୋଧୀମାନଙ୍କୁ ପ୍ରଶ୍ନ କରୁଛି। ଏ କ୍ଷେତ୍ରରେ ଦି–ନିଉଜ୍, ଟାଇମସ୍ ନାଓ, ରିପବ୍ଲିକ ଭାରତ, ରିପବ୍ଲିକ ଟି.ଭି., ଆଜ୍‌ତକ୍, ଏବିପି ନିଉଜ୍, ସୁଦର୍ଶନ ନିଉଜ୍, ସି.ଏନ.ଏନ.–ନିଉଜ୍–୧୮, ଇଣ୍ଡିଆ ଟିଭି, ଟୁଡେ, ଏନ.ଡି.ଟିଭି ଓ ଆଉ ଅନେକ ଟିଭି ଚାନେଲ ୨୪ଘଣ୍ଟା ଧରି ସରକାର ସପକ୍ଷରେ କୀର୍ତ୍ତନ କରୁଛନ୍ତି। ଗୋଟିଏ ହିସାବରୁ ପ୍ରକାଶ ଯେ, ଅମ୍ବାନି କମ୍ପାନୀ ୭୨ଟି ଟିଭି ଚାନେଲର ମାଲିକ ଓ ୮୦ କୋଟି ଲୋକ ଏହାକୁ ଦେଖୁଛନ୍ତି। ଖାଲି ସେତିକି ନୁହେଁ, ସେମାନେ ହିନ୍ଦୁତ୍ୱବାଦୀ କାର୍ଯ୍ୟକ୍ରମକୁ ପ୍ରଚାର ଚଳାଇଛନ୍ତି। ଭାରତରେ ଏହା ଘଟୁଛି, ଯେଉଁଠି ବୃହତ୍ ପୁଞ୍ଜିପତି ଓ ଧର୍ମାନ୍ଧ ଓ ସାଂପ୍ରଦାୟିକତାବାଦୀମାନେ ଏକାକାର ହୋଇଛନ୍ତି। ଅର୍ଣ୍ଣବ ଗୋସ୍ୱାମୀ ଓ ସୁଧୀରଙ୍କ ଭଳି ଟିଭି ପ୍ରଚାରକମାନେ ମୁସଲମାନମାନଙ୍କ ବିରୋଧରେ ମିଥ୍ୟା ପ୍ରଚାର ଚଳାଇ ରଖିଛନ୍ତି।

ବିଶିଷ୍ଟ ସାମ୍ବାଦିକ ଶ୍ରୀ ରାଜଦୀପ ସାର୍‌ଦେଶାଇ କହିଛନ୍ତି ମିଡିଆ ଜଗୁଆଳୀ କୁକୁର ନ ହୋଇ ପୋଷା କୁକୁରରେ ପରିଣତ ହୋଇଛି। ବିଶ୍ୱର ଜଣେ ମହାନ୍ ବିପ୍ଳବୀ ଦାର୍ଶନିକ ଲେଖିଥିଲେ– ସମ୍ବାଦପତ୍ର ତିନୋଟି ଭୂମିକା ପାଳନ କରିଥାଏ। ତାହା ହେଉଛି– ଏହା ସମାଜକୁ ସଂଗଠିତ କରାଏ, ଶିକ୍ଷିତ କରାଏ ଓ ଆନ୍ଦୋଳନର ଶିକ୍ଷା ଦିଏ। ଏହା ସମାଜକୁ ନୂତନ ଶିକ୍ଷାଦିଏ, ଲୋକଙ୍କୁ ସଂଗଠିତ କରାଇଥାଏ ଓ ଅନ୍ୟାୟ ବିରୋଧରେ ଆନ୍ଦୋଳନର ଧାରା ଦେଖାଏ।

ଆମ ଦେଶର ସ୍ୱାଧୀନତା ଆନ୍ଦୋଳନ କାଳରେ ଅନେକ ସମ୍ବାଦପତ୍ର ସ୍ୱାଧୀନତା ଆନ୍ଦୋଳନକୁ ନୂତନ ଦିଶା ଦେଖାଇଥିଲେ। ମାତ୍ର ବିଗତ ଦଶବର୍ଷ ମଧ୍ୟରେ ଭାରତର ସମ୍ବାଦପତ୍ର, ଟିଭି ଚାନେଲ ଓ ପତ୍ରପତ୍ରିକାର ଏକ ବଡ଼ ଅଂଶ ଦେଶକୁ ବିଭାଜନ ଭିତରକୁ ଠେଲି ଦେଉଛି। ସମ୍ବାଦ ମାଧ୍ୟମର ଭୂମିକା– ଆଜିର ଏ ସମୟରେ ସୁଦୂର ପ୍ରସାରୀ। ସମ୍ବାଦପତ୍ର ଓ ଟିଭି ଚାନେଲମାନେ ନିରପେକ୍ଷ ସମ୍ବାଦ ପରିବେଷଣ ନ କଲେ, ସେମାନେ ସମାଜରୁ ବଞ୍ଚିତ ହେବେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

**ମୋ:୯୪୩୭୦୦୭୭୭୦**

## ଏଇ ଭାରତରେ

ମାତ୍ର ୪ ବର୍ଷ ବୟସରେ ଦିନକୁ ୪୦ କିଲୋମିଟର ପଦଯାତ୍ରା! ତାହା ପୁଣି ବାପାଙ୍କ ପ୍ରତି ଥିବା ଭଲପାଇବା କାରଣରୁ। ଏଭଳି କାମ କରି ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ନେମେଶ୍ୱରୀ। ମହାରାଷ୍ଟ୍ର ନାସିକ ଜିଲ୍ଲାର ଏହି ଛୋଟ ଝିଅଟି ଏବେ ନର୍ମଦା ପରିକ୍ରମା କରୁଛନ୍ତି। ଏଥିପାଇଁ ସେ ପ୍ରତିଦିନ ୩୦ରୁ ୪୦ କିଲୋମିଟର ଖାଲି ପାଦରେ ଚାଲୁଛନ୍ତି। ପ୍ରକୃତରେ ବର୍ଷେ ପୂର୍ବରୁ ନେମେଶ୍ୱରୀ ପରିକ୍ରମା ନିମନ୍ତେ ସଙ୍କଳ୍ପ କରିଥିଲେ। ୨୦୨୨–୨୦୨୩ରେ ତାଙ୍କ ବାପା ବାଲୁବାଲୁ ବୋଡ୍‌କେ ନର୍ମଦା ପରିକ୍ରମା କରୁଥିଲେ। ସେ ସମୟରେ ନେମେଶ୍ୱରୀ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ ବାପା ଭଲରେ ଘରକୁ ଫେରି ଆସିଲେ ସେ ନର୍ମଦା ପରିକ୍ରମା କରିବେ। ବାପା ଘରକୁ ଫେରିଆସିବା ପରେ ପ୍ରଭୁଙ୍କ ନିକଟରେ କୃତଜ୍ଞତା ସ୍ୱରୂପ ନେମେଶ୍ୱରୀ ଏବେ ନର୍ମଦା ପରିକ୍ରମା ଆରମ୍ଭ କରିଛନ୍ତି। ଏତେ କମ୍ ବୟସରେ ଏମିତି ଏକ ଦୁଃସାହସିକ ପଦକ୍ଷେପ ନେଇ ସେ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ନେମେଶ୍ୱରୀଙ୍କ ମାତାପିତା ମଧ୍ୟ ତାଙ୍କ ସହ ଏହି ଯାତ୍ରାରେ ସାମିଲ୍ ହୋଇଛନ୍ତି। ଏବେ ଏତେ ଖରା ଓ ଗରମରେ ମଧ୍ୟ ନେମେଶ୍ୱରୀ ତାଙ୍କ ସଙ୍କଳ୍ପରୁ ଓହରି ଯାଇ ନାହାନ୍ତି। ଅବିଚଳିତଭାବେ ସେ ଆଗେଇ ଚାଲିଛନ୍ତି। ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହେବା ସହ ମାଆ ନର୍ମଦାଙ୍କର ଆଶୀର୍ବାଦରୁ ଏସବୁ ସମ୍ଭବ ବୋଲି ଲୋକେ କହୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଏପ୍ରିଲ ୧୯୭୫

- କର୍ଣ୍ଣାଟକର ବେଲଗାଓଁ ଜିଲା ସଙ୍ଖେଶ୍ୱର ନିର୍ବାଚନମଣ୍ଡଳିର ବିଧାନ ସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଶ୍ରୀ ସରଭାଦେ ବିଜୟୀ।
- ବାଂଲାଦେଶରେ ଶହେଟଙ୍କିଆ ନୋଟ ଅଚଳ ସମ୍ପର୍କରେ ଅନୁଧ୍ୟାନ କରିବା ନିମନ୍ତେ ୯ଟି ତଦନ୍ତ କମିଟି ଗଠିତ।

## ଚିରନ୍ତନୀ

କଥା ନ ଫୁଟିବ ମୁଖୁ
ନୀରବେ ସମ୍ଭାଳି ବୁକୁ
ରଚିବା ନିଶ୍ଚଳ ଏକ ନୀରବ ରାଇଜ,
ସବୁ ଅଚଞ୍ଚଳ ସ୍ଥିର
ନାହିଁ ଗୀତ ନାହିଁ ଗୀର
ରତ ଯହିଁ ସକଳେ ଗୋ ଧ୍ୟାନେ ନିଜ ନିଜ।
–(ଆଶ୍ଲେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | 6 | | 3 | |
| | | | 8 | | | | | |
| | | | | 4 | | 7 | 5 | |
| | | 7 | 5 | | 3 | 8 | | |
| | | 8 | | 9 | | | | |
| | | 5 | | | 4 | | | 9 |
| | | | | | | 3 | | 7 |
| | | | | 3 | 2 | | 9 | |
| | 1 | 9 | 7 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 4 | 2 | 5 | 1 | 7 | 6 | 3 |
| 5 | 6 | 2 | 7 | 4 | 3 | 9 | 8 | 1 |
| 7 | 1 | 3 | 6 | 8 | 9 | 2 | 4 | 5 |
| 3 | 7 | 1 | 4 | 2 | 8 | 5 | 9 | 6 |
| 2 | 9 | 5 | 3 | 6 | 7 | 8 | 1 | 4 |
| 6 | 4 | 8 | 9 | 1 | 5 | 3 | 2 | 7 |
| 1 | 5 | 6 | 8 | 7 | 2 | 4 | 3 | 9 |
| 4 | 2 | 9 | 5 | 3 | 6 | 1 | 7 | 8 |
| 8 | 3 | 7 | 1 | 9 | 4 | 6 | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭକ୍ତ ବନାମ ଉଚ୍ଛୃଙ୍ଖଳ ଓ ବିଦ୍ରୋହୀ

ମହାଶୟ,
ପୁରୀ ଶ୍ରୀମନ୍ଦିରକୁ ପ୍ରତ୍ୟହ ଦୂରଦୂରାନ୍ତରୁ ଭକ୍ତମାନେ ଆସୁଛନ୍ତି। କିନ୍ତୁ ବର୍ତ୍ତମାନର ଦର୍ଶନ ଅବ୍ୟବସ୍ଥା ଯୋଗୁ ଅଧିକାଂଶ ଭକ୍ତଙ୍କ ମନରେ କ୍ଷୋଭ ତଥା ବିଦ୍ରୋହ ଭାବ ଆସୁଛି। ଏହା କେବଳ ଶ୍ରୀମନ୍ଦିର ପ୍ରଶାସନ ଏବଂ ସରକାରୀ କଳର ମନମୁଖି ନିୟମ ଯୋଗୁ ଘଟିଚାଲିଛି। ଭକ୍ତଟିଏ ଭଗବାନଙ୍କ ଦର୍ଶନାର୍ଥେ ବ୍ୟାକୁଳ। କିନ୍ତୁ ଦର୍ଶନ ନ ପାଇ ଉଚ୍ଛୃଙ୍ଖଳ ହୋଇ ଫେରୁଛି। ଏଥିପାଇଁ ସରକାରଙ୍କର ମଧ୍ୟ ନିଦ ଭାଙ୍ଗୁ ନାହିଁ। କାରଣ ଏହି ଘୋର ଅବ୍ୟବସ୍ଥା ପ୍ରତି ଶ୍ରୀମନ୍ଦିର ପରିଚାଳନା କମିଟିରେ ହୋଇଥିବା ନିଷ୍ପତ୍ତି ମଧ୍ୟ ଆଜି ନାଲିଫିତା ତଳେ ପଡ଼ିରହିଛି। ପରିଚାଳନା କମିଟି ବୈଠକରେ ହୋଇଥିବା ନିଷ୍ପତ୍ତିର ରୂପରେଖ ଏହା ଥିଲା ଯେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମାପନ ହୋଇସାରିବା ପରେ ଚାରିଦ୍ୱାର ଖୋଲାଯିବ। କିନ୍ତୁ ପରିକ୍ରମା ପ୍ରକଳ୍ପର କାମ ପ୍ରାୟ ୩ ମାସ ହେବ ଶେଷ ହୋଇଗଲାଣି। କିନ୍ତୁ ଅଦ୍ୟାବଧି ଏଥିପ୍ରତି କାହାର ନିଘା ନାହିଁ। ପରିଣାମ ସ୍ୱରୂପ ଭକ୍ତମାନଙ୍କର ବିଦ୍ରୋହୀ ଚିନ୍ତାଧାରା କ୍ରମେ ଶ୍ରୀମନ୍ଦିରକୁ ଧସେଇ ପଶିବାର ଘଟଣାବଳୀରୁ ଏହା ସ୍ପଷ୍ଟ ବାରି ହୋଇପଡୁଛି। ତେଣୁ ଯଥାଶୀଘ୍ର ଏହାର ସ୍ଥାୟୀ ସମାଧାନ ଏବଂ ବିକଳ୍ପ ବ୍ୟସ୍ଥା କରାଯିବା ଆବଶ୍ୟକ। ମୋ ମତରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତାମତ ଲୋଡ଼ି ଆବଶ୍ୟକ ମତେ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବା ଏକାନ୍ତ ଅପରିହାର୍ଯ୍ୟ।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତପ୍ତପାଣି ଘାଟିରେ ଓଲଟିଲା ନଳକୂପ ଖନନ ଗାଡ଼ି, ୧୦ ଆହତ

ପାଟପୁର/ଦିଗପହଣ୍ଡି/ମୋହନା, ୨୮।୪ (ସୀମାଞ୍ଚଳ ସାହୁ/ ଅଶେଷନାଥ ମିଶ୍ର/ ମନ୍ମଥ ମିଶ୍ର)

ଗଞ୍ଜାମ ସୀମାନ୍ତ ତପ୍ତପାଣି ଘାଟିରେ ରବିବାର ଭୋରରେ ନଳକୂପ ଖନନ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୧୦ ଜଣ ଆହତ ହୋଇଛନ୍ତି। ପାଟପୁର ପୋଲିସ ଏବଂ ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଛି। ସେମାନେ ହେଲେ ନବରଙ୍ଗପୁର ଜିଲାର ପୂର୍ଣ୍ଣଚନ୍ଦ୍ର ସାହୁ, ଆନନ୍ଦ ଭଦ୍ରା, ଛତିଶଗଡ଼ ଅଞ୍ଚଳର ଯୋଗୀ ବାଗା ଓ ଅରୁଣ ତୋରନ। ଆହତ ନବରଙ୍ଗପୁର ଜିଲା ବୈପାରିଗୁଡ଼ା ବ୍ଲକ କୁନ୍ଦୁରା ଗ୍ରାମର ଜଗନ୍ନାଥ କାକାଡ଼ିଆ, ବିହାରୀଗୁଡ଼ାର ଦୈତାରି ଗୌଡ଼, ଫୁଲବାଣୀ ଅଞ୍ଚଳର ତ୍ରିଲୋଚନ ସାହୁ, ଟ୍ରକଚାଳକ ସନ୍ତ ପ୍ରଧାନ, ଗାରାବନ୍ଧ ଗ୍ରାମର କାଳିଆ କହଁର, ଛତିଶଗଡ଼ ଅଞ୍ଚଳର ରାମ ସୁନ୍ଦର ଦିଗପହଣ୍ଡିରେ ଚିକିତ୍ସିତ ହୋଇଥିଲେ।

ନଳକୂପ ଖନନ ଗାଡ଼ି (ଓଆର ୦ ୭ଭି ୦୭୨୯)ଟି ଗଜପତି ଜିଲା ପାଣିଗଣ୍ଡା ଗ୍ରାମରେ ନଳକୂପ ଖୋଳି ରବିବାର ବ୍ରହ୍ମପୁରକୁ ଫେରୁଥିଲା। ଭୋରରେ ଗାଡ଼ିଟି ତପ୍ତପାଣି ଆଶ୍ରମ ସ୍କୁଲ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବରପାଇ ପାଟପୁର ଥାନା ପୁଡ଼ାମାରି ଫାଣ୍ଡି ଅଧିକାରୀ ପରମେଶ୍ୱର ମଲ୍ଲିକ ସଦଳବଳ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ କଟର ମେସିନରେ କାଟି ଟ୍ରକ ତଳେ ଚାପି ହୋଇ ରହିଥିବା ୪ଜଣଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ପାଟପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୋଲିସ ଜବତ କରିଛି।


ଦୁର୍ଘଟଣାଗ୍ରସ୍ତ ନଳକୂପ ଖନନ ଗାଡ଼ି।

# ୨୨ କେଜି ଗଞ୍ଜେଇ ସହ ବନ୍ଧୁକ ଜବତ

## ବୌଦ୍ଧରୁ ଭଦ୍ରକ ଚୋରାଚାଲାଣ ହେଉଥିଲା, ୫ ଗିରଫ

ଢେଙ୍କାନାଳ,୨୮।୪(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଓ ଭାପୁର ଫାଣ୍ଡି ପୋଲିସ ଶନିବାର ରାତିରେ ଚୋରା ଚାଲାଣ ହେଉଥିବା ୨୨ କେଜି ୭ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ପୁରୁଣା କଟକ-ସମ୍ବଲପୁର ରାସ୍ତା ଦେଇ ଏକ କାର୍‌ରେ ଏହି ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବରପାଇ ପୋଲିସ ଓସ୍ତପାଳ ନିକଟରେ କାର୍‌କୁ ଅଟକାଇବା ସହ ୫ ଅଭିଯୁକ୍ତଙ୍କୁ ମାଡ଼ି ବସିଥିଲା। ଘଟଣାସ୍ଥଳରୁ ୨ଜଣ ଫେରାର ହୋଇଯାଇଥିଲେ। ପୋଲିସ ଏକ କାର୍ (ନଂ. ଓଡି.୦୨ସିଏନ୍-୧୮୪୭), ସୁରକ୍ଷା ଦେଉଥିବା ଗାଡ଼ି (ନଂ. ଓଡି.୧୯କ୍ୟୁ-୧୯୨୫ ଏବଂ ଓଡି.୧୯କ୍ୟୁ-୦୯୩୪ ଏବଂ ଓଡି.୦୨ସିଜେ-୪୪୬୦) ସହ ଏକ ଦେଶୀ ପିସ୍ତଲ, ୨ଟି ଅଫୁଟା ଗୁଳି ଜବତ କରିଥିଲା। ଜବତ ଗଞ୍ଜେଇର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ବୌଦ୍ଧ ଅଞ୍ଚଳରୁ ଢେଙ୍କାନାଳ ଓ ଅନୁଗୋଳ ଦେଇ ଏହାକୁ ଭଦ୍ରକ ଅଞ୍ଚଳକୁ ନିଆଯାଉଥିବା ପୋଲିସ ଜାଣିବାକୁ ପାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନୁଗୋଳ ଜିଲା ବେଗେଡିଆ ଥାନା ନୂଆଗାଁର ରଣଜିତ ନାୟକ(୨୮) ଓ ଦୀପକ ମୁଖୀ(୨୦), ଭେଜିଡିହ ଗ୍ରାମର ସରୋଜ କୁମାର ସାହୁ(୨୪), ବୌଦ୍ଧ ଜିଲା ମନମୁଣ୍ଡା ଥାନା ସାନ ଡୁଙ୍ଗୁରିପାଲି ଗ୍ରାମର ଭୂଷଣ ଗରିଆ(୩୬), ଅନୁଗୋଳ ଜିଲା ହଣ୍ଡପା ଥାନା ଅଁଳାବେରେଣୀ ଗ୍ରାମର ସୁମନ୍ତ ନାୟକ(୨୮)। ରବିବାର ସନ୍ଧ୍ୟାରେ ଗୋବିନ୍ଦପୁର ପାଣ୍ଠିଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ଏହି ସୂଚନା ଦେଇଛନ୍ତି। ଗିରଫ ଭୂଷଣ ଗରିଆଙ୍କ ନାମରେ ବୌଦ୍ଧ ଜିଲା ମନମୁଣ୍ଡା ଥାନାରେ ଗଞ୍ଜେଇ ଚୋରାଚାଲାଣ ସମ୍ପର୍କିତ ମାମଲା ରହିଛି। ସଦର ଥାନା ଅତିରିକ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଭାପୁର ଫାଣ୍ଡି ଅଧିକାରୀ ଶାନ୍ତନୁ ପ୍ରଧାନ ଅଭିଯୁକ୍ତମାନଙ୍କୁ ଧରି କୋର୍ଟଚାଲାଣ କରିଛନ୍ତି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ-୫୭୨୪ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଦର ଥାନା ଅଧିକାରୀ ଦୀପକ ଲେଙ୍କା ଉପସ୍ଥିତ ଥିଲେ।


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

# ବୁଲେଟ୍ ଡିକିରୁ ମିଳିଲା ୧.୯୫ ଲକ୍ଷ

## ନିର୍ବାଚନରେ ବେଆଇନ ଟଙ୍କା କାରବାର ରୋକିବାକୁ ତନାଘନା

ବିନିକା,୨୮।୪(ରାମଗୋପାଳ ବାଘ)

ନିର୍ବାଚନରେ ବେଆଇନ ଟଙ୍କା କାରବାର ରୋକିବାକୁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚକୁ କଡାକଡି କରାଯାଇଛି। ଏହି କ୍ରମରେ ରବିବାର ସକାଳେ ପୋଲିସ ଓ ମାଜିଷ୍ଟ୍ରେଟ୍‌ର ଜଏଣ୍ଟ ଏନଫୋର୍ସମେଣ୍ଟ ଟିମ୍ ବିନିକା କଲେଜ ଛକରେ ଯାନବାହନ ତନଖି କରୁଥିଲେ। ବୁଲେଟ୍‌ରେ ଯାଉଥିବା ଦୁଇ ଜଣ ଯୁବକଙ୍କ ଡିକି ତନଖି କରାଯାଇଥିଲା। ତନଖି ସମୟରେ ଡିକିରୁ ନଗଦ ୧ ଲକ୍ଷ ୯୫ହଜାର ଟଙ୍କା ମିଳିଥିଲା। ଏନଫୋର୍ସମେଣ୍ଟ ଟିମ୍ ଉକ୍ତ ଟଙ୍କା ଜବତ କରି ଜିଲା କୋଷାଗାରରେ ଜମା କରିଛି। ସମ୍ପୃକ୍ତ ଯୁବକ ଦ୍ୱୟ ଏତେ ପରିମାଣର ଟଙ୍କା କୁଆଡେ ନେଉଥିଲେ ସେ ନେଇ ତଦନ୍ତ ଚାଲିଛି। ସମ୍ପୃକ୍ତ ଯୁବକଙ୍କୁ ଏ ସମ୍ପର୍କରେ ନୋଟିସ କରାଯିବ ବୋଲି ବିନିକା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ଓ ବିନିକା ଅତିରିକ୍ତ ତହସିଲଦାର ଦୟାରାମ ମେହେର କହିଛନ୍ତି। ପ୍ରକାଶ ଯେ, ଗତ ୫ ତାରିଖ ରାତିରେ ବିନିକା ପୋଲିସକୁ ବଡ ସଫଳତା ମିଳିଥିଲା। ଯାନବାହନ ତନଖି ସମୟରେ ଏକ ଇନୋଭା କାରରୁ ନଗଦ ୫୫ଲକ୍ଷ ୨୦ହଜାର ଟଙ୍କା ମିଳିଥିଲା। ଏହି ଟଙ୍କା ଆନ୍ଧ୍ରପ୍ରଦେଶକୁ ଯାଉଥିଲା। ଟଙ୍କାଗୁଡିକୁ ଜବତ କରାଯାଇଛି। ସମ୍ବଲପୁର ଆୟକର ବିଭାଗ ଏହି ଘଟଣାର ତଦନ୍ତ ଜାରି ରଖିଛି। ତେବେ ଆନ୍ଧ୍ରପ୍ରଦେଶର ସମ୍ପୃକ୍ତ ବ୍ୟକ୍ତିମାନେ ଏ ପର୍ଯ୍ୟନ୍ତ ଟଙ୍କାର ଉତ୍ସ ସମ୍ପର୍କରେ ଠିକ୍ କାଗଜାତ ଦର୍ଶାଇ ପାରିନଥିବା ଜଣାପଡିଛି।

# ରାଣୀପଥର ଘାଟିରେ ଦୁର୍ଘଟଣା, ଜଣେ ମୃତ

ଖଜୁରିପଡ଼ା, ୨୮।୪ (ବିଦୁର ବେହେରା)

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ରାଣୀପଥର ଘାଟିରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ବାଇକ୍ ଚାଳକ ଦୁଇଜଣ ସାଙ୍ଗରେ ଛେଳି ଧରି ବୌଦ୍ଧ ଜିଲା ଚାରିଛକ ପଟରୁ ଫୁଲବାଣୀ ଅଭିମୁଖେ ଆସୁଥିବା ବେଳେ ରାଣୀପଥର ଘାଟି କଟିପୋଲ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମୃତ ବ୍ୟକ୍ତି ଜଣକ ହେଲେ ଖଜୁରିପଡ଼ା ଥାନା ଅନ୍ତର୍ଗତ ଝଗଡ଼ପଟା ଗ୍ରାମର ପ୍ରକାଶ କୁମାର ବେହେରା ଏବଂ ଆହତ ହେଲେ ବ୍ରାହ୍ମଣୀଗାଁ ଅଞ୍ଚଳର ରାହୁଲ କାର୍ଜୀ।

# ବାଇକ୍‌କୁ ପିଟିଲା କାର୍: ଦାଦା, ପୁତୁରାଙ୍କ ମୃତ୍ୟୁ

ଗୋପାଳପୁର,୨୮।୪
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ରଣ୍ଡା ନିକଟରେ ରବିବାର ଏକ ବାଇକ୍‌କୁ କାର୍ ଧକ୍କା ଦେବାରୁ ଦାଦା ଓ ପୁତୁରାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଚିକିଲି ବଣିଆ ଗ୍ରାମର ଧନୁ ଗୌଡ଼ (୪୦) ଓ ବ୍ରହ୍ମପୁର ମହାନଗର ଲାଞ୍ଜିପଲୀ ଗ୍ରାମର ସନ୍ଦୀପ ଗୌଡ଼ (୮)।

ଧନୁ କିଛିବର୍ଷ ହେଲା କନିସି ହାଟରେ ଭଡ଼ାଘରେ ରହୁଥିଲେ। ସକାଳେ ଜଳଖିଆ ଆଣିବା ପାଇଁ ସେ ତାଙ୍କ ପୁତୁରା ସନ୍ଦୀପଙ୍କୁ ଧରି ବାଇକ ଯୋଗେ ରଣ୍ଡା ଆସୁଥିଲେ। ଏହି ସମୟରେ ଏକ କାର ପଛରୁ ଆସି ବାଇକ୍‌କୁ ଧକ୍କା ଦେଇଥିଲା। ଦାଦା-ପୁତୁରା ରାସ୍ତା କଡ଼କୁ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ପୁତୁରା ସନ୍ଦୀପଙ୍କ ମୃତ୍ୟୁ ଘଟିଥିଲା। ଧନୁଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଓ ଦୁର୍ଘଟଣା ଘଟାଇଥିବା କାରର ଯାତ୍ରୀମାନେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଧନୁଙ୍କ ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ୨ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୨୦୦/୨୪ରେ ମାମଲା ରୁଜୁ କରି ବାଇକ ଓ କାରକୁ ପୋଲିସ ଜବତ କରିଥିବା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତ ଅଳସେ ନିଶ ବଙ୍କା**
**ନିଶ କହୁଛି ମୁଁ ବଙ୍କା ବଙ୍କା।**

ଏତେ ଅଳସୁଆ ଯେ ନିଜ ନିଶ ସଳଖ କରିବା ପାଇଁ ବେଳ ନ ପାଇବା। ଅଳସୁଆ ପାଇଁ ସବୁ ଭଲ କଥା ମନ୍ଦ ହୋଇଯାଏ। ପରୋକ୍ଷରେ ଅପଦାର୍ଥ ବ୍ୟକ୍ତି ଦ୍ୱାରା କୌଣସି ଗଠନମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହରି ଭକତିକୁ କଡ଼ାଏ ନାହିଁ**
**ଭଜି ଭଜି କରି ପାଇବ କାହିଁ ?**

ଆନ୍ତରିକ ଭକ୍ତି ତଥା ପ୍ରାର୍ଥନା ବିନା ଈଶ୍ୱରଙ୍କ କୃପା ମିଳିବା ଅସମ୍ଭବ। ଈଶ୍ୱରଙ୍କଠାରେ ପ୍ରଗାଢ଼ ବିଶ୍ୱାସ ତଥା ସମର୍ପଣଭାବ ହିଁ କେବଳ ଈଶ୍ୱରଙ୍କ ନିକଟବର୍ତ୍ତୀ କରାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୨ ଲୋକ ସଭା, ୮...

ସେହିପରି ଜଳେଶ୍ୱରରେ ଦେବୀ ପ୍ରସାଦ ଚାନ୍ଦ, ବାଲେଶ୍ୱରରେ ମୋନାଲିସା ଲେଙ୍କା, ବଡ଼ଚଣାରେ ଅଜୟ ସାମଲ, ପାଲଲହଡ଼ାରେ ଫକୀର ସାମଲ ଏବଂ ଜଗତସିଂହପୁରରେ ପ୍ରତିମା ମଲିକଙ୍କୁ ଦଳ ପ୍ରାର୍ଥୀ କରିଛି। କଂଗ୍ରେସ ଏଯାବତ୍ ୧୪୫ ଆସନରେ ପ୍ରାର୍ଥୀ ଘୋଷଣା କରିଛି।

### ଅସହ୍ୟ କରୁଛି ...

ଚିନ୍ତା ପଶିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର ଅନୁଗୋଳ ପରେ ବୌଦ୍ଧ ଦ୍ୱିତୀୟ ଉତ୍ତପ୍ତ ସହରରେ ପରିଣତ ହୋଇଥିଲା। ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୪.୧ ଡିଗ୍ରୀ ଛୁଇଁଥିବାବେଳେ ବାରିପଦାରେ ୪୪, ନୟାଗଡ଼ ଓ କଟକରେ ୪୩.୭, ଢେଙ୍କାନାଳ ୪୩.୬, ତାଳଚେର, ଟିଟିଲାଗଡ଼ ଓ ମାଲକାନଗିରିରେ ୪୩.୫, ବଲାଙ୍ଗୀର ୪୩.୩, ଭୁବନେଶ୍ୱର ୪୩.୨, ଭବାନୀପାଟଣା ୪୩, ପାରଳାଖେମୁଣ୍ଡି ୪୨.୮, କେନ୍ଦୁଝର ୪୨.୭, ଯାଜପୁର ୪୨.୫, କେନ୍ଦ୍ରାପଡ଼ା ୪୨.୪, ଚାନ୍ଦବାଲି ୪୨.୨, ଜଗତ୍‌ସିଂହପୁର ଓ ଭଦ୍ରକରେ ୪୨, ଖୋର୍ଦ୍ଧା ୪୧.୫, ବାଲେଶ୍ୱର ୪୧.୪, ସୋନପୁର ୪୧.୩, ନୂଆପଡ଼ା ଓ ଫୁଲବାଣୀରେ ୪୧.୨, ଛତ୍ରପୁର ୪୦.୮, ରାଉରକେଲା ୪୦.୬୬ ଓ ରାୟଗଡ଼ାରେ ୪୦.୪ଡିଗ୍ରୀ ରହିଥିଲା।

ଅନ୍ୟପକ୍ଷରେ ରାଜ୍ୟର କିଛି ସ୍ଥାନରେ ରବିବାର କାଳବୈଶାଖୀ ହୋଇଥିବା ଜଣାପଡ଼ିଛି। ଫଳରେ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ସୋମବାର ମଧ ଗଜପତି, ରାୟଗଡ଼ା, କୋରାପୁଟ, ଗଞ୍ଜାମ, କନ୍ଧମାଳରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ତିନିଦିନ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସୋମବାର ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୟାଗଡ଼, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲାକୁ ଭୀଷଣ ଗ୍ରୀଷ୍ମ ପ୍ରବାହ ନେଇ ରେଡ୍ ୱାର୍ନିଂ ଜାରି କରାଯାଇଥିବା ବେଳେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ରାୟଗଡ଼ା, ମାଲକାନଗିରି, କୋରାପୁଟ, ଦେବଗଡ଼ ଓ ବରଗଡ଼କୁ ପାଣିପାଗ କେନ୍ଦ୍ର ଅରେଞ୍ଜ ୱାର୍ନିଂ ଜାରି କରିଛି।

### ନବୀନଙ୍କ ନାଁ ନ ...

ଫିଟିବ ବୋଲି କହିଥିଲେ। ବ୍ରହ୍ମପୁର ଲୋକ ସଭା ଭାଜପା ପ୍ରାର୍ଥୀ ଏବଂ ଏହି କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ରାଷ୍ଟ୍ରୀୟ ଅଧକ୍ଷ ବିନମ୍ର ନିବେଦନ ଜଣାଇଥିଲେ।

ରାଜ୍ୟ ସଭାପତି ମନମୋହନ ସାମଲ ନବୀନ ସରକାରକୁ ଶାଣିତ ଭାଷାରେ ସମାଲୋଚନା କରିଥିଲେ। ତାଙ୍କ ଭାଷଣ ପ୍ରସଙ୍ଗରେ ଏକାଧିକ ଥର ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିରୋଧରେ ଗର୍ଜିଥିଲେ। ତାଙ୍କ ଯୋଗୁ ଓଡ଼ିଆ ଅସ୍ମିତା ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିପୁରା ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ ଦେବ, ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରା, କେ. ଅନିଲ କୁମାର, କେ. ନାରାୟଣ ରାଓ, ସିଦ୍ଧାନ୍ତ ମହାପାତ୍ର, ବିଭୂତି ଜେନା, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ସଂକ୍ଷିପ୍ତ ଭାଷଣ ଦେଇଥିଲେ। ଗଞ୍ଜାମ ଜିଲା ଭାଜପା ସଭାପତି ଡ଼ା. ସୁବାସ ସାହୁ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ମିଡିଆ ସେଣ୍ଟର ମୁଖ୍ୟ ସୁନୀଲ ସାହୁ ଓ ଅନ୍ୟମାନେ ସଂଯୋଜନା କରିଥିଲେ। ସମାବେଶ ପରେ ଗୋପାଳପୁରଠାରେ ଏକ ହୋଟେଲ ସମ୍ମିଳନୀ କକ୍ଷରେ ବ୍ରହ୍ମପୁର, ଆସିକା, କୋରାପୁଟ ଓ ନବରଙ୍ଗପୁର ଲୋକସଭା ଏବଂ ଏହି କ୍ଷେତ୍ରର ବିଧାନସଭା ପ୍ରାର୍ଥୀ ଏବଂ ଦଳର କାର୍ଯ୍ୟକର୍ତ୍ତାଙ୍କୁ ନେଇ ନଡ୍ଡା ସ୍ୱତନ୍ତ୍ର ବୈଠକ କରିଥିଲେ। ସାଙ୍ଗଠନିକ ସ୍ଥିତି ଓ ଦଳୀୟ ପ୍ରାର୍ଥୀମାନଙ୍କ ନିର୍ବାଚନୀ ରଣନୀତି ନେଇ ସମୀକ୍ଷା କରିଥିଲେ।

### 'ଜିଲାସ୍ତରରେ ଆଣ୍ଟି...

ଏହି କମିଟିରେ କିଏ କ'ଣ ରହିବେ ସେ ନେଇ ମଧ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ଜିଲାପାଳ/ଡେପୁଟି କମିଶନର/ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ କମିଟି ମୁଖ୍ୟ ରହିବାକୁ ବାଧତାମୂଳକ କରାଯାଇଛି। ସେହିପରି ସଦସ୍ୟ ଭାବେ ବିଶ୍ୱବିଦ୍ୟାଳୟ/କଲେଜ/ଶିକ୍ଷାନୁଷ୍ଠାନର ମୁଖ୍ୟ ଏବଂ ଜିଲା ଏସ୍‌ପି/ଏସ୍‌ଏସ୍‌ପି ରହିବେ। ଆଡିଶନାଲ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ସଦସ୍ୟ ସଚିବ ରହିବେ। ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧି, ଜିଲାସ୍ତରରେ କାର୍ଯ୍ୟ କରୁଥିବା ବେସରକାରୀ ସଂସ୍ଥା(ବିଶେଷ କରି ଯୁବପିଢ଼ି ଉପରେ କାର୍ଯ୍ୟ କରୁଥିବା ସଂସ୍ଥା)ର ପ୍ରତିନିଧି, ଛାତ୍ର ସଙ୍ଗଠନର ପ୍ରତିନିଧି ମଧ ଉକ୍ତ କମିଟିରେ ରହିବେ। ଏହି ଜିଲାସ୍ତରୀୟ କମିଟି ଗ୍ରୀଷ୍ମ ଅବକାଶରେ ପ୍ରସ୍ତୁତି ବୈଠକ କରିବା ଉଚିତ ବୋଲି ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ର୍ୟାଗିଂ ହେଉଛି ଏକ ଅପରାଧ। ଏହାକୁ ରୋକିବା ପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଉଥିଲେ ମଧ ଏଥିରେ ରୋକ ଲଗାଯାଇ ପାରୁନି। ଉଚ୍ଚ ଶିକ୍ଷାନୁଷ୍ଠାନରେ ର୍ୟାଗିଂ ନିଷେଧ କରିବା ପାଇଁ ୟୁଜିସି ୨୦୦୯ରୁ ଆଣ୍ଟି ରାଗିଂ ରେଗୁଲେଶନ ମଧ କରିଛି। ତେବେ ଏହାକୁ ଆହୁରି ସୁଦୃଢ଼ କରିବା ପାଇଁ ୟୁଜିସି ଏଭଳି ପଦକ୍ଷେପ ନେଇଛି।

### ଅଶ୍ଳୀଳ ଭିଡିଓ: ଦେବେଗୌଡ଼ାଙ୍କ...

ଏଚ୍.ଡି ରେଭନ୍ନା ତାଙ୍କ କ୍ୟାବିନେଟରେ ପିଡବ୍ଲ୍ୟୁଡି ମନ୍ତ୍ରୀ ଥିଲେ। ପ୍ରଜ୍ୱଳ ହେଉଛନ୍ତି ଏଚ୍.ଡି ରେଭନ୍ନାଙ୍କ ପୁଅ। ୩୩ ବର୍ଷୀୟ ପ୍ରଜ୍ୱଳ ୨୦୧୯ ସାଧାରଣ ନିର୍ବାଚନ ବେଳେ ହାସନ ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଏହି ଆସନରେ ଚଳିତ ମାସ ୨୬ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭୋଟ ଗ୍ରହଣ ଚାଲିଥିବାବେଳେ ପ୍ରଜ୍ୱଳଙ୍କ ଏକ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇଥିଲା। ତାଙ୍କ ପୋଲିଂ ଏଜେଣ୍ଟ ଏହାକୁ ଜାଲ୍ ଭିଡିଓ କହି ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତମାନେ ଘର ଘର ବୁଲି ଏହି ଭିଡିଓକୁ ଲୋକଙ୍କୁ ଦେଖାଇବା ସହ ପ୍ରଜ୍ୱଳଙ୍କୁ ଭୋଟ ନ ଦେବାକୁ ପ୍ରବର୍ତ୍ତାଇଥିଲେ। ଭିଡିଓରେ ଥିବା ମହିଳାମାନଙ୍କୁ ପ୍ରଜ୍ୱଳ ନିଜେ ଡକାଇବା ସହ ଯୌନସମ୍ପର୍କ ରଖିଥିଲେ। ସେ ସେମାନଙ୍କ ବିନା ଅନୁମତିରେ ଏହାର ଭିଡିଓ ଶୁଟିଂ କରାଇଥିବା ଅଭିଯୋଗ ଆସିଛି। କର୍ଣ୍ଣାଟକ ମହିଳା କମିଶନ ଅଧକ୍ଷା ନାଗଲକ୍ଷ୍ମୀ ଚୌଧରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର କଂଗ୍ରେସ ସରକାର ଏହାର ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କରିଥିବା ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏକ୍ସ'ରେ ସୂଚନା ଦେଇଛନ୍ତି। ଏହି ଘଟଣାକ୍ରମ ପରେ ପ୍ରଜ୍ୱଳ ଜର୍ମାନୀକୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏଭଳି ସମୟରେ ଜେଡିଏସ୍ ସହ ମେଣ୍ଟ କରି ଲଢୁଥିବା ଭାଜପା ଏହି ବିବାଦରୁ ଦୂରତ୍ୱ ଅବଲମ୍ବନ କରିଛି।

ଗତବର୍ଷ ସେପ୍ଟେମ୍ବରରେ ଜେଡିଏସ୍ କଂଗ୍ରେସ ସହ ସମ୍ପର୍କ ଛିନ୍ନ କରି ଭାଜପା ସହିତ ମେଣ୍ଟ କରିଥିଲା। ସେକ୍ସ ଭିଡିଓଗୁଡ଼ିକ ସାମ୍ନାକୁ ଆସିବା ପରେ କଂଗ୍ରେସ ସେହି ସମୟର ଏକ ଫଟୋକୁ ରବିବାର ଏକ୍ସ'ରେ ଶେୟାର କରିଛି। ଏଥିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଦେବେଗୌଡ଼ା, ତାଙ୍କ ଦୁଇପୁଅ ଏବଂ ନାତି ପ୍ରଜ୍ୱଳ ଥିବା ଦେଖିବାକୁ ମିଳିଛି। ଉକ୍ତ ପୋଷ୍ଟରେ କଂଗ୍ରେସ ଉଲ୍ଲେଖ କରିଛି, ପର୍ନ ଭିଡିଓ ଭର୍ତ୍ତି ଏକ ପେନ୍ ଡ୍ରାଇଭ୍‌ରୁ ଏମ୍‌ପି ତଥା ଏନ୍‌ଡିଏ ପ୍ରାର୍ଥୀ ପ୍ରଜ୍ୱଳ ଅନେକ ହଜାର ମହିଳାଙ୍କୁ ଯୌନ ଶୋଷଣ କରି ସେମାନଙ୍କ ସହ ଆପତ୍ତିଜନକ ଅବସ୍ଥାରେ ଭିଡିଓ ରେକର୍ଡ କରିଥିବା ପ୍ରଘଟ ହୋଇଛି। ଏନେଇ ହୋଲେନାରାସିପୁର ଥାନାରେ ପ୍ରଜ୍ୱଳଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। କୁମାରସ୍ୱାମୀ କହିଛନ୍ତି, ମହିଳାଙ୍କ ପ୍ରତି ଦେବେଗୌଡ଼ା ଓ ତାଙ୍କର ସମ୍ମାନ ରହିଛି। ପ୍ରଜ୍ୱଳଙ୍କୁ ଏସ୍‌ଆଇଟି ବିଦେଶରୁ ଆଣିବ ବୋଲି ସେ ଚିନ୍ତିତ ନୁହନ୍ତି।

### ରାହୁଲଙ୍କ ପାନ ଉପାଖ୍ୟାନରେ ...

ସାଧାରଣ ସଭାରେ କହିଛନ୍ତି। କେନ୍ଦ୍ରାପଡ଼ା ଲୋକ ସଭା କ୍ଷେତ୍ର ଏବଂ ମାହାଙ୍ଗା ବିଧାନସଭା ଆସନ ଅନ୍ତର୍ଗତ ଏହି ସଭାସ୍ଥଳରୁ ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧା ଟାର୍ଗେଟ୍ କରିଛନ୍ତି। ସେ ପାନ ଉପାଖ୍ୟାନ ଶୁଣାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତିଗୁଡ଼ିକୁ ବଖାଣିଛନ୍ତି। ନବୀନବାବୁ କେତେଜଣ ଲୋକଙ୍କୁ ନେଇ ସରକାର ଚଳାଉଛନ୍ତି। ଏହାର ଫାଇଦା କେତେଜଣ ଉଠାଉଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ପାନ ଉପହାର ଦେଇଥିବା ରାହୁଲ କହିବା ସହ ଏହାର ବ୍ୟାଖ୍ୟା କରିଛନ୍ତି। ସେ କହିଛନ୍ତି, ପାନ ଅର୍ଥାତ୍ ପାଣ୍ଡିଆନ, ଅମିତ ଶାହା, ଅଶ୍ୱିନୀ ବୈଷ୍ଣବ, ନରେନ୍ଦ୍ର ମୋଦି ଓ ନବୀନ ପଟ୍ଟନାୟକ ମିଳିତ ଭାବେ ରାଜ୍ୟ ଓ ଦେଶରେ ବିଭିନ୍ନ ସ୍କାମ୍‌ରେ ବାନ୍ଧି ହୋଇଛନ୍ତି। ଇଲେକ୍ଟୋରାଲ ବଣ୍ଡ ସ୍କାମ୍‌ରେ ୯୨୬୯.୫ କୋଟି ଟଙ୍କା, ଖଣି ସ୍କାମ୍‌ରେ ୯ ଲକ୍ଷ କୋଟି, ଶକ୍ତି କ୍ଷେତ୍ରରେ ୧୫ହଜାର କୋଟି, କୃଷି ଋଣରେ ୮୦୦ କୋଟି, ଚିଟ୍‌ଫଣ୍ଡରେ ୫୦୦ କୋଟି, ଚାରାରୋପଣରେ ୧୫ ହଜାର କୋଟି, ଗୃହ ନିର୍ମାଣ ସ୍କାମ୍‌ରେ ୧ହଜାର କୋଟି ଓ କୋଭିଡ୍ ମହାମାରୀ ସମୟରେ ୪୦ ହଜାର କୋଟି ଟଙ୍କାର ସ୍କାମ ହୋଇଛି। ଏହି ସ୍କାମ୍‌ରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରହିଛନ୍ତି। ଉଭୟ ମୋଦି ଓ ନବୀନ ସରକାର କେତେଜଣ ମୁଷ୍ଟିମେୟ ଲୋକଙ୍କୁ ଅରବପତି କରାଇଛନ୍ତି। କିନ୍ତୁ କଂଗ୍ରେସ ସରକାର ଆସିଲେ କୋଟି କୋଟି ଲୋକଙ୍କୁ ଲକ୍ଷପତି କରାଇବ ବୋଲି ରାହୁଲ କହିଛନ୍ତି।

ରାହୁଲ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ହେଲିକପ୍ଟର ଯୋଗେ ପ୍ରଥମେ ସାଲେପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରରେ ପହଞ୍ଚିଥିଲେ। ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ଥାନୀୟ ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ ହେଲିକପ୍ଟରରେ ମଧ୍ୟାହ୍ନ ୧୨ଟା ୪୫ରେ କୁଳିଆ ପଡ଼ିଆରେ ପହଞ୍ଚି ସାଧାରଣ ସଭାରେ ଯୋଗଦେଇଥିଲେ।

କଂଗ୍ରେସ କ୍ଷମତାକୁ ଆସିଲେ ମହିଳା, ଯୁବକ ଓ କୃଷକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ରାହୁଲ ସଭାରେ ପ୍ରତିଶ୍ରୁତି ଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଦିବାସୀ, କୃଷକ ଓ ଯୁବକ ବିରୋଧୀ ବୋଲି କହିଛନ୍ତି। ରାଜ୍ୟ ତଥା ଦେଶରେ ବେକାରି ବଢ଼ିଛି। ଯୁବକମାନେ କର୍ମସଂସ୍ଥାନ ପାଇଁ ସରକାରୀ କାର୍ଯ୍ୟାଳୟ ବୁଲି ବୁଲି ନିରାଶ ହେଉଛନ୍ତି। ଏହି ଅବସରରେ ରାହୁଲ ୫ଟି ପ୍ରତିଶ୍ରୁତି ଦେଇ କଂଗ୍ରେସର ଗ୍ୟାରେଣ୍ଟି କଥା କହିଛନ୍ତି। ଘରୋଇ ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ ବିଦ୍ୟୁତ୍ ଦେୟ ଛାଡ଼, ୫ଲକ୍ଷ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା, ବେକାରି ଭତ୍ତା ୩ ହଜାର, କୃଷକ ବନ୍ଧୁ ଯୋଜନାରେ ବୋନସ ସହ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କୁଇଣ୍ଟାଲ ପିଛା ୩ହଜାର, କୃଷିଋଣ ଛାଡ, କୃଷକଙ୍କ ପାଇଁ ମାସିକ ୨ ହଜାର ଟଙ୍କା ପେନ୍‌ସନ, ଗୃହଲକ୍ଷ୍ମୀ ଯୋଜନାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ଼ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଜନକଲ୍ୟାଣ ଯୋଜନାରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ବ୍ୟବସ୍ଥା, ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ୨ହଜାର ଟଙ୍କା, ଚିଟ୍‌ଫଣ୍ଡ ପ୍ରଭାବିତ ଜମାକାରୀଙ୍କୁ ୬ମାସ ମଧ୍ୟରେ ସୁଧ ସହ ଜମାରାଶି ଫେରସ୍ତ, ଶିକ୍ଷାନୁଷ୍ଠାନ ଓ ଚାକିରି କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ, ଆଦିବାସୀ ଦଳିତଙ୍କୁ ନିଜ ଜମି ଓ ଜଙ୍ଗଲ ଜମି ଉପରେ ସମ୍ପୂର୍ଣ୍ଣ ଅଧିକାର, ୧୦୦ ଦିନ ମଧ୍ୟରେ ପେସା ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ ବୋଲି ରାହୁଲ କହିଛନ୍ତି। ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ରାହୁଲ ତେଲଙ୍ଗାନା ଓ କର୍ଣ୍ଣାଟକର ଉଦାହରଣ ଦେଇଛନ୍ତି। ପ୍ରତି ମହିଳାଙ୍କୁ ମାସିକ ୨ହଜାର ଟଙ୍କା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କଂଗ୍ରେସ ଶାସିତ ରାଜ୍ୟରେ ରନ୍ଧନ ଗ୍ୟାସ ୫ ଶହ ଟଙ୍କାରେ ମିଳୁଛି। ଯଦି ଓଡ଼ିଶାରେ କଂଗ୍ରେସ ସରକାର ଆସେ ତେବେ ଏଠାରେ ମଧ ପ୍ରତ୍ୟେକ ହିତାଧିକାରୀଙ୍କୁ ୫ ଶହ ଟଙ୍କାରେ ରନ୍ଧନ ଗ୍ୟାସ ମିଳିବ ବୋଲି ସେ କହିଛନ୍ତି।

ସଭାରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର ଯୋଗଦେଇ ରାଜ୍ୟ ଓ କେନ୍ଦ୍ରଙ୍କୁ ସମାଲୋଚନା କରିଛନ୍ତି। ପ୍ରାରମ୍ଭରେ ରାଜ୍ୟ ପ୍ରଚାର କମିଟି ଅଧକ୍ଷ ଭକ୍ତଚରଣ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିସିସି ସଭାପତି ଶରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଛନ୍ତି। ସଭାମଞ୍ଚରେ ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ମାଲୁଭାଟୀ ବିକ୍ରମାର୍କ, କଟକ ଜିଲା ସଭାପତି ମାନସ ଚୌଧୁରୀ, କେନ୍ଦ୍ରାପଡା ଏମ୍‌ପି ପ୍ରାର୍ଥୀ ଇଂ. ସିଦ୍ଧାର୍ଥ ସ୍ୱରୂପ ଦାଶ, ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, କେନ୍ଦ୍ରାପଡ଼ା ବିଧାନସଭା ପ୍ରାର୍ଥୀ ସିପ୍ରା ମଲ୍ଲିକ, ବାଲେଶ୍ୱର ଲୋକ ସଭା ପ୍ରାର୍ଥୀ ଶ୍ରୀକାନ୍ତ ଜେନା, ରତିକାନ୍ତ କାନୁନଗୋ, ଲୋକନାଥ ମହାରଥୀ, ରାଜୀବ ପଟ୍ଟନାୟକ, ୟାକୁବ ଉଜାମନ ଖାଁ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଶେଷରେ ରାହୁଲ ପ୍ରାର୍ଥୀମାନଙ୍କୁ ନେଇ ଏକ ଫଟୋପୋଜ୍ ଦେଇଥିଲେ। ଆଗାମୀ ଦିନରେ କଂଗ୍ରେସକୁ କ୍ଷମତାସୀନ କରାଇବା ପାଇଁ ଉପସ୍ଥିତ କର୍ମୀ ଓ ନେତୃମଣ୍ଡଳୀଙ୍କୁ ସଂଘବଦ୍ଧ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ସଭାରେ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଜିଲାରୁ ଦଳୀୟ କର୍ମୀ ଓ ନେତା ଯୋଗଦେଇଥିଲେ।

#### ରାହୁଲଙ୍କ ଗସ୍ତ ପ୍ରଭାବଶୂନ୍ୟ: ଭାଜପା

ରାହୁଲଙ୍କ ଗସ୍ତ ପ୍ରଭାବହୀନ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ମାହାଙ୍ଗା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ସୁମନ୍ତ ଘଡ଼େଇ କହିଛନ୍ତି, କଂଗ୍ରେସ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇଜାଣେ। ଲୋକ ସତ କ'ଣ ଜାଣିଛନ୍ତି। ଦୀର୍ଘବର୍ଷ ହେବ ସେମାନେ କ୍ଷମତାରୁ ଦୂରରେ ରହିଛନ୍ତି। ଆଗାମୀ ଦିନରେ ମଧ କଂଗ୍ରେସର ଅଧୋଗତି ହେବ। କାରଣ ଦେଶରେ ଏବେ ମୋଦି ଲହର ଚାଲିଛି।

#### ଖସିଗଲା ପାଦ ତଳକୁ ତଳକୁ: ବିଜେଡି

ରାଜ୍ୟ ସରକାରଙ୍କୁ ରାହୁଲଙ୍କ ସମାଲୋଚନା ସମ୍ପର୍କରେ ବିଜେଡି ନେତା ତଥା ମହାଙ୍ଗା ବିଧାୟକ ପ୍ରତାପ ଜେନା କହିଛନ୍ତି, କଂଗ୍ରେସ ଦଳ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ସେମାନେ ତାଙ୍କର ସ୍ଥିତି ଓଡ଼ିଶାରେ କ'ଣ ଭଲ ଭାବରେ ଜାଣିଛନ୍ତି। ନବୀନଙ୍କ ବିକାଶ ଆଗରେ ସବୁ ଫିକା ପଡ଼ିଯିବ। ଓଡ଼ିଶାର ବିଭିନ୍ନ ବିଧାନସଭା କ୍ଷେତ୍ରରେ ଦିନକୁ ଦିନ କଂଗ୍ରେସର ପାଦ ତଳକୁ ତଳକୁ ଚାଲିଛି। କଂଗ୍ରେସର ଅଧୋଗତି ହେଉଥିବା ବେଳେ ରାହୁଲଙ୍କ ବାହୁସ୍ଫୋଟ ଭୋଟରଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଜେନା କହିଛନ୍ତି।

### ରେଳଷ୍ଟେଶନ ଛାତ ...

ଖବର ପାଇଥିଲେ। ଏଠାରେ ଆସି ଜାଣିବାକୁ ପାଇଥିଲେ ଯେ, ୪ଜଣ ଶ୍ରମିକ ଉଦ୍ଧାର ହୋଇଛନ୍ତି। ସମସ୍ତ ଶ୍ରମିକଙ୍କୁ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଢଳେଇ କାର୍ଯ୍ୟ ଚାଲିଥିବାବେଳେ ଏପରି ଅଘଟଣ ଘଟିଛି। ତେବେ କାରଣ ସ୍ପଷ୍ଟ ହୋଇନାହିଁ। ସେଣ୍ଟ୍ରିଂ ଭୁଲ୍ କାରଣରୁ ଏପରି ହୋଇଥିବା ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ତଦନ୍ତ କରାଯିବ। ସମସ୍ତ ଆହତ ସୁସ୍ଥ ଓ ସୁରକ୍ଷିତ ଅଛନ୍ତି। ବୈଠକରେ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଉଲ୍ଲେଖ ଥାଉ କି, ପୁରୀ ରେଳଷ୍ଟେଶନକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟ ନେଇ କାର୍ଯ୍ୟ ଜାରି ରହିଛି। ରେଳଷ୍ଟେଶନ୍‌ର ପୂର୍ଣ୍ଣାଙ୍ଗ ବିକାଶ କାମ ୨୦୨୫ ଜାନୁଆରୀରେ ଶେଷ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ଏଠାରେ ତିନିମହଲା ବିଶିଷ୍ଟ କୋଠା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ମୋଟ ୩୯୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା।

# ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି: ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୮।୪(ଅନୁରାଧା ମହାରଣା): ପୁରୀ ରେଳଷ୍ଟେଶନ ଦୁର୍ଘଟଣା ସମ୍ପର୍କରେ ପୂର୍ବତଟ ରେଳପଥ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ରେଳପଥ ପକ୍ଷରୁ ଏକ ପ୍ରେସ୍ ବିବୃତି ଜାରି କରାଯାଇ କୁହାଯାଇଛି ଯେ, ପୁରୀ ରେଳଷ୍ଟେଶନରେ ଏକ ନିର୍ମାଣାଧୀନ କୋଠାର ସମ୍ମୁଖ ପୋର୍ଟିକୋ ଭୁଶୁଡ଼ି ପଡ଼ିବାରୁ ଅଭାବନୀୟ ଦୁର୍ଘଟଣା ଘଟିଛି। ଘଟଣା ସମୟରେ ଘଟଣାସ୍ଥଳରେ ୬ଜଣ ଶ୍ରମିକ କାମ କରୁଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ଆହତ ହୋଇଥିଲେ। ଆହତ ୪ଜଣ ଶ୍ରମିକଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ସେମାନେ ଏବେ ବିପଦମୁକ୍ତ ଅଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ଏକ ତଦନ୍ତ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି।


ଛାତ ଭୁଶୁଡ଼ିବା ଘଟଣାରେ ୪ ଆହତ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# ଆର୍‌ସିବିର ଦମ୍‌ଦାର ବିଜୟ

## ଜ୍ୟାକ୍ସଙ୍କ ବିସ୍ଫୋରକ ଶତକ



ଅହମଦାବାଦ, ୨୮।୪

ୱିଲ ଜ୍ୟାକ୍ସଙ୍କ ବିସ୍ଫୋରକ ଶତକ ଏବଂ ବିରାଟ କୋହଲିଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ରବିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ଦମ୍‌ଦାର ବିଜୟ ହାସଲ କରିଛି। ଜ୍ୟାକ୍ସ ଓ କୋହଲିଙ୍କ ବ୍ୟାଟିଂ ଆଗରେ ଗୁଜରାଟ ଟାଇଟନ୍ସ ବୋଲିଂ ଅତ୍ୟନ୍ତ ମାମୁଲି ସାବ୍ୟସ୍ତ ହୋଇଥିଲା। ଫଳରେ ୨୦୧ ରନର ବିଜୟ ଲକ୍ଷ୍ୟକୁ ଆର୍‌ସିବି ୧୬ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ହାସଲ କରି ନେଇଥିଲା। ଗୁଜରାଟ ୨୦ ଓଭରରେ ୩ ଉଇକେଟ ହରାଇ ୨୦୦ ରନ କରିଥିଲା। ୧୬ତମ ଓଭରର ଶେଷ ବଲ୍‌ରୁ ଆର୍‌ସିବି ବିଜୟ ହାସଲ ପାଇଁ ୧ ରନ ଆବଶ୍ୟକ କରୁଥିବାବେଳେ ଶତକ ପୂରଣ ଲାଗି ଜ୍ୟାକ୍ସ ୬ ରନ ଦୂରରେ ଥିଲେ। ରଶିଦ ଖାଁଙ୍କ ଏହି ଓଭରର ଶେଷ ବଲ୍‌କୁ ଛକାରେ ପରିଣତ କରି ନିଜ ସ୍କୋରକୁ ୩ ଅଙ୍କରେ ପହଞ୍ଚାଇ ଦେଇଥିଲେ ଜ୍ୟାକ୍ସ। ଆଇପିଏଲ୍‌ରେ ପ୍ରଥମ ଶତକ ସହ ସେ ହାସଲ କରିଥିଲେ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର। କ୍ରମାଗତ ୬ ପରାଜୟ ପରେ ଆର୍‌ସିବିର ଏହା ଲଗାତର ଦ୍ୱିତୀୟ ବିଜୟ। ପଏଣ୍ଟ ଟେବୁଲର ନିମ୍ନରେ ଅପରିବର୍ତ୍ତିତ ରହିଥିଲେ ହେଁ ଆର୍‌ସିବି ୧୦ ମ୍ୟାଚରୁ ୩ୟ ବିଜୟ ସହ ୬ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ଗୁଜରାଟ ୧୦ ମ୍ୟାଚରୁ ୬ଷ୍ଠ ପରାଜୟ ବରଣ କରିଛି। ଫଳରେ ଦଳର ପ୍ଲେ-ଅଫ୍ ଆଶାପ୍ରତି ଶକ୍ତ ଧକ୍କା ପହଞ୍ଚିଛି।

ନରେନ୍ଦ୍ର ମୋଦି ଷ୍ଟାଡିୟମର ବ୍ୟାଟିଂ ଟ୍ରାକ୍‌ରେ ବିରାଟ କୋହଲି ଓ ଅଧିନାୟକ ଫାଫ୍ ଡୁପ୍ଲେସି ଓପନିଂ ଯୋଡ଼ିରେ ୨୩ ବଲ୍‌ରୁ ୪୦ ରନ ଯୋଗକରି ଦଳ ପାଇଁ ଭଲ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଅପେକ୍ଷାକୃତ ଧିମା ଆରମ୍ଭ କରିଥିବା କୋହଲି କିନ୍ତୁ ଡୁପ୍ଲେସି ଆଉଟ ହେବାପରେ ଆକ୍ରମଣାତ୍ମକ ଖେଳିଥିଲେ। ଜ୍ୟାକ୍ସ ମଧ୍ୟ ଧିମା ଆରମ୍ଭ କରି ନିଜର ପ୍ରଥମ ୧୭ ରନ ପାଇଁ ୧୭ ବଲ୍‌ର ସହାୟତା ନେଇଥିଲେ। ମାତ୍ର ପରବର୍ତ୍ତୀ ୨୪ ବଲ୍‌ରୁ ସଂଗ୍ରହ କରିଥିଲେ ଅବିଶ୍ୱସନୀୟ ୮୩ ରନ। ସେ ୪୧ ବଲ୍‌ରୁ ୧୦୦ ରନ ପୂରଣ କରିଥିବାବେଳେ ନିଜ ଇନିଂସ ମଧ୍ୟରେ ମାରିଥିଲେ ୫ ଚୌକା ଓ ୧୦ ଛକା। ଜ୍ୟାକ୍ସ ୫୦ରୁ ୧୦୦ରେ ପହଞ୍ଚିବା ପାଇଁ ମାତ୍ର ୧୦ ବଲ୍‌ର ସହାୟତା ନେଇଥିଲେ, ଯାହାକି ଆଇପିଏଲ୍‌ରେ ଏକ ରେକର୍ଡ। ପୂର୍ବରୁ ୨୦୧୩ରେ ବେଙ୍ଗାଲୁରୁଠାରେ ପୁଣେ ୱାରିୟର୍ସ ଇଣ୍ଡିଆ ବିପକ୍ଷରେ ଗେଲ୍ ୧୩ଟି ବଲ୍‌ର ସହାୟତା ନେଇ ରେକର୍ଡର ଅଧିକାରୀ ଥିଲେ। କୋହଲି ୪୪ ବଲ୍‌ରୁ ୭୦ (୬ ଚୌକା, ୩ ଛକା) ରନରେ ଅପରାଜିତ ରହି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଅସମାପ୍ତ ଦ୍ୱିତୀୟ ଉଇକେଟରେ ଦୁହେଁ ୭୪ ବଲ୍‌ରୁ ୧୬୬ ରନ ସଂଗ୍ରହ କରିଥିଲେ। ଏହି ଅବସରରେ ଚଳିତ ସିଜନରେ କୋହଲି ଆଇପିଏଲ୍‌ରେ ୫୦୦ ରନ ପୂରଣ କରିଥିଲେ। ଗୁଜରାଟ ପକ୍ଷରୁ କେବଳ ସାଇ କିଶୋର ଗୋଟିଏ ଉଇକେଟ ପାଇଥିଲେ। ରଶିଦ ଖାଁ ନିଜ ଶେଷ ଓଭରରେ ୨୯ ରନ ବ୍ୟୟ କରିଥିଲେ। ଯାହାକି ଏପର୍ଯ୍ୟନ୍ତ ତାଙ୍କ ପାଇଁ ଆଇପିଏଲ୍‌ରେ ସବୁଠାରୁ ମହଙ୍ଗା ଓଭର। ଗୁଜରାଟ ମାତ୍ର ୪୫ ରନ ମଧ୍ୟରେ ଦୁଇ ଓପନର ଋଦ୍ଧିମାନ ଶାହା(୫) ଓ ଅଧିନାୟକ ଶୁବମନ ଗିଲ୍(୧୬)ଙ୍କ ଉଇକେଟ ହରାଇଥିଲା। ତେବେ ସାଇ ସୁଦର୍ଶନଙ୍କ ଅପରାଜିତ ୮୪ (୪୯ ବଲ, ୮ ଚୌକା, ୪ ଛକା), ଶାହରୁଖ ଖାଁଙ୍କ ୫୮ (୩୪ ବଲ, ୩ ଚୌକା, ୫ ଛକା) ଓ ଡେଭିଡ ମିଲରଙ୍କ ୨୬* (୧୯ ବଲ, ୨ ଚୌକା, ୧ ଛକା) ବଳରେ ୨୦୦ ରନ ପୂରଣ କରିଥିଲା। ଆର୍‌ସିବି ପକ୍ଷରୁ ସ୍ୱପ୍ନିଲ ସିଂ, ମହମ୍ମଦ ସିରାଜ ଓ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୦୦/୩ (ସାଇ ସୁଦର୍ଶନ-୮୪*, ଶାହରୁଖ ଖାଁ-୫୮, ଡେଭିଡ ମିଲର-୨୬*, ସ୍ୱପ୍ନିଲ ସିଂ-୧/୨୩, ମହମ୍ମଦ ସିରାଜ-୧/୩୪, ଗ୍ଲେନ ମ୍ୟାକ୍ସୱେଲ-୧/୨୮)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୬ ଓଭରରେ ୨୦୬/୧ (ୱିଲ ଜ୍ୟାକ୍ସ-୧୦୦*, ବିରାଟ କୋହଲି-୭୦, ଫାଫ୍ ଡୁପ୍ଲେସି-୨୪, ସାଇ କିଶୋର-୧/୩୦)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

କୋଲକାତା ବନାମ ଦିଲ୍ଲୀ

ସ୍ଥାନ: କୋଲକାତା

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଉବର କପ୍ କ୍ୱାର୍ଟରରେ ଭାରତ

ଚେଙ୍ଗଡୁ, ୨୮।୪(ପି.ଟି.)

ଉବର କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଭାରତୀୟ ମହିଳା ଦଳ। ରବିବାର ସିଙ୍ଗାପୁରକୁ ୪-୧ରେ ହରାଇବା ସହ ଅନଭିଜ୍ଞ ଭାରତୀୟ ଦଳ କ୍ୱାର୍ଟରରେ ପ୍ରବେଶ କରିଛି। ଯୁବ ଖେଳାଳି ଇଶାରାଣୀ ବରୁଆ ଓ ଅନମୋଲ ଖର୍ବଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ମ୍ୟାଚ ଜିତିବାରେ ସକ୍ଷମ ହୋଇଥିଲା। ଏସିଆନ୍ ଚାମ୍ପିୟନ ଭାରତ ସମସ୍ତ ସିନିୟର ଖେଳାଳିଙ୍କ ବିନା ଏହି ଟୁର୍ନାମେଣ୍ଟ ଖେଳୁଛି। ପ୍ରଥମ ମ୍ୟାଚ୍‌ରେ ଅସ୍ମିତା ଚଲିହା ପରାଜିତ ହୋଇଥିଲେ ହେଁ ପରବର୍ତ୍ତୀ ୪ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ପୂର୍ବରୁ ଗ୍ରୁପ୍ ଏ'ର ପ୍ରଥମ ଟାଇରେ କାନାଡାକୁ ସମାନ ୪-୧ ବ୍ୟବଧାନରେ ପରାସ୍ତ କରିଥିଲା ଭାରତ।

ବିଶ୍ୱ ମାନ୍ୟତାର ୫୩ ତମ ସ୍ଥାନରେ ଥିବା ଅସ୍ମିତା ବିଶ୍ୱ ମାନ୍ୟତାର ୧୮ ନମ୍ବର ଖେଳାଳି ୟେଓ ଜିଅ ମିନଙ୍କ ନିକଟରୁ ୧୫-୨୧ ଓ ୧୮-୨୧ରେ ହାରି ଯାଇଥିଲେ। ତେବେ ଜାତୀୟ ଚାମ୍ପିୟନ ପ୍ରିୟା କୋଞ୍ଜେଙ୍ଗବାମ ଓ ଶ୍ରୁତି ମିଶ୍ର ପରବର୍ତ୍ତୀ ମ୍ୟାଚରେ ଜିଆଓ ଏନ୍ ହେଙ୍ଗ ଓ ଜିନ୍ ୟୁ ଜିଆଙ୍କୁ ୨୧-୧୫ ଓ ୨୧-୧୬ ସେଟ୍‌ରେ ହରାଇଥିଲେ। ତୃତୀୟ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୮୩ ତମ ସ୍ଥାନରେ ଥିବା ଇଶାରାଣୀ ବରୁଆ ୨୧-୧୩ ଓ ୨୧-୧୬ରେ ଇନ୍ସିରା ଖାନଙ୍କୁ ପରାସ୍ତ କରି ଭାରତକୁ ୨-୧ରେ ଆଗୁଆ କରିଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ୬୪ ତମ ସ୍ଥାନରେ ଥିବା ସିମରନ୍ ସିଂଘି ଓ ରିତିକା ଠାକେର ୨୧-୮ ଓ ୨୧-୧୧ ସେଟରେ ୟି ଟିଙ୍ଗ ଏଲ୍‌ସା ଲାଇ ଓ ଜାନ ମିଚେଲେଙ୍କୁ ହରାଇ ଭାରତକୁ ୩-୧ରେ ଆଗୁଆ କରିଥିଲେ। ଅନ୍ତିମ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୨୫୮ ତମ ସ୍ଥାନରେ ଥିବା ଅନମୋଲ ଖର୍ବ ୨୧-୧୫, ୨୧-୧୩ ସେଟରେ ଲି ଜିନ୍ ମେଗାନଙ୍କୁ ହରାଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଚାଇନା ୩-୦ରେ କାନାଡାକୁ ହରାଇଥିବା ବେଳେ ଉଭୟ ଭାରତ ଓ ଚାଇନା କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମଙ୍ଗଳବାର ଭାରତ ଓ ଚାଇନା ମଧ୍ୟରେ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଏଥିରେ ଗ୍ରୁପ୍ ଟପ୍ପର ନିର୍ଣ୍ଣୟ କରାଯିବ।



କୋଲକାତାରେ ରବିବାର ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଅନୁଷ୍ଠିତ ଆଇଏସ୍‌ଏଲ୍ ମ୍ୟାଚ।

# ସେମିଫାଇନାଲରୁ ଓଏଫ୍‌ସି ଅଭିଯାନ ଶେଷ

## ଆଇଏସ୍‌ଏଲ୍ ଫାଇନାଲରେ ମୋହନ ବାଗାନ

ଭୁବନେଶ୍ୱର,୨୮।୪

(ସରୋଜ ଜେନା)

ସହଲ ଅବଦୁଲ ସମଦଙ୍କ ଇଞ୍ଜୁରୀ ଟାଇମ୍ ଗୋଲ ବଳରେ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ସେମି ଫାଇନାଲରୁ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)ର ଅଭିଯାନ ଶେଷ ହୋଇଛି। ଦୁଇ ଚରଣର ସେମି ଫାଇନାଲକୁ ୩-୨ ଆଗ୍ରେଗେଟରେ ଜିତି ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି ମୋହନ ବାଗାନ ସୁପର ଜାଏଣ୍ଟ୍ସ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଚରଣ ମ୍ୟାଚ୍‌କୁ ଓଏଫ୍‌ସି ୧-୨ରେ ଜିତିଥିଲା। ତେବେ ରବିବାର ସଲ୍ଟ ଲେକ୍ ଷ୍ଟାଡିୟମରେ ଦ୍ୱିତୀୟ ଚରଣ ସେମି ଫାଇନାଲକୁ ୨-୦ରେ ଜିତି ନେଇଛି ମୋହନ ବାଗାନ।

ମୋହନ ବାଗାନ ପକ୍ଷରୁ ଜାସନ କମିଙ୍ଗ୍ସ (୨୦ ମିନିଟ) ଓ ସହଲ ଅବଦୁଲ ସମଦ (୯୦+୩) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ୫୪ ପ୍ରତିଶତ ସମୟ ଓଏଫ୍‌ସି ବଲ୍ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ମୋହନ ବାଗାନର ୧୦ଟି ଶଟ୍ ଟାର୍ଗେଟରେ ରହିଥିଲା। ୨୦ ତମ ମିନିଟରେ ଓଏଫ୍‌ସି ଡିଫେଣ୍ଡରଙ୍କ ତ୍ରୁଟିରୁ ଫାଇଦା ଉଠାଇ କମିଙ୍ଗ୍ସ ଗୋଲ ଦେଇଥିଲେ। ଓଏଫ୍‌ସି ପକ୍ଷରୁ ଗୋଲ ପରିଶୋଧର ଉଦ୍ୟମ କରାଯାଇଥିଲେ ମଧ୍ୟ ସଫଳତା ମିଳି ନ ଥିଲା। ମ୍ୟାଚ୍ ୨-୨ ସ୍ଥିତିରେ ଥିବା ବେଳେ ଅତିରିକ୍ତ ସମୟକୁ ମ୍ୟାଚ୍ ଯିବାର ସ୍ଥିତି ଆସିଥିଲା। ତେବେ ୯୦+୩ ମିନିଟରେ ମନବୀର ସିଂଙ୍କ ଚମତ୍କାର ସ୍ପ୍ରିଣ୍ଟରୁ ଗୋଲ ଦେଇଥିଲେ ସହଲ। ମନବୀର ଓଏଫ୍‌ସି ଡିଫେଣ୍ଡରଙ୍କୁ ଚକ୍‌ମା ଦେଇ ବଲ୍‌କୁ ଓଏଫ୍‌ସି ପୋଷ୍ଟ ନିକଟକୁ ଆଣିଥିଲେ। ଏହାପରେ ମିଳିଥିବା କ୍ରସ୍‌କୁ ଗୋଲ ପୋଷ୍ଟ ମଧ୍ୟକୁ ପଠାଇ ଘରୋଇ ଦଳକୁ ବିଜୟୀ କରିଥିଲେ ସହଲ ଅବଦୁଲ ସମଦ। କଳିଙ୍ଗରେ ଖେଳା ଯାଇଥିବା ମ୍ୟାଚରେ ମୋହନ ବାଗାନ ପକ୍ଷରୁ ମନବୀର ସିଂ ଗୋଲ ଦେଇଥିବା ବେଳେ ଓଏଫ୍‌ସି ପକ୍ଷରୁ କାର୍ଲୋସ ଡେଲଗାଡୋ ଓ ରୟ କ୍ରିଷ୍ଣା ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ପାର୍ବତୀଙ୍କୁ ୨ ସ୍ୱର୍ଣ୍ଣ ପଦକ

## ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୮।୪

(ତପନ ସ୍ୱାଇଁ)

ଗତ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ଆଥ୍‌ଲେଟିକ୍ସ ଜଗତରେ ରାଜ୍ କରି ଆସୁଥିବା ଓଡ଼ିଶାର ଡିସ୍‌କସ୍ କୁଇନ୍ ପାର୍ବତୀ ସେଠୀଙ୍କୁ ମିଳିଛି ଆଉ ୨ ସ୍ୱର୍ଣ୍ଣ ପଦକ। ଗତ ୨୬ରୁ ୨୮ ପର୍ଯ୍ୟନ୍ତ ମୁମ୍ବାଇରେ ଅନୁଷ୍ଠିତ ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ଆଥ୍‌ଲେଟ ପାର୍ବତୀ ଉଭୟ ଡିସ୍‌କସ୍ ଓ ଶଟ୍‌ପୁଟ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇ ରାଜ୍ୟକୁ ଗର୍ବିତ କରିଛନ୍ତି। ସେ ୪୪.୫୫ ମିଟର ଡିସ୍‌କସ୍ ଥ୍ରୋ କରି ପ୍ରଥମ ସ୍ୱର୍ଣ୍ଣ ପାଇଥିଲେ। ଏହାପରେ ଶଟ୍‌ପୁଟ୍ ଇଭେଣ୍ଟରେ ୧୧.୨୫ ମିଟର କ୍ଲିୟର କରି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଏକ ଘରୋଇ ସଂସ୍ଥା ବାବା ମଣି ଇଷ୍ଟେଟ୍ ପକ୍ଷରୁ ପାର୍ବତୀଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଆର୍ଥିକ ପ୍ରୋତ୍ସାହନ ତାଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲା ବୋଲି କହିବା ସହ ପାର୍ବତୀ ଉକ୍ତ ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି। ଆଗକୁ ସ୍ୱିଡେନରେ ୱାର୍ଲ୍ଡ ମାଷ୍ଟର୍ସ ଗେମ୍ସ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ମିଳିଲେ ସେ ପଦକ ଜିତି ରାଜ୍ୟ ଓ ଦେଶକୁ ଗର୍ବିତ କରିପାରିବେ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ପାର୍ବତୀ ଏହା ପୂର୍ବରୁ ଏକାଧିକ ଥର ୱାର୍ଲ୍ଡ ମାଷ୍ଟର୍ସରେ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।



ଡବଲ ସ୍ୱର୍ଣ୍ଣ ପଦକ ସହ ପାର୍ବତୀ ସେଠୀ।

# ସାଉଥ ଡର୍ବି ଜିତିଲା ଚେନ୍ନାଇ

ଚେନ୍ନାଇ,୨୮।୪: ଆଇପିଏଲରେ ରବିବାର ଅନୁଷ୍ଠିତ ସାଉଥ୍ ଡର୍ବିରେ ସନରାଇଜର୍ସ ହାଇଦ୍ରାବାଦକୁ ୭୮ ରନ୍‌ରେ ପରାସ୍ତ କରିଛି ଚେନ୍ନାଇ ସୁପର କିଙ୍ଗ୍ସ। ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ୩ ଉଇକେଟରେ ୨୧୨ ରନ୍ କରିଥିଲା। ଜବାବରେ ସନରାଇଜର୍ସ ୧୮.୫ ଓଭରରେ ୧୩୪ ରନ୍‌ରେ ଅଲଆଉଟ ହୋଇଥିଲା। ଚେନ୍ନାଇ ପକ୍ଷରୁ ଋତୁରାଜ ଗାଏକ୍ୱାଡ ୯୮ ଓ ଡାରିଲ ମିଚେଲ ୫୨ ରନ୍ କରିଥିଲେ। ତୁଷାର ଦେଶପାଣ୍ଡେ ୪ ଉଇକେଟ ନେଇଥିଲେ। ମୁସ୍ତାଫିଜର ରେହମାନ ଓ ମଥିଶା ପଥିରାନା ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୨୧୨/୩ (ଋତୁରାଜ ଗାଏକ୍ୱାଡ-୯୮, ଡାରିଲ ମିଚେଲ-୫୨, ଶିବମ ଦୁବେ-୩୯*, ଭୁବନେଶ୍ୱର କୁମାର-୧/୩୮, ଜୟଦେବ ଉନାଡକଟ-୧/୩୮)। ସନରାଇଜର୍ସ ହାଇଦ୍ରାବାଦ ୧୮.୫ ଓଭରରେ ୧୩୪/୧୦ (ଏଡେନ୍ ମାରକ୍ରମ-୩୨, ହେନରିଚ୍ କ୍ଲାସେନ୍-୨୦, ଅବଦୁଲ ସମଦ-୧୯, ତୁଷାର ଦେଶପାଣ୍ଡେ-୪/୨୭, ମଥିଶା ପଥିରାନା-୨/୧୭, ମୁସ୍ତାଫିଜୁର ରେହମାନ-୨/୧୯)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୯ | ୮ | ୧ | ୧୬ | +୦.୬୯୪ |
| କୋଲକାତା ନାଇଟ ରାଇଡର୍ସ | ୮ | ୫ | ୩ | ୧୦ | +୦.୯୭୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୫ | ୪ | ୧୦ | +୦.୮୧୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୫ | ୪ | ୧୦ | +୦.୦୭୫ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | +୦.୦୫୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୫ | ୫ | ୧୦ | -୦.୨୭୬ |
| ଗୁଜରାଟ ଟାଇଟନ୍ସ | ୧୦ | ୪ | ୬ | ୮ | -୧.୧୧୩ |
| ପଞ୍ଜାବ କିଙ୍ଗ୍ସ | ୯ | ୩ | ୬ | ୬ | -୦.୧୮୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୩ | ୬ | ୬ | -୦.୨୬୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୩ | ୭ | ୬ | -୦.୪୧୫ |

# ୧୪ ବର୍ଷ ପରେ ଭାରତକୁ ଐତିହାସିକ ସ୍ୱର୍ଣ୍ଣ ପଦକ

## ଆର୍ଚେରୀ ବିଶ୍ୱକପ୍

ସାଂଘାଇ,୨୮।୪(ପି.ଟି.)

ସାଂଘାଇରେ ଅନୁଷ୍ଠିତ ଆର୍ଚେରୀ ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ରିକର୍ଭ ଦଳ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଧୀରଜ ବୋମ୍ମାଦେବରା, ତରୁଣଦୀପ ରାୟ ଓ ପ୍ରବୀଣ ଯାଦବଙ୍କ ପୁରୁଷ ଦଳ ରବିବାର ଅଲିମ୍ପିକ୍ସ ଚାମ୍ପିୟନ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ଶେଷ ଥର ପାଇଁ ରିକର୍ଭ ଇଭେଣ୍ଟରେ ଭାରତ ୨୦୧୦ରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଭାରତୀୟ ସେନାରେ କାର୍ଯ୍ୟ କରୁଥିବା ୪୦ ବର୍ଷୀୟ ତରୁଣଦୀପ ରାୟ ଦ୍ୱିତୀୟ ଥର ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୨୦୧୦ରେ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ରହିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟ ରଖିଥିବା ଧୀରଜ, ତରୁଣଦୀପ ଓ ପ୍ରବୀଣ ଚମତ୍କାର ଧୈର୍ଯ୍ୟର ପରିଚୟ ଦେଇ କୋରିଆକୁ ୫-୧ରେ ହରାଇଥିଲେ। ଏହା ସହ ଚଳିତ ଟୁର୍ନାମେଣ୍ଟରେ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସହ ଅଭିଯାନ ଶେଷ କରିଛି ଭାରତ।

ପୁରୁଷ ରିକର୍ଭ ଟିମ୍ ଫାଇନାଲରେ ଭାରତୀୟ ତୀରନ୍ଦାଜମାନେ ୩ ଥର ୧୦ ଓ ୩ ଥର ୯ ପଏଣ୍ଟ ଅର୍ଜନ କରିଥିଲେ। ଅନ୍ୟପକ୍ଷରେ କୋରିଆ ଦୁଇ ଥର ୮ ସ୍କୋର କରିବା ସହ ଚାପରେ ରହିଥିଲା। ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତର ଅଙ୍କିତା ଭକତ ଓ ଧୀରଜ ବୋମ୍ମାଦେବରା ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ମେକ୍ସିକୋର ଆଲେଜାନ୍ଦ୍ର ଭାଲେନ୍ସିଆ ଓ ମାଟିଆସ ଗ୍ରାଣ୍ଡେଙ୍କୁ ୬-୦ରେ ପରାସ୍ତ କରିଥିଲେ ଭାରତୀୟ ଯୋଡି। ମହିଳା ବ୍ୟକ୍ତିଗତ ରିକର୍ଭରେ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି ଦୀପିକା କୁମାରୀ। ପ୍ରତ୍ୟାବର୍ତ୍ତନ କରୁଥିବା ଦୀପିକା ଏସିଆନ୍ ଗେମ୍ସ ଚାମ୍ପିୟନ ଲିମ୍ ସିହେୟୋନଙ୍କ ଠାରୁ ୬-୦ରେ ହାରି ଯାଇଥିଲେ।

# ଜୟରାମ, ମହେନ୍ଦ୍ର, ସିଦ୍ଧାର୍ଥଙ୍କୁ ପଦକ

## ଏସିଆନ ୨୦ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୮।୪

(ତପନ ସ୍ୱାଇଁ)

କିଟ୍ ଓ କିସ୍‌ର ଛାତ୍ର ଡି.ଏମ. ଜୟରାମ, ମହେନ୍ଦ୍ର ସାନ୍ତା, ସବିତା ଟପ୍ପୋ ଓ ସିଦ୍ଧାର୍ଥ ଚୌଧାରୀ ଦୁବାଇରେ ଅନୁଷ୍ଠିତ ୨୧ତମ ଏସିଆନ ୨୦ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପଦକ ହାସଲ କରିଛନ୍ତି। ଜୟରାମ ଓ ମହେନ୍ଦ୍ର ବ୍ରୋଞ୍ଜ ପଦକ ବିଜୟୀ ୪x୧୦୦ ମିଟର ରିଲେରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ଭାରତୀୟ ଦଳ ୪୦.୦୧ ସେକେଣ୍ଡ ସମୟ ନେଇ ପୂର୍ବରୁ ଥିବା ଜାତୀୟ ଜୁନିୟର ରେକର୍ଡ (୪୦.୫୬ ସେକେଣ୍ଡ)କୁ ଭାଙ୍ଗିଥିଲେ। ସବିତା ଟପ୍ପୋ ୧୦୦ ମିଟର ହର୍ଡଲ୍ସରେ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର କ୍ୱାଲିଫିକେଶନ ମାର୍କକୁ ସ୍ପର୍ଶ କରିଥିଲେ। ଅନ୍ୟତମ କିଟ୍ ଛାତ୍ର ସିଦ୍ଧାର୍ଥ ପୁରୁଷ ଶଟ୍‌ପୁଟ୍‌ରେ ୧୯.୦୨ ମିଟର ଥ୍ରୋ କରି ବ୍ରୋଞ୍ଜ ପଦକ ପାଇଛନ୍ତି। ସମ୍ପ୍ରତି ଜୟରାମ, ମହେନ୍ଦ୍ର ଓ ସବିତା ଓଡ଼ିଶା ରିଲାଏନ୍ସ ଏଚ୍‌ପିସିରେ ରୋହିତ ମାନେଙ୍କ ତତ୍ତ୍ୱାବଧାନରେ କୋଚିଂ ନେଉଛନ୍ତି। ସିଦ୍ଧାର୍ଥ ବ୍ୟକ୍ତିଗତ କୋଚ୍‌ଙ୍କ ଦ୍ୱାରା ଟ୍ରେନିଂ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



କୋଚ୍ ରୋହିତ ମାନେଙ୍କ ସହ ଜୟରାମ ଓ ମହେନ୍ଦ୍ର।



ସିଦ୍ଧାର୍ଥ ଚୌଧାରୀ

## କ୍ୟାମ୍ପ କର୍ଫ୍ୟୁ ଭାଙ୍ଗିଲେ ପାକିସ୍ତାନ ମହିଳା ଖେଳାଳି

# ଦୁର୍ଘଟଣାରେ ୨ ଗୁରୁତର

ଲାହୋର,୨୮।୪(ପି.ଟି.)

ପାକିସ୍ତାନ ଜାତୀୟ ମହିଳା କ୍ରିକେଟ ଦଳର ଖେଳାଳିମାନେ କ୍ୟାମ୍ପ କର୍ଫ୍ୟୁ ଭାଙ୍ଗି ବାହାରେ ବୁଲୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିବା ନେଇ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ପକ୍ଷରୁ କୁହାଯାଇଛି। ଏପ୍ରିଲ୍ ୨ରୁ ୮ ତାରିଖ ମଧ୍ୟରେ ଏହି ଘଟଣା ଘଟିଥିବା ପିସିବି ପକ୍ଷରୁ କୁହାଯାଇଛି। ୱେଷ୍ଟଇଣ୍ଡିଜ୍ ସିରିଜ୍ ପୂର୍ବରୁ ଏପ୍ରିଲ୍ ୨-୮ ଯାଏ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ମ୍ୟାନେଜମେଣ୍ଟର ବିନା ଅନୁମତିରେ କିଛି ଜାତୀୟ ଦଳ ଖେଳାଳି କରାଚୀରେ ବୁଲିବା ପାଇଁ ଯାଇଥିଲେ। ହେଲେ ସେମାନଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ୨ ଜଣ ଖେଳାଳି ଗୁରୁତର ଆହତ ହୋଇଥିବା ନେଇ ପିସିବି ଚେୟାରମ୍ୟାନ ମୋହସିନ୍ ନକଭି କହିଛନ୍ତି। ଏହି ଘଟଣା ପରେ ପାକିସ୍ତାନ ପୋଲିସକୁ ମହିଳା ଦଳର ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଛି।

# ଭାରତୀୟ ସାବ୍‌ରେ ଦଳକୁ ରୌପ୍ୟ

ଭୁବନେଶ୍ୱର, ୨୮।୪

(ତପନ ସ୍ୱାଇଁ)

ଥାଇଲାଣ୍ଡରେ ରବିବାର ଶେଷ ହୋଇଥିବା ହୁଇଲ ଚେୟାର ଫେନ୍‌ସିଂ ଏସିଆନ୍ ଚାମ୍ପିଆନଶିପ୍‌ରେ ଭାରତୀୟ ଦଳ ରୌପ୍ୟ ପଦକ ହାସଲ କରିଛି। ଓଡ଼ିଶାର ରାଖାଲ କୁମାର ସେଠୀ ଦଳର ନେତୃତ୍ୱ ନେଇଥିଲେ। ଓଡ଼ିଶାର ଅନ୍ୟତମ ଖେଳାଳି ପବିତ୍ର ସାହୁ, ପ୍ରବୀଣ (ହରିୟାନା) ଓ ଦେବେନ୍ଦ୍ର କୁମାର (ହରିୟାନା) ଭାରତୀୟ ଦଳର ସଦସ୍ୟ ଥିଲେ। ଭାରତୀୟ ଦଳ ସେମିଫାଇନାଲରେ ଉଜ୍‌ବେକିସ୍ତାନକୁ ୪୫-୩୩ରେ ହରାଇ ଥିବାବେଳେ ଫାଇନାଲରେ ଥାଇଲାଣ୍ଡଠାରୁ ୩୨-୪୫ରେ ହାରି ଯାଇଥିଲା। ରୌପ୍ୟ ବିଜୟୀ ଜାତୀୟ ଦଳର ସଦସ୍ୟଙ୍କୁ ଭାରତୀୟ ହୁଇଲ ଚେୟାର ଫେନ୍‌ସିଂ ସଂଘ ସଭାପତି ଜୟରାମ ଚନ୍ଦ୍ରଶେଖର, ପାରା ସ୍ପୋର୍ଟ୍ସ ଆସୋସିଏଶନ୍ ଓଡିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ଲୋକନାଥ ମହାନ୍ତି ଓ ହୁଇଲ ଚେୟାର ଫେନସିଂ ଓଡ଼ିଶାର ଚେୟାର ପର୍ସନ ବେଲା ଜୟସ୍ୱାଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।




ପଦକ ସହ ପବିତ୍ର ସାହୁ ଓ ରାଖାଲ କୁମାର ସେଠୀ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ସୋମବାର, ଏପ୍ରିଲ୍ ୨୯/୨୦୨୪ (୮+୮= ୧୬ ପୃଷ୍ଠା) Bhubaneswar, Monday, April 29/2024 Page 16 SAMBALPUR

# ୫ଜଣ ପାଇଲେ 'ସିନେକ୍ରିଟିକ୍ ସମ୍ମାନ'

## ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନର 'ସୀତା ବିବାହ ଦିବସ'

ଭୁବନେଶ୍ୱର,୨୮।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ସୀତା ବିବାହ ଦିବସ' ସମାରୋହ ରବିବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରଯୋଜିକା ତଥା କାଦମ୍ବିନୀର ସମ୍ପାଦିକା ଡ. ଇତିସାମନ୍ତ, ନିର୍ଦ୍ଦେଶକ ପ୍ରଣବ ଦାସ, ନିର୍ଦ୍ଦେଶକ ଅରୁଣ ମହାନ୍ତି ଯୋଗଦେଇ ଓଡ଼ିଆ ଚଳଚ୍ଚିତ୍ରର ଜନକ ତଥା ପ୍ରଥମ ଚଳଚ୍ଚିତ୍ର 'ସୀତା ବିବାହ'ର ନିର୍ଦ୍ଦେଶକ ସ୍ୱର୍ଗତ ମୋହନସୁନ୍ଦର ଦେବଗୋସ୍ୱାମୀଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ରର ପ୍ରସାର ନିମନ୍ତେ ପ୍ରତି ଜିଲାରେ ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧି ଓ ଗୁଣାତ୍ମକ ମାନର ଚଳଚ୍ଚିତ୍ର ପ୍ରସ୍ତୁତ କରିବାକୁ ସରକାର ପ୍ରୋତ୍ସାହନ ଦେବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂତନ ଓଡ଼ିଆ ଚଳଚ୍ଚିତ୍ର 'ଭୋଟ୍'ର ପ୍ରଯୋଜକ ଅତିଶ ରାଉତ, ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ଅଭିନେତା ହର ରଥ, ସୁଶାନ୍ତ ରାଉତରାୟ ଓ କାହାଣୀକାର ଅଜୟ ମହାପାତ୍ରଙ୍କୁ 'ସିନେକ୍ରିଟିକ୍ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ତଥା ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ।



ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଗ୍ରୀଷ୍ମକାଳୀନ ଲନ୍ ବଲ ତାଲିମ ଶିବିରରେ ଖେଳାଳିମାନେ। (ଫଟୋ: ସୁନୀଲ ମହାନ୍ତି)

# ଚାଷୀ ଭୋଟ ଉପରେ ସଭିଙ୍କ ନଜର

ବରଗଡ଼,୨୮।୪(ପ୍ରେମାନନ୍ଦ ଖମାରୀ)

ଆସନ୍ତା ମେ ୨୦ ତାରିଖରେ ବରଗଡ଼ ଜିଲାରେ ସାଧାରଣ ନିର୍ବାଚନକୁ ନେଇ ମତଦାନ ହେବ। ଅନ୍ୟପଟେ ସେହି ମାସ ୧୦ ତାରିଖରୁ ବରଗଡ଼ ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ରବିଋତୁ ଧାନ ସଂଗ୍ରହ ପାଇଁ ମଣ୍ଡିଗୁଡ଼ିକ ଖୋଲିବ। ସଂଯୋଗବଶତଃ ଚଳିତ ସାଧାରଣ ନିର୍ବାଚନରେ ଏଥର ଏଭଳି ସ୍ଥିତି ଆସିଛି। ଏହା ଶାସକ ନା ବିରୋଧୀ ଦଳକୁ ସୁହାଇବ, ତାହା ସମୟ କହିବ। କିନ୍ତୁ ବରଗଡ଼ ଜିଲାରେ ୮୦ % କୃଷକ ପରିବାରର ମତଦାତା ରହିଥିବା ଯୋଗୁ ଏଥର ସାଧାରଣ ନିର୍ବାଚନରେ ଚାଷୀଙ୍କ ହାତରେ ପ୍ରାର୍ଥୀଙ୍କ ଭାଗ୍ୟ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜନୈତିକ ଦଳଗୁଡ଼ିକୁ ମଧ୍ୟ ତାହା ଅଜଣା, ଅଛପା ହୋଇ ରହିନାହିଁ। ନିର୍ବାଚନ ଜିତିଲା ପରେ ତାହା ପୂରଣ କରନ୍ତୁ ଅବା ନ କରନ୍ତୁ, ନିର୍ବାଚନୀ ଇସ୍ତାହାର ଏବଂ ପ୍ରଚାରବେଳେ ରାଜନୈତିକ ଦଳଗୁଡ଼ିକ ମାଳମାଳ ପ୍ରତିଶ୍ରୁତି ଦେଉଛନ୍ତି। ଭାଜପା ରାଜ୍ୟରେ ଶାସନକୁ ଆସି ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିବ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ କଂଗ୍ରେସ ଧାନ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କା ପ୍ରଦାନ ସହିତ ସ୍ୱତନ୍ତ୍ର ବୋନସ ଏବଂ କୃଷକଙ୍କୁ ମାସିକ ୨ ହଜାର ଟଙ୍କା ଲେଖାଏଁ ପେନ୍‌ସନ ଦେବା ପାଇଁ ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରିଛି। ତେବେ ବିଜେଡି ନିର୍ବାଚନୀ ଇସ୍ତାହାର ଜାରି କରି ନ ଥିଲେ ସୁଦ୍ଧା ନିର୍ବାଚନୀ ବୈତରଣୀ ପୁଣି ପାରି ହେବା ପାଇଁ ସେଥିରେ ଚାଷୀ, ଚାଷ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେବ ବୋଲି ସାଧାରଣରେ ଆଲୋଚନ ହେଉଛି। ସେହିପରି ଆମ ଆଦ୍‌ମୀ ପାର୍ଟି, ବହୁଜନ ସମାଜ ପାର୍ଟି ସମେତ ବିଭିନ୍ନ ଦଳ ଚାଷ, ଚାଷୀ ସମସ୍ୟାକୁ ନିର୍ବାଚନୀ ପ୍ରସଙ୍ଗ କରି ନିର୍ବାଚନ ମଇଦାନକୁ ଦଳୀୟ ପ୍ରାର୍ଥୀ ଛାଡ଼ିବାକୁ ଜୋରଦାର୍ ଲାଗି ପଡ଼ିଛନ୍ତି। ଏଭଳି ସ୍ଥଳେ ନିର୍ବାଚନ ସମୟରେ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିବା ରାଜ୍ୟର ଶାସକ ଦଳ ଅର୍ଥାତ୍ ବିଜେଡି ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି। ମତଦାନର ୧୦ଦିନ ପୂର୍ବରୁ ଧାନ କିଣାବିକା ଆରମ୍ଭ ହେଉଛି। ଫଳରେ ଅନ୍ୟବର୍ଷ ଭଳି ଯଦି ଏଥର ମଧ୍ୟ ଆରମ୍ଭରୁ ଧାନ ସଂଗ୍ରହ ପ୍ରକ୍ରିୟା ଅବ୍ୟବସ୍ଥିତ ହୋଇପଡ଼େ, ତାହା ଶାସକ ବିରୋଧୀ ଜନମତ ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି। ଆଉ ସେଭଳିସ୍ଥିତି ଉପୁଜିଲେ ବିରୋଧୀ ଭାଜପା ଏବଂ କଂଗ୍ରେସ ତା'ର ଫାଇଦା ଉଠାଇବେ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଅନ୍ୟପଟେ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ମାନ୍ୟତା ପ୍ରଦାନ, ସ୍ୱାମୀନାଥନ କମିଶନଙ୍କ ସୁପାରିସରେ ଏମ୍‌ଏସ୍‌ପି ନିର୍ଦ୍ଧାରଣ ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଦିଲ୍ଲୀ ସୀମାବର୍ତ୍ତୀ ଅଞ୍ଚଳରେ ଆନ୍ଦୋଳନ ଜାରି ରଖିଛି। ଦେଶର ବିଭିନ୍ନ ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଏହା ସତ୍ତ୍ୱେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ମୋଦି ସରକାର ସେଥିପ୍ରତି ନୀରବ ରହିଛନ୍ତି, ଫଳରେ ଚାଷୀ ଭୋଟ ଭାଜପା ବିପକ୍ଷରେ ଯିବାକୁ ମଧ୍ୟ ଏଡ଼ାଇ ଦେଇ ହେଉନାହିଁ। ତେବେ ଏଥିରୁ କଂଗ୍ରେସ କିଭଳି ଲାଭ ଉଠାଇ ପାରୁଛି, ତାହା ମତଦାନ ଫଳାଫଳ ଆସିବା ପରେ ଜଣାପଡ଼ିବ। ରାଜନୈତିକ ସମୀକ୍ଷକ ସତ୍ୟନାରାୟଣ ପାଢ଼ୀ କହିଛନ୍ତି, ଧାନ କିଣାବିକା ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ସୁବ୍ୟବସ୍ଥା ଭିତରେ ବ୍ୟାପକ ଅବ୍ୟବସ୍ଥା ଲାଗିରହିଛି। ଏହି ବ୍ୟବସ୍ଥା ଆଜିର ନୁହେଁ, ଏହା ଦୀର୍ଘଦିନର ଏବଂ ଯାହାର ନିଦାନ ଏଯାଏ ବାହାରି ପାରି ନାହିଁ। ଡିଜିଟାଲ ପ୍ରକ୍ରିୟାରେ ପ୍ରତି ୬ ମାସରେ ଚାଷୀଙ୍କ ନାମ ପଞ୍ଜୀକରଣ, ଧାନ ବିକ୍ରିବଟାରେ ଟୋକନ ବ୍ୟବସ୍ଥା, କଟ୍‌ନୀ ଛଟ୍‌ନୀ, ପି.ସି କାରବାର, ଧାନ ସୁରକ୍ଷିତ ରଖିବା ପାଇଁ ମଣ୍ଡିରେ ସ୍ଥାନାଭାବ, ବର୍ଷାରେ ଭିଜି ଧାନ ଗଜାହେବା, ମଣ୍ଡିରେ ଦଲାଲଙ୍କ ଦୌରାତ୍ମ୍ୟ ଭଳି ଅନେକ ଅଭିଯୋଗ ନେଇ ଚାଷୀ ମନରେ ଏକ ସୁପ୍ତ ଅସନ୍ତୋଷର ବହ୍ନି ପାଉଁଶତଳର ନିଆଁ ଭଳି ରହିଛି। ଏଥର ଧାନ ସଂଗ୍ରହ ପ୍ରକ୍ରିୟାରେ ସେଭଳି ଅନିୟମିତତା ଲାଗି ରହିଲେ, ମତଦାନରେ ସେହି ପାଉଁଶତଳର ନିଆଁ ଲେଲିହାନ ଶିଖା ସ୍ୱରୂପ ଧାରଣ କରିବାର ସମ୍ଭାବନା ରହିଛି ବୋଲି ପାଢ଼ୀ କହିଛନ୍ତି। ସେହିପରି ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଧାନ ସଂଗ୍ରହ ନୀତି ଓଡ଼ିଶାରେ ବିଫଳ ହୋଇଛି। ବିକେନ୍ଦ୍ରିତ ନୀତି କେନ୍ଦ୍ରୀକରଣ କରିବା ଫଳରେ ଜମି ପଞ୍ଜୀକରଣ, ଟୋକନ କଟକଣା, କଟ୍‌ନୀ ଛଟ୍‌ନୀ, ବସ୍ତା, ସୁତୁଲି, ଧାନ ଉଠିବା ଆଦି ସମସ୍ୟା ଲାଗିରହିଛି। ଚଳିତ ଋତୁ ନିର୍ବାଚନ ବର୍ଷ ଏବଂ ଠିକ୍ ଏହି ସମୟରେ ଧାନକିଣା। ଏଣୁ ନିର୍ବାଚନରେ ନିଶ୍ଚୟ ଏହାର ପ୍ରଭାବ ପଡ଼ିବ ଏବଂ ଅବ୍ୟବସ୍ଥା ହେଲେ ଆନ୍ଦୋଳନ ଦୁର୍ବାର ହେବ ବୋଲି ମହାପାତ୍ର କହିଥିଲେ।



ବରଗଡ଼ ଜିଲା ଭେଡ଼େନ ବ୍ଲକ ବଇପୁର ଗ୍ରାମରେ ଜଣେ ଚାଷୀ ଅମଳ ଧାନ ଖଳାରେ ରଖୁଛନ୍ତି।

# ସଙ୍କଟରେ ଓଡ଼ିଶାର ଅସ୍ମିତା: ମୋଦି

ନୂଆଦିଲ୍ଲୀ,୨୮।୪



ବିଜୁ ଜନତା ଦଳ (ବିଜେଡି) ସରକାର ଶାସନ ଅମଳରେ ଓଡ଼ିଶାର ଅସ୍ମିତା ପ୍ରତି ସଙ୍କଟ ସୃଷ୍ଟି ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏଥିସହ ଚଳିତ ଲୋକ ସଭା ନିର୍ବାଚନରେ ବିଜେଡି ସହିତ ଭାରତୀୟ ଜନତା ପାର୍ଟି (ଭାଜପା)ର ମେଣ୍ଟ ନ ହେବା କାରଣ ସମ୍ପର୍କରେ ମଧ ସେ ଉଲ୍ଲେଖ କରିଛନ୍ତି।

ତୃତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପୂର୍ବରୁ ମୋଦି ଏକ ଜାତୀୟ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ବିଜେଡି କେନ୍ଦ୍ରକୁ ଅନ୍ୟ ଦଳଗୁଡ଼ିକ ଭଳି କେତେକ ବିଷୟରେ ପ୍ରସଙ୍ଗଭିତ୍ତିକ ସମର୍ଥନ ଦେଇଛି। ରାଜ୍ୟ ସଭାରେ ଗୁରୁତ୍ୱପୂର୍ଣ୍ଣ ବିଧେୟକଗୁଡ଼ିକୁ ପାରିତ କରିବା ବେଳେ ମଧ ଆମକୁ ସମର୍ଥନ କରିଛି। କିନ୍ତୁ ବିଜେଡି ଶାସନରେ ଓଡ଼ିଶାର ଅସ୍ମିତା ପ୍ରତି ସଙ୍କଟ ଦେଖାଦେଇଛି। ଓଡ଼ିଶା ଏବଂ ଓଡ଼ିଆ ଭାଷା ଏବେ ବିପଦରେ। ଓଡ଼ିଶାବାସୀ ଏହାକୁ ଦୀର୍ଘ ସମୟ ଧରି ବରଦାସ୍ତ କରିବେ ବୋଲି ମୁଁ ମନେକରୁନାହିଁ। ଓଡ଼ିଶା ଏତେ ପର୍ଯ୍ୟାପ୍ତ ପ୍ରାକୃତିକ ସମ୍ବଳରେ ପରିପୂର୍ଣ୍ଣ ଯେ ଏହା ଦେଶର ସବୁଠୁ ଧନୀ ରାଜ୍ୟ ହୋଇପାରିଥାଆନ୍ତା। କିନ୍ତୁ ଏହି ରାଜ୍ୟ ପାଇଁ କିପରି ସ୍ଥିତି ସୃଷ୍ଟି କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଭାଜପାକୁ ଓଡ଼ିଶାର ସେବା କରିବା ଏବଂ ଓଡ଼ିଆଙ୍କୁ ସଫଳତାର ନୂଆ ଶିଖରକୁ ନେବା ପାଇଁ ଏକ ସୁଯୋଗ ମିଳିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଓଡ଼ିଶାରେ ମେ' ୧୩ରୁ ୪ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ୨୦୦୦ ମସିହାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷମତାରେ ରହିଥିବାବେଳେ ଏଥର ରେକର୍ଡ ଷଷ୍ଠ ଥର ପାଇଁ ଆଶାବାଦୀ ଅଛନ୍ତି। ନିର୍ବାଚନରେ ଭାଜପା ଏବଂ ବିଜେଡି ମଧ୍ୟରେ ମେଣ୍ଟ ନେଇ ଆଲୋଚନା ଚାଲିଥିଲା। କିନ୍ତୁ ଆସନ ବୁଝାମଣା ନ ଛିଣ୍ଡିବାରୁ ନବୀନଙ୍କୁ ଗାଦିଚ୍ୟୁତ କରିବା ପାଇଁ ଭାଜପା ଅଣ୍ଟା ଭିଡ଼ିଛି।

# ପୁଅକୁ ଛୁରି ଭୁସି ହତ୍ୟାକଲେ ବାପା

ନନ୍ଦାହାଣ୍ଡି,୨୮।୪(ପ୍ରତୀପ କୁମାର ଦାଶ)

ନିଶାସକ୍ତ ଅବସ୍ଥାରେ ଛୁରି ଭୁସି ନିଜ ପୁଅକୁ ହତ୍ୟା କରିଛନ୍ତି ବାପା। ଏହି ସମୟରେ ଦାଦା ତାଙ୍କୁ ରୋକିବାକୁ ଚେଷ୍ଟା କରିବାରୁ ତାଙ୍କୁ ମଧ ଛୁରି ମାଡ଼ କରି ଲହୁଲୁହାଣ କରିଦେଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ତଥା ତେନ୍ତୁଳିଖୁଣ୍ଟିଥାନା ଅନ୍ତର୍ଗତ ଧଣ୍ଡରା ଗ୍ରାମରେ। ମୃତକ ହେଲେ ଦେବ ନାୟକ(୨୨)।

ମିଳିଥିବା ସୂଚନା ଅନୁସାରେ ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଧଣ୍ଡରା ଗ୍ରାମର ଯୋଗେଶ୍ୱର ନାୟକ ଶନିବାର ରାତି ପ୍ରାୟ ୮ଟାରେ ନିଶାସକ୍ତ ଅବସ୍ଥାରେ ନିଜ ଘର ସମ୍ମୁଖରେ ପାଟିତୁଣ୍ଡ କରୁଥିଲେ। ଏହି ସମୟରେ ବଡ଼ ପୁଅ ଦେବ ନାୟକ ବାହାରେ ପାଟିତୁଣ୍ଡ ନ କରିବା ପାଇଁ କହିବାରୁ ଏହାକୁ ନେଇ ଉଭୟ ବାପା ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୋଗେଶ୍ୱର ନିଜ ପୁଅ ଦେବଙ୍କ ଛାତିରେ ଛୁରି ଭୁସି ଦେଇଥିଲେ। ଏହି ସମୟରେ ଦାଦା ଅଭିମନ୍ୟୁ ନାୟକ ତାଙ୍କୁ ରୋକିବାକୁ ଆସିଥିବାବେଳେ ତାଙ୍କୁ ମଧ ଛୁରିରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟ ଦାଦା ଓ ପୁତୁରାଙ୍କୁ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଦେବଙ୍କ ମୃତ୍ୟୁ ହୋଇଥିବା ବେଳେ ଦାଦା ଅଭିମନ୍ୟୁଙ୍କ ଚିକିତ୍ସା ଚାଲିଛି। ଏ ନେଇ ସାନ ପୁଅ ପାର୍ଥ ନାୟକ ତେନ୍ତୁଳିଖୁଣ୍ଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଆଇଆଇସି ଗୋପାଳକୃଷ୍ଣ ଆଗୁପାତ୍ର, ଏସ୍‌ଆଇ ପ୍ରମୋଦ କୁମାର ଖଣ୍ଡୁଆଳଙ୍କ ସମେତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରି ତଦନ୍ତ ଆରମ୍ଭ କରିବା ସହ ଯୋଗେଶ୍ୱରଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଏ ନେଇ ତେନ୍ତୁଳିଖୁଣ୍ଟି ଥାନାରେ କେସ୍ ନମ୍ବର ୧୨୧/୨୪ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ କରାଯାଇଛି।

# ଟ୍ରକ୍‌କୁ ଧକ୍କା ଦେଲା ବସ୍: ଡ୍ରାଇଭର, ହେଲ୍‌ପର ମୃତ

## ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ବର୍ତ୍ତିଲେ

ସୋନପୁର,୨୮।୪(ମୃତ୍ୟୁଞ୍ଜୟ ଶତପଥୀ)

ଯାତ୍ରୀବାହୀ ବସ୍ ଚଳନ୍ତା ଟ୍ରକ୍‌କୁ ପଛୁ ପଟୁ ଧକ୍କା ଦେବା ଫଳରେ ବସ୍ ଡ୍ରାଇଭର ଓ ହେଲପରଙ୍କ ମୃତ୍ୟୁ ଘଟିଛି। ଶନିବାର ରାତି ପ୍ରାୟ ୨ଟା ୩୦ରେ ଖୋର୍ଦ୍ଧା–ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ସୋନପୁର ଥାନା ହରଡଖୋଲ ନିକଟରେ ଏହି ଦୁର୍ଘଟଣା ଘଟିଛି। ଡ୍ରାଇଭର ଭାରସାମ୍ୟ ହରାଇବାରୁ ଜୟପୁରରୁ କଟକ ଯାଉଥିବା ପ୍ରଧାନ ନାମକ ଯାତ୍ରୀବାହୀ ବସ୍ (ନଂ.ଓଡି୦୫ଏ–ଏଚ୦୦୧୫) ଏକ ଅଜଣା ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ଯୋଗୁ ବସ୍‌ର ସମ୍ମୁଖ ଭାଗ ଚାପି ହୋଇ ଯାଇଥିଲା। ଏଥିଯୋଗୁ ବସ୍‌ର ଡ୍ରାଇଭର ଡମ୍ବରୁଧର ସ୍ୱାଇଁ(୫୩) ଓ ହେଲପର ଶିବରାମ ଗୌଡ(୩୨)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତ ଡ୍ରାଇଭରଙ୍କ ଘର ଭୁବନେଶ୍ୱର ଖଣ୍ଡଗିରି ନିକଟସ୍ଥ ଡୁମ୍‌ଡୁମା ଅଞ୍ଚଳରେ ଓ ହେଲପର ଗୌଡଙ୍କ ଘର ଗଞ୍ଜାମ ଜିଲା ବଡାଗାଁ ଅଞ୍ଚଳରେ ବୋଲି ଜଣାପଡିଛି। ବସ୍‌ର ଅନ୍ୟ ଜଣେ କର୍ମଚାରୀ କପିଳାସ ପଟ୍ଟନାୟକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର କପିଳାସଙ୍କ ଘର କଳାହାଣ୍ଡି ଜିଲା ସଦର ଥାନା ପାଟଣାଗଡ ଅଞ୍ଚଳରେ ବୋଲି ଜଣାପଡିଛି। ବସ୍ କଣ୍ଡକ୍ଟର ସାମାନ୍ୟ ଆହତ ହୋଇଛନ୍ତି। ଏହି ବସରେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ତେବେ ସୌଭାଗ୍ୟକ୍ରମେ ସମସ୍ତ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ଯାତ୍ରୀମାନଙ୍କୁ ଅନ୍ୟ ଏକ ବସ୍‌ରେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯାଇଛି। ହରଡଖୋଲ ଫାଣ୍ଡି ପୋଲିସ ବସ୍‌କୁ ଜବତ କରିଛି। ସୋନପୁର ଥାନାରେ ଏ ନେଇ ଏକ ମାମଲା(ନଂ୧୫୨/୨୪)ରୁଜୁ ହୋଇ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ପରେ ଡ୍ରାଇଭର ଓ ହେଲପରଙ୍କ ମୃତଦେହ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏଏସଆଇ ଦିଲୀପ କୁମାର ସାହୁ କହିଛନ୍ତି।



ଦୁର୍ଘଟଣାଗ୍ରସ୍ତ ଯାତ୍ରୀବାହୀ ବସ୍।

# ସଫଳତା ହାସଲ ପାଇଁ ଆତ୍ମପରିଚାଳନା ଗୁରୁତ୍ୱପୂର୍ଣ୍ଣ

## ସମ୍ବଲପୁର ଆଇଆଇଏମ୍‌ର ଅଷ୍ଟମ ସମାବର୍ତ୍ତନ ଉତ୍ସବ

## ୨୩୬ ସ୍ନାତକ, ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ

ସମ୍ବଲପୁର,୨୮।୪(ପ୍ରମୋଦ ବହିଦାର)

ଜୀବନରେ ସଫଳତା ହାସଲ ପାଇଁ ଆତ୍ମପରିଚାଳନା ଗୁରୁତ୍ୱପୂର୍ଣ୍ଣ ଓ ସଫଳତାର ମୂଳଦୁଆ। ଆତ୍ମଅନୁଶାସନ, ସ୍ଥିରତା ଏବଂ ସମାନତା ସହିତ ଆହ୍ୱାନଗୁଡ଼ିକୁ ସହଜରେ ମୁକାବିଲା କରିବାର କ୍ଷମତାବିନା ଜଣେ ପ୍ରକୃତରେ ଆତ୍ମପରିଚାଳନା କରିବା ଅସମ୍ଭବ। ରବିବାର ସମ୍ବଲପୁର ଆଇଆଇଏମ୍‌ର ଅଷ୍ଟମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ସମ୍ବଲପୁର ଆଇଆଇଏମ୍‌ର ବିଓଜି(ବୋର୍ଡ ଅଫ ଗଭର୍ନର୍ସ ବଡି) ଅଧ୍ୟକ୍ଷା ତଥା ସେଲ୍ସଫୋର୍ସ ଇଣ୍ଡିଆର ମୁଖ୍ୟ ନିର୍ବାହୀ ଅଧିକାରୀ ଅରୁନ୍ଧତି ଭଟ୍ଟାଚାର୍ଯ୍ୟ। ବନ୍ଧନ ବ୍ୟାଙ୍କର ପ୍ରତିଷ୍ଠାତା, ଏମ୍‌ଡି ତଥା ସିଇଓ ଚନ୍ଦ୍ର ଶେଖର ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବର୍ତ୍ତନ ସମାରୋହରେ ୨୩୬ ଏମ୍‌ବିଏ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦୁଇ ଛାତ୍ରୀ ପ୍ରିୟା ପନ୍ତ ଓ ରୋମା ଦାଶଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଏକାଡେମିକ୍ ସଫଳତା ପାଇଁ ଯଥାକ୍ରମେ ଏମ୍‌ବିଏ ଓ ଏକ୍‌ଜିକ୍ୟୁଟିଭ ଏମ୍‌ବିଏ ପାଠ୍ୟକ୍ରମରେ ଚେୟାରମ୍ୟାନ୍‌ଙ୍କ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟଶ୍ୱାଲଙ୍କ ସହିତ ଡିନ୍, ଅଧ୍ୟାପିକା, ଅଧ୍ୟାପକ, ଫାକଲ୍ଟି ସଦସ୍ୟ ତଥା ସ୍ନାତକୋତ୍ତର ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।

ସିଇଓ ଚନ୍ଦ୍ର ଶେଖର ଘୋଷ ତାଙ୍କ ଅଭିଭାଷଣରେ ମାନବ ବିକାଶ ସୂଚକାଙ୍କ ଓ ମୁଣ୍ଡପିଛା ଆୟ ଏବଂ ଶିକ୍ଷା ପରି ଏହାର ଉପାଦାନଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ତୃଣମୂଳସ୍ତରରେ ବ୍ୟକ୍ତିବିଶେଷ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଉପରେ ସେ ବକ୍ତବ୍ୟ ରଖିଥିଲେ।





ଅଷ୍ଟମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଜଣେ ଛାତ୍ରଙ୍କୁ ଡିଗ୍ରୀ ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି।

ସମାରୋହ ପ୍ରାରମ୍ଭରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟଶ୍ୱାଲ ସ୍ୱାଗତ ଅଭିଭାଷଣରେ ଏହି ପ୍ରିମିୟର ପ୍ରତିଷ୍ଠାନର ୯ ବର୍ଷର ସଫଳତା ଉପରେ ଆଲୋକପାତ କରି କହିଥିଲେ ଯେ, ଆଇଆଇଏମ୍ ସମ୍ବଲପୁରରେ ଏହି ଶିକ୍ଷାବର୍ଷ ଉତ୍କର୍ଷତା ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ନୂତନ ଭାବେ ନିର୍ମିତ କ୍ୟାମ୍ପସରେ ଏକ ଆଇ–ହବ୍ ଇନ୍‌କ୍ୟୁବେସନ ସେଣ୍ଟର ପ୍ରତିଷ୍ଠା, ୯ମ ପାନ୍ ଆଇଏମ୍ ୱାର୍ଲ୍ଡ ମ୍ୟାନେଜମେଣ୍ଟ ସମ୍ମିଳନୀ, ୧୦୦ କ୍ୟୁବ୍ ଷ୍ଟାର୍ଟଅପ୍ କନକ୍ଲେଭ, ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସହିତ ଏମ୍‌ଓୟୁ ସ୍ୱାକ୍ଷର, ଦିଲ୍ଲୀ କ୍ୟାମ୍ପସ୍ ଓ ଆଇଆଇଏମ୍ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସର ଉଦ୍‌ଘାଟନକୁ ଏହି ପ୍ରତିଷ୍ଠାନର ଉଲ୍ଲେଖନୀୟ ଘଟଣା ଭାବେ ବର୍ଣ୍ଣନା କରିଥିଲେ।

ସମାବର୍ତ୍ତନ ସମାରୋହରେ, ମୋଟ୍ ୨୩୬ ସ୍ନାତକ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୯୦ ସ୍ନାତକୋତ୍ତର ଛାତ୍ରୀଛାତ୍ର ଏମବିଏ ଡିଗ୍ରୀ ହାସଲ କରିଥିବା ବେଳେ ୪୬ କାର୍ଯ୍ୟନିର୍ବାହୀ ଏମବିଏ ଡିଗ୍ରୀ ହାସଲ କରିଥିଲେ। ସ୍ନାତକୋତ୍ତର ଶ୍ରେଣୀର ପାଞ୍ଚ ଜଣ ମେଧାବୀ ଛାତ୍ରଙ୍କୁ ପଦକ ପ୍ରଦାନ କରାଯାଇଥିଲା। ସମ୍ମାନଜନକ ଚେୟାରମ୍ୟାନ୍‌ଙ୍କ ସ୍ୱର୍ଣ୍ଣ ପଦକ ପ୍ରଥମ ସ୍ଥାନ ଅଧିକାର କରିଥିବା ଉତ୍ତରପ୍ରଦେଶର ପ୍ରିୟା ପନ୍ତ ଓ ବିହାରର ଆଦିତ୍ୟ କୁମାରଙ୍କୁ ଡାଇରେକ୍ଟର ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ସେହିପରି ଅଲରାଉଣ୍ଡ ସଫଳତା ପାଇଁ ଉତ୍ତରପ୍ରଦେଶର ଦେବାଶିଷ ମାଲକାନିଙ୍କୁ ସ୍ୱର୍ଣ୍ଣପଦକ ଓ ଏକ୍‌ଜିକ୍ୟୁଟିଭ ଏମ୍‌ବିଏ ଶୀର୍ଷ ପ୍ରଦର୍ଶନ ପାଇଁ ଓଡ଼ିଶାର ରୋମା ଦାଶଙ୍କୁ ଚେୟାରମ୍ୟାନ୍‌ଙ୍କ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣ ପଦକ ବିନୟ ଭୂଷଣ ପଣ୍ଡା ହାସଲ କରିଥିଲେ। ସମାରୋହକୁ ଆଇଆଇଏମ୍ ସମ୍ବଲପୁରର ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମୃତ ମହାନ୍ତି ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନିର୍ବାଚନ ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର



ବରଗଡ଼,୨୮।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ଦେଓଗାଁ, ତେନ୍ତଲା, ଗୁଲ୍ଲୁର୍ଲା, ଚଢ଼େଇଗାଁ, ବାଉଲସିଂହା, ବିଶାଳପାଲି, ହଲନ୍ଦା, ମହୁଲପାଲି, ଲେହୁନିପଦର, ଧମନାମୁଣ୍ଡା ସରକାରୀ ବିଦ୍ୟାଳୟର ୩୦ଛାତ୍ରୀଛାତ୍ରଙ୍କୁ ନେଇ ୨ ଦିନିଆ ଅଣଆବାସିକ ବିଦ୍ୟାଳୟ ମନ୍ତ୍ରୀମଣ୍ଡଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୋଟରେ ଜିତିଥିବା ମନ୍ତ୍ରୀ(ଛାତ୍ରୀଛାତ୍ର)ଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ର ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ବିଷୟରେ ଜ୍ଞାନ ଆହରଣ କରିବା ଉଦ୍ଦେଶ୍ୟ ନେଇ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ପତଙ୍ଗ ଅନୁଷ୍ଠାନ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜେଡିରେ ମହିଳା, ଯୁବ କର୍ମୀ ସାମିଲ

ବରଗଡ଼,୨୮।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୯ ରେଲୱେ ଷ୍ଟେଶନ ନିକଟ ଶାନ୍ତିପଡ଼ାରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବରଗଡ଼ ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ମିଶ୍ରଣ ପର୍ବରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ, ବରିଷ୍ଠ ବିଜେଡିନେତା ରମେଶ ରାଓ ପ୍ରମୁଖ ଉପସ୍ଥିତରେ ବହୁ ଯୁବ, ମହିଳା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ପ୍ରିୟଙ୍କା ବାଗ, ସୁନିଲ ବାଗ, ରାମ ବିଶି, ରାଜୁ ରାଓ, ଶଙ୍କର ନାଗ, ଆକାଶ ଦୀପ, ସଦାକର ସୁନା, ବିଷ୍ଣୁ ବରିକ, କିଶୋର ସାହୁ ପ୍ରମୁଖ ରହିଛନ୍ତି। ମୁଖ୍ୟମନ୍ତ୍ରୀ ସ୍ୱଚ୍ଛ ଭାବମୂର୍ତ୍ତି ଏବଂ ବିଧାୟକଙ୍କ କାର୍ଯ୍ୟଶୈଳୀ, ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା ସେମାନେ କହିଛନ୍ତି।

### ବାର୍‌ହା ଆକ୍ରମଣରେ ମହିଳା ଗୁରୁତର

ଝାରବନ୍ଧ,୨୮।୪(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ଚଣ୍ଡୀଭଟା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜାମପାଲି ଗାଁରେ ରବିବାର ଜଣେ ମହିଳା ବାର୍‌ହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ୨ଜଣ ଆହତ ହୋଇଥିବା ଜଣାପଡ଼ିଛି। ଜାମପାଲି ଗାଁର ଦେବକୀ ନାୟକ (୫୦)ଗାଁ ପାଖ ଜଙ୍ଗଲ କୁସକାଲୁ କେନ୍ଦୁପତ୍ର ତୋଳି ଯାଇଥିବା ସମୟରେ ବାର୍‌ହା ପଛପଟୁ ଆକ୍ରମଣ କରିଛି। ମହିଳା ଜଣଙ୍କ ଚିତ୍କାର ପରିବାରୁ ଲୋକେ ଆସି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଯାଇଛି। ବାର୍‌ହା କୁମୀର ଗ୍ରାମର ବିଚିତ୍ର ସାହୁ ଓ ଦୁର୍ଗାଚରଣ ସାହୁଙ୍କୁ ମଧ୍ୟ ଆକ୍ରମଣ କରି ଆହତ କରିଥିବା ସୂଚନା ମିଳିଛି।

# ହଟୁନି ଜବରଦଖଲ, ବଢୁଛି ଅସନ୍ତୋଷ

ବରଗଡ଼,୨୮।୪(ପ୍ରେମାନନ୍ଦ ଖମାରୀ)



ରାସ୍ତା ଜବରଦଖଲ ଯୋଗୁ ଲେଙ୍ଗୁ ମିଶ୍ର-ପୁରୁଣା ଜୀରାବ୍ରିଜ ରାସ୍ତାରେ ଟ୍ରାଫିକ ସମସ୍ୟା।

- ଉଚ୍ଚ ନ୍ୟାୟାଳୟ ଉଚ୍ଛେଦ ସପକ୍ଷରେ ରାୟ
- ତ୍ୱରିତ୍ ପଦକ୍ଷେପ ନିଆ ନ ଗଲେ ଜନଆନ୍ଦୋଳନ

ବରଗଡ଼ ସହର ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ପର୍ଯ୍ୟନ୍ତ ରାସ୍ତା ଜବରଦଖଲ ଅସମାହିତ ହୋଇ ରହିଛି। ଉଚ୍ଚ ନ୍ୟାୟାଳୟକୁ ଏହି ପ୍ରସଙ୍ଗ ଯାଇଥିଲା। ଉଚ୍ଚ ନ୍ୟାୟାଳୟ ଉଚ୍ଛେଦ ସପକ୍ଷରେ ରାୟ ଦେଇଥିଲେ ଏବଂ ଜବରଦଖଲକାରୀଙ୍କୁ ୧୫ ଦିନର ନୋଟିସ ଦେଇ ଉଚ୍ଛେଦ କରିବାକୁ ପୌର ପରିଷଦକୁ ଆଦେଶ କରିଥିଲେ। ମାତ୍ର ସେହି ଅବଧି ବିତିଯିବା ସତ୍ତ୍ୱେ ଉଚ୍ଛେଦ କରିବା ନେଇ ପୌର ପରିଷଦ ଅପାରଗ ହୋଇପଡ଼ିଛି। ଏଭଳି ଅଭିଯୋଗ କରି ବରଗଡ଼ର ସମଲେଶ୍ୱରୀ ସଂଘ ଅସନ୍ତୋଷ ପ୍ରକାଶ କରିଛି ଏବଂ ଉଚ୍ଛେଦ ନେଇ ତ୍ୱରିତ୍ ପଦକ୍ଷେପ ନିଆ ନ ଗଲେ ଜନ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦେଇଛି।

ପ୍ରକାଶ ଯେ, ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜୀରାବ୍ରିଜ ପର୍ଯ୍ୟନ୍ତ ରାସ୍ତା ଜବରଦଖଲ ଦୀର୍ଘ ବର୍ଷର ସମସ୍ୟା ଭାବେ ରହି ଆସିଛି। ଏହି ରାସ୍ତା ସଂକୁଚିତ ହୋଇପଡ଼ି ଥିବା ଯୋଗୁ ଏଠାରେ ଟ୍ରାଫିକ ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ତେବେ ଉକ୍ତ ରାସ୍ତାରୁ ଜବରଦଖଲ ହଟାଇବା ପାଇଁ ଗତବର୍ଷ ଜୁନ ୨୧ ତାରିଖରୁ ସ୍ଥାନୀୟ ସମଲେଶ୍ୱରୀ ସଂଘ ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ ଏବଂ ଯୁବ ସଂଗଠନକୁ ଏକତ୍ରିତ କରି ରାସ୍ତା ପ୍ରଶସ୍ତିକରଣ ଅଭିଯାନ ପାଇଁ ନିଷ୍ପତ୍ତି ନେଇଥିଲା। ଏହି କ୍ରମରେ ଦଳମତ ନିର୍ବିଶେଷରେ ସମସ୍ତ ଏକାଠି ହୋଇ ଜିଲା ପ୍ରଶାସନକୁ ଫେରାଦ ହୋଇଥିଲେ ଏବଂ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ।

ସହରବାସୀଙ୍କ ଆବଶ୍ୟକତା ଏବଂ ସମୂହ ସ୍ୱାର୍ଥ ସାଧନ ପାଇଁ ବରଗଡ଼ ଓକିଲ ସଂଘ ଉଚ୍ଛେଦ ଦାବିକୁ ସମର୍ଥନ ସହିତ ଏହାର ନେତୃତ୍ୱ ନେଇଥିଲା। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଘଟଣା ନ୍ୟାୟାଳୟକୁ ଯାଇଥିଲା ଏବଂ ରହିତାଦେଶ ପରେ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହି ସମୟ ଗଡ଼ି ଚାଲିଥିଲା। କିନ୍ତୁ ଉଚ୍ଚ ନ୍ୟାୟାଳୟ ଉଚ୍ଛେଦ ସପକ୍ଷରେ ରାୟ ଦେଇ ୧୫ ଦିନର ନୋଟିସ ଦେଇ ଜବରଦଖଲ ହଟାଇବା ପାଇଁ ପୌର ପରିଷଦକୁ ଆଦେଶ କରିଥିଲେ। ଏହାସତ୍ତ୍ୱେ ଉଚ୍ଛେଦ କରାଯାଉ ନ ଥିବା ଯୋଗୁ ସହରରେ ଚାପା ଅସନ୍ତୋଷ ଲାଗି ରହିଛି ଏବଂ କୌଣସି ମୁହୂର୍ତ୍ତରେ ଏଠାରେ ଲୋକେ ପୁଣି ଏକ ବଡ଼ ଆନ୍ଦୋଳନକୁ ଓହ୍ଲାଇବାର ସମ୍ଭାବନା ରହିଛି।

# ପଦ୍ମପୁର ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳିତ

ପଦ୍ମପୁର,୨୮।୪(ପ୍ରଦୀପ୍ତ ଦାଶ)

ପଦ୍ମପୁର ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ପଦ୍ମପୁର ଓକିଲ ସଂଘର ସଭାପତି ଆନନ୍ଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଓକିଲ ସଂଘ ସଭାଗୃହରେ ଅନୁଷ୍ଠିତ ସଭାରେ ପଦ୍ମପୁର ଅତିରିକ୍ତ ଜିଲା ଜଜ୍ ଅରବିନ୍ଦ ରଥ ମୁଖ୍ୟଅତିଥି ଏବଂ ସବଜଜ୍ ଦେବାଶିଷ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଘର ବରିଷ୍ଠ ଓକିଲ ଗୌନ୍ତିଆ କୁମାର ସାହୁ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ଏବଂ ଆମେ ସମସ୍ତେ ତାଙ୍କ ମଧୁବାବୁଙ୍କଠାରୁ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଥିଲେ। ବରିଷ୍ଠ ଓକିଲ ପରମେଶ୍ୱର ସାହୁ, ପ୍ରଦୀପ ଯୋଷୀ, କିଶୋର କୁମାର ମେହେର, ବିଭୂତି ଭୂଷଣ ଦାଶ, ସୁନିଲ କୁମାର ପାଣିଗ୍ରାହୀ, ଅଜିତ କୁମାର ଶତପଥୀ, ଦିଲୀପ ଦାନୀ, ଭବାନୀ ସାହୁ, ଉପସଭାପତି କେଶବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂଘ ସମ୍ପାଦକ ଚିନ୍ମୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ପଦ୍ମପୁର ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳିତ।

# ଓକିଲ ସଂଘରେ ମଧୁବାବୁ ଜୟନ୍ତୀ

ବରଗଡ଼,୨୮।୪(ପ୍ରେମାନନ୍ଦ ଖମାରୀ)

**୩୫ବର୍ଷ ଓକିଲାତି କରିଥିବା ୭ଜଣ ସମ୍ମାନିତ**

ବରଗଡ଼ ଜିଲା ଓକିଲ ସଂଘ ସେମିନାର ହଲ ପରିସରରେ ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଲୟର୍ସ ଡେ' ପାଳିତ ହୋଇଯାଇଛି। ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଦ୍ୟୁତିଶ ଆଚାର୍ଯ୍ୟ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ, ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଆଡ଼ଭୋକେଟ୍ ତ୍ରିନାଥ ସାହୁ ମୁଖ୍ୟଅତିଥି, ବରିଷ୍ଠ ଆଡ଼ଭୋକେଟ୍ ବିମଳ କିଶୋର କର ସମ୍ମାନିତ ଅତିଥି ଏବଂ ଆଡ଼ଭୋକେଟ୍ ଶରଦ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସଂଘ ଉପସଭାପତି କାଳୀଚରଣ ଦାଶ ଏବଂ ସହସମ୍ପାଦକ ସୁକୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘର ୭ଜଣ ବରିଷ୍ଠ ସଦସ୍ୟ (ଯେଉଁମାନେ ୩୫ବର୍ଷ ଓକିଲାତି କରି ସାରିଛନ୍ତି) ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ, ଶୈଳେଶ ନାଏକ, ସୁରେନ୍ଦ୍ର ପଣ୍ଡା, ପ୍ରଭାତକାନ୍ତ ଦାଶ, ସୁନିଲ ସରାଫ, ବୀରକିଶୋର ମହାପାତ୍ର, ସୁଧିର ପୁରୋହିତ ଏବଂ ହରେକୃଷ୍ଣ ଦାଶ। ବୁଦ୍ଧଦେବ ବାରିକଙ୍କ ପରିଚାଳନାରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ସେହିପରି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହା ସହିତ ସଂଘ ବରିଷ୍ଠ ସଦସ୍ୟ ହୃଷିକେଶ ଆଚାର୍ଯ୍ୟ, ଚିନ୍ତାମଣି ଶତପଥି, ବୈଦ୍ୟନାଥ ଅଗ୍ରୱାଲ, ହାଡ୍ଡୁ ଦାଶ ଏବଂ ଶିବପ୍ରସାଦ ମିଶ୍ରଙ୍କୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ସଂଘମିତ୍ରା ଶର୍ମା ଏବଂ ଜିଲା ଆଇନ ସେବା ପ୍ରାଧିକରଣ ସଚିବ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।



ଜଣେ ବରିଷ୍ଠ ଆଡ଼ଭୋକେଟ୍‌ଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଉଛି।

# ରେଶମ ଅଞ୍ଚଳକୁ କେନାଲ ପାଣି ବନ୍ଦ, ଚାଷୀ ଅସନ୍ତୋଷ



ବରପାଲି,୨୮।୪(ଚିତ୍ତରଞ୍ଜନ ସାହୁ)

**କେନାଲ ବିଭାଗ କର୍ମଚାରୀଙ୍କୁ ଘେରିଲେ ଚାଷୀ**

ରେଶମ ଡିଷ୍ଟ୍ରିବ୍ୟୁଟରି କେନାଲରେ ପାଣି ବନ୍ଦ କରିବା ଯୋଗୁ ବ୍ୟାପକ ଚାଷୀ ଅସନ୍ତୋଷ ଦେଖାଦେଇଛି। ରବିବାର କେନାଲ ବିଭାଗ କର୍ମଚାରୀଙ୍କୁ ଘେରିବା ସହିତ ଉଚ୍ଚ ଅଧିକାରୀ ନ ଆସିବା ପର୍ଯ୍ୟନ୍ତ କେନାଲ ଡିଷ୍ଟ୍ରିବ୍ୟୁଟରି ସମ୍ମୁଖରେ ଆନ୍ଦୋଳନରେ ବସିଥିଲେ। ସେ ଅଞ୍ଚଳର ଚାଷୀମାନେ ଓ ଏହାର ବିରୋଧ କରିଥିଲେ। ହୀରାକୁଦ ମୁଖ୍ୟ କେନାଲରୁ ଏକ ଶାଖା କେନାଲ ଯୋଗେ ରେଶମ ଡିଷ୍ଟ୍ରିବ୍ୟୁଟରି କେନାଲ ପାଣି ଚାଷ ପାଇଁ ଯୋଗେଇ ଦିଆଯାଇଥାଏ। ଚାଷୀଙ୍କ ଅଭିଯୋଗ ଯେ, ଏବେ ଧାନ ଫସଲର ଗର୍ଭିଣୀ ସମୟ। ଏହି ସମୟରେ ଧାନକୁ ବହୁତ ପାଣି ଆବଶ୍ୟକ ରହିଛି। ଏହି ସମୟରେ ଜଳ ସେଚନ ବିଭାଗ ପକ୍ଷରୁ ସପ୍ତାହରେ ଦିନେ ରବିବାର ପାଣି ବନ୍ଦ କରି ଦିଆଯାଉ ଥିବାରୁ ଧାନ ଫସଲ କ୍ଷତି ଗ୍ରସ୍ତ ହେବାର ଆଶଙ୍କା ରହିଛି। ଏହା ସହ ସୁବର୍ଣ୍ଣପୁର ଜିଲାକୁ ଅଧିକ ଜଳ ଯୋଗାଣ କରିବା ଉଦ୍ଦେଶ୍ୟ ନେଇ ଏହା କରାଯାଉଛି ବୋଲି ମଧ୍ୟ ଅଭିଯୋଗ କରିଛନ୍ତି। ଏହି ଏରିଆରେ ସୁବର୍ଣ୍ଣପୁର ଜିଲାର ରାମପୁର କେନାଲ ବିଭାଗ ଏସଡିଓ ଦାୟିତ୍ୱରେ ଅଛନ୍ତି, ତେଣୁ ତାଙ୍କ ଏରିଆ ରାମପୁର ସୁବର୍ଣ୍ଣପୁର ଜିଲାକୁ ଅଧିକ ପାଣି ଦେବା ପାଇଁ ଆମ ବରପାଲି ଡିଭିଜନ ଚାଷୀମାନଙ୍କୁ ହଇରାଣ କରାଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିବା ସାଙ୍ଗକୁ ଚାଷୀଙ୍କ ହିତ ଦୃଷ୍ଟିରୁ ଜଳ ସେଚନ ବିଭାଗ ଉଚ୍ଚ କର୍ମକର୍ତ୍ତା ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଦାବି ହେଉଛି। ଯଦି ଏହାର ବିଚାର କରା ନ ଗଲେ ଆଗାମୀ ଦିନରେ ବଡ଼ଧରଣ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଚାଷୀମାନେ ଚେତବନୀ ଦେଇଛନ୍ତି।

### ଆପ୍‌ରେ ୫୦ରୁ ଊର୍ଦ୍ଧ୍ୱ ଭାଜପା, ବିଜେଡି କର୍ମୀ

ପଦ୍ମପୁର,୨୮।୪(ପ୍ରଦୀପ୍ତ ଦାଶ)

ପଦ୍ମପୁର କଲେଜ ରୋଡସ୍ଥିତ ସିଂହନପୁର ଠାରେ ଆମ ଆଦମୀ ପାର୍ଟି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ଆମ ଆଦମୀ ପାର୍ଟି ପଦ୍ମପୁର ବିଧାୟକ ପ୍ରାର୍ଥୀ ଶ୍ରୀ ବାଲ୍ମୀକି ନାଏକଙ୍କ ନିତି ଆଦର୍ଶ ଓ ବିକାଶଧାରାରେ ଅନୁପ୍ରାଣିତ ହୋଇ ପଦ୍ମପୁର ସହରର ବିଭିନ୍ନ ୱାର୍ଡ଼ରୁ ୫୦ରୁ ଊର୍ଦ୍ଧ୍ୱ ଭାଜପା ଓ ବିଜେଡି କର୍ମୀ ବିଧିବଦ୍ଧ ଭାବରେ ଆମ ଆଦମୀ ପାର୍ଟିରେ ଯୋଗଦାନ କରିଛନ୍ତି। ଏହି ଅବସରରେ ବିଧାୟକ ପ୍ରାର୍ଥୀ ବାଲ୍ମୀକି ନାଏକ ଉପସ୍ଥିତ ରହି ନୂତନ ଆପ କାର୍ଯ୍ୟକର୍ତ୍ତାମାନଙ୍କୁ ସ୍ୱାଗତ କରିଥିଲେ।

### ବିଭିନ୍ନ ପଞ୍ଚାୟତରେ ବିଜେଡି ପ୍ରାର୍ଥିନୀଙ୍କ ପ୍ରଚାର

ପଦ୍ମପୁର,୨୮।୪(ପ୍ରଦୀପ୍ତ ଦାଶ)

ପଦ୍ମପୁର ବିଜେଡି ପକ୍ଷରୁ ବିଧାୟିକା ପ୍ରାର୍ଥିନୀ ବର୍ଷା ସିଂବରିହା ରବିବାର ସନ୍ଧ୍ୟାରେ ପଦ୍ମପୁର ବ୍ଲକ ବରିକେଲ, ଭେଡ଼ଉଁରିଆ, ମହୁଲପାଲି, ପୁରେନା ଗ୍ରାମପଞ୍ଚାୟତରେ ପ୍ରଚାର କରିଛନ୍ତି। ନବୀନ ପଟ୍ଟନାୟକ ସରକାରଙ୍କ ଅମଳରେ ହୋଇଥିବା ବିକାଶ ମୂଳକ କାମ ଓ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ବରିକେଲ ସଭାରେ ପଦ୍ମପୁର ବ୍ଲକ ଅଧ୍ୟକ୍ଷ ରଣଜିତ ସିଂ ବରିହା, ବିଜେଡି ନେତା ମହେଶ୍ୱର ପୁରୀ, ଗ୍ରାମପଞ୍ଚାୟତ ସଭାପତି ରାଜିନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ବୈଠକ

ସରଣ୍ଡା,୨୮।୪(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗା ସମଲେଶ୍ୱରୀ ମନ୍ଦିର ସମ୍ମିଳନୀ କକ୍ଷରେ ଭାଜପା ଜିଲା କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ବୈଠକ ଶନିବାର ରାତ୍ରିରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଯଶୋବନ୍ତ ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶର ସାହୁ ମୁଖ୍ୟଅତିଥି, ଅତାବିରା ବିଧାନସଭା ଭାଜପା ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ବର୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦ ବର୍ଷ ଶାସନ କାଳରେ ଚାଷୀମାନଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ଉପରେ ସାହୁ ତାଙ୍କର ଭାଷଣରେ କହିଥିଲେ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ କୃଷକ ପଞ୍ଚାୟତ କରିବା ସହିତ ଗ୍ରାମ ପରିକ୍ରମା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ସାହୁ ପରାମର୍ଶ ଦେଇଛନ୍ତି। ଭାଜପା ରାଜ୍ୟ ସରକାରକୁ ଆସିଲେ ଧାନ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କାରେ କିଣାଯିବ। ସମସ୍ତ ଚାଷ ଜମିକୁ ଜଳ ସେଚିତ କରାଯିବ। ସମସ୍ତ ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ। ପ୍ରାକୃତିକ ବିପର୍ଯ୍ୟୟ ଓ ପଶୁପକ୍ଷୀମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଫସଲର ଶତପ୍ରତିଶତ କ୍ଷତିପୂରଣ ଚାଷୀଙ୍କୁ ମିଳିବ ବୋଲି ରାଜ୍ୟ ସଭାପତି ମହେଶର ସାହୁ କହିଥିଲେ। ବୈଠକରେ ଅତାବିରା ଭାଜପା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦ, ରାଜ୍ୟ ସଂଯୋଜକ ମଧୁସୂଦନ ଶର୍ମା, ନୟାଗଡ଼ ଜିଲା ସଭାପତି ଶ୍ରୀନିବାସ ପ୍ରଧାନ, ଅତାବିରା ବିସ୍ତାରକ ରାଜେଶ କୁମାର ମହାନ୍ତ, ପୁଷ୍ପକ ଗାଇଗରିଆ, ସୁରେନ୍ଦ୍ର ସ୍ୱାଇଁ, ହୃଷୀକେଶ ଦୀପ, ଚିତ୍ତରଞ୍ଜନ ଭୋଇ, ବିନୋଦ କୁମାର ପଣ୍ଡା, ଗୋପବନ୍ଧୁ ମହାକୁଡ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।




ଅତାବିରା ବ୍ଲକ ଗୋଡ଼ଭଗାରେ ଜିଲା ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ବୈଠକରେ ଉପସ୍ଥିତ ଅତିଥି।

# କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ବଧ ମଞ୍ଚସ୍ଥ

ଭେଡେନ,୨୮।୪ (ସୁଦନ ମହାକୁର)



ରାମଲୀଳାର ଅଭିନୀତ ଏକ ଦୃଶ୍ୟ।

**ଗଣ୍ଡତୁରୁମ ରାମଲୀଳା ଯାତ୍ରାର ନବମ ଦିବସ**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମଠାରେ ଚାଲିଥିବା ରାମଲୀଳା ଯାତ୍ରାର ରବିବାର ନବମ ଦିବସରେ ନାଟ୍ୟାଭିନୟରେ ରାବଣଠାରୁ ବିତାଡ଼ିତ ବିଭୀଷଣ ରାମଙ୍କ ଶରଣାପନ୍ନ ହୋଇଛି। ଏହା ଗୁପ୍ତଚର ହାତରୁ ଶୁଣି ଦଶାନନ କ୍ରୋଧାନ୍ୱିତ ହୋଇଛି। ନିଜର ଶାପଗ୍ରସ୍ତ ଭ୍ରାତା କୁମ୍ଭକର୍ଣ୍ଣଙ୍କୁ ନିଦ୍ରାରୁ ଜାଗ୍ରତ କରିବାକୁ ସୈନ୍ୟ ପ୍ରେରଣ କରିଛି। ଅକାଳରେ ନିଦ୍ରାରୁ ଉଠାଇ ଥିବାରୁ କୁମ୍ଭକର୍ଣ୍ଣ ସାମାନ୍ୟ ଚିଡ଼ି ଯାଇଛି। ମାତ୍ର ବଡ଼ଭାଇର ଆଦେଶ ବୋଲି ଜାଣିଲା ପରେ କ୍ଷାନ୍ତ ହୋଇଛି। ଶେଷରେ ରାବଣର ନିର୍ଦ୍ଦେଶରେ ଯୁଦ୍ଧକ୍ଷେତ୍ରକୁ ଯାଇ କୁମ୍ଭକର୍ଣ୍ଣ ରାମଙ୍କ ଶରାଘାତରେ ମୃତ୍ୟୁବରଣ କରିଛି। ପରେ ରାବଣର ଅନ୍ୟ ପୁତ୍ର ବୀରବାହୁ ମଧ୍ୟ ଯୁଦ୍ଧକୁ ଯାଇ ସମଦଶା ଭୋଗ କରିଛି। ରାବଣର ପ୍ରବଳ ପରାକ୍ରମୀ ପୁତ୍ର ଇନ୍ଦ୍ରଜିତ ଯୁଦ୍ଧଭୂମିକୁ ଯିବାକୁ ରାବଣର ଆଦେଶ ଲୋଡ଼ିଛି। ଏଥିପାଇଁ ଦିବ୍ୟରଥ ପ୍ରାପ୍ତ ଉଦ୍ଦେଶ୍ୟରେ ନିକୁମ୍ଭିଳା ଗଡ଼ରେ ଦେବ ବୈଶ୍ୱାନରଙ୍କୁ ପୂଜା କରିବାକୁ ଯାଇଛି। ଏହି ବାର୍ତ୍ତା ରାମଙ୍କ ଗୁପ୍ତଚରଙ୍କଠାରୁ ଜାଣିବାକୁ ପାଇ ବିଭୀଷଣଙ୍କ ପରାମର୍ଶ ଲୋଡ଼ିଛନ୍ତି। ତେବେ ନିକୁମ୍ଭିଳା ଗଡ଼ରେ ପୂଜାରେ ରତଥିବା ନିଃସସ୍ତ୍ର ଇନ୍ଦ୍ରଜିତଙ୍କୁ ବଧ କରିବା ପାଇଁ ଲକ୍ଷ୍ମଣଙ୍କ ସହିତ ହନୁମାନ, ସୁଗ୍ରୀବ, ଜାମ୍ବବାନ, ବିଭୀଷଣ, ନଳ, ନୀଳ, ଅଙ୍ଗଦ ଆଦି ବୀର ବାହାରିଛନ୍ତି। ଯେପରି ଇନ୍ଦ୍ରଜିତ ପଳାୟନ କରିପାରିବନି ସେଥିପାଇଁ ଚାରି ଦିଗରେ ଛକି ରହିଛନ୍ତି। ଏତିକିବେଳେ ଲକ୍ଷ୍ମଣ ଇନ୍ଦ୍ରଜିତଙ୍କୁ ବଧ କରିଛନ୍ତ। ଇନ୍ଦ୍ରଜିତଙ୍କ ମୃତ୍ୟୁ ଖବର ଶୁଣି ରାବଣ ମର୍ମାହତ ହୋଇଛି। ନିଜେ ରଣକ୍ଷେତ୍ରକୁ ଯାଇ ବିଭୀଷଣକୁ ଉଚିତ ଦଣ୍ଡ ଦେବାକୁ ଶକ୍ତିଶେଳ ଅସ୍ତ୍ରର ପ୍ରୟୋଗ କରିଛି। ବିଭୀଷଣଙ୍କୁ ରକ୍ଷା କରିବାକୁ ଯାଇ ଲକ୍ଷ୍ମଣ ଶକ୍ତିଶେଳ ଅସ୍ତ୍ରର ସମ୍ମୁଖୀନ ହୋଇ ଚେତାଶୂନ୍ୟ ହୋଇ ପଡ଼ିଛନ୍ତି। ଲକ୍ଷ୍ମଣଙ୍କ ଏଭଳି ଅବସ୍ଥା ଦେଖି ରାମଚନ୍ଦ୍ର ଭାଙ୍ଗି ପଡ଼ିଛନ୍ତି। ଲଙ୍କାର ବୈଦ୍ୟରାଜ ସୁଶେଣଙ୍କ ପରାମର୍ଶକ୍ରମେ ହନୁମାନ ବିଶଲ୍ୟକରଣୀ ଅନ୍ୱେଷଣରେ ଗନ୍ଧମାର୍ଦ୍ଦନ ପର୍ବତକୁ ଯାଇଛି। ମାତ୍ର ଏହି ଔଷଧିୟ ଗୁଳ୍ମକୁ ଚିହ୍ନି ନ ପାରି ପୁରା ପର୍ବତକୁ ଉଠାଇ ଆଣିଛି। ହନୁମାନ ଆକାଶମାର୍ଗରେ ଯାଉଥିବା ସମୟରେ ନନ୍ଦିଗ୍ରାମରେ ରାମଙ୍କ ପାଦୁକା ପୂଜାରେ ନିମଗ୍ନ ଭରତ ହନୁମାନଙ୍କ ଉପରକୁ ବାଟୁଳି ପ୍ରହାର କରିଛି। ଏଥିରେ ହନୁମାନ ଶୂନ୍ୟରୁ ଖସି ପଡ଼ିବା ସହ ଭରତଙ୍କ ସହ ପରିଚିତ ହେଲା ପରେ ସମସ୍ତ ବିଷୟ ପ୍ରକାଶ କରିଛି। ପରେ ଭରତଙ୍କଠାରୁ ମେଲାଣି ନେଇ ରାମଙ୍କ ନିକଟକୁ ଫେରିଆସିଛି। ବୈଦ୍ୟରାଜ ସୁଶେଣଙ୍କ ଚିକିତ୍ସାରେ ଲକ୍ଷ୍ମଣ ଆରୋଗ୍ୟ ଲାଭ କରିଥିବା ଆଦି ଦୃଶ୍ୟ ଅଭିନୀତ ହୋଇଥିଲା।

## ଭାରତ ବିକାଶ ପରିଷଦର ଶପଥ ଗ୍ରହଣ ଉତ୍ସବ

ସମ୍ବଲପୁର,୨୮।୪ (ଭବାନୀ ଶଙ୍କର ଭୋଇ)

ସ୍ୱଲପୁର ଜିଲା ବୁର୍ଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତ ବିକାଶ ପରିଷଦର ଶପଥ ଗ୍ରହଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପୂର୍ବକ୍ଷେତ୍ର ସମ୍ପାଦକ ଶ୍ୟାମସୁନ୍ଦର ଶର୍ମା ମୁଖ୍ୟ ଅତିଥି, ଓଡିଶା ବାଳବିକାଶ ସଚିବ ଡ ରଶ୍ମୀରେଖା ଜେନା ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଉତ୍ସବରେ ଡ. ବିନୋଦ ବିହାରୀ ନାଏକ ବୁର୍ଲା ନଗର କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ଡ ରଶ୍ମୀରେଖା ଜେନା ସଦସ୍ୟମାନଙ୍କୁ ସେମାନଙ୍କ ଦାୟିତ୍ୱ ବିଷୟରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଶ୍ୟାମସୁନ୍ଦର ଶର୍ମା ସଙ୍ଗଠନକୁ ମଜଭୁତ କରିବା ଦିଗରେ କର୍ମକର୍ତ୍ତାଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସଭାପତି ସୁବାଷଚନ୍ଦ୍ର ପ୍ରଧାନ ଅତିଥୀ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଡ ସତ୍ୟନାରାୟଣ ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ନେପାଳକୃଷ୍ଣ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଦୀପକ ରାଉତ, ରାଜକୁମାର ଶର୍ମା, ଜ୍ଞାନରଞ୍ଜନ ପଣ୍ଡା, ରଞ୍ଜନ ଭୁୟାଁ, ମମତା ସୋରେନ, ଏମ ଶିବଶଙ୍କର ନାରାୟଣ ମହାରଣା, ଦୀପକ ସ୍ୱାଇଁ, ଆଶିଷ ହୋତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ବିଜୁ ଜନତା ଦଳ ପକ୍ଷରୁ ବିଶାଳ ମହିଳା ସମାବେଶ



ବିଜେଡି ପକ୍ଷରୁ ଆୟୋଜିତ ମହିଳା ସମାବେଶ।

ଝାରସୁଗୁଡ଼ା,୨୮।୪ (ସଞ୍ଜୟ ମାଲି)

ଲଇକେରା ବ୍ଲକ ଜୋନ ୨ ମିନିଷ୍ଟାଡିୟମ୍‌ରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ପ୍ରାର୍ଥୀ ସୁଶ୍ରୀ ଦିପାଲି ଦାସଙ୍କ ନେତୃତ୍ୱରେ ବ୍ଲକ ଅଫିସ ସମ୍ମୁଖରୁ ଏକ ରାଲି ବାହାରି ସମଲେଶ୍ୱରୀ ମନ୍ଦିର ଦର୍ଶନ ପରେ କରୁଣାକର ସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଭାସ୍ଥଳରେ ପହଞ୍ଚିଥିଲେ। ସଭାସ୍ଥଳରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଫୋଟୋ ଚିତ୍ରରେ ଦିପ ପ୍ରଜ୍ୱଳନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିଳା ସଶକ୍ତିକରଣ ଓ ସାବିଲମ୍ବି କରିବା ଚାଷୀ ମୂଳିଆଙ୍କ ପାଇଁ ଉନ୍ନତ ଯୋଜନା ରାଜ୍ୟବାସୀଙ୍କୁ ସଶକ୍ତ କହିଛି। ରାଜ୍ୟ ସରକାରଙ୍କ ନେତୃତ୍ୱରେ ସ୍ୱର୍ଗତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଝାରସୁଗୁଡ଼ା ଜିଲାର ବିକାଶ ପାଇଁ କାର୍ଯ୍ୟ କରି ଆସୁଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରେ ୬ ମାସରେ ବିଧାୟିକା ସୁଶ୍ରୀ ଦିପାଲି ଦାସ ପ୍ରତ୍ୟେକ ବର୍ଗ ଏବଂ ସମାସ୍ତ ଅଞ୍ଚଳରେ ରାସ୍ତାଘଟରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବାଠୁ ନେଇ କୀର୍ତ୍ତନ ମଣ୍ଡପ, କଲ୍ୟାଣ ମଣ୍ଡପ, ପୋଖରୀ ଓ ମନ୍ଦିର ରୁପାନ୍ତିକରଣ ଦିଗରେ ଲୋକାଖିମୁଖି ବିକାଶ ପାଇଁ ସମସ୍ତଙ୍କ ହୃଦୟରେ ସ୍ଥାନ ଅଧିକାର କରିଛନ୍ତି। ବିରୋଧି ଭାଜପା ପ୍ରାର୍ଥୀ ସବୁବେଳେ ମୁଖ୍ୟମନ୍ତ୍ରୀଙ୍କ ସ୍ୱଛ ଛବି ଓ ସ୍ୱର୍ଗତ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ନୂତନ ଝାରସୁଗୁଡ଼ା ନିର୍ମାଣ ଉପରେ ପ୍ରଶ୍ନଚାଚି ସୃଷ୍ଟି କରୁଥିବା ଦରଦାମ ବୃଦ୍ଧି କେନ୍ଦ୍ର ପ୍ରଶାସକ ବସନ୍ତ ମାସରେ ପରିଭ୍ରମଣ କରି ଆସୁଥିବା ସାଇବେଇଆନ ପକ୍ଷୀ ଭଳି ଅଟନ୍ତି। ଯିଏ ବର୍ଷକ ମଧ୍ୟରେ ୧/୨ ମାସ ନିଜ ମୁଖା ଦେଖେଇ ପରବର୍ତ୍ତୀ ମାସରୁ ଅଞ୍ଚଳରୁ ଅନ୍ତର୍ଦ୍ଧ୍ୟାନ ହେଉଥିବା ଭଳି ଏହି ଦଳୀୟ କର୍ମୀ ଅଟନ୍ତି। କିନ୍ତୁ ନବଦାସଙ୍କ ପରିବାର ବର୍ଷ ସାରା ଅଞ୍ଚଳବାସୀଙ୍କ ସେବାରେ ନିୟୋଜିତ ଥିଲେ, ଅଛନ୍ତି ଏବଂ ଆସନ୍ତା ସମୟରେ ମଧ୍ୟ ରହିବେ ବୋଲି ଦିପାଲି କହିଛନ୍ତି। ସାମାବେଶରେ ଜିଲା ପର୍ଯ୍ୟବେକ୍ଷକ ବିଷ୍ଣୁ କେଡିଆ, ଜିଲା ସଭାପତି ରବି ସିଂ, ଜିଲା ମହିଳା ନେତ୍ରୀ ରୋଜାଲିନ ପଟେଲ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଜିଲା ପରିଷଦ ସଦସ୍ୟ ତୁଳାବତୀ ମିଞ୍ଜି, ମହିଳା ବ୍ଲକ ସଭାପତି ସବିତା ବାଗ, ଅଂଜୁକ୍ତା ବେହେରା, କଲିମ ଖାନ, ପ୍ରଦୀପ ଧିମାନ ପ୍ରମୁଖ ମଞ୍ଚାସୀନ ଥିବାବେଳେ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ସମାବେଶରେ ସମବେତ ହୋଇଥିଲେ।

## ରିହାତି ମୂଲ୍ୟରେ ମିଳିବ ରାଶନ ସାମଗ୍ରୀ



କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

କୁତ୍ରା,୨୮।୪(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ଠାରେ ଓଡିଶା ରାଜ୍ୟ ଶ୍ରମିକ ସମବାୟ ସମିତି ପକ୍ଷରୁ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ସିଇଓ ଅନନ୍ତ କୁମାର ପାଣ୍ଡେ ଯୋଗଦେଇଥିଲେ। ଏହି ସମବାୟ ସମିତି ପକ୍ଷରୁ ପ୍ରତ୍ୟେକ ମେମ୍ବର ତଥା ଗ୍ରାହକଙ୍କୁ ୧୫ ରୁ ୫୦ ପ୍ରତିଶତ ରିହାତିରେ ସମସ୍ତ ରାସନ ସାମଗ୍ରୀ ମିଳିବ ବୋଲି ପାଣ୍ଡେ ସୂଚନା ଦେଇଛନ୍ତି। ଏହା ସହିତ ଏହି ସମବାୟ ସମିତି ସହିତ ଜଡିତ ହୋଇଥିବା ମେମ୍ବରଙ୍କ କୌଣସି ଦୁର୍ଘଟଣା ଘଟିଲେ ତାଙ୍କୁ ୫ ହଜାରରୁ ଏକ ଲକ୍ଷ୍ୟ ପର୍ଯ୍ୟନ୍ତ ସହାୟତା ମିଳିବ। ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ପରିବାର ବର୍ଗଙ୍କୁ ୨୦ ହଜାର ଟଙ୍କା ସହାୟତା ଓ ତାଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ମାଗଣା ରାସନ ସାମଗ୍ରୀ ପ୍ରଦାନ କରାଯିବ। ଦୁର୍ଘଟଣାରେ ପଙ୍ଗୁ ହୋଇଗଲେ ମଧ୍ୟ ୧୦ ବର୍ଷ ପର୍ଯ୍ୟନ୍ତ ମାଗଣା ରାସନ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହା ସହିତ ଭିନ୍ନକ୍ଷମଙ୍କୁ ପ୍ରତି ମାସରେ ମାଗଣା ରାସନ ପ୍ରଦାନ କରାଯିବ। ଆଗକୁ ରାସନ ସାମଗ୍ରୀ ସହିତ ଦୈନିକ ବ୍ୟବହାର୍ଯ୍ୟ ସମସ୍ତ ପ୍ରକାର ସାମଗ୍ରୀ ମିଳିବ ବୋଲି କହିଥିଲେ। ରାଜ୍ୟର ଗରିବ,ମଧ୍ୟବିତ୍ତ ତଥା ଶ୍ରମିକ ଶ୍ରେଣୀର ଲୋକଙ୍କ ମେରୁଦଣ୍ଡ ମଜବୁତ କରିବା ପାଇଁ ଓଡିଶା ରାଜ୍ୟ ଶ୍ରମିକ ସମବାୟ କାର୍ଯ୍ୟ କରୁଛି। ସମସ୍ତ କାର୍ଯ୍ୟକ୍ରମ ବ୍ଲକ ବିଏମ ରମେଶ ଷଡ଼ଙ୍ଗୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏବିଏମ ମିଶ୍ର ଗନ୍ଧା, ଦେବାଶିଷ ସାହୁ,ରାହୁଲ ଷଡ଼ଙ୍ଗୀ ସହଯୋଗ କରିଥିଲେ।

## ରକ୍ତଦାନ ଶିବିର: ୩୮ ୟୁନିଟ୍ ରକ୍ତ ସଂଗ୍ରହ



ରକ୍ତଦାତାଙ୍କ ସହିତ ଉତ୍ସର୍ଗର କର୍ମକର୍ତ୍ତା ଓ ରକ୍ତଭଣ୍ଡାର ଅଧିକାରୀ।

ସମ୍ବଲପୁର,୨୮।୪(ପ୍ରମୋଦ ବହିଦାର)

ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ ପକ୍ଷରୁ ଏକସଙ୍ଗେ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବୁର୍ଲା ଭିମ୍ସାରର ରକ୍ତ ଭଣ୍ଡାରରେରେ ପୃଥକ ଭାବେ ଦୁଇଟି ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଉଭୟ ଶିବିରରେ ମୋଟ ୩୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଗ୍ରୀଷ୍ମ ଋତୁରେ ରକ୍ତ ଅଭାବ ଜନିତ ସମସ୍ୟା ଦୂର କରିବା ଲକ୍ଷ୍ୟରେ ଏହି ଶିବିରର ଆୟୋଜନ ହୋଇଥିଲା। ଶିବିରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିର ପରିଚାଳନାରେ ଉଭୟ ଡାକ୍ତରଖାନା ରକ୍ତଭଣ୍ଡାର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ କୋଶଲପ୍ରେମୀ ଜ୍ଞାନେନ୍ଦ୍ର ବେହେରା

ଝାରସୁଗୁଡ଼ା,୨୮।୪ (ସଞ୍ଜୟ ମାଲି)

ତୃଣମୂଳସ୍ତର ବିକାଶ ପ୍ରତି ଚେଷ୍ଟା କରୁଥିବା କୋଶଲ ପ୍ରେମୀ ତଥା ସତନ୍ତ୍ର ରାଜ୍ୟ ଦାବିର ଜଣେ ଆଗ ଧାଡ଼ିର ନେତା ଜ୍ଞାନେନ୍ଦ୍ର ବେହେରା ଆସନ୍ତା ଝାରସୁଗୁଡା ନିର୍ବାଚନରେ ବିଧାୟକ ପଦ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ଦୀର୍ଘ ଦିନ ଧରି ଅବହେଳିତ ବହୁମୁଖୀ ସମସ୍ୟାର ସମ୍ମୁଖୀନ ହେଉଥିବା ଝାରସୁଗୁଡା ଅଞ୍ଚଳ ସକ୍ରିୟ ନେତୃତ୍ୱ ଏବଂ ଅଭିନବ ସମାଧାନ ଆବଶ୍ୟକ କରେ। ଜ୍ଞାନେନ୍ଦ୍ର ସ୍ଥାନୀୟ ସମସ୍ୟାଗୁଡିକର ଗଭୀର ବୁଝାମଣା ଓ ସ୍ଥାନୀୟ ଲୋକମାନଙ୍କ ସେବାର ଏକ ଉଦାହରଣ ସ୍ୱରୂପ ଝାରସୁଗୁଡା ବାସିନ୍ଦାଙ୍କ ପାଇଁ ଏକ ଆଶାର ଆଲୋକ ଭାବେ ଉଭା ହୋଇଛନ୍ତି। ଗଣମାଧ୍ୟମକୁ ଦେଇଥିବା ସମ୍ବୋଧନରେ ଜ୍ଞାନେନ୍ଦ୍ର ନିର୍ବାଚନମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଏକ ବ୍ୟାପକ ଏଜେଣ୍ଡା ବର୍ଣ୍ଣନା କରିଛନ୍ତି। ମୁଖ୍ୟ ପ୍ରସଙ୍ଗଗୁଡିକ ହେଉଛି ସ୍ଥାନୀୟ ନିଯୁକ୍ତି ତଥା ଅଞ୍ଚଳରେ ଅନେକ କଳକାରଖାନା ଥିବା ସତ୍ତ୍ୱେ



ଯୁବକମାନଙ୍କ ପୂର୍ଣ୍ଣ ନିଯୁକ୍ତି ସୁଯୋଗ ଅଭାବ ଏକ ଗୁରୁପୂର୍ଣ୍ଣ ଚିନ୍ତା ଭାବେ ଉଭା ହୋଇଛି। ସ୍ଥାନୀୟ ଶିଳ୍ପ ଏବଂ ଉଦ୍ୟୋଗୀଙ୍କ ସହ ସହଯୋଗ କରିବାକୁ ପ୍ରତିଜ୍ଞା କରିଛନ୍ତି ଯାହା ନିଯୁକ୍ତି ସୃଷ୍ଟି ପଦକ୍ଷେପକୁ ଯୁବକମାନଙ୍କୁ ସଶକ୍ତ କରିବ। ସେହିପରି ପରିବେଶର ଅବନତି ଝାରସୁଗୁଡାରେ ବଢୁଥିବା ଶିଳ୍ପ ଯୋଗୁ ପରିବେଶ ଉପରେ ପ୍ରଭାବ ପଡିଛି ଏବଂ ପ୍ରଦୂଷଣ ସ୍ତର ଉଦ୍ବେଗଜନକ ସ୍ଥିତିରେ ପହଞ୍ଚିଛି। ଲୋକମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସହ ସହରତ୍ ତାପମାତ୍ରା, କଳକାରଖାନାରୁ ନିର୍ଗତ ପାଉଁଶ ଅଞ୍ଚଳବାସିଙ୍କ ପାଇଁ ଏକ ପ୍ରକରର ଅଭିଶାପ ପାଲଟିଯାଇଛି। ଏହାର ସ୍ଥାୟୀ ସମାଧାନ ନିମନ୍ତେ ଯୁକ୍ତି ରଖିଛନ୍ତି। ବେହେରା ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା ତଥା ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମରେ ବିନିଯୋଗ କରି ଏହି ବ୍ୟବଧାନକୁ ଦୂର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। କୃଷି ଅସୁବିଧା କୃଷି ଅର୍ଥନୀତି ଝାରସୁଗୁଡା କୃଷି କ୍ଷେତ୍ରରେ ଅନେକ ସମସ୍ୟା ର ସମ୍ମୁଖୀନ ହୋଇଛି। ଶୀତଳ ଭଣ୍ଡାର ସୁବିଧା ଏବଂ ଆଧୁନିକ ବଜାର ଭିତ୍ତିଭୂମି ଅଭାବ ଯୋଗୁ ଚାଷୀମାନେ ଉଚିତ୍ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ବେହେରା କୃଷି ମୂଲ୍ୟ ଶୃଙ୍ଖଳାକୁ ପୁନଃ ଜୀବିତ କରି, ସ୍ଥାୟୀ ଚାଷ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ସହ ବଜାର ସୁଯୋଗ ସୁନିଶ୍ଚିତ କରି କୃଷକମାନଙ୍କୁ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅଖଣ୍ଡତା, ଅନ୍ତର୍ଭୂକ୍ତତା ଏବଂ ଉତ୍ତରଦାୟିତ୍ୱର ମୂଲ୍ୟବୋଧ ଦ୍ୱାରା ପରିଚାଳିତ ଜଣେ ପ୍ରାର୍ଥୀ ଭାବରେ ଜ୍ଞାନେନ୍ଦ୍ର ବେହେରା ଝାରସୁଗୁଡାବାସୀଙ୍କୁ ଏହି ନିର୍ବାଚନମଣ୍ଡଳୀ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି।

## ବିଭିନ୍ନ ସ୍ଥାନରେ ଭାଜପା ନିର୍ବାଚନୀ ପ୍ରଚାର

ଦେବଗଡ଼,୨୮।୪
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାର ତିଲେଇବଣି ବ୍ଲକ କଲଣ୍ଡା ଗ୍ରାମପଞ୍ଚାୟତ ଓ ସଡୋ ଗ୍ରାମପଞ୍ଚାୟତରେ ଜିଲା ଭାଜପା ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। କଲଣ୍ଡା ଗ୍ରାମପଞ୍ଚାୟତ ନୂଆଁଗାଁ ତାରିଣି ମନ୍ଦିର ନିକଟରେ ସଦର ମହକୁମାରେ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ତତ୍ତ୍ୱାବଧାନ ଓ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଭାଜପା ପୂର୍ବତନ ଜିଲା ସଭାପତି ମୀନକେତନ ପ୍ରଧାନ, ରୋହିତ ଗଙ୍ଗଦେବ, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର ଓ ଦିଲୀପ ଗଙ୍ଗଦେବ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଗାମୀ ନିର୍ବାଚନରେ ଦଳୀୟ ବିଧାନସଭା ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସପକ୍ଷରେ ଭୋଟ ଦେବାକୁ ଉପସ୍ଥିତ ଅଞ୍ଚଳବାସୀଙ୍କୁ ସେମାନେ ନିବେଦନ କରିଥିଲେ। ଅନୁରୂପ ଭାବେ ଭାଜପା ଯୁବ ସଙ୍ଗଠନ ସୁଧୀର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ସଡୋ ଗ୍ରାମ ପଞ୍ଚାୟତ ଅର୍ଗେନ ଓ ଭୁଡେଲ ଗ୍ରାମରେ ୨ଟି ପୃଥକ ନିର୍ବାଚନ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଉପରୋକ୍ତ ଗ୍ରାମ ଦ୍ୱୟ ସମେତ ନିକଟସ୍ଥ ରଇଡା ଗ୍ରାମର ବହୁ ଗ୍ରାମବାସୀ ଉପସ୍ଥିତ ଥିବା ବେଳେ ଆଗାମୀ ନିର୍ବାଚନରେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ସେମାନଙ୍କୁ ନିବେଦନ କରାଯାଇଥିଲା। ଏହି ସଭାରେ ଭାଜପା ଯୁବନେତା ଲିପୁନ ବାରିକ, ବବଲୁ ନାୟକ ଓ ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖିଳ ଓଡ଼ିଶା କେନ୍ଦୁପତ୍ର ଶ୍ରମିକ ସଂଘର ବାର୍ଷିକ ଅଧିବେଶନ

ସୁନ୍ଦରଗଡ଼,୨୮।୪(ଜୟ ନାରାୟଣ ମେଣ୍ଡୁଲି)

ନିଖିଳ ଓଡ଼ିଶା ଶ୍ରମିକ ସଂଘର ବାର୍ଷିକ ଅଧିବେଶନ ଲେଫ୍ରିପଡା ବ୍ଲକ ବିଜାଡିହିଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସୁଜାତା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କେନ୍ଦୁପତ୍ର ଶ୍ରମିକ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ରାଉରକେଲା ଡିଭିଜନ ସଭାପତି ସୁନୀଲ କୁମାର ନାଏକ ନିଖିଳ ଓଡିଶା କେନ୍ଦୁପତ୍ର ସଂଘର ସଂଘର୍ଷପୂର୍ଣ୍ଣ ଗତି ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରମିକ ନେତା କମଳ ଷଣ୍ଢ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କେନ୍ଦୁପତ୍ର ତୋଳାଳିଙ୍କୁ କିଭଳି ପ୍ରତାରଣା କରୁଛନ୍ତି ସେ ଉପରେ କହିଥିଲେ। ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦୁପତ୍ର ଶ୍ରମିକଙ୍କ ହକ ଓ ଅଧିକାର ପାଇଁ ହେଉଥିବା ଲଢ଼େଇକୁ ଆଗାମୀ ଦିନରେ ଅଧିକ ଶାଣିତ କରିବାକୁ ଆହ୍ୱାନ ଦେଇଥିଲେ। ପରେ ନିଖିଳ ଓଡିଶା କେନ୍ଦୁପତ୍ରଶ୍ରମିକ ସଂଘ, ଉଜ୍ଜ୍ୱଳପୁର ରେଞ୍ଜ ତରଫରୁ ଆଗାମୀ ବିଧାନସଭା ନିର୍ବାଚନରେ ସୁନ୍ଦରଗଡ ସଦର ବିଧାନସଭା ଆସନର କମ୍ୟୁନିଷ୍ଟପାର୍ଟି ପ୍ରାର୍ଥୀ ରାଜେନ୍ଦ୍ର ନାଏକଙ୍କୁ ସମର୍ଥନ ଦେବା ପାଇଁ ଘୋଷଣା କରିଥିଲେ। ଏହି ଅଧିବେଶନରେ ଟିକେଶ୍ୱରୀ ବେହେରା, ସରୋଜିନୀ ମହାନନ୍ଦିଆ, ମହରଗି କିଷାନ,ଜୟନ୍ତୀ ଭୋଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆରତୀ ପୁଝାରୀ ଧନ୍ୟବାଦ ଦେଇଥିଲେ।

## କାର୍‌ରୁ ଜବତ ହେଲା ୫ ଲକ୍ଷ ଟଙ୍କା



ବ୍ରଜରାଜନଗର,୨୮।୪(ବିଜୟ ବରାଡ଼)

ଝାରସୁଗୁଡା ଜିଲା ବେଲପାହାଡ ଥାନା ଅନ୍ତର୍ଗତ ଗୌରପଡାଠାରେ ଏସଏସଟି ଟିମ ପାଟ୍ରୋଲିଂ ବେଳେ ଏକ ଧଳା ରଙ୍ଗର କାରରୁ ୫ଲକ୍ଷ ଟଙ୍କା ଜବତ କରିଛି। କାରରେ ଥିବା ଝାଡ଼ଖଣ୍ଡ ରାଜ୍ୟର ସାହେବ ଗଞ୍ଜ ଥାନା ଲେଖପୁର ଗ୍ରାମର ମେସିକ ଶେଖଙ୍କୁ ପୋଲିସ ଛାଡ଼ିଦେଇଥିବା ଜଣାପଡିଛି। ଜବତ ଟଙ୍କା ବେଲପାହାଡ଼ ଥାନାରେ ରଖାଯାଇଛି। ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ବେଲପାହାଡ଼ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ମେହେର ପ୍ରକାଶ କରିଛନ୍ତି।

## ଅର୍ଥ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼, ୨୮।୪
(ଜୟ ନାରାୟଣ ମେଣ୍ଡୁଲି)

ସ୍ଥାନୀୟ ସଦ୍‌ଭାବନା ଭବନ ପରିସରରେ ଅର୍ଥ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପ୍ରସ୍ତୁତି ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ପାଇଁ ଅର୍ଥ ପର୍ଯ୍ୟବେକ୍ଷକ ଭାବେ କ୍ରୀଷ୍ଣା କୁମାର ପ୍ରସାଦ ନିୟୋଜିତ ହୋଇଛନ୍ତି। ସେହିପରି ତଳସରା, ସୁନ୍ଦରଗଡ଼ ଓ ରାଜଗାଙ୍ଗପୁର ବିଧାନସଭା କ୍ଷେତ୍ର ପାଇଁ ରାମଜୀ କେଥାବନ୍ଥୁ ଏବଂ ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା ଓ ବଣାଇଁ ବିଧାନସଭା କ୍ଷେତ୍ର ପାଇଁ ଅର୍ଥ ପର୍ଯ୍ୟବେକ୍ଷକ ଭାବେ ଅତୁଲ କୁମାର ତିର୍କୀ ଉପସ୍ଥିତ ଥିଲେ। ଜିଲାରେ ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ବୈଠକରେ ଅର୍ଥ ପର୍ଯ୍ୟବେକ୍ଷକମାନେ ଆଲୋଚନା କରିଥିଲେ। ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ତଥା ସଂସଦୀୟ କ୍ଷେତ୍ର ପାଇଁ ରିଟର୍ଣ୍ଣିଂ ଅଧିକାରୀ ଡ. ପରାଗ ଗଭାଲି, ଅତିରିକ୍ତ ଜିଲାପାଳ ତଥା ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ର ନିମନ୍ତେ ଥିବା ରିଟର୍ଣ୍ଣିଂ ଅଧିକାରୀ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ରାଜଗାଙ୍ଗପୁର ବିଧାନସଭା କ୍ଷେତ୍ରର ରିଟର୍ଣ୍ଣିଂ ଅଧିକାରୀ ଅଭିମନ୍ୟୁ ମାଝି ଓ ସଦର ଉପଜିଲାପାଳ ତଥା ତଳସରା ବିଧାନସଭା କ୍ଷେତ୍ରର ରିଟର୍ଣ୍ଣିଂ ଅଧିକାରୀ ଦାଶରଥି ସରାବୁ ଉପସ୍ଥିତ ରହି ନିଜ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପରିଚାଳନା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ଉପସ୍ଥାପନ କରିଥିଲେ। ଏଥିରେ ପର୍ଯ୍ୟବେକ୍ଷକମାନେ ଜିଲାରେ ନିୟୋଜିତ ଥିବା ଫ୍ଲାଇଙ୍ଗ ସ୍କାର୍ଡ, ଏସଏସଟି, ଭିଭିଟି ଆଦିର ସକ୍ରିୟ କାର୍ଯ୍ୟକଳାପ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ନିର୍ବାଚନ ଖର୍ଚ୍ଚ ପରିଚାଳନାର ନୋଡାଲ ଅଧିକାରୀ ତଥା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ଦୁଃଖବନ୍ଧୁ ନାୟକ ନିର୍ବାଚନ ଖର୍ଚ୍ଚ ତଦାରଖ କରିବା ପାଇଁ କାର୍ଯ୍ୟକାରୀ ହେଉଥିବା ଥିବା ବିଭିନ୍ନ ଟିମ/ ସେଲ ଉପରେ ଆଲୋଚନା କରିଥିଲେ। ବୈଠକରେ ଜିଲାର ସମସ୍ତ ବିଧାନସଭା କ୍ଷେତ୍ର ନିମନ୍ତେ ଥିବା ସହାୟକ ଅର୍ଥ ପର୍ଯ୍ୟବେକ୍ଷକ ଓ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରର ସହାୟକ ଅର୍ଥ ପର୍ଯ୍ୟବେକ୍ଷକ, ପୋଲିସ ବିଭାଗର ଅଧିକାରୀ ଏବଂ ନିର୍ବାଚନ ପ୍ରକ୍ରିୟା ପାଇଁ ନିଯୁକ୍ତ ଥିବା ବିଭିନ୍ନ ସେଲର ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ।

## ସମ୍ବଲପୁରରେ ଭାଜପାର ମିଶ୍ରଣ ପର୍ବ

### ଭାଜପାରେ ମିଶିଲେ ବିଜେଡିର ପୂର୍ବତନ ରେଙ୍ଗାଲି ବିଧାୟିକା ପ୍ରାର୍ଥିନୀ

ସମ୍ବଲପୁର,୨୮।୪(ବି.ଶଙ୍କର)

ଭାଜପା ସମ୍ବଲପୁର ଜିଲା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବିଜେଡି ସମ୍ବଲପୁର ଜିଲା ଏସ୍‌ଟି-ଏସ୍‌ସି ସେଲ ସଭାପତି ମୋତିଲାଲ ତନ୍ତି ଓ ତାଙ୍କ ସ୍ତ୍ରୀ ତଥା ବିଜେଡି ରେଙ୍ଗାଲିର ପୂର୍ବତନ ବିଧାନସଭା ପ୍ରାର୍ଥୀ(୨୦୧୯) ରୀନା ତନ୍ତି ଦଳରେ ଯୋଗଦେଇଛନ୍ତି। କିଛି ଦିନ ପୂର୍ବରୁ ସୋନପୁର ବିଜୟ ସଂକଳ୍ପ ସଭାରେ ଭାଜପାରେ ଯୋଗଦେଇଥିବା ଭାରତୀୟ ହକି ଟିମର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ ମଧ୍ୟ ସଭାରେ ଉପସ୍ଥିତ ଥିଲେ । କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ ଯେ, ଓଡ଼ିଶା ରାଜନୀତିରେ ଆଜି ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। କଂଗ୍ରେସ କିଛି ଦିନ ପୂର୍ବେ ପ୍ରବୋଧ ତିର୍କୀଙ୍କୁ ତଳସରାରୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା । ପରେ ସେହି ସ୍ଥାନରେ ଅନ୍ୟ ଜଣଙ୍କୁ ପ୍ରାର୍ଥୀ କଲା । ତେବେ ଆନ୍ତର୍ଜାତିକ ସ୍ତରରେ ହକିକୁ ପ୍ରତିନିଧିତ୍ୱ କରିଥିବା ତିର୍କୀ ନିଜର ସମ୍ମାନ ଓ ସ୍ୱାଭିମାନ ପାଇଁ ଭାଜପାରେ ସାମିଲ ହୋଇଛନ୍ତି । ଦଳ ପ୍ରତି ପ୍ରବୋଧ ଦେଖାଇଥିବା ଆସ୍ଥା ପ୍ରଧାନମନ୍ତ୍ରୀ ମୋଦିଙ୍କ ସବ୍‌କା ସାଥ୍ ସବ୍‌କା ବିକାଶ ରାଜନୀତିର ବଡ଼ ପ୍ରତିଫଳନ। ସେହିପରି ଦଳରେ ସାମିଲ ହୋଇଥିବା ଦମ୍ପତିଙ୍କୁ ସ୍ୱାଗତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମୋତିଲାଲ ଜଣେ ସାମାଜିକ ନ୍ୟାୟ ଆନ୍ଦୋଳନର ଲଢୁଆ ସାଥୀ । ସେ ଛାତ୍ର ଅବସ୍ଥାରୁ ଦଳିତ, ଆଦିବାସୀ, ଗରିବ, ଦୁଃଖୀ ବର୍ଗର ଲୋକଙ୍କ ପାଇଁ ସଂଘର୍ଷ କରିଆସୁଛନ୍ତି । ତାଙ୍କ ଧର୍ମପତ୍ନୀ ରୀନା ଗତ ୨୦୧୯ ମସିହାରେ ରେଙ୍ଗାଲି ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ ହୋଇଥିଲେ । ଉଭୟେ ବର୍ତ୍ତମାନ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି । ଆମ ଦଳ ଏହି ରାଜନୀତି ବ୍ୟକ୍ତିବିଶେଷଙ୍କ ଅନୁଭବକୁ ଉପଯୋଗ କରି ଜନଜାତି ସଂଗଠନକୁ ଅଧିକ ସୁଦୃଢ କରିବ। ମୋଦି ଗ୍ୟାରେଣ୍ଟିରେ ରେଙ୍ଗାଲି ନିର୍ବାଚନମଣ୍ଡଳୀ ସମେତ ସମ୍ବଲପୁରରେ ଗରିବ ଲୋକଙ୍କ ଅପେକ୍ଷା ଓ ଆକାଂକ୍ଷାକୁ ପୂରଣ କରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ମିଶ୍ରଣ ପର୍ବରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସମ୍ବଲପୁର ଜିଲା ଭାଜପା ସଭାପତି ଗିରିଶ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ମେହେର, ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା ଓ ଆଶିଷ ହୋତା, ଜିଲା ଉପସଭାପତି ଫଣୀଭୂଷଣ ମିଶ୍ର, ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।



ରବିବାର ସମ୍ବଲପୁର ଭାଜପା ଜିଲା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ।

## ବନ ସୁରକ୍ଷା ସମିତିର ଅଭିନବ ପ୍ରୟାସ 'ଶୋଷରୁ ମୁକ୍ତି'

ଝାରସୁଗୁଡ଼ା,୨୮।୪ (ସଞ୍ଜୟ ମାଲି)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ ମାଧ୍ୟମରେ ଝାରସୁଗୁଡା ବନଖଣ୍ଡ ଅନ୍ତର୍ଗତ ବାଗଡ଼ିହି ବନାଞ୍ଚଳ ଅଧୀନ ପାକେଲଖୋଲ ବନ ସୁରକ୍ଷା ସମିତି ଦ୍ୱାରା ଗଛରେ ଶିକା ଝୁଲାଇ ମାଟି ପାତ୍ରରେ ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା କରାଯାଇଛି। ମୁଣ୍ଡ ଉପରେ ୪୩ ଡିଗ୍ରୀ ଖରା ଥିବା ବେଳେ ସହରରେ ଥିବା ଜଳାଶୟଗୁଡ଼ିକ ସୁଖିଗଲାଣି। ପାରମ୍ପରିକ ଭାବେ ପାଣି ରହୁଥିବା ନାଳଗୁଡ଼ିକ ମଧ୍ୟ ସୁଖି ଯାଇ କାଁ ଭାଁ ଆଞ୍ଜୁଳାଏ ପାଣି ରହିଛି। ଶୋଷରେ ପଶୁ, ପକ୍ଷୀ ଛଟକି ଯାଇଛନ୍ତି। ଫଳରେ ପକ୍ଷୀମାନେ ଗ୍ରୀଷ୍ମ ପ୍ରବାହରେ ମୃତ୍ୟୁବରଣ କରୁଛନ୍ତି। କେବଳ ଜଳାଶୟ ନୁହେଁ, ଯେଉଁ ଗଛରେ ବସା ବାନ୍ଧି ରହୁଥିଲେ ତାହା ମଧ୍ୟ ଶୁଖୁଲା ପଡ଼ିଛି। ଫଳରେ ଖରାଦିନରେ ପକ୍ଷୀଙ୍କ ସଂସାର ଉଜୁଡ଼ି ଯାଉଛି । ବୁନ୍ଦାଏ ପାଣି ପାଇଁ କୌଣସି ପକ୍ଷୀ ମୃତ୍ୟୁବରଣ ନ କରୁ ଏହି ଉଦ୍ଦେଶ୍ୟରେ ବାଗଡ଼ିହି ବନାଞ୍ଚଳ ଅଧିକାରିଣୀ ସୁଶ୍ରୀ ବନ୍ଦନା ପସାୟତଙ୍କ ତତ୍ତ୍ୱାବଧାନରେ ଗଛରେ ଶିକା ଝୁଲାଇ ମାଟି ପାତ୍ରରେ ପାଣି ଦେଇ ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା କରାଯାଇଛି। ପଶୁ ପକ୍ଷୀ ବଞ୍ଚିଲେ ପ୍ରକୃତି ବଞ୍ଚିବ, ପ୍ରକୃତି ବଞ୍ଚିଲେ ଏ ମଣିଷ ସମାଜ ବଞ୍ଚିବ। ଏହି ଅଭିନବ କାର୍ଯ୍ୟକ୍ରମରେ ଆଦର୍ଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚିଫ ପ୍ରଦୀପ କୁମାର ବେହେରା, ବାଗଡ଼ିହି ବନାଞ୍ଚଳର ଟିମ ଲିଡ଼ର ଚୁଡାମଣି ବେହେରା, ଡିଓସିଡିଏଲ ସତ୍ୟସ୍ମିତା ବେହେରା, ଫରେଷ୍ଟ ଗାର୍ଡ ସୁନାଦେଇ ମେହେର, ନସୁରକ୍ଷା ସମିତି ସଭାପତି କମଳ କିସାନ, ବନ ସହାୟିକା ଉର୍ମିଳା ନାଏକ ଏବଂ ବନ ସୁରକ୍ଷା ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।



**ଭୂପିନ୍ଦର କଣ୍ଟାବାଞ୍ଜି ପାଇଁ ମୁଖ୍ୟ ନିର୍ବାଚନ ସଂଯୋଜକ ନିଯୁକ୍ତ**

ଭୁବନେଶ୍ୱର,୨୮।୪(ସୁନିତ୍ ମିଶ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ନିର୍ବାଚନ ଦୁଇଟି ଆସନରୁ ଲଢୁଛନ୍ତି। ହିଞ୍ଜିଳୀ ଓ କଣ୍ଟାବାଞ୍ଜି ଆସନରୁ ଏଥର ନିର୍ବାଚନ ଲଢ଼ିବେ। ତେବେ କଣ୍ଟାବାଞ୍ଜି ଆସନର ମୁଖ୍ୟ ନିର୍ବାଚନ ସଂଯୋଜକ ଭାବେ ବିଧାୟକ ଭୂପିନ୍ଦର ସିଂହଙ୍କୁ ଦଳ ଦାୟିତ୍ୱ ଦେଇଛି। ମୁଖ୍ୟମନ୍ତ୍ରୀ ତାଙ୍କୁ ଏହି ଦାୟିତ୍ୱ ଦେଇଥିବା ବେଳେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଚିଠି ଜାରି କରାଯାଇଛି।



# ଆଜି ୩ୟ ପର୍ଯ୍ୟାୟ ଭୋଟ ଲାଗି ବିଜ୍ଞପ୍ତି

ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)

ଦେଶର ଷଷ୍ଠ ଏବଂ ଓଡ଼ିଶାର ୩ୟ ପର୍ଯ୍ୟାୟ ନିର୍ବାଚନ ଲାଗି ସୋମବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ଅର୍ଥାତ୍ ୩ୟ ପର୍ଯ୍ୟାୟ ଲାଗି ପ୍ରାର୍ଥୀମାନେ ସୋମବାରଠାରୁ ନାମାଙ୍କନ ଦାଖଲ କରିବେ। ଏହି ପର୍ଯ୍ୟାୟରେ ରାଜ୍ୟର ୬ଟି ଲୋକ ସଭା କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ୪୨ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଚାଲିବ। ଏହି ପର୍ଯ୍ୟାୟରେ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଓ ଭୁବନେଶ୍ୱର ଲୋକ ସଭା କ୍ଷେତ୍ର ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଆସନ୍ତା ୬ ତାରିଖ ହେଉଛି ନାମାଙ୍କନ ଦାଖଲର ଶେଷ ସମୟ।

**୬ ଲୋକ ସଭା କ୍ଷେତ୍ର, ୪୨ ବିଧାନସଭା ମଣ୍ଡଳୀ ଲାଗି ପ୍ରକ୍ରିୟା ଆରମ୍ଭ**

ଏହି ପର୍ଯ୍ୟାୟରେ ମୋଟ୍ ୪୮ ଲକ୍ଷ ୨୬ ହଜାର ୩୭୫ ଜଣ ପୁରୁଷ ଏବଂ ୪୬ ଲକ୍ଷ ୧୪ ହଜାର ୧୩୪ ଜଣ ମହିଳା ଭୋଟର ଭୋଟ ଦେବେ। ଆସନ୍ତା ୭ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ, ୯ ତାରିଖ ସୁଦ୍ଧା ନାମାଙ୍କନ ପ୍ରତ୍ୟାହାରର ଶେଷ ସମୟ ରହିଛି। ସେହିପରି ଏହି ପର୍ଯ୍ୟାୟ ଲାଗି ଆସନ୍ତା ମେ ୨୫ ତାରିଖରେ ଭୋଟ ହେବାକୁ ଥିବାବେଳେ ଜୁନ ୪ ତାରିଖରେ ଭୋଟ୍ ଗଣତି ପାଇଁ ସମୟ ଧାର୍ଯ୍ୟ କରାଯାଇଛି।

ତେବେ ତୃତୀୟ ପର୍ଯ୍ୟାୟ ଭୋଟ ଲାଗି ସୋମବାରଠାରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଉଥିବା ବେଳେ ଏଯାଏ ୩ ଦଳ କିଛି ଆସନରେ ପ୍ରାର୍ଥୀ ଦେଇନାହାନ୍ତି। ୩ୟ ପର୍ଯ୍ୟାରେ ହେବାକୁ ଥିବା ପାଲଲହଡା ଏବଂ ବାରବାଟୀ-କଟକ ବିଧାନସଭା ଆସନରେ କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ସେହିପରି ଭାଜପା ସର୍ବାଧିକ ୩ଟି ଆସନ ଘସିପୁରା, ବେଗୁନିଆ ଏବଂ ବାରବାଟୀ-କଟକ ବିଧାନସଭା ଆସନ ଯେଉଁଠି ୩ୟ ପର୍ଯ୍ୟାରେ ଭୋଟ୍ ହେବାକୁ ଯାଉଛି ସେଠାରେ ଏଯାଏ ପ୍ରାର୍ଥୀ କାହାକୁ କରିବ ସେନେଇ ଘୋଷଣା କରିପାରୁ ନାହିଁ। ପ୍ରାର୍ଥୀ ଘୋଷଣାରେ ସବୁଠାରୁ ଆଗରେ ଥିବା ବିଜେଡି ଏହି ପର୍ଯ୍ୟାୟରେ ହେବାକୁ ଥିବା ଗୋଟିଏ ଆସନ ଖଣ୍ଡପଡା ପାଇଁ ପ୍ରାର୍ଥୀ ଘୋଷଣା କରିପାରି ନାହିଁ।

# ୧ ଲୋକ ସଭା, ୪ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା ସମୃଦ୍ଧ ଓଡ଼ିଶା ଦଳ

କଟକ ୨୮।୪(ଶିଳ୍ପା ପ୍ରିୟଦର୍ଶିନୀ)

ସମୃଦ୍ଧ ଓଡ଼ିଶା ଦଳ ପକ୍ଷରୁ କଟକ ଲୋକ ସଭା ଓ ୪ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏନେଇ କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସଭାପତି ଡ. ଯତୀଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। କଟକ ଲୋକ ସଭା ଆସନ ପାଇଁ ମିନତି ପଟ୍ଟନାୟକ, ବାରବାଟୀ-କଟକ ବିଧାନସଭା ଆସନ ପାଇଁ ଆରିଫ୍ ଖାନ୍, ଚୌଦ୍ୱାର-କଟକ ପାଇଁ ଲୁଲୁ ବିଶ୍ୱାଳ, ଆଠଗଡ଼ ପାଇଁ ଦିବ୍ୟସିଂହ ମିଶ୍ର ଓ ବଡମ୍ବା ପାଇଁ ରମେଶ ଚନ୍ଦ୍ର ନାୟକଙ୍କୁ ଦଳ ଟିକେଟ ଦେଇଛି। ଏନେଇ ରାଜ୍ୟ ସଭାପତି ମହାନ୍ତି କହିଛନ୍ତି, ସମୃଦ୍ଧ ଓଡ଼ିଶା ଦଳ ଓଡ଼ିଶାର ପ୍ରତ୍ୟେକ ପରିବାର ପାଇଁ ସ୍ୱତନ୍ତ୍ର ଯୋଜନା କରି ମାତ୍ର ପାଞ୍ଚ ବର୍ଷରେ ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ରୂପାନ୍ତରିତ କରିପାରିବ। ଦଳର ବିଚାର ସହିତ ସହମତି ରଖୁଥିବା ସଚ୍ଚୋଟ, ବିଚାରବନ୍ତ ଓ ନ୍ୟାୟପରାୟଣ ନେତାମାନେ ବିଭିନ୍ନ ଆସନରୁ ପ୍ରାର୍ଥୀ ହେବା ନିମନ୍ତେ ଆଗେଇ ଆସିବା ପାଇଁ ଦଳ ଆହ୍ୱାନ କରୁଛି। ମାଗଣା ପ୍ରତିଶ୍ରୁତି ଦେଇ ନୁହେଁ କିମ୍ବା ନିର୍ବାଚନ ସମୟରେ ଟଙ୍କା, ମଦମାଂସର ପ୍ରଲୋଭନ ନ ଦେଖାଇ ସମୃଦ୍ଧ ଓଡ଼ିଶା ଦଳ ଭଲ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରୁଛି। ଏହି ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ନିରାକାର ବେଉରା, ଆଇନଜୀବୀ ସୁଶାନ୍ତ ମହାପାତ୍ର, କଟକ ଜିଲା ସଭାପତି ଆରିଫ୍ ଖାନ୍, କଟକ ଯୁବ ସଭାପତି ଜଗଦୀଶ ରାଓ, କଟକ ମହାନଗର କମିଟି ସେକ୍ରେଟାରୀ ପ୍ରଦୀପ ନାୟକ, ମହିଳା ମୋର୍ଚ୍ଚା ସଭାପତି ମିନତି ଲାଲା, ସେକ୍ରେଟାରୀ ବିଶାଖା ବେହେରା, ଯୁଗ୍ମସମ୍ପାଦକ ଗୁଲକଶା ପର୍ବିନ ପ୍ରମୁଖ ଉପସ୍ଥିତ ଥିଲେ।

# ଝୁଲାଇ ରଖିଲା ବିଜେଡି, ବିରୋଧୀଙ୍କ ପ୍ରଚାର ଜୋରଦାର

**କୋରେଇ ବିଧାନସଭା କ୍ଷେତ୍ର**

ଯାଜପୁର,୨୮।୪(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଚୂଡାନ୍ତ ହୋଇଥିବାବେଳେ ବିଜେଡି ଏଯାଏ ଝୁଲାଇ ରଖିଛି। ତେଣୁ ଶାସକ ଦଳର ପୁଣି ପ୍ରାର୍ଥୀ ବଦଳିବା ସମ୍ଭାବନା ରହିଛି। ଗତ ୪ଟି ବିଧାନସଭା ନିର୍ବାଚନରେ ଏଠାରେ ଜଣେ ବ୍ୟକ୍ତି ଦ୍ୱିତୀୟ ଥର ବିଧାୟକ ହୋଇପାରି ନାହାନ୍ତି। ପ୍ରତ୍ୟେକ ନିର୍ବାଚନରେ ଜଣେ ନୂଆ ମୁହଁ ବିଧାୟକ ହେଉଥିବାରୁ ବିଭିନ୍ନ କ୍ଷେତ୍ରରେ ବିକାଶ ଅଧାପନ୍ତରିଆ ହୋଇ ପଡ଼ିରହିଥିବା ଆଲୋଚନା ହେଉଛି।

କୋରେଇରେ ୧୯୯୦ରୁ ୨୦୦୦ ଯାଏ ଅଶୋକ ଦାସ ଲଗାତର ୩ଥର ବିଧାୟକ ହୋଇଥିଲେ। ୨୦୦୪ରୁ ୧୦୧୯ ଯାଏ ନୂଆ ନୂଆ ବିଧାୟକଙ୍କୁ ଦେଖିବାକୁ ମିଳିଛି। ୨୦୦୪ରେ ବିଜେଡି-ଭାଜପା ମେଣ୍ଟ ଥିଲା। ଏହି ବର୍ଷ ଭାଜପା ପ୍ରାର୍ଥୀ ସଞ୍ଚିତା ମହାନ୍ତି ବିଜୟୀ ହୋଇଥିଲେ। ୨୦୦୯ରେ ମେଣ୍ଟ ଭାଙ୍ଗିଯାଇଥିବାବେଳେ ଏହି ଆସନ ବିଜେଡି କବ୍ଜାରେ ରହିଛି। ୨୦୦୯ରେ ବିଜେଡି ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼େଇ(ଡାନି), ୨୦୧୪ରେ ଆକାଶ ଦାସନାୟକ ଓ ୨୦୧୯ରେ ଅଶୋକ ବଳ ବିଜୟୀ ହୋଇଛନ୍ତି। ବିଜେଡି ଏଠାରେ ପ୍ରାର୍ଥୀ ବଦଳ କରି ସଫଳତା ସାଉଣ୍ଟୁଥିବାବେଳେ ବିରୋଧୀ ବି ପ୍ରାର୍ଥୀ ବଦଳରେ ମାତିଛନ୍ତି। ଚଳିତ ନିର୍ବାଚନରେ ଏକାଧିକ ନୂଆ ମୁହଁ ବିଜେଡି ପ୍ରାର୍ଥୀ ହେବାକୁ ଇଚ୍ଛୁକ ଅଛନ୍ତି। ତେବେ ବିଧାୟକ ଅଶୋକ ବଳ ନିକଟରେ ଭୁବନେଶ୍ୱର ଶଙ୍ଖଭବନରୁ ଫେରିବା ପରେ ତାଙ୍କ ଟିକେଟ ନିଶ୍ଚିତ ବୋଲି ସମର୍ଥକମାନେ କହି ବୁଲୁଛନ୍ତି। ହେଲେ ପ୍ରାର୍ଥୀ ଘୋଷଣା ହୋଇ ନ ଥିବାରୁ ବିଜେଡିର ପ୍ରଚାର ଏକପ୍ରକାର ନିଷ୍କ୍ରିୟ ହୋଇପଡିଛି। ଏହାର ସୁଯୋଗରେ ଭାଜପା ପ୍ରାର୍ଥୀ ଆକାଶ ଦାସନାୟକ ଏବଂ କଂଗ୍ରେସ ପ୍ରାର୍ଥୀ ବନ୍ଦିତା ପରିଡ଼ା ଜୋରଦାର ପ୍ରଚାର ଚଳାଇଛନ୍ତି।

ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସ (ବବି) ଏଥର ଯାଜପୁର ବିଧାନସଭା ଆସନ ବଦଳରେ ସମ୍ବଲପୁର ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ପରିବାରର ଜଣଙ୍କୁ କୋରେଇ ପାଇଁ ବିଜେଡି ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଯାଜପୁର ପୌରପରିଷଦର ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ କୋରେଇ ଅଞ୍ଚଳରେ ବୁଲାବୁଲି କରି ଦଳୀୟ କର୍ମୀମାନଙ୍କ ସହ ସମ୍ପର୍କ ରଖୁଛନ୍ତି। ଅନ୍ୟପକ୍ଷେ ପ୍ରୀତିରଞ୍ଜନ ଘଡ଼େଇଙ୍କ ସ୍ତ୍ରୀ ଝିଲ୍ଲିକ ଭଟ୍ଟାଚାର୍ଯ୍ୟ ମଧ୍ୟ ବିଜେଡି ଟିକେଟ ଆଶାରେ ରହିଛନ୍ତି।

୨୦୧୯ ନିର୍ବାଚନରେ ଏଠାରେ ଭାଜପା ଦ୍ୱିତୀୟ ଓ କଂଗ୍ରେସ ତୃତୀୟ ସ୍ଥାନରେ ରହିଥିଲା। ୨୦୧୪ ତୁଳନାରେ ବିଜେଡିର ଭୋଟ ହାର ୫୫.୮୧%ରୁ ୪୯.୮୧%କୁ ହ୍ରାସ ପାଇବା ଦଳକୁ ଚିନ୍ତିତ କରିଥିଲା। ଅନ୍ୟପକ୍ଷରେ ଭାଜପାର ଭୋଟ ହାର ୧୫.୫୩%ରୁ ୪୦.୫%କୁ ବୃଦ୍ଧି ପାଇଥିଲା। କଂଗ୍ରେସରୁ ବନ୍ଦିତା ୨୮,୪୮୬(୧୯.୨୫%) ଭୋଟ ପାଇଥିଲେ। ଏଥର ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଣିକୋଇଲିଠାରେ ମେଡିକାଲ କଲେଜ ଦାବିରେ ଅଞ୍ଚଳବାସୀ ୧୦୪ ଦିନ ଆନ୍ଦୋଳନରେ ବସିଥିଲେ। କେହି ଆନ୍ଦୋଳନକୁ ଗୁରୁତ୍ୱ ଦେଇ ନ ଥିଲେ। ଶେଷରେ ଯାଜପୁର ବୈତରଣୀ ନଦୀକୂଳରେ ମେଡିକାଲ କଲେଜ ଗୃହ ନିର୍ମାଣ ଆରମ୍ଭ ହୋଇଥିଲା। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ୧୯୯୩ର ଜିଲା ସଦର ମହକୁମା ସ୍ଥାନ ପାଣିକୋଇଲି ପରିବର୍ତ୍ତେ ଯାଜପୁରରେ ହେବାର ଅସନ୍ତୋଷ ପୁଣି ତେଜିଉଠିଥିବା ଆଲୋଚନାରୁ ଜଣାପଡିଛି। ତେଣୁ କୋରେଇରେ ପୁଣି ଏକ ନୂଆ ମୁହଁ ଦେଇ ବିଜେଡି ବିଜୟୀ ପରମ୍ପରାକୁ ବଜାୟ ରଖିବ ବୋଲି ଚର୍ଚ୍ଚା ହେଉଛି। ହେଲେ ନିୟମିତ ପ୍ରାର୍ଥୀ ବଦଳ ପ୍ରକ୍ରିୟାରେ କୋରେଇବାସୀଙ୍କ ପ୍ରତି ନିର୍ବାଚିତ ପ୍ରତିନିଧିଙ୍କ ଉତ୍ତରଦାୟିତ୍ୱ ହଜିଯାଉଥିବା ଲୋକେ ମତ ଦେଉଛନ୍ତି। ଏହିକ୍ରମରେ କୋରେଇ ନିର୍ବାଚନମଣ୍ଡଳୀରେ ପ୍ରସ୍ତାବିତ ନୂତନ ଆଧୁନିକ ବସଷ୍ଟାଣ୍ଡ, ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବ୍ୟାସନଗରକୁ ସବ୍‌ଡିଭିଜନ ମାନ୍ୟତା, ପାଟରଙ୍ଗା ଓ ତଳଗଡ଼ ପଞ୍ଚାୟତରେ କଲ୍ୟାଣମଣ୍ଡପ, ଶ୍ରମିକ ଆଶ୍ରୟସ୍ଥଳୀ, ରେଲୱେ ଓଭରବ୍ରିଜ ଓ ଗଳିପୋଲ, କୋରେଇ ଭବନ, ରାଜୀବ ଗାନ୍ଧୀ ଷ୍ଟାଡିୟମ, ଏନ୍‌ସି ହାଇସ୍କୁଲ ଖେଳପଡ଼ିଆର ଉନ୍ନତୀକରଣ, ଛୋଟରାୟପୁର ମିନି ଷ୍ଟାଡିୟମ ଇତ୍ୟାଦି ପ୍ରତିଶ୍ରୁତିରେ ଅଟକିଛି।

# ଡବଲ ଇଞ୍ଜିନ ସରକାର ପାଇଁ ଆହ୍ୱାନ: ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ଝାରସୁଗୁଡ଼ା,୨୮।୪ (ସଞ୍ଜୟ ମାଲି)

**ଝାରସୁଗୁଡ଼ାରେ ଭାଜପାର ରୋଡ୍ ଶୋ'**



ଝାରସୁଗୁଡ଼ାଠାରେ ରବିବାର ଭାଜପାର ରୋଡ୍ ଶୋ'ରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ, ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଓ ଝାରସୁଗୁଡ଼ା ବିଧାନସଭା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ।

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଝାରସୁଗୁଡା ଜିଲା ଭାରତୀୟ ଜନତା ପାର୍ଟି (ଭାଜପା) ନିର୍ବାଚନ ପ୍ରଚାର ଜୋର୍‌ଦାର୍ କରିଛି। ଏହି ପରିପ୍ରେକ୍ଷୀରେ ରବିବାର ଦଳ ପକ୍ଷରୁ ଏକ ବିଶାଳ ରୋଡ୍ ଶୋ' ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆରୁ ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡ ଗାନ୍ଧି ଛକ ପର୍ଯ୍ୟନ୍ତ କରି ନିଜର ଶକ୍ତି ପ୍ରଦର୍ଶନ କରିଥିଲା। ରୋଡ଼ ଶୋ' କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଅପରାହ୍ନ ୫ଟା ୩୦ ମିନିଟରେ ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରିଥିଲେ। ସେଠାରେ ତାଙ୍କୁ ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିମାନବନ୍ଦରରୁ ସୁରକ୍ଷା କର୍ମୀଙ୍କ ସହ ଏକ ସ୍ୱତନ୍ତ୍ର କାର ଯୋଗେ ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆକୁ ଆସିଥିଲେ। ସନ୍ଧ୍ୟା ୭ଟାରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଧର୍ମଶାଳା ଛକ, ଅଗ୍ରସେନ ଛକ, ଝଣ୍ଡା ଛକ, ରେଲୱେ ଷ୍ଟେଶନ ଛକ, ପୁରୁଣା ବସ୍ତି ଛକ ଦେଇ ଝାରସୁଗୁଡା ପୁରୁଣା ବସଷ୍ଟାଣ୍ଡରେ ଶେଷ ହୋଇଥିଲା। ସ୍ଥାନେ ସ୍ଥାନେ ମୁଖ୍ୟମନ୍ତ୍ରୀ ସାଇଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ଝାରସୁଗୁଡା ଜିଲା ତଥା ଆଖପାଖ ଅଞ୍ଚଳରୁ ଅନେକ ଲୋକ ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ।

ସୁରକ୍ଷା ଦୃଷ୍ଟିକୁ ରଖି ଝାରସୁଗୁଡା ସହର ମଧ୍ୟରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ବିଭିନ୍ନ ଛକରେ ପୋଲିସ ବ୍ୟାରିକେଡ୍ ଲଗାଯାଇଥିଲା। ଫଳରେ ସହର ମଧ୍ୟରେ ବ୍ୟାପକ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶେଷରେ ଶୋଭାଯାତ୍ରା ଝାରସୁଗୁଡା ପୁରୁଣା ବସଷ୍ଟାଣ୍ଡ ଗାନ୍ଧୀ ଛକଠାରେ ସମାପ୍ତ ହୋଇଥିଲା। ମୁଖ୍ୟମନ୍ତ୍ରୀ ସାଇ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ କେନ୍ଦ୍ରରୁ ରାଜ୍ୟକୁ ଯେଉଁ ଅନୁଦାନ ଆସୁଛି, ତାହା ଉପଯୁକ୍ତ ଭାବେ ରାଜ୍ୟ ସରକାର ଖର୍ଚ୍ଚ କରିପାରୁ ନାହାନ୍ତି। ଏହା ରାଜ୍ୟ ସରକାରଙ୍କ ବିଫଳତା। ଭାଜପା ହିଁ ଦେଶ ତଥା ରାଜ୍ୟରେ ସୁଶାସନ ଦେଇପାରିବ ବୋଲି କହିଥିଲେ। ବିକାଶର ମୂଳରୂପ ହେଉଛନ୍ତି ନରେନ୍ଦ୍ର ମୋଦି ଜୀ। ଏଥର ପୁଣି ମୋଦି ସରକାର ଓ ଆପଣମାନେ ଆପଣଙ୍କ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ କରିବାର ସଂକଳ୍ପ ନିଅନ୍ତୁ ବୋଲି ସେ ଝାରସୁଗୁଡାବାସୀଙ୍କୁ ଆହ୍ୱାନ ଦେଇଥିଲେ। ସେଠାରୁ ସେ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରକୁ ଯାଇ ସେଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ରାୟପୁର ଅଭିମୁଖେ ବାହାରି ଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଝାରସୁଗୁଡା ବିଧାନସଭା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ, ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ଜିଲାର ସମସ୍ତ ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ।

# ୨ୟ ଥର କଂଗ୍ରେସ ପ୍ରାର୍ଥୀ ହେଲେ ଅଜୟ ସାମଲ

ଚଣ୍ଡିଖୋଲ,୨୮।୪(ପ୍ରଦୀପ୍ତ କୁମାର ପୃଷ୍ଟି)

**ବଡ଼ଚଣା ନିର୍ବାଚନମଣ୍ଡଳୀ**



ଅଜୟ ସାମଲ

ଯାଜପୁର ଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀ ପାଇଁ ରବିବାର କଂଗ୍ରେସ ବିଧାୟକ ପ୍ରାର୍ଥୀ ଘୋଷଣା କରିଛି। ଏଠାରେ ଅଜୟ କୁମାର ସାମଲଙ୍କୁ ୨ୟ ଥର ପାଇଁ ପ୍ରାର୍ଥୀ କରାଯାଇଛି। ସେ ୨୦୧୯ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ପୁନର୍ବାର ଦଳ ତାଙ୍କ ଉପରେ ଭରସା କରିଛି। ପୂର୍ବରୁ ଅଜୟ ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତର ସରପଞ୍ଚ ହୋଇଥିଲେ। ପରେ ଏହି ବ୍ଲକ ଅନ୍ତର୍ଗତ ୨୦ନଂ. ଜୋନର ଜିଲା ପରିଷଦ ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନ ପୂର୍ବରୁ ଦଳ ସୀତାକାନ୍ତ ମହାପାତ୍ରଙ୍କ ନାମ ଘୋଷଣା କରିଥିଲାବେଳେ ସେ ଟିକେଟ ଫେରାଇ ଦେଇଥିଲେ। ଶେଷରେ କଂଗ୍ରେସ ଅଜୟଙ୍କ ନାମରେ ମୋହର ମାରିଥିଲା। ଅଜୟ ନିର୍ବାଚନ ଲଢ଼ି ୩ୟ ସ୍ଥାନରେ ରହିଥିଲେ। ତାଙ୍କୁ ୯,୩୨୨ ଖଣ୍ଡ ଭୋଟ୍ ମିଳିଥିଲା।

# ଗୁରୁଙ୍କ ଆଶୀର୍ବାଦ ନେଇ ପ୍ରଚାରକୁ ଓହ୍ଲାଇଲେ ରାଜେନ୍ଦ୍ର



ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୨୮।୪

ଖୋର୍ଦ୍ଧା ବିଧାନସଭା ପାଇଁ ବିଜେଡି ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ପ୍ରାର୍ଥୀ କରିଛି। ପ୍ରାର୍ଥୀ ଘୋଷଣା ପରେ ରାଜେନ୍ଦ୍ରଙ୍କୁ ଦଳୀୟ କର୍ମୀ, ସମର୍ଥକ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ରବିବାର ଭୋର ସମୟରେ ରାଜେନ୍ଦ୍ର ଜିଲାର ପ୍ରସିଦ୍ଧ ମା' ଉଗ୍ରତାରାଙ୍କ ଦର୍ଶନ, ପୂଜାର୍ଚ୍ଚନା ସାରି ପ୍ରଚାରକୁ ଓହ୍ଲାଇଛନ୍ତି। ତାଙ୍କ ସହ ଏକାଧିକ କର୍ମୀ ସାମିଲ ହୋଇଥିଲେ। ପୂର୍ବାହ୍ନରେ ତାଙ୍କ ରାଜନୈତିକ ଗୁରୁ ବର୍ତ୍ତମାନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ବାସଭବନକୁ ଯାଇଥିଲେ। ଜିତୁ ମିତ୍ରଙ୍କ ପାଦଛୁଇଁ ଆଶୀର୍ବାଦ ନେଇଥିଲେ। ଚଳିତ ନିର୍ବାଚନରେ ଜିତୁଙ୍କ ପୂର୍ଣ୍ଣ ସମର୍ଥନ ଆଶା କରିଥିଲେ। ପରେ ସେଠାରୁ ସେ ନବୀନ ନିବାସ ଯାଇ ମଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ନୀବନ ପୁଣି ୬ଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ହେବେ। ଖୋର୍ଦ୍ଧା ମାଟି ଏକ ଐତିହ୍ୟ ସମ୍ପର୍ଣ୍ଣ ମାଟି। ଏହାର ସର୍ବାଙ୍ଗୀନ ବିକାଶ ପ୍ରତି ସେ ଗୁରୁତ୍ୱ ଦେବେ। ଐତିହାସିକ ବରୁଣେଇ ପୀଠର ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ ଦିଆଯିବ। ଦଳ କାହାକୁ ଟିକଟ ଦେବ, ତାହା ଦଳୀୟ ନିଷ୍ପତି। ସେ ସମସ୍ତଙ୍କୁ ନେଇ ଚାଲିବେ, ସମସ୍ତଙ୍କ ସହଯୋଗରେ ଖୋର୍ଦ୍ଧା, ଟାଙ୍ଗୀର ବିକାଶ ତାଙ୍କର ଲକ୍ଷ୍ୟ ରହିବ ବୋଲି ରାଜେନ୍ଦ୍ର କହିଥିଲେ।

# ମେ ୩ରେ ରାୟଗଡ଼ା ଜନସମାବେଶକୁ ସମ୍ବୋଧନ କରିବେ ରାହୁଲ ଗାନ୍ଧୀ

ରାୟଗଡ଼ା,୨୮।୪(ଆଶିଷ ରଞ୍ଜନ ପଣ୍ଡା)

ମେ ୩ରେ ଜାତୀୟ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ରାୟଗଡ଼ା ସହର ଉପକଣ୍ଠ ବାରିଖୋଲା ନିକଟସ୍ଥ ପଡ଼ିଆରେ ଏକ ବିଶାଳ ଜନସମାବେଶରେ ଯୋଗଦେବେ। ଏଥିରେ ରାୟଗଡ଼ା ସହ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି, ନୂଆପଡ଼ା, ଗଜପତି ଓ ଗଞ୍ଜାମ ଜିଲା ଅଧୀନ ୪ ଏମ୍‌ପି, ୨୮ ବିଧାୟକ ପ୍ରାର୍ଥୀ ଓ ଅସଂଖ୍ୟ କର୍ମୀ ଯୋଗଦେବେ ବୋଲି ଏମ୍‌ପି ସପ୍ତଗିରି ଉଲାକା ସୂଚନା ଦେଇଛନ୍ତି। ସମସ୍ତ ଜିଲା ପାଇଁ ମଧ୍ୟବର୍ତ୍ତୀ ସ୍ଥାନ ରାୟଗଡ଼ା ହୋଇଥିବା ଏବଂ କୋରାପୁଟ ଏମ୍‌ପି ସପ୍ତଗିରିଙ୍କ ଘର ରାୟଗଡ଼ାରେ ହୋଇଥିବାରୁ ରାୟଗଡ଼ାକୁ ପ୍ରୟୋଗଶାଳା ଭାବେ ନେଇଛି କଂଗ୍ରେସ। ଆଗାମୀ ନିର୍ବାଚନରେ ଉକ୍ତ ୪ଟି ଏମ୍‌ପି ଓ ୨୮ ବିଧାନସଭା ଆସନକୁ ପୁଣି ଥରେ କଂଗ୍ରେସ ଦଖଲକୁ ଆଣିବା ପାଇଁ ଏହି ସମାବେଶରେ ବିଜୟମନ୍ତ୍ର ଦେବେ ରାହୁଲ ଗାନ୍ଧୀ। ୮ଟି ଜିଲାରୁ ବହୁ ସଂଖ୍ୟକ ଲୋକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସପ୍ତଗିରି ସୂଚନା ଦେଇଛନ୍ତି।

ଜନସମାବେଶ ପାଇଁ ରବିବାର ପୋଲିସ, ଦମକଳବାହିନୀ ଓ ପୂର୍ତ୍ତ ବିଭାଗ ପକ୍ଷରୁ ସଭା ସ୍ଥଳ ପରିଦର୍ଶନ କରାଯାଇଛି। ଏହି ସମୟରେ ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ଜିଲା କଂଗ୍ରେସ ମୁଖପାତ୍ର ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

**ମେ ୮ରେ ରୋଡ୍ ଶୋ' କରିବେ ରେଭନ୍ତ**

ତେବେ ରାହୁଲଙ୍କ ଗସ୍ତକୁ ନେଇ ଚଳଚଞ୍ଚଳ ହୋଇଉଠିଛି କଂଗ୍ରେସ ଶିବିର। ରାହୁଲଙ୍କ ପରେ ଓଡ଼ିଶା ଗସ୍ତରେ ଆସିବେ ପ୍ରିୟଙ୍କା ଗାନ୍ଧୀ। ନବରଙ୍ଗପୁର ଲୋକ ସଭା କ୍ଷେତ୍ରରେ ଦଳ ପାଇଁ ପ୍ରଚାର କରିବେ ପ୍ରିୟଙ୍କା। ସେହିଭଳି ମେ ୮ ତାରିଖରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡି ରାୟଗଡ଼ା ଆସି ଓଡ଼ିଶା-ଆନ୍ଧ୍ର ସୀମାନ୍ତବର୍ତ୍ତୀ କେରଡ଼ାଠାରୁ ରୋଡ୍ ଶୋ ଆରମ୍ଭ କରି ଜେମାଦେଇପେଣ୍ଠ, ପିତାମହଲ, ରାୟଗଡ଼ା ସହର ଦେଇ କୋତାପେଟା, କୁମୁଡିପେଣ୍ଟ, ଜେକେପୁର ପର୍ଯ୍ୟନ୍ତ ଯିବେ। ଏହାପରେ ରେଭନ୍ତ ରେଡ୍ଡିଙ୍କ ରୋଡ଼ ଶୋ' ଅମଳାଭଟାଠାରୁ ଭୁଜବଳ ଦେଇ ବିଷମକଟକ ନିର୍ବାଚନମଣ୍ଡଳୀର କୋଲନରା ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ଗୁଣପୁର ନିର୍ବାଚନମଣ୍ଡଳୀର ବିକ୍ରମପୁରଠାରୁ ଗୁଣପୁର ସହର ଦେଇ ଗଜପତି ଜିଲା ସୀମାନ୍ତ ପର୍ଯ୍ୟନ୍ତ ରୋଡ ଶୋ କାର୍ଯ୍ୟକ୍ରମ ରହିଥିବା ସୂଚନା ଦେଇଛନ୍ତି ଏମପି ସପ୍ତଗିରି। ରେଭନ୍ତଙ୍କ ଗସ୍ତରେ ଜିଲାର ୩ଟି ନିର୍ବାଚନମଣ୍ଡଳୀରେ ରହିଥିବା ତେଲୁଗୁ ଭୋଟର ପ୍ରଭାବିତ ହେବାର ସମ୍ଭାବନା ରହିଥିବା ନେଇ ଆଶାବାଦୀ ରହିଛି କଂଗ୍ରେସ।

# ପାଣ୍ଡିଆନଙ୍କ ସହ ସରକାରୀ ଅଧିକାରୀଙ୍କ ଗସ୍ତ ନେଇ ପ୍ରଶ୍ନ ଉଠାଇଲା ଭାଜପା



ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)

ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଶନିବାର ପୁରୀ ଗସ୍ତ ବେଳେ ବିଳମ୍ବିତ ରାତିରେ ତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ସଚିବ ଭିନିଲ୍ କ୍ରିଷ୍ଣା ଉପସ୍ଥିତ ଥିଲେ। ତାଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ଆହୁରି ଅନେକ ଅଧିକାରୀ ମଧ୍ୟ ସେଠାରେ ଥିବାର ଦେଖିବାକୁ ମିଳିଥିଲା। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲା ବେଳେ ବିଜେଡିର ଜଣେ ରାଜନୈତିକ ନେତାଙ୍କ ପାଖରେ ସରକାରୀ ଅଧିକାରୀ ରହିପାରିବେ କି ବୋଲି ଭାଜପାର ବରିଷ୍ଠ ନେତା ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, କାର୍ତ୍ତିକ ପାଣ୍ଡିଆନ କୌଣସି ନିର୍ବାଚିତ ଜନପ୍ରତିନିଧି ନୁହନ୍ତି। ତାଙ୍କ ଗସ୍ତ ବେଳେ କାହିଁକି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଶାସନିକ ଅଧିକାରୀ ଭିନିଲ୍ କ୍ରିଷ୍ଣା ଓ ଅନ୍ୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ଏହାସହ ଭିନିଲ୍ କ୍ରିଷ୍ଣାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବହିଷ୍କାର କରିବା ପାଇଁ ଭାଜପା ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଜାତୀୟ ନିର୍ବାଚନ କମିଶନଙ୍କ ପାଖରେ ଅଭିଯୋଗ ଦାଖଲ କରିବ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏଭଳି ଆଚରଣ କରୁଥିଲା, ଯେମିତି ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କରୁଛି। ସମାନ ଆଚରଣ ବିଧି ଉଲ୍ଲଂଘନ ପାଇଁ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନ ଦିନେ ଅସିଦ୍ଧ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଦେଶକୁ ଜରୁରିକାଳୀନ ପରିସ୍ଥିତିର କଳାଦିନ ଦେଖାଇଥିଲା ବୋଲି ସମୀର କହିଛନ୍ତି।

# ୨ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଲମ୍ବିତ

**ନିର୍ବାଚନ ପ୍ରଚାରରେ ସାମିଲ ହେବା ମହଙ୍ଗା ପଡ଼ିଲା**

ନବରଙ୍ଗପୁର,୨୮।୪(ସଦାଶିବ ପ୍ରହରାଜ)

ନିର୍ବାଚନ ପ୍ରଚାରରେ ସାମିଲ ହୋଇ ନବରଙ୍ଗପୁର ଜିଲାର ୨ ଜଣ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ ହୋଇଛନ୍ତି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ନବରଙ୍ଗପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କମଳ ଲୋଚନ ମିଶ୍ର ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ପାପଡ଼ାହାଣ୍ଡି ବ୍ଲକ ପିତାରିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌତମ ଚରଣ ସାହୁଙ୍କୁ ଚିଠି ନମ୍ବର ୧୯୨୧ ଅନୁଯାୟୀ ରବିବାର ଜିଲାପାଳ କମଳ ଲୋଚନ ମିଶ୍ର ନିଲମ୍ବିତ କରିଛନ୍ତି। ନିଲମ୍ବନ ପରେ ପାପଡ଼ାହାଣ୍ଡି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଡାବୁଗାଁ ବ୍ଲକ ଅଧୀନ ପୂଜାରିଗୁଡ଼ା (ବି) ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ କୁମାର ଭତ୍ରାଙ୍କୁ ଚିଠି ନମ୍ବର ୧୯୨୬ ଅନୁଯାୟୀ ଜିଲାପାଳ ମିଶ୍ର ନିଲମ୍ବିତ କରିଛନ୍ତି। ନିଲମ୍ବନ ପରେ ଶିକ୍ଷକଙ୍କୁ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି।

ସୂଚନାଯୋଗ୍ୟ, ୨୬ ତାରିଖରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ନବରଙ୍ଗପୁର ଜିଲା ଗସ୍ତ ଅବସରରେ ଆୟୋଜିତ ବିଜେଡି ସମାବେଶରେ ଉପରୋକ୍ତ ଦୁଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସହ ଜଣେ କନିଷ୍ଠ ଯନ୍ତ୍ରୀ ଯୋଗଦେଇଥିବା ନେଇ ଜିଲା ଭାଜପା ପକ୍ଷରୁ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

ବେହେରା, ୨୮।୪(ଭୂପେଶ ତିୱାରୀ)


କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଛନ୍ତି।

କଳାହାଣ୍ଡି ଜିଲା ତରାପୁର ଧର୍ମଗଡ ରାସ୍ତାର ମାଝିପଡ଼ା ନିକଟରେ ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି। ଏହାକୁ ନେଇ ଲୋକେ ରବିବାର ସକାଳେ ରାସ୍ତାରୋକୋ କରିଥିଲେ। ସୂଚନା ଅନୁସାରେ ମୋଟେର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖଟଲୁଗୁଡ଼ା ଗ୍ରାମର ଭକ୍ତରାମ ଜାଲ ଓ ତାଙ୍କ ସ୍ତ୍ରୀ ସୁଶୀଳା ଜାଲ ନିଜ ଭାଣିଜିର ବିବାହ ଉତ୍ସବରେ ଯୋଗଦେବା ପାଇଁ ବୋଡ଼େନ ଯାଇଥିଲେ। ଶନିବାର ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ତରାପୁର ମାଝିପଡା ନିକଟରେ ପଛ ପଟରୁ ତିନିଜଣ ବସିଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଭକ୍ତରାମ ଜାଲଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ତ୍ରୀ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଧକ୍କା ଦେଇଥିବା ବାଇକ୍‌ର ତିନିଜଣ ଯାକ ମଧ୍ୟ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ଧର୍ମଗଡ଼ ଡାକ୍ତରଖାନାକୁ ନିଆଯାଇ ଭର୍ତ୍ତି କରାଯାଇଛି। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରବିବାର ସକାଳେ ପରିବାର ଲୋକେ କ୍ଷତିପୂରଣ ଦାବିରେ ତରାପୁର ଧର୍ମଗଡ ରାସ୍ତାକୁ ଅବରୋଧ କରି ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ଧର୍ମଗଡ଼ ପୋଲିସ ସହ ଅତିରିକ୍ତ ତହସିଲଦାର ଅଜିତ କୁମାର ମହନ୍ତ ପହଞ୍ଚି କ୍ଷତିପୂରଣ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଲୋକେ ହଟିଥିଲେ।

# ଓକିଲ ସଂଘ କାର୍ଯ୍ୟାଳୟରେ ମଧୁ ଜୟନ୍ତୀ

ସୋନପୁର,୨୮।୪(ମୃତ୍ୟୁଞ୍ଜୟ ଶତପଥୀ)


ମଧୁବାବୁଙ୍କ ଜୟନ୍ତୀ ଅବସରରେ ବରିଷ୍ଠ ଆଇନଜୀବୀ ବୃନ୍ଦ।

ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ପକ୍ଷରୁ ପ୍ରଖ୍ୟାତ ଆଇନଜୀବୀ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ରବିବାର ପାଳିତ ହୋଇଯାଇଛି। ଜିଲା ଓକିଲ ସଂଘର ନୂଆ ଲାଇବ୍ରେରୀ ହଲ ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓକିଲ ସଂଘର ସଭାପତି ବିଧାନ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ସଭ୍ୟ ସର୍ବେଶ୍ୱର ପୁରୋହିତ, ବ୍ୟୋମକେଶ ଦାଶ, କୃଷ୍ଣ ମୋହନ ମାହାଣା ଓ ରାଜୁ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସେ ସବୁବେଳେ ଓଡିଆ ସ୍ୱାଭିମାନର କଥା କହୁଥିଲେ। ଓଡିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ ଥିଲେ। ସ୍ୱତନ୍ତ୍ର ଓଡିଶା ଗଠନର ସେ ଥିଲେ ମୁଖ୍ୟ ପୁରୋଧା ବୋଲି ଆଇନଜୀବୀ ମାନେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ବରିଷ୍ଠ ଆଇନଜୀବୀ ଚନ୍ଦ୍ରେଶ୍ୱର ଥନାପତି, ବିନାୟକ ରଥ, ହେମନ୍ତ କୁମାର ସା, ନନ୍ଦ କିଶୋର ତ୍ରିପାଠୀ, ମନୋଜ ବିଶି, ଗଦାଧର ନେଗୀ, ଦେବେନ୍ଦ୍ର ପର୍ଡିଆ, ଭାସ୍କର ଦାଶ ପ୍ରମୁଖ ଯୋଗଦାନ କରି ମଧୁବାବୁଙ୍କ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ଓକିଲ ସଂଘର ସମ୍ପାଦକ ଦାସଦୀପ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷୁଦ୍ର ଓ ଉଠା ଦୋକାନୀଙ୍କ ସହ ଆଲୋଚନା

ବଲାଙ୍ଗୀର,୨୮।୪(ବୀରେନ୍ଦ୍ର କୁମାର ଝାଙ୍କର)


କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ବକ୍ତବ୍ୟ ରଖୁଛନ୍ତି।

■ସରକାରଙ୍କ ଭୁଲ ନୀତି ଉଠା ଦୋକାନୀଙ୍କୁ ଅଡୁଆରେ ପକାଇଛି

■ଯୁବକଙ୍କ ରୋଜଗାର ଓ ଦକ୍ଷତା ବିକାଶରେ ସରକାରୀ ଭୂମିକା ଶୂନ

ସ୍ଥାନୀୟ ହୋଟେଲ ସେଲିବ୍ରେସନ ପାଖ ପଡିଆରେ ଶନିବାର ସନ୍ଧ୍ୟାରେ ଆୟୋଜିତ କ୍ଷୁଦ୍ର ଓ ଉଠାଦୋକାନୀଙ୍କ ସମାବେଶରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଏବଂ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର କହିଥିଲେ ଯେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭୁଲ ନୀତି ଯୋଗୁ ଦେଶବାସୀ ଅଡୁଆରେ ପଡିଛନ୍ତି। ବିଶେଷ କରି କ୍ଷୁଦ୍ର ଓ ଉଠାଦୋକାନୀଙ୍କ ଜୀବନ ଦୁର୍ବିସହ ହୋଇପଡିଛି। କେବଳ ଭୋଟ ହାତେଇବା ରାଜନୀତି ବେକାରୀ ସମସ୍ୟାକୁ ବଢ଼ାଇଛି। ଆମ ଅଞ୍ଚଳରେ ବେକାରୀ ଓ ବେରୋଜଗାରୀ ବଢ଼ିଛି। ଯେଉଁ ଯୁବକମାନେ ରାଜ୍ୟ ବାହାରକୁ ଦାଦନ ଖଟି ନ ଯାଇ ଏଠାରେ ଛୋଟ ଦୋକାନଟିଏ କରି ଗୁଜୁରାଣ ମେଣ୍ଟାଇବାକୁ ଚାହିଁଥିଲେ ସେମାନଙ୍କୁ ସରକାରଙ୍କ ଭୁଲ ନୀତି ଘୋର ସଙ୍କଟରେ ପକାଇଛି ବୋଲି କହିଥିଲେ। ସରକାର ଯୁବକଙ୍କୁ ରୋଜଗାର ଏବଂ ଦକ୍ଷତା ବୃଦ୍ଧି କରିବାରେ ଫେଲ୍ ମାରିଛି ବୋଲି ସେ କହିଥିଲେ। କଂଗ୍ରେସ ସରକାରକୁ ଆସିଲେ ଏ ସବୁ ସମସ୍ୟାର ସମାଧାନ ଦିଗରେ ବଳିଷ୍ଠ ପଦକ୍ଷେପ ନେବ ବୋଲି ସେ କହି ଭୋଟ୍ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ସଭାରେ ବିଧାୟକ ମିଶ୍ର ତାଙ୍କ ବିଧାୟକ କାଳରେ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ବିଭିନ୍ନ ଜାଗାରେ ଭେଣ୍ଡିଂ ଜୋନ ତିଆରି କରାଯାଇଥିବା ସୂଚନା ଦେଇଥିଲେ। ଏଥିସହ ଯେଉଁ ଉଠା ଦୋକାନୀ ତଥା ଗରିବ ଲୋକେ ସରକାରୀ ଜାଗାରେ ଘର କରି ରହୁଛନ୍ତି ସେମାନଙ୍କୁ ରହୁଥିବା ଜାଗାରେ ପଟ୍ଟା ପ୍ରଦାନ ନିଶ୍ଚିତ କରାଯିବ ବୋଲି ସେ କହିଥିଲେ।

# ଜିଲା ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳିତ

ନୂଆପଡ଼ା,୨୮।୪ (ମକାରୁ ବେମାଲ)

ନୂଆପଡା ଜିଲା ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସ ଜୟନ୍ତୀ ରବିବାର କୋର୍ଟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି। ଓକିଲ ସଂଘ ଜିଲା ସଭାପତି ଅଶୋକ କ୍ଷିତିଶ ବୋଧନକରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜୟନ୍ତୀ ଉତ୍ସବରେ ସର୍ବୋଚ୍ଚ ନ୍ୟାୟାଳୟ ଦିଲ୍ଲୀର ଆଇନଜୀବୀ ସନ୍ଦୀପ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ମତ୍ସ୍ୟ ବିଭାଗ ଅବସରପ୍ରାପ୍ତ ଡେପୁଟି କମିଶନର ବାସୁଦେବ ସୁନାନୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ମଧୁବାବୁଙ୍କ ଜୀବନୀ, ଆଦର୍ଶ ଓ ନୀତି ଉପରେ ଆଲୋକପାତ କରିଥିଲେ। ଉପସଭାପତି ପପୁ ସ୍ୱାଇଁ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢ଼ୀ, ପୂର୍ବତନ ସମ୍ପାଦକ ଅଶ୍ୱିନୀ ବାଗ, ବରିଷ୍ଠ ଆଇନଜୀବୀ ପ୍ରସନ୍ନ ଚରଣ ମହାପାତ୍ର, ମୁରଲିଧର ପଣ୍ଡା, ସେତରାମ ଦେବାଙ୍ଗନ, ପ୍ରକାଶ ଚନ୍ଦ୍ର ସେନାପତି, ଘାସିରାମ ବାଗ, କୁମୁଦ କୁମାର ହୋତା, ନିର୍ମଳ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଅଶୋକ କୁମାର ପଣ୍ଡା, ଗୌରୀଶଙ୍କର ଶତପଥୀ, ରାଜେନ୍ଦ୍ର ଅଡବଙ୍ଗ, ବବିତା ମିଶ୍ର, ଅହଲ୍ୟା ପୂଜାରୀ, ତପସ୍ୱିନୀ ପଣ୍ଡା, ନିତା ବାଗ, ରାଜନନ୍ଦିନୀ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ପୁରୁଷୋତ୍ତମ ସୋନି ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସିଭିଲ ବାର ଆସୋସିଏସନ ପକ୍ଷରୁ ଜୟନ୍ତୀ କାର୍ଯ୍ୟକ୍ରମରେ ସଂଘ ସଭାପତି ସୁଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ସଞ୍ଜୟ ପାଣିଗ୍ରାହୀ, ଉପସଭାପତି ଫିଂଟୁ ପଟ୍ଟନାୟକ, କୋଷାଧ୍ୟକ୍ଷ ଭୁବନେଶ୍ୱର କୋଲସାଏ, କୋମନା ସିଭିଲ ବାର ସଭାପତି ସୁଶାନ୍ତ କୁମାର ପାଢ଼ୀ, ସମ୍ପାଦକ ପ୍ରଦୀପ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

# ଖଡ଼ିଆଳ ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ଅଧୀରାଜଙ୍କ ପ୍ରଚାର


ମହିଳାମାନେ ବିଧାୟକ ପ୍ରାର୍ଥୀ ଅଧୀରାଜଙ୍କୁ ବନ୍ଦାପନା କରୁଛନ୍ତି।

ଖଡ଼ିଆଳ,୨୮।୪(ସୁଜିତ କୁମାର ପ୍ରଧାନ)

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ନିର୍ବାଚନୀ ଉଷ୍ମତା ସେତେ ବୃଦ୍ଧିପାଉଛି। ନୂଆପଡ଼ା ଜିଲାର ଖଡ଼ିଆଳ ନିର୍ବାଚନ ମଣ୍ଡଳୀରେ ତିନି ପ୍ରମୁଖ ରାଜନୈତିକ ଦଳ ପ୍ରଚାରକୁ ଜୋରଦାର କରିଛନ୍ତି। ରବିବାର ବିଜେଡି ବିଧାୟକ ପ୍ରାର୍ଥୀ ଅଧୀରାଜ ମୋହନ ପାଣିଗ୍ରାହୀ ତାଙ୍କର ସମର୍ଥକମାନଙ୍କ ସହିତ ସାନମହେଶ୍ୱର ପଞ୍ଚାୟତର ୯ଟି ଗାଁରେ ଘରଘର ବୁଲି ଆଶୀର୍ବାଦ ଭିକ୍ଷା କରିବା ସହିତ ପ୍ରଚାର ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହି ଲୋକଙ୍କୁ ବୁଝାଇଛନ୍ତି। ଗତ ପାଞ୍ଚବର୍ଷରେ ସେ ବିଧାୟକ ଭାବରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ଅନେକ ସମସ୍ୟାର ସମାଧାନ କରିଛନ୍ତି। ତାଙ୍କୁ ଏଥର ପୁଣି ଭୋଟ ଦେଇ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସୁଯୋଗ ଦେବାକୁ ସେ ଅନୁରୋଧ କରିଛନ୍ତି। ବିଭିନ୍ନ ସ୍ଥାନରେ ମହିଳାମାନେ ତାଙ୍କୁ ବନ୍ଦାପନା କରିବା ସହିତ ସମର୍ଥନ ଦେବାକୁ କଥା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଓ ନେତା ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀରେ ବିଜେଡି ବିଜୟ ଲାଭ କରିବ ବୋଲି କହିଛନ୍ତି ବିଧାୟକ ପ୍ରାର୍ଥୀ ଅଧୀରାଜ।

# ସ୍ୱାଭିମାନ ଦିବସରେ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

ଟିଟିଲାଗଡ଼,୨୮।୪(ଶରତ ମିଶ୍ର)



ମୁଖ୍ୟଅତିଥି ଛାତ୍ରୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରୁଛନ୍ତି ।

ବଲାଙ୍ଗୀର ଜିଲା ଟିଟିଲାଗଡ କୋର୍ଟ ପରିସରରେ ଉତ୍କଳ ଗୌରବ ମଧୁବାବୁଙ୍କ ଜୟନ୍ତୀ ତଥା ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ସଭାରେ ରାଜ୍ୟ ଜଳସମ୍ପଦ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ନ୍ୟାୟଧୀଶ ଶ୍ରୀକାନ୍ତ ମିଶ୍ର, ବଲାଙ୍ଗୀର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ସରକାରୀ ଅଧିବକ୍ତା ଜୟକୃଷ୍ଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ମଧୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବାର ସଂଘ ସଭାପତି ସଞ୍ଜୟ ବେହେରା ସଭା ପରିଚାଳନା କରିଥିବା ବେଳେ ସ୍ୱାଗତ ଅଭିଭାଷଣ ସମ୍ପାଦକ ମହେଶ ମହାନ୍ତି ଦେଇଥିଲେ। ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢ଼ୀ, ମୋହନ ଲାଲ ଜୈନ, ଅନିକେତ ମିଶ୍ର ପ୍ରମୁଖ ମଧୁବାବୁଙ୍କ ଉପରେ ବକ୍ତବ୍ୟ ରଖି ଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର, ଦିଲୀପ ପୁରୋହିତ, ଶ୍ୟାମା ପ୍ରସାଦ ଗରିଆ, କାଳୀ ପ୍ରସାଦ ମୁଖାର୍ଜୀ, ପ୍ରଦୀପ ମହାପାତ୍ର, ସୁଜିତ ପଣ୍ଡା, ତୁଳସୀ ସାହୁ ରଞ୍ଜିତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସଭା ପୂର୍ବରୁ ଅତିଥିଗଣ ବାର ହଲ ପରିସରସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସରକାରୀ ଅଧିବକ୍ତା ଚନ୍ଦ୍ରମା ନାଥ ତଥା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତ ହରେକୃଷ୍ଣ ବେହେରାଙ୍କ ସ୍ମୃତିରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସାଇ ସୃତି ପାଣିଗ୍ରାହୀ ପ୍ରଥମ, ଆଦ୍ୟାଶ ଦୀକ୍ଷିତ ଦ୍ୱିତୀୟ ତଥା ଅବନ୍ତିକା ବାଗ ତୃତୀୟଙ୍କୁ ମୁଖ୍ୟମନ୍ତ୍ରୀ ଅର୍ଥ ରାଶି ଏବଂ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# କେସିଙ୍ଗାରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

କେସିଙ୍ଗା, ୨୮।୪(ତୁମେଶ୍ୱର ସାହୁ)


କେସିଙ୍ଗା ସହରର ୱାର୍ଡ ନମ୍ବର ୧୦ରେ ଫ୍ଲାଗ୍ ମାର୍ଚ୍ଚ କରାଯାଉଛି।

ସାଧାରଣ ନିର୍ବାଚନ କିପରି କେସିଙ୍ଗା ସହରରେ ଶାନ୍ତିଶୃଙ୍ଖଳା ସହ ହେବ, ସେଥିପାଇଁ ପୋଲିସ ପକ୍ଷରୁ ରବିବାର ଅପରାହ୍ନ ୪ରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏସ୍‌ଡିପିଓ ବିନୋଦ ପାଟିଲଙ୍କ ନେତୃତ୍ୱରେ ସହରର ବିଭିନ୍ନ ୱାର୍ଡରେ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଏଥିରେ ସମସ୍ତ ପୋଲିସ କର୍ମଚାରୀ ଓ ସିଆର୍‌ପିଏଫ୍ ଯବାନମାନେ ସାମିଲ ହୋଇ ସହରର ରେଳ ଷ୍ଟେସନ ଠାରୁ ଆରମ୍ଭ କରି ପ୍ରତ୍ୟେକ ୱାର୍ଡର ଗଳିକନ୍ଦି ପରିକ୍ରମା କରି ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ଏହି ଭୋଟର ସଚେତନତା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ କେସିଙ୍ଗା ଆଦର୍ଶ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର, ଏଏସ୍‌ଆଇ ରମେଶ ଚନ୍ଦ୍ର ଦୋରା ଓ ଲୋରିସ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କଳାକୁପାକୁ ହରାଇ ପାଇକଥୁଆଗୁଡ଼ା ବିଜୟୀ

ଲାଞ୍ଜିଗଡ଼,୨୮।୪(ରମେଶଚନ୍ଦ୍ର ନାୟକ)


ସୁନାଗିଲୁ ନାଏକ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଘାଟନୀରେ ଅତିଥି, ଖେଳାଳି।

■ସୁନାଗିଲୁ ନାଏକ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

■ମା' କନକଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ବିଜେପୁରସ୍ଥିତ ଖେଳପଡିଆରେ ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ସୁନାଗିଲୁ ନାଏକ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ମ୍ୟାଚ କଳାକୁପା ଓ ପାଇକଥୁଆଗୁଡା ଦଳ ମଧ୍ୟରେ ହୋଇଥିଲା। ପାଇକଥୁଆଗୁଡା ଦଳ ପ୍ରଥମେ ଟସ୍ ଜିତି ବେଟିଂ କରିଥିଲେ ଏବଂ କଳାକୁପା ଦଳକୁ ଫିଲ୍ଡିଂ କରିବାକୁ ଦେଇଥିଲେ। ପାଇକଥୁଆଗୁଡା ଦଳ ୧୨ ଓଭର ଖେଳି ୪ ଉଇକେଟ ବିନିମୟରେ ୧୩୩ ରନ କରିଥିଲେ। ଜବାବରେ କଳାକୁପା ଦଳ ୮.୩ ଓଭରରେ ୫୩ ରନ କରି ଅଲଆଉଟ ହୋଇ ପାଇକଥୁଆଗୁଡା ଦଳ ଠାରୁ ପରାଜୟ ହୋଇଥିଲେ। ଏହି ମ୍ୟାଚରେ ପାଇକଥୁଆଗୁଡା ଦଳ ୮୦ ରନରେ ବିଜୟୀ ହୋଇଥିଲା। ଏହି ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝି, ସରପଞ୍ଚ ପ୍ରତିନିଧି ଟୀକା ମାଝି, ପୂର୍ବତନ ସମିତି ସଭ୍ୟ ରଞ୍ଜିତ ନାଏକ, ପୂର୍ବତନ ସମିତି ସଭ୍ୟ ହରିଶ୍ଚନ୍ଦ୍ର ପୂଝାରୀ, ୱାର୍ଡ ମେମ୍ବର ରାଜେଶ ନାଏକ, ଠେକୁରାମ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉଦ୍‌ଘାଟନୀ ମ୍ୟାଚରେ ଧାରା ବିବରଣୀ ବୀରେନ୍ଦ୍ର ନାଏକ ଏବଂ ବଲିସେନ ନାଏକ କରିଥିଲେ। ସ୍କୋର ବୋର୍ଡରେ ଜଗନ୍ନାଥ ନାଏକ କାର୍ଯ୍ୟ ତୁଲାଇଥିଲେ। ଖେଳ ପରିଚାଳନା ହେମନ୍ତ ନାଏକ ଏବଂ ରାଜକିଶୋର ବାଗ କରିଥିଲେ। ଏହି କ୍ରିକେଟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ବିଜେପୁର ପକ୍ଷରୁ ବରୁଣ ନାଏକ, ଜଗତରାମ ବାଗ, ଦିନେଶ ବାଗ, ବରୁଣ ନାଏକ, ବିକାଶ ନାଏକ, ମଳୟ ନାଏକ, ପଙ୍କଜ ନାଏକ, ପ୍ରବୀଣ ନାଏକ, ମହେଶ୍ୱର ନାଏକ, ପଙ୍କଜ ନାଏକ, ରାହୁଲ ନାଏକ, ମିଲକୁ ନାଏକ, ବିଜୟ ନାଏକ, ହରିଶ ନାଏକ, ଅମର ନାଏକଙ୍କ ସମେତ ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଉଦ୍‌ଘାଟନୀ ମ୍ୟାଚ ମେ ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏଥିରେ ୧୬ଟି ଦଳ ସାମିଲ ହୋଇଥିବା ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସୂଚନା ମିଳିଛି।

# ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ଲୟର୍ସ ଡେ ପାଳିତ

ବୌଦ୍ଧ,୨୮।୪(ଅଜିତ କୁମାର ବାରିକ)


କୋର୍ଟ ଛକ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲା ଓକିଲ ସଂଘ ସଦସ୍ୟବୃନ୍ଦ।

ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ରବିବାର ଦିନ ଲୟର୍ସ ଡେ ପାଳିତ ହୋଇଯାଇଛି। ଜିଲା ଓକିଲ ସଂଘର ସଭାପତି ଧୂରୀଣ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଜିଲା ଓକିଲ ସଂଘ କାର୍ଯ୍ୟାଳୟଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ଦେହୁରୀ କହିଥିଲେ, ମଧୁବାବୁ ହେଉଛନ୍ତି ଓଡିଆ ଜାତିର ଗର୍ବ ଓ ଗୌରବ। ସେ ଜଣେ ସ୍ୱାଭିମାନୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ଆଦର୍ଶରେ ଯୁବସମାଜ ଅନୁପ୍ରାଣିତ ହେବାକୁ ସେ ମତବ୍ୟକ୍ତ କରିଥିଲେ। ଏହାପରେ ଜିଲା ଓକିଲ ସଂଘର ସଦସ୍ୟମାନେ କୋର୍ଟ ଛକ ପରିସରରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଫୁଲମାଲ୍ୟ ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ତାରେଣୀ କୁମାର ମହାପାତ୍ର, ଅଶୋକ କୁମାର ମିଶ୍ର, ଅଶୋକ କୁମାର ସାହୁ, ଦେବରଞ୍ଜନ ବିଶି, ଜ୍ଞାନରଞ୍ଜନ ପଟ୍ଟନାୟକ, ମନୋଜ ମହାରଣା, ଅମ୍ରିତ ପ୍ରଧାନ, ଯୋଗେଶ ପ୍ରସାଦ ନାଏକ, ଶିବପ୍ରସାଦ ପଣ୍ଡା, ଜୁଲିୟସ ସିଜର ମହାକୁଲ, ପ୍ରଦୀପ କୁମାର ମହାରଣା, ଅବିନାଶ ମେହେର, ପରମେଶ୍ୱର ନାଏକ, ସାଲିନୀ ଷଡଙ୍ଗୀଙ୍କ ସମେତ ସଂଘର କର୍ମଚାରୀ ରଙ୍କନିଧି ଲୋଇ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ପାଣିରେ ବୁଡ଼ି ଯୁବକ ମୃତ

କୁଚିଣ୍ଡା,୨୮।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ବାମରା ନିଉକଲୋନୀର ଅନୀଲ କୁମାର ଦେବ(୪୦) ପୋଖରୀ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ପୂର୍ବାହ୍ନ ୧୧ଟାରେ ସେ ବାମରାସ୍ଥିତ ରାଜାବନ୍ଧକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ। ଘରକୁ ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ରବିବାର ପୋଖରୀ ହୁଡାରେ ତାଙ୍କ ପ୍ୟାଣ୍ଟଶାର୍ଟ ଥିବା ଦେଖି ପରିବାର ଲୋକେ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଖୋଜାଖୋଜି କରି ପାଣି ଭିତରୁ ଅନୀଲଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ଗୋବିନ୍ଦପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଆଇନଜୀବୀ ଦିବସ ପାଳିତ

ରେଢାଖୋଲ, ୨୮।୪
(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଓକିଲ ସଂଘ ପକ୍ଷରୁ ରବିବାର ଆଇନଜୀବୀ ଦିବସ ତଥା ମଧୁବାବୁ ଜୟନ୍ତି ପାଳିତ ହୋଇଛି। ଓକିଲ ସଂଘ ସଭାପତି ଅଭୟ କୁମାର ବୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓକିଲ ସଂଘର ସମ୍ପାଦକ ଅଚ୍ୟୁତାନନ୍ଦ ପୁରୋହିତ, ବରିଷ୍ଠ ଓକିଲ ଦୟାସାଗର ପ୍ରଧାନ, ଗଣେଶ୍ୱର ପ୍ରଧାନ, ସୁଜିତ ପ୍ରଧାନ, ବିରଞ୍ଚି ପ୍ରଧାନଙ୍କ ସମେତ ସଂଘ ସଦସ୍ୟମାନେ ଯୋଗଦେଇ ମହାନ ସ୍ୱାଧୀନତା ସଂଗ୍ରାମୀ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସ୍ରଷ୍ଟା, ଓଡିଆ ଭାଷା ଆନ୍ଦୋଳନର ପୁରୋଧା ତଥା ପ୍ରଥମ ଓଡିଆ ବାରିଷ୍ଟର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

### ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ସମ୍ବଲପୁର,୨୮।୪
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଜୁମୁରା ବ୍ଲକ କୁକୁଡ଼ାପାଲି ପଞ୍ଚାୟତ ଅନ୍ତର୍ଗତ ଗମ୍ଭାରିପଙ୍କ ଗ୍ରାମରେ ରବିବାର ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗତ ୨୪ ତାରିଖ କଳସ ଯାତ୍ରା, ୨୫ ତାରିଖ ସକାଳ ୧୦ଟାରୁ ପୂଜାବିଧି ସହ ନାମଯଜ୍ଞ ଆରମ୍ଭ ହୋଇଥିଲା। ରବିବାର ନାମଯଜ୍ଞ କାର୍ଯ୍ୟକ୍ରମର ପୂର୍ଣ୍ଣାହୂତି ସହ ସମାପନ ହୋଇଛି। ପଣ୍ଡିତ ଶ୍ରୀରାମ ପଣ୍ଡା ନାମଯଜ୍ଞରେ ପୌରୋହିତ୍ୟ କାର୍ଯ୍ୟ ତୁଲାଇଥିଲେ। ଆଶୁତୋଷ ସାହୁ ଓ ତାଙ୍କ ଧର୍ମପତ୍ନୀ ମନିସା ସାହୁ କର୍ତ୍ତାକର୍ତ୍ତୀ ଦାୟିତ୍ୱ ସମ୍ପାଦନ କରିଥିଲେ।

### ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

ସମ୍ବଲପୁର,୨୮।୪ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗରନିଗମ ସାକ୍ଷୀପଡା ସ୍ଥିତ ହନୁମାନ କଲୋନୀ ବାସିନ୍ଦା ନିଗମାନନ୍ଦ ମିଶ୍ରଙ୍କ ରବିବାର ୬୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ନିମୋନିଆ ରୋଗରେ ପୀଡିତ ଥିବା ବେଳେ ଚିକିତ୍ସାଧିକ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ନିଗମାନନ୍ଦ ସାକ୍ଷୀପଡା ଦୁର୍ଗାପୂଜା କମିଟି ଏବଂ ହନୁମାନ ମନ୍ଦିର କମିଟି ସଦସ୍ୟ ଭାବେ ସେ ଦୀର୍ଘ ବର୍ଷ କାର୍ଯ୍ୟ କରିଥିଲେ। ଏହା ସହ ସେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ସହଧର୍ମିଣୀ ବିଜୟା, ପୁଅ ଅଭିଜିତ, ଝିଅ ଅଭିପ୍ସା, ଜ୍ୱାଇଁ ତପନ ଏବଂ ନାତି ନାତୁଣୀ ଉପସ୍ଥିତ ଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ସମ୍ବଲପୁର,୨୮।୪ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ସାହାସପୁରଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ଶୁକ୍ରବାର କଳସ ଯାତ୍ରା ସହ ନାମଯଜ୍ଞ ଆରମ୍ଭ ହୋଇଥିଲା। ରବିବାର ହୋମଯଜ୍ଞ ସହିତ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସାହାସପୁର ଗ୍ରାମର ସୁରେଶ କୁମାର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ବବିତା ପ୍ରଧାନ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ସେହିପରି ପଣ୍ଡିତ ରଞ୍ଜନ ପାଣିଗ୍ରାହୀ, ବିଭୂତି ପାଣିଗ୍ରାହୀ, ସୂର୍ଯ୍ୟ କୁମାର ପାଢ଼ୀ, ଅଭିନାଶ ହୋତା ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ନାମଯଜ୍ଞରେ ଖଲିଆପାଲି, ଖଜୁରୀପାଲି, ଚଡେଇ ଗାଁ, ଦେକୁଳବା ଆଦି କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ସୁବାଷ ପାଣ୍ଡେ, ପାର୍ଥସାରଥୀ ସାହୁ, ରାଧାସ୍ୱାମୀ ପ୍ରଧାନ, ଦିବାକର ବିଶ୍ୱାଳ, ନୀଳମଣି ସାହୁ, ରମେଶ ପ୍ରଧାନ, ସୁରଞ୍ଜିତ ବଡ଼ପଣ୍ଡା, ଭୀଷ୍ମଦେବ ସାହୁ, ସନ୍ତୋଷ ବାଗ, ପ୍ରଶାନ୍ତ ବାରିକ, ରାଜେଶ ବରାଇ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

# 'କୌଣସି ସାହିତ୍ୟ ଆଞ୍ଚଳିକ ନୁହେଁ'

**ମହାନଦୀ ସାହିତ୍ୟ ଉତ୍ସବ**

**■ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ମିଳିବ: ଧର୍ମେନ୍ଦ୍ର**

ସମ୍ବଲପୁର,୨୮।୪
(ଭବାନୀ ଶଙ୍କର ଭୋଇ)

ମହାନଦୀ ଅବବାହିକାରେ ସମ୍ବଲପୁର ଜିଲାରେ ଦଶ ହଜାର ବର୍ଷର ପ୍ରସ୍ତର ଯୁଗର ସଭ୍ୟତା ରହିଥିବା ପ୍ରମାଣିତ ହୋଇସାରିଛି। ଏଠିକାର ନାଚ, ଗୀତ ଏବଂ ସଂସ୍କୃତି ସାରା ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିପାରିଛି। ତେଣୁ ଆଗାମୀ ଦିନରେ ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବା ପାଇଁ ସେ ଉଦ୍ୟମ କରିବେ। ମହାନଦୀ ସାହିତ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ଅବସରରେ ଏହା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହାସହ ସମ୍ବଲପୁରୀ ନାଚଗୀତ, ଖାଦ୍ୟପେୟ ଏବଂ ସାହିତ୍ୟ ସଂସ୍କୃତିକୁ ଗୋଟିଏ ସ୍ଥାନରେ ପ୍ରଦର୍ଶିତ କରିବା ପାଇଁ ଉଦ୍ୟମ କରିବା ଜରୁରୀ ବୋଲି ସେ କହିଥିଲେ। ସମ୍ବଲପୁରୀ ଏବେ ଆଉ ପଶ୍ଚିମ ଓଡ଼ିଶା ଭିତରେ ସୀମିତ ହୋଇ ରହିନାହିଁ ବରଂ ସମ୍ବଲପୁରୀ ନାଚ ଏବଂ ବାନ୍ଧକଳା ଜରିଆରେ ସାରା ବିଶ୍ୱରେ ପରିଚୟ ତିଆରି କରିସାରିଥିବା କହିଥିଲେ।

ବୁଢାରଜାସ୍ଥିତ ଏକ ହୋଟେଲରେ ଆୟୋଜିତ ମହାନଦୀ ସାହିତ୍ୟ ଉତ୍ସବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସାହିତ୍ୟିକମାନେ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ କବି ଡ ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଗଣେଶରାମ ନାହାକ ସମ୍ମାନୀତ ଅତିଥି ଏବଂ ବକ୍ତାଭାବେ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବକୁ ଡ. ଦ୍ୱାରିକା ନାୟକ ପରିଚାଳନା କରିଥିଲେ। ଏହାପରେ ଆଞ୍ଚଳିକ ସାହିତ୍ୟ ଏବଂ ବିଶ୍ୱଦୃଷ୍ଟି ବିଷୟରେ ଆୟୋଜିତ ଆଲୋଚନାଚକ୍ରରେ ଗାଳ୍ପିକ ହୃଷୀକେଶ ପୂଜାରୀ, ଅଧ୍ୟାପିକା ଡ. ରଞ୍ଜିତା ମାଝି, କବି ଲକ୍ଷ୍ମିନାରାୟଣ ହୋତା, ନାଟ୍ୟକାର ନିର୍ଦ୍ଦେଶକ ଅତୀଶ କୁମାର ଶତପଥୀ ଆଲୋଚକଭାବେ ଯୋଗ ଦେଇଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେର ବିଶ୍ୱଦେଖ ମଧୁମୟର ବାର୍ତ୍ତା ଦେଇଥିବା ବେଳେ ସନ୍ଥକବି ଭୀମ ଭୋଇ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ବାର୍ତ୍ତା ଦେଇଥିଲେ। ସେହିପରି ସମ୍ବଲପୁରୀ ଅସ୍ମିତାର କବି ଗୁରୁ ସତ୍ୟନାରାୟଣ ବହିଦାର ମାଟୀପାନୀ କଥାକୁ ସାର୍ବଜନୀନ କରି ବିଶ୍ୱଚେତନା ସୃଷ୍ଟି କରିପାରିଥିଲେ ବୋଲି ବକ୍ତାମାନେ କହିଥିଲେ। ସେଥିପାଇଁ କୌଣସି ଅଞ୍ଚଳିକ ଭାଷାରେ ରଚିତ ସାହିତ୍ୟ ଆଞ୍ଚଳିକତା ଭିତରେ ସୀମିତ ନୁହେଁ ବରଂ ସାହିତ୍ୟ ମଧ୍ୟରେ ସାରା ବିଶ୍ୱ ପାଇଁ ବାର୍ତ୍ତା ରହିଥାଏ ବୋଲି ଆଲୋଚକମାନେ ମତ ଦେଇଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରାଜ୍ୟର ବିଭିନ୍ନ କୋଣରୁ ଆସିଥିବା କବି, ଲେଖକମାନଙ୍କଠାରୁ ଏକବିଂଶ ଶତାବ୍ଦୀର ସାହିତ୍ୟ ଓ ଯୁବପିଢୀ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏହାପରେ ଓଡିଆ ଏବଂ ସମ୍ବଲପୁରୀ ଭାଷାରେ କବିତା ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଣେଷ ରାମ ନାହାକ ସଭାପତିତ୍ୱ କରିଥିବା ବେଳେ ସୁବାସଚନ୍ଦ୍ର ନାୟକ ଅତିଥୀ ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମହମ୍ମଦ ତଫିଜୁଲ ହୁସେନ ଏବଂ ମମତା ନାଥ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ରବିନ୍ଦ୍ର ପଣ୍ଡା ଏବଂ ସାଥୀଙ୍କ ଦ୍ୱାରା ଗଙ୍ଗାଧରଙ୍କ ରଚିତ ମଙ୍ଗଳେ ଅଇଲା ଉଷା ଗୀତ ପରିବେଷଣ କରାଯାଇଥିଲା। ଉତ୍ସବରେ କବି ଗୁଣସାଗର ଦାସ, ଗବେଷକ ଦୀପକ କୁମାର ପଣ୍ଡା, ଶିଶୁ ସାହିତ୍ୟକ କନ୍ଦର୍ପ ବେହେରା ପ୍ରମୁଖଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା।




ମହାନଦୀ ସାହିତ୍ୟ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।



ରବିବାର ସମ୍ବଲପୁର ବୁଢ଼ାରଜାସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷରେ ଆୟୋଜିତ ମହାନଦୀ ସାହିତ୍ୟ ଉତ୍ସବରେ କଳାକାରମାନେ ଗଙ୍ଗାଧର ସଙ୍ଗୀତ ପରିବେଷଣ କରୁଛନ୍ତି।

## କବରାପାଲି ରାମନବମୀ ଉତ୍ସବ ଉଦ୍‌ଯାପିତ



କବରାପାଲି ରାମଲୀଲା ନାଟକର ଏକ ଦୃଶ୍ୟ।

ସମ୍ବଲପୁର,୨୮।୪
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଜୁମୁରା ବ୍ଲକ ଅନ୍ତର୍ଗତ କବରାପାଲିଠାରେ ୧୨ଦିନ ଧରି ଚାଲିଥିବା ରାମନବମୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାମନବମୀରେ ମହାପ୍ରଭୁ ମନ୍ଦିରରୁ ବାହାରି ଭାଇ ଲକ୍ଷ୍ମଣ ଏବଂ ସୀତାଙ୍କ ସହ ଏଗାର ଦିନ ଧରି ମଣ୍ଡପରେ ରହି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପ୍ରତ୍ୟହ ମଣ୍ଡପରେ ପଣ୍ଡିତ ଅଶ୍ୱିନୀ ବିଶ୍ୱାଳ ଏବଂ ରମେଶ ଦାସଙ୍କ ଦ୍ୱାରା ପୂଜାର୍ଚ୍ଚନା ସହ ରାମାୟଣ ପାଠ କରାଯାଉଥିଲା। ଚୈତ୍ର ଦଶମୀଠାରୁ ପ୍ରତିରାତିରେ ଗ୍ରାମରେ ଭୀକାରୀ ଚରଣ ପଣ୍ଡାଙ୍କ ରଚିତ ରାମଲୀଲା ନାଟକ ପରିବେଷିତ ହେଉଥିଲା। ଏହାସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିଲା। ଏହିଦିନରେ ଗାଁରେ ଆଇଁଷ ଏବଂ ନିଶା ସେବନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରବିବାର ଉଦ୍‌ଯାପନୀ ଉତ୍ସବରେ ମଣ୍ଡପରେ ଯଜ୍ଞର ଆୟୋଜନ କରାଯାଇ ମହାପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରାମନବମୀ କମିଟି ସଭାପତି ମହିମା ପ୍ରସାଦ ବଢାଇଙ୍କ ସହ ଦିଲୀପ ବଢାଇ, କ୍ଷୀରୋଦ ସାହୁ, ମନୋଜ କୁମାର ପଧାନ, ହେମନ୍ତ ସାହୁ, ରଞ୍ଜିତ ପଧାନ, ସଞ୍ଜୟ କୁମାର ପଧାନ ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ରାମନବମୀ ଆୟୋଜନରେ ସହଯୋଗ କରିଥିଲେ।

## ବଢୁଛି ତାପମାତ୍ରା: ଅଙ୍ଗନୱାଡି କେନ୍ଦ୍ର ବନ୍ଦ କର

**ଦାବି କଲା ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ**

ସମ୍ବଲପୁର,୨୭।୪(ବି.ଶଙ୍କର)

ସଂପ୍ରତି ରାଜ୍ୟରେ ତାପମାତ୍ରା ବୃଦ୍ଧି ହୋଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି ଯୋଗୁ ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକ ବନ୍ଦ କରି ଦେଇଛନ୍ତି। ତେଣୁ ଅଙ୍ଗନୱାଡି କେନ୍ଦ୍ରକୁ ମଧ୍ୟ ବନ୍ଦ କରାଯିବାକୁ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଦାବି ଦାବି ହୋଇଛି। ପଶ୍ଚିମ ଓଡ଼ିଶାରେ ତାପମାତ୍ରା ୪୫ଡିଗ୍ରୀ ଛୁଇଁଲାଣି। ସାରା ରାଜ୍ୟରେ ରେଡ ୱାର୍ଣ୍ଣିଂ ଘୋଷଣା କରିଛନ୍ତି ସରକାର। ହେଲେ ଅଙ୍ଗନୱାଡି କେନ୍ଦ୍ରକୁ ବନ୍ଦ ସକାଶେ ସରକାର ନିର୍ଦ୍ଦେଶ ଦେଇ ନାହାନ୍ତି। ତେଣୁ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡକର୍ମୀ ଓ ସହାୟିକା ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହାକୁ ନେଇ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଆଗକୁ ଆହୁରି ଗ୍ରୀଷ୍ମ ପ୍ରବାହ ତାପମାତ୍ରା ବୃଦ୍ଧି ସମ୍ଭାବନା ରହିଛି। ତେଣୁ ସମସ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡିକକୁ ବନ୍ଦ କରିବା ସକାଶେ ଆଦେଶନାମା ଜାରୀ କରିବାକୁ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ସରକାର ପାଖରେ ଦାବି କରିଛି। ଜନସାଧାରଣ ଗ୍ରୀଷ୍ମ ପ୍ରବାହ ଯୋଗୁ ଘରୁ ପଦାକୁ ବାହାରୁ ନାହାନ୍ତି। ସରକାରୀ ଅଫିସରେ କୁଲର ଓ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି। ଅଙ୍ଗନୱାଡି କେନ୍ଦ୍ରରେ ସେପରି କିଛି ବ୍ୟବସ୍ଥା ନାହିଁ। ଅନେକ କେନ୍ଦ୍ର ବିନା ବିଦ୍ୟୁତ୍ ଯୋଗାଣରେ ଚାଲିଛି। ଏପରିକି ଅନେକାଂଶରେ ନିଜସ୍ୱ ଗୃହ ମଧ୍ୟ ନାହିଁ। ଏପରି ସ୍ଥଳେ କୋମଳମତି ଶିଶୁମାନଙ୍କର ଅବସ୍ଥା କଣ ହେଉଥିବ ତାହା ଅନୁମାନ କରାଯାଉଛି। ବିଗତ ଦିନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ସାମୟିକ ଛୁଟି ଦିଆଯାଇଥିବାର ଦୃଷ୍ଟାନ୍ତ ରହିଛି। ଗ୍ରୀଷ୍ମ ଅବକାଶ ଦେବାକୁ ବାରମ୍ବାର ପ୍ରତିଶ୍ରୁତି ଦେବା ପରେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଅଂଶୁଘାତ ଯୋଗୁ ରାଜ୍ୟରେ ବିଭିନ୍ନ ସ୍ଥାନରେ ଜୀବନ ହାନିର ନଜିର ରହିଛି। ତେଣୁ ସରକାର ଶୀଘ୍ର ଦୃଷ୍ଟି ଦେବାକୁ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ରବିବାର ପ୍ରଦତ୍ତ ଦାବିପତ୍ରରେ ଉପରୋକ୍ତ ବିଷୟ ଉଲ୍ଲେଖ ରହିଛି। ଏନେଇ ସଂଘ ଉପଦେଷ୍ଟା ପ୍ରଶାନ୍ତ କୁମାର ପାଢ଼ୀ ଏକ ପ୍ରେସ ବିବୃତ୍ତିରେ ସୂଚିତ କରିଛନ୍ତି।

## ଇନୋଭାରେ ଗଞ୍ଜେଇ ଚାଲାଣ, ୩ ଗିରଫ

ସମ୍ବଲପୁର,୨୮।୪(ପ୍ରମୋଦ ବହିଦାର)

ବିଜୁ ଏକ୍ସପ୍ରେସ୍ ୱେର ପ୍ରଧାନପାଲି ନିକଟରୁ ସମ୍ବଲପୁର ଅବକାରୀ ଗୋଇନ୍ଦା ବିଭାଗ ଏକ ଇନୋଭାରୁ ଚୋର ଚାଲାଣ ହେଉଥିବା ୨୫କେଜି ଗଞ୍ଜେଇ ଜବତ କରିଛି। ଏହା ସହିତ ଚୋର ଚାଲାଣରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ଅଭିଯୁକ୍ତମାନେ ହେଲେ ବିହାର ସିୱନ ଜିଲାର ପ୍ରଦ୍ୟୁମ୍ନ ଯାଦବ, ଉତ୍ତରପ୍ରଦେଶ ଲକ୍ଷ୍ନୌର ଅନୁଜ ଦୀକ୍ଷିତ ଓ ଜିତେନ୍ଦ୍ର କୁମାର। ଏସମ୍ପର୍କରେ ଅବକାରୀ ଗୋଇନ୍ଦା ବିଭାଗ ଡେପୁଟି କମିଶରନ ରାଜେନ୍ଦ୍ର ଭୋତ୍ରା ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଗଞ୍ଜେଇ ଚୋରା ଚାଲାଣ ସମ୍ପର୍କରେ ଖବର ମିଳିବା ପରେ ଇନ୍ସପେକ୍ଟର ଧନଞ୍ଜୟ ପାତ୍ର ବିଜୁ ଏକ୍ସପ୍ରେସର ପଧାନପାଲି ଟୋଲଗେଟ୍ ନିକଟରେ ଛକି ରହିଥିଲେ। ଏହି ସମୟରେ ସମ୍ବଲପୁର ପଟୁ ଝାରସୁଗୁଡ଼ା ପଟେ ଯାଉଥିବା ଏକ ଇନୋଭା(ୟୁପି-୩୨-ସିଜେଡ୍-୮୦୦୮)କୁ ସନ୍ଦେହରେ ଅଟକ ରଖି ଯାଞ୍ଚ କରା ଯାଇଥିଲା। ଯାଞ୍ଚ ବେଳେ କାରରୁ ଉକ୍ତ ଗଞ୍ଜେଇ ଜବତ କରାଯାଇଥିଲା। ଉକ୍ତ ଗଞ୍ଜେଇ ବୌଦ୍ଧରୁ ବନାରସ ଚୋର ଚାଲାଣ ହେଉଥିଲା ବୋଲି ଗିରଫ ଅଭିଯୁକ୍ତମାନେ କହିଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

## ଶୃଙ୍ଖଳିତ ନିର୍ବାଚନ ପାଇଁ ପରିଚାଳନା କମିଟି ବୈଠକ

ସମ୍ବଲପୁର,୨୮।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆଗାମୀ ନିର୍ବାଚନକୁ ଶୃଙ୍ଖଳିତ ଆୟୋଜନ ପାଇଁ ଏକ ଜିଲାସ୍ତରୀୟ ପରିଚାଳନା କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମତଦାନ କେନ୍ଦ୍ରକୁ ଯିବାରେ ଅକ୍ଷମ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପରିବହନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ସେମାନଙ୍କୁ ତାଙ୍କ ଗୃହରୁ ବୁଥ ପର୍ଯ୍ୟନ୍ତ ଓ ମତଦାନ ପରେ ବୁଥରୁ ଗୃହକୁ ପରିବହନ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା, ମତଦାନ କେନ୍ଦ୍ରରେ ଇ-ରିକ୍ସା ବ୍ୟବସ୍ଥା, ଇ-ରିକ୍ସା ବ୍ୟବହାର କରୁଥିବା ଭିନ୍ନକ୍ଷମ ଭୋଟରଙ୍କୁ ଏହାର ବ୍ୟବହାର ପାଇଁ ପ୍ରଶିକ୍ଷଣ, ପ୍ରତ୍ୟେକ ବୁଥ୍‌ରେ ହ୍ୱିଲ୍ ଚେୟାର ସହିତ ସ୍ୱେଚ୍ଛାସେବୀଙ୍କ ନିଯୁକ୍ତି, ପ୍ରତି ବୁଥ୍‌ରେ ପ୍ରଥମ ଥର ପାଇଁ ଭୋଟଦାନ କରୁଥିବା ଯୁବ ଭୋଟରଙ୍କ ଚିହ୍ନଟ ଓ ସହାୟତା ପାଇଁ ନିୟୋଜିତ ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ, ସ୍ୱେଚ୍ଛାସେବୀମାନଙ୍କୁ ସ୍ୱତନ୍ତ୍ର ଟି-ଶାର୍ଟ, ଟୋପି ଓ ପରିଚୟପତ୍ର ପ୍ରଦାନ, ଭିନ୍ନକ୍ଷମ, ବରିଷ୍ଠ ନାଗରିକ ଓ କିନ୍ନର ମଧ୍ୟରେ ମତଦାନ ନେଇ ସଚେତନତା ଜାଗ୍ରତ ଉପରେ ଆଲୋଚନା ହୋଇଥିଲା। ସେହିପରି ଭୋଟଦାନ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ଲିଫ୍ଲେଟ୍ ଓ ପୋଷ୍ଟର ବଣ୍ଟନ, ସଚେତନତା ରଥର ଶୁଭାରମ୍ଭ ତଥା ରଥର ରୋଡ୍ ମ୍ୟାପ୍ ନିର୍ଦ୍ଧାରଣ, ମତଦାନ ପୂର୍ବରୁ ଓ ମତଦାନ ଦିନ ଜିଲାର ସ୍ୱତନ୍ତ୍ର ସ୍କ୍ୱାଡ ଦ୍ୱାରା ବୁଥରେ ଭୋଟଦାନ ପାଇଁ ଆୟୋଜନର ଯାଞ୍ଚ ଓ ସେମାନଙ୍କ ପାଇଁ ଗାଡ଼ିର ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜଲାପାଳ(ସାଧାରଣ) ସୁଚାରୁ କୁମାର ବଳ, ଜିଲା ଶିକ୍ଷାଧିକାରୀ ତଥା ଜିଲା କାର୍ଯ୍ୟକ୍ରମ ସଂଯୋଜିକା ମିନାରାଣୀ ମଙ୍ଗଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର କୁମାର ମହାନନ୍ଦ ପ୍ରମୁଖଙ୍କ ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ୧୧ଶହ ଲିଟର ବିୟର ଜବତ

ସମ୍ବଲପୁର,୨୮।୪(ପ୍ରମୋଦ ବହିଦାର)

ଝାରସୁଗୁଡ଼ାରୁ ବୁର୍ଲାକୁ ବେଆଇନ ଭାବେ ଚାଲାଣ ହେଉଥିବା ପ୍ରାୟ ୧୧୦୦ଲିଟର ବିୟର ଜବତ କରିଛି ସମ୍ବଲପୁର ଅବକାରୀ ବିଭାଗ। ବିଶ୍ୱସ୍ଥ ସୂତ୍ରରୁ ଖବର ପାଇଁ ଅବକାରୀ ବିଭାଗର ଏକ ସ୍କ୍ୱାଡ ଲକ୍ଷ୍ମୀ ଡୁଙ୍ଗୁରୀ ଛକ ନିକଟରେ ଛକି ରହିଥିଲେ। ଏହି ସମୟରେ ଏକ କାରରେ ବେଆଇନ ଚଲାଣ ହେଉଥିବା ଉକ୍ତ ବିୟର ସହିତ କାରକୁ ଜବତ କରିଛି ଅବକାରୀ ବିଭାଗ। ଏହା ସହିତ ଅବକାରୀ ବିଭାଗ ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖି ପଚାର ଉଚରା କରାଯାଉଛି।

## ଜୟନାରାୟଣଙ୍କ ଅପରାଧ ତାଲିକା ଖୁବ୍ ଲମ୍ବା: ବିଜେଡି

**ଅଭିଯୋଗ ରାଜନୈତିକ ଅଭିସନ୍ଧିମୂଳକ: ଜୟନାରାୟଣ**

ସମ୍ବଲପୁର,୨୮।୪(ପ୍ରମୋଦ ବହିଦାର)

ରାଜନୈତିକ ଛତ୍ରଛାୟା ତଳେ ରହି ନିର୍ଭୟ ଓ ମୁକ୍ତ ବିଚରଣ କରୁଥିବା ଭାଜପାର ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଜୟନାରାୟଣ ମିଶ୍ରଙ୍କ ଲମ୍ବା ଆପରାଧିକ ତାଲିକା ରହିଛି। ଏଥିରେ ଆପରାଧିକ ଷଡ଼ଯନ୍ତ୍ର, ଦଙ୍ଗା ସୃଷ୍ଟି, ଆକ୍ରମଣ ଓ ହତ୍ୟା ଭଳି ଅନେକ ସଙ୍ଗିନ ଅପରାଧ ରହିଛି। ଏଭଳି ସଙ୍ଗିନ ଅପରାଧର ଦଣ୍ଡରୁ ବର୍ତ୍ତିବା ପାଇଁ ଜୟନାରାୟଣ ରାଜନୀତିର ଆଶ୍ରୟ ନେଇଛନ୍ତି ବୋଲି ବିଜେଡି ମୁଖପାତ୍ର ସଞ୍ଜୟ ବାବୁ କହିଛନ୍ତି। ରବିବାର ସ୍ଥାନୀୟ ପାନ୍ଥନିବାସରେ ସମବେତ ଖବରଦାତାଙ୍କ ସହ ସାକ୍ଷାତକାର ସମୟରେ ସଞ୍ଜୟ କହିଛନ୍ତି ଭାଜପାର ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣଙ୍କ ନାମରେ ବରଗଡ଼ ଓ ସମ୍ବଲପୁର ଜିଲାର ବିଭିନ୍ନ ଥାନାରେ ଅନେକ ଆପରାଧିକ ମାମଲା ରହିଛି। ବରଗଡ଼ ଜିଲା ସୋହେଲା ଥାନାରେ ଗୋଟିଏ, ପାଇକମାଳ ଥାନାରେ ୨ଟି, ସମ୍ବଲପୁର ଜିଲା ଧନୁପାଲି ଥାନାରେ ୫ଟି, ବୁର୍ଲା ଥାନାରେ ୨ ଓ କ୍ଷେତରାଜପୁର ଥାନାରେ ଗୋଟିଏ ମାମଲା ରହିଛି। ୨୦୧୮ ମସିହାରେ ସୋହେଲା ଥାନାରେ ଜୟନାରାୟଣଙ୍କ ବିରୋଧରେ ରୁଜୁ ହତ୍ୟା ମାମଲା ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି। ଏଭଳି ଜଣେ ଆପରାଧିକ ପୃଷ୍ଠଭୂମିର ବ୍ୟକ୍ତି ଜୟନାରାୟଣଙ୍କୁ ଆଗାମୀ ନିର୍ବାଚନରେ ଏକ ସମୃଦ୍ଧ ଓ ବିକଶିତ ସହରର ସ୍ୱପ୍ନ ଦେଖୁଥିବା ସମ୍ବଲପୁରବାସୀ ଉଚିତ ଜବାବ ଦେବେ ବୋଲି କହିଛନ୍ତି ସଞ୍ଜୟ। ତାଙ୍କ ସହ ବିଜେଡିର ଅନ୍ୟତମ ମୁଖପାତ୍ର ଡ. ଲେନିନ ମହାନ୍ତି ଉପସ୍ଥିତ ଥିଲେ।

ବିଜେଡିର ଅଭିଯୋଗ ସମ୍ପର୍କରେ ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର କହିଛନ୍ତି, ୨୦୦୦ ମସିହାରୁ ୨୦୧୪ ପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି ଥାନାରେ ଆପରାଧିକ ମାମଲା ରୁଜୁ ହୋଇନାହିଁ। ମାତ୍ର ୨୦୧୪ ମସିହା ପରେ ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କ ବିରୋଧରେ ଏକସଙ୍ଗେ ଅନେକଗୁଡ଼ିଏ ଆପରାଧିକ ମାମଲା ରୁଜୁ ହୋଇଛି। ଏହା ତାଙ୍କ ବିରୋଧରେ ବିଜେଡିର ଏକ ରାଜନୈତିକ ଅଭିସନ୍ଧିମୂଳକ। ଏଭଳି ହୀନ ଚକ୍ରାନ୍ତରୁ ଶାସକ ଦଳ କ୍ଷାନ୍ତ ରହୁ ବୋଲି ଜୟନାରାୟଣ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## କ୍ରିକେଟରେ ବୈଦ୍ୟୁତିକ (ଟିଆରଡି), ଅପରେଟିଂ ଦଳ ବିଜୟୀ

**ଆନ୍ତଃବିଭାଗୀୟ କ୍ରୀଡ଼ା ଟୁର୍ନାମେଣ୍ଟ**

ସମ୍ବଲପୁର,୨୮।୪(ବି.ଶଙ୍କର)

ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏଶନ ସମ୍ବଲପୁର ଡିଭିଜନ ପକ୍ଷରୁ ଆନ୍ତଃ ବିଭାଗୀୟ କ୍ରୀଡା ଟୁର୍ନାମେଣ୍ଟ-୨୦୨୪ ରବିବାର ରେଲୱେ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ କ୍ରିକେଟ, ଭଲିବଲ, ବ୍ୟାଡମିଣ୍ଟନ, ସନ୍ତରଣ ଏବଂ ଟେନିସ ଭଳି ବିଭିନ୍ନ ଖେଳ ଅନୁଷ୍ଠିତ ହେବ। ସମ୍ବଲପୁର ଡିଭିଜନର ସମସ୍ତ ବିଭାଗ ଏହି ଟୁନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ଡିଭିଜନାଲ ରେଲୱେ ମ୍ୟାନେଜର ତୁଷାରକାନ୍ତ ପାଣ୍ଡେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କ୍ରୀଡ଼ାରେ ସକ୍ରିୟ ଅଂଶଗ୍ରହଣ ଆମକୁ ମାନସିକ ଏବଂ ଶାରୀରିକ ଭାବେ ସୁସ୍ଥ ରଖିଥାଏ।

ଉଦ୍‌ଘାଟନୀ ଉତ୍ସବରେ କ୍ରିକେଟ ମ୍ୟାଚ ଇଞ୍ଜିନିୟରିଂ ବନାମ ବୈଦ୍ୟୁତିକ ମଧ୍ୟରେ ଖେଳାଯାଇଥିଲା। ବୈଦ୍ୟୁତିକ (ଟିଆରଡି) ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧ଉଇକେଟ ହରାଇ ୧୬୩ ରନ କରିଥିଲା। ୧୬୪ ରନର ବିଜୟ ଲକ୍ଷ୍ୟ ହାସଲ ନେଇ ଇଞ୍ଜିନିୟରିଂ ଦଳ କ୍ରିଜକୁ ଓହ୍ଲାଇଥିଲା। ହେଲେ ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୫୮ରନ ହିଁ କରି ପାରିଥିଲା। ଫଳରେ ବୈଦ୍ୟୁତିକ (ଟିଆରଡି) ଦଳ ମ୍ୟାଚକୁ ୫ ରନରେ ଜିତିଥିଲା। ଶ୍ରୀନିବାସ ରାଓ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ସିଗ୍‌ନାଲ ଏବଂ ଟେଲିକମ ବନାମ ଅପରେଟିଂ ଦଳ ମଧ୍ୟରେ ଖେଳାଯାଇଥିଲା। ସିଗ୍‌ନାଲ ଏବଂ ଟେଲିକମ ଦଳ ୧୨ ଓଭରରେ ୮ ଉଇକେଟ ହରାଇ ୬୯ ରନ କରିଥିଲେ। ଜବାବରେ ଅପରେଟିଂ ଦଳ ୬ ଉଇକେଟ ହରାଇ ୭୦ ରନ କରି ମ୍ୟାଚ ଜିତିଥିଲା। ସୁବ୍ରତ ମହାନନ୍ଦ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ଅବସରରେ କ୍ରୀଡ଼ା ଅଧିକାରୀ ଡ. ମନୋଜ କୁମାର ବେହେରା, କ୍ରୀଡ଼ା ସଚିବ ଆଲୋକ ରଞ୍ଜନ ପାଣ୍ଡାଙ୍କ ସମେତ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ମେ ୧୧ ତାରିଖରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ।



ଖେଳାଳିଙ୍କ ସହ ଅତିଥିମାନେ ପରିଚିତ ହେଉଛନ୍ତି।

# ପଖାଳକୁ ଭାରି ପଡ଼ିଲାଣି ପିଆଜ, ଆଳୁ

ବଲାଙ୍ଗୀର,୨୮।୪(ବୀରେନ୍ଦ୍ର କୁମାର ଝାଙ୍କର)

ପ୍ରଚଣ୍ଡ ଖରାରେ ତାପମାତ୍ରା ବୃଦ୍ଧି ଏବେ ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଇଛି। ଏତିକି ବେଳେ ଆଳୁ, ପିଆଜ ଏବଂ ପନିପରିବା ଦରବୃଦ୍ଧି ଲୋକଙ୍କୁ ଚିନ୍ତାରେ ପକାଇଛି। ଖରା ଦିନରେ ଗରିବ ଲୋକଙ୍କ ଉପାର୍ଜନ କମି ଯାଇଥାଏ। ବଲାଙ୍ଗୀର ଭଳି ଅଣଜଳସେଚିତ ଜିଲାରେ ଏହି ସମୟରେ ସାଧାରଣତଃ ମଜୁରି ମିଳିବା କଷ୍ଟକର ବ୍ୟାପାର। ଏହି କାରଣରୁ ଅଣ କୃଷି ଋତୁରେ ଏଠାରୁ ଶ୍ରମିକ କାମଧନ୍ଦା ଅନ୍ବେଷଣରେ ବାହାରକୁ ଯିବା ଏକ ବଡ ସମସ୍ୟା ହୋଇରହିଛି। ଲୋକେ ଅର୍ଥ ସଙ୍କଟ ଦେଇ ଗତି କରୁଥିବା ବେଳେ ଆଳୁ, ପିଆଜ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ଲୋକଙ୍କ ଚିନ୍ତା ଦ୍ୱିଗୁଣିତ କରିଛି। ଏବେ ବଜାରରେ ଆଳୁ କେଜି ପ୍ରତି ୪୦କୁ ଟପିଲାଣି। ପିଆଜ ୨୫ ଟପିଲାଣି। ଆଳୁ ଓ ପିଆଜ ଦରବୃଦ୍ଧି ଯୋଗୁ ଲୋକେ ଅଡୁଆରେ ପଡିଛନ୍ତି। ଖରାଦିନରେ ପଖାଳ ସହ ପିଆଜ ଓ ଆଳୁ ଭରତା ଏକ ସାଧାରଣ ଖାଦ୍ୟ।



ପ୍ରଚଣ୍ଡ ଖରା ସାଙ୍ଗକୁ ଦରବୃଦ୍ଧି ଯୋଗୁ ବଲାଙ୍ଗୀର ଡେଲି ମାର୍କେଟରେ ଗ୍ରାହକଙ୍କ ଭିଡ ନାହିଁ।

କିନ୍ତୁ ପଖାଳ ଉପରେ ଆଳୁ ପିଆଜ ଦରବୃଦ୍ଧି ଭାରି ପଡିଲାଣି ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି। ଦରବୃଦ୍ଧି ଯୋଗୁ ଲୋକେ ବାଧ ହୋଇ ଅଳ୍ପ ପରିଣାମର ଆଳୁ ଓ ପିଆଜ କିଣୁଥିବା କହିଛନ୍ତି। ଏଥିସହ ପନିପରିବା ଦରବୃଦ୍ଧି ଯୋଗୁ ଲୋକେ ଘୋର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଫୁଲକୋବି ଏବେ କେଜି ପ୍ରତି ୫୦ ଟଙ୍କା, ବନ୍ଧାକୋବି ୪୦ ଟଙ୍କା, ପଣସ କେଜି ୮୦ ଟଙ୍କା, ପୋଟଳ ୮୦ ଟଙ୍କା, ଝୁଡଙ୍ଗ ୬୦ ଟଙ୍କା, କୁନ୍ଦୁରି ୬୦, ପାତଳଘଣ୍ଟା ୫୦ ଟଙ୍କା, ବାଇଗଣ ୬୦ ଟଙ୍କା, କାକୁଡି କେଜି ୪୦ ଟଙ୍କା ରହିଛି। ଲୋକେ ବଜାରକୁ ଯାଇ ଚଢ଼ା ଦର ଦେଖି ଅଳ୍ପ ପରିମାଣର ପନିପରିବା ଆଣୁଛନ୍ତି। ଅନ୍ୟପକ୍ଷରେ

## ଖରା, ନିର୍ବାଚନ ତାତି ଠୁ ଅସମ୍ଭାଳ ହେଲାଣି ଦରବୃଦ୍ଧି

ଚଢ଼ାଦର ଏବଂ ଟାଣଖରା ବେପାରକୁ ମାନ୍ଦା କରୁଥିବାରୁ ବେପାରୀ ମଧ୍ୟ ଚିନ୍ତାରେ ପଡିଛନ୍ତି। ପ୍ରଚଣ୍ଡ ଖରା ଯୋଗୁ ସକାଳ ସାଢ଼େ ୯ଟା ପରେ ଡେଲିମାର୍କେଟ ଏବଂ ସାପ୍ତାହିକ ବଜାର ଏକପ୍ରକାର ଜନଶୂନ୍ୟ ହୋଇପଡୁଛି। ଫଳରେ ବେପାରୀମାନେ ଠିକ୍ ସମୟରେ ପନିପରିବା ବିକ୍ରି କରି ପାରୁନାହାନ୍ତି। ଅନେକ ବେପାରୀଙ୍କ ପନିପରିବା ଖରାରେ ପଚି ନଷ୍ଟ ହୋଇଯାଉଛି। ଶୀତଳ ଭଣ୍ଡାର ନ ଥିବାରୁ ବେପାରୀମାନେ ଅସୁବିଧାରେ ପଡିଛନ୍ତି। ଏବେ ନିର୍ବାଚନୀ ପ୍ରଚାରରେ ନେତା, କର୍ମୀ ଓ ସମର୍ଥକ ମାତିଛନ୍ତି। ବିଶେଷ କରି ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସର ପ୍ରାର୍ଥୀ ଓ ବରିଷ୍ଠ ନେତାମାନେ ଭୋଟରଙ୍କୁ ବିଭିନ୍ନ ମନଲୋଭା ସ୍କିମ୍, ପ୍ରତିଶ୍ରୁତି ଏବଂ ଗ୍ୟାରେଣ୍ଟି କଥା କହୁଛନ୍ତି। ତେବେ ଦରବୃଦ୍ଧି ସମସ୍ୟା ଏବେ ସାଧାରଣ ଜନତାଙ୍କୁ ଅତିଷ୍ଠ କରି ପକାଇଛି।

## ସଂକ୍ଷେପରେ

### କର୍ଲାମୁଣ୍ଡା ବ୍ଲକ ଉପାଧ୍ୟକ୍ଷ ତଥା ଆଦିବାସୀ ସଂଘ ବ୍ଲକ ସଭାପତିଙ୍କ ବିଜେଡିରୁ ଇସ୍ତଫା

କର୍ଲାମୁଣ୍ଡା/ରିଷିଡ଼ା,୨୮।୪
(ପ୍ରଦୀପ କୁମାର ସାହୁ/ସୁଶାନ୍ତ ମଲ୍ଲିକ)



କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ଆଦିବାସୀ ସଂଘ ସଭାପତି ସୁରେନ୍ଦ୍ର ଭୋଇ ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ବିଜେଡି ପାଇଁ ଝଟକା ସୃଷ୍ଟି ହୋଇଛି। ସେ ଦୀର୍ଘ ଦିନ ଧରି ବିଜେଡିର ସକ୍ରିୟ ସଭ୍ୟ ଭାବେ ସଙ୍ଗଠନକୁ ମଜବୁତ କରିବା ନେଇ ଉଦ୍ୟମ ଜାରି ରଖିଥିଲେ। ଏହା ବ୍ୟତୀତ ସେ ବ୍ଲକ ଆଦିବାସୀ ସଂଘ ସଭାପତି ଭାବେ ଦୀର୍ଘ ୧୫ ଧରି ଆଦିବାସୀ ସଙ୍ଗଠନକୁ ମଜବୁତ କରିବାରେ ସଫଳ ହୋଇଛନ୍ତି। ତେବେ ସେ ବିଜେଡି ଛାଡିବା ପରେ କଂଗ୍ରେସରେ ଯୋଗ ଦେଇଥିବା ଜଣାପଡିଛି। ଚଳିତ ନିର୍ବାଚନରେ ତାଙ୍କୁ ଅଣଦେଖା କରାଯାଇଥିବା ନେଇ ଅଭିଯୋଗ କରି ବିଜେଡିରୁ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ବୃଦ୍ଧା ମୃତ

ବୌଦ୍ଧ,୨୮।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ଥାନା ଛତ୍ରଙ୍ଗ-ଚାରିଛକ ପୂର୍ତ୍ତବିଭାଗ ରାସ୍ତାର ଛତ୍ରଙ୍ଗଠାରେ ଶନିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଚାରିଛକ ଅଞ୍ଚଳର ବାଳମତୀ ଦିଗାଲ(୪୫) ଛତ୍ରଙ୍ଗସ୍ଥିତ ସମ୍ପର୍କୀୟ ଭାଇ ଘରକୁ ବୁଲି ଯାଇଥିବା ସମୟରେ ରାତିରେ ଘରୁ କୁଆଡେ ଚାଲି ଯାଇଥିଲେ। ଘର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ରବିବାର ସକାଳେ ତାଙ୍କ ମୃତଦେହ ରାସ୍ତାରେ ପଡିଥିବା ଦେଖିବାକୁ ମିଳିଥିଲା। ତାଙ୍କର ଗାଡି ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଜଣାପଡିଛି। ହରଭଙ୍ଗା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଛି।

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ବୌଦ୍ଧ,୨୮।୪(ଅଜିତ କୁମାର ବାରିକ)

ବୌଦ୍ଧ-କନ୍ଧମାଳ ସୀମାନ୍ତ ରାଣୀପଥର ଘାଟିରେ ରବିବାର ସକାଳେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୋଟର ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, କନ୍ଧମାଳ ଜିଲା ଖଜୁରପଡା ଥାନା ଜଗୁଲିପଡା ଅଞ୍ଚଳର ପ୍ରକାଶ ଚନ୍ଦ୍ର ବେହେରା ଏବଂ ବ୍ରାହ୍ମଣୀ ଗାଁର ରାହୁଲ କାର୍ଗୀ ଏକ ମୋଟର ସାଇକେଲ (ନଂ ଓଡି୧୨-ବି୧୧୯୭) ଯୋଗେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଳେଶ୍ୱର ସାପ୍ତାହିକ ହାଟକୁ ଯାଇ ଛେଳି କିଣି ଚାରିଛକରୁ ଫୁଲବାଣୀ ଅଭିମୁଖେ ଯାଉଥିଲେ। ଏହି ସମୟରେ ରାଣୀପଥର ଘାଟିରେ ଏକ ଅଜଣା ଗାଡି ସେମାନେ ଯାଉଥିବା ମୋଟର ସାଇକେଲକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଚାଳକ ପ୍ରକାଶଙ୍କ ମୃତ୍ୟୁ ଘଟିଥିବା ବେଳେ ରାହୁଲ ଗୁରୁତର ଆହତ ହୋଇଥିଲେ। ଫୁଲବାଣୀ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ପଠାଇଛି।

## ଫଳ ମାର୍କେଟ, ସାପ୍ତାହିକ ବଜାରରେ କଳିକେଶଙ୍କ ନିର୍ବାଚନୀ ପ୍ରଚାର

ବଲାଙ୍ଗୀର,୨୮।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ବ୍ରାହ୍ମଣପଡ଼ା ୱାର୍ଡ ୮ ନମ୍ବର ଅନ୍ତର୍ଗତ ଫଳ ମାର୍କେଟ ଏବଂ ୱାର୍ଡ ନମ୍ବର ୭ ଅନ୍ତର୍ଗତ ସାପ୍ତାହିକ ବଜାରରେ ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ରବିବାର ନିର୍ବାଚନ ପ୍ରଚାର କରିଥିଲେ। ଫଳ ମାର୍କେଟ ଏବଂ ସାପ୍ତାହିକ ହାଟରେ ବସିଥିବା ବେପାରୀ, ବ୍ୟବସାୟୀଙ୍କ ପାଖକୁ ଯାଇ ବିଜେଡ଼ି ପ୍ରଚାର ପତ୍ର ବଣ୍ଟନ କରିଥିଲେ। ବିଧାୟକ ପ୍ରାର୍ଥୀ କଳିକେଶଙ୍କ ସହ ପୌରାଧ୍ୟକ୍ଷା ଲିକା ସାହୁ, କାଉନସିଲର ନନ୍ଦିନୀ ପୋଢ଼, ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁତ ମିଶ୍ର, ଚନ୍ଦ୍ରମଣି ତ୍ରିପାଠୀ, ଗୋପଳ ଦାନୀ, ମୁନୁ ପୋଢ଼ଙ୍କ ସହ ବହୁ ବିଜେଡ଼ି କର୍ମୀ ପ୍ରଚାର କରିଥିଲେ। ଆସନ୍ତା ମେ ୨୦ ତାରିଖ ଦିନ ହୋବାକୁ ଥିବା ନିର୍ବାଚନରେ ବିଜେଡି ପ୍ରାର୍ଥୀ କଳିକେଶଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଭୋଟ ପ୍ରଚାର


ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ବଲାଙ୍ଗୀର ଫଳ ମାର୍କେଟରେ ନିର୍ବାଚନୀ ପ୍ରଚାର କରୁଛନ୍ତି।

ସମୟରେ କଳିକେଶ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଆଗାମୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ବିଜେଡ଼ିର ବିକାଶମୂଳକ ପଦକ୍ଷେପ ଯୋଗୁ ବଲାଙ୍ଗୀରରେ ବିକାଶ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଆଗାମୀ ସମୟରେ ସହର ମଧ୍ୟରେ ପୌର ପରିଷଦ ପକ୍ଷରୁ ଆବଶ୍ୟକ ସ୍ଥାନରେ ଅତ୍ୟାଧୁନିକ ଭେଣ୍ଡିଂ ଜୋନ କରାଯିବା ସହ ଉଠା ଦୋକାନୀ ମାନଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି ଫଳ ମାର୍କେଟ ବେପାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।


ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟପାଲି ରାସ୍ତାର ଗୁର୍ଜିଭଟା ହନୁମାନ ମନ୍ଦିର ପାଖ ନଳକୂପ ନିକଟରେ ତୃଷାର୍ତ୍ତ ମାଙ୍କଡ ପଲ।

## ବ୍ୟାନର ଚିରି ପ୍ରତିବାଦ କଲେ ଯୁଥ ଆକ୍ସନ କମିଟି ସଦସ୍ୟ

### ଦ୍ରୁତଗାମୀ ଟ୍ରେନ ରହଣି ନାହିଁ ତ ଭୋଟ ନାହିଁ

ଦେଓଗାଁ,୨୮।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳରେ ରାଜନୈତିକ ଉଷ୍ମତା ବଢି ଚାଲିଥିବା ବେଳେ ନୋ ଟ୍ରେନ ନୋ ଭୋଟକୁ ନେଇ ଅସନ୍ତୋଷ ଘନେଇବାରେ ଲାଗିଛି। ଏପରି କି ଯୁଥ ଆକ୍ସନ କମିଟିର ସଦସ୍ୟମାନେ ପ୍ରତିବାଦ କରି ବିଭିନ୍ନ ଦଳର ବ୍ୟାନର ଚିରି ଫୋପାଡି ଦେଇଥିବା ଦେଖିବାକୁ ମିଳିଛି। ଦୀର୍ଘ ୨୨ ବର୍ଷ ଧରି ଦେଓଗାଁ ରେଳ ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। କିନ୍ତୁ ଏ ଦିଗରେ ଏମ୍‌ପି କେବଳ ପ୍ରତିଶ୍ରୁତି ଦେଇ କୌଣସି ପଦକ୍ଷେପ ନେଇ ନ ଥିବାରୁ ଚଳିତ ନିର୍ବାଚନରେ ତାଙ୍କୁ ବିରୋଧ କରାଯିବ ବୋଲି ଯୁଥ ଆକ୍ସନ କମିଟି ଚେତାବନୀ ଦେଇଛି। କିଛି ଦିନ ତଳେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ କମିଟିର ସଦସ୍ୟଙ୍କୁ ଡାକି ଦ୍ରୁତଗାମୀ ଟ୍ରେନ ରହଣି ଦିଗରେ ରେଳୱେ ବୋର୍ଡ ସହିତ ଆଲୋଚନା କରି ଲିଖିତ ଭାବେ ପ୍ରତିଶ୍ରୁତି ଦିଆଯିବ ବୋଲି କହିଥିଲେ। ଏପରି କି ନିର୍ବାଚନ ପରେ ନିଶ୍ଚିତ ଭାବେ ପଦକ୍ଷେପ ନେବି ବୋଲି କହିଥିବା କମିଟି ସଭାପତି ସେବକ ବାରିକ ପ୍ରକାଶ କରିଛନ୍ତି। କିନ୍ତୁ ସେ ଦେଇଥିବା ପ୍ରତିଶ୍ରୁତି ନ ରଖିବାରୁ କମିଟି ସଦସ୍ୟମାନେ ସବୁ ଦଳର ବ୍ୟାନର ଚିରି ପ୍ରତିବାଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନକୁ ଆଉ ୨୨ ଦିନ ଥିବା ବେଳେ ଟ୍ରେନ ରହଣି ନାହିଁ ତ ଭୋଟ ନାହିଁ ଆନ୍ଦୋଳନ ଏବେ ସବୁ ଦଳର ପ୍ରାର୍ଥୀଙ୍କ ପାଇଁ ଅଡୁଆ ବଢାଇଛି।

## ମଞ୍ଚସ୍ଥ ହେଲା ନାଟକ ତରଣୀସେନ ବଧ

ବୌଦ୍ଧ,୨୮।୪(ଅଜିତ କୁମାର ବାରିକ)

ବୌଦ୍ଧ ଗଡ଼ଜାତର ପ୍ରସିଦ୍ଧ ରାମଲୀଳା ଯାତ୍ରା ରବିବାର ଦ୍ୱାଦଶ ଦିନରେ ପହଞ୍ଚିଥିବା ବେଳେ ମଞ୍ଚସ୍ଥ ହୋଇଛି ନାଟକ ତରଣୀସେନ ବଧ। କୁମ୍ଭକର୍ଣ୍ଣ ଭଳି ଭାଇକୁ ହରାଇ ଲଙ୍କପତି ରାବଣ ଦୁଃଖରେ ଭାଙ୍ଗି ପଡିବା ସହିତ ଲଙ୍କାଗଡରେ ଉଠିଥିଲା କ୍ରନ୍ଦନର ଲହରୀ। ରାବଣର ଦୁଃଖ ଦେଖି ସାନଭାଇ ବିଭୀଷଣର ଏକମାତ୍ର ପୁତ୍ର ବିଷ୍ଣୁ ଭକ୍ତ ତରଣୀସେନ ଶ୍ରୀରାମ ଲକ୍ଷ୍ମଣଙ୍କ ସହ ଯୁଦ୍ଧ କରିବାକୁ ଯୁଦ୍ଧ ଭୂମିକୁ ଯିବାକୁ ପ୍ରସ୍ତୁତ ହୋଇଛି। ରାକ୍ଷାସ ସେନା ପକ୍ଷରୁ ଯୁଦ୍ଧ କରୁଥିଲେ ମଧ୍ୟ ତରଣୀସେନ ମନରେ ଅଭିଳାଷ ରହିଛି ଆରାଧ୍ୟ ଦେବତା ବିଷ୍ଣୁଙ୍କ ଅବତାର ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିବ। ତରଣୀସେନ ମାତାଙ୍କଠାରୁ ଯୁଦ୍ଧ କଳା ଶିକ୍ଷା କରିଥିଲେ। ତେଣୁ ପିତା ବିଭୀଷଣ ଓ ପୁତ୍ର ତରଣୀସେନ ମଧ୍ୟରେ ହୋଇଥିବା ଘମାଘୋଟ ଯୁଦ୍ଧରେ ପରାଜିତ ହୁଅନ୍ତି ବିଭୀଷଣ। ଶେଷରେ ପ୍ରଭୁ ଶ୍ରୀରାମଙ୍କୁ



ବୌଦ୍ଧ ରାମଲୀଳା ନାଟକର ଏକ ଦୃଶ୍ୟ।

ପରାଜିତ କରି ତରଣୀସେନ ମାଗନ୍ତି ମୁକ୍ତି। ହେଲେ ଭକ୍ତର ଭଗବାନ ତରଣୀସେନକୁ ବଧ କରି ମୁକ୍ତି ଦେବାକୁ ନାସ୍ତି ବାଣି ଶୁଣାନ୍ତି। ବହୁ ଅନୁରୋଧ ପରେ ଶ୍ରୀରାମ ତରଣୀସେନକୁ ବଧ କରି ବୈକୁଣ୍ଠରେ ସ୍ଥାନ ଦିଅନ୍ତି। କଳେ ବଳେ ହେଉ କି ଚକ୍ରାନ୍ତରେ ଭାତୃଦ୍ରୋହୀ ବିଭୀଷଣର ପୁତ୍ର ତରଣୀସେନକୁ ବଧ କରାଇ ମନକୁ କିଛଟା ସାନ୍ତ୍ୱନା ଦେଇ ଖୁସି ହୋଇଛି ରାବଣ। ଭୁଲିବାକୁ ଚେଷ୍ଟା କରିଛି କୁମ୍ଭକର୍ଣ୍ଣର ମୃତ୍ୟୁ। ତରଣୀସେନ ବଧ ନାଟକକୁ ନିଖୁଣ ଭାବେ ଅନୁଷ୍ଠାନର କଳାକାରମାନେ ପ୍ରଦର୍ଶିତ କରିଥିଲେ। ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିବା ବେଳେ ଭବାନୀ ଶଙ୍କର ମହାପାତ୍ର ନିର୍ଦ୍ଦେଶନା ଓ ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ନାଟକରେ ଶ୍ରୀରାମ ଭୂମିକାରେ ଶିରିଶ ବେହେରା,ସୀତା ବିଶ୍ୱାମିତ୍ର ସାହୁ, ଲକ୍ଷ୍ମଣ ଦନାର୍ଦ୍ଦନ ମିଶ୍ର, ହନୁମାନ ଶାନ୍ତନୁ ବେହେରା, ସୁଗ୍ରୀବ ଦିବାକର ଜେନା, ଅଙ୍ଗଦ ଭୂମିକାରେ ସତ୍ୟଜିତ ମିଶ୍ର,ବିଭୀଷଣ ପ୍ରମୋଦ ପ୍ରଧାନ, ରାବଣ ସୁଦାମ ବେରିହା, ତରଣୀସେନ ରଞ୍ଜନ ବାରିକ, ପଦ୍ମା ଜିତେନ୍ଦ୍ର ମହାନ୍ତି ଓ ମନ୍ଦୋଦରୀ ଭୂମିକାରେ ଜଗଦୀଶ ବାରିକ ଅଭିନୟ କରିଥିଲେ। ତରଣୀସେନ ବଧ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ ଲାଗି ରହିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ସକୁନ୍ଦ


@ ସୌମିତ୍ରୀ


@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପାଇପ୍ ଜଳ ସଂଯୋଗରୁ ବଞ୍ଚିତ ବୃଦ୍ଧା ଗହଳ

ଲୋଇସିଂହା,୨୮।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କଦଳୀପାଲି ଗ୍ରାମର ଘରକୁ ଘର ପାଇପ ଜଳ ସଂଯୋଗ ହୋଇଛି। ହେଲେ ଗ୍ରାମର ବୃଦ୍ଧା ଗହଳ ବରିହା(୮୧) ପାଇପ ଜଳ ସଂଯୋଗରୁ ବଞ୍ଚିତ ହୋଇଛନ୍ତି। ଜଣେ ଅସହାୟ ବୃଦ୍ଧାଙ୍କ ପ୍ରତି ବିଭାଗର ଏପରି ମନୋଭାବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ବାଦିବାହାଲ ପଞ୍ଚାୟତ ଅଧୀନ କଦଳୀପାଲି ଗ୍ରାମର ଗହଳଙ୍କ କୌଣସି ସନ୍ତାନ ନାହାନ୍ତି। ଗତ ୨ ବର୍ଷ ତଳେ ଉପଯୁକ୍ତ ଚିକିତ୍ସା ଅଭାବରୁ ତାଙ୍କ ସ୍ୱାମୀ ହାଡୁ ବରିହାଙ୍କ ପରଲୋକ ଘଟିଛି। ଏବେ ବାର୍ଦ୍ଧକ୍ୟରେ ପୀଡିତ ଗହଳ ନିଃସଙ୍ଗ ଜୀବନ ବିତାଉଛନ୍ତି। ପଞ୍ଚାୟତ ପକ୍ଷରୁ ୩୫ କେଜି ପିଡିଏସ୍ ଚାଉଳ ଏବଂ ୧୨ ଶହ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ବୟସାଧିକ ଯୋଗୁ ସେ ଚଲାବୁଲା କରି ପାରୁନାହାନ୍ତି। ଘରେ ରାଶନ ଥାଇ ବି ରନ୍ଧାବଢା କରି ଖାଇବା କଷ୍ଟକର। ତାଙ୍କ ଘର ନିକଟରେ ଗାଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ସ୍କୁଲ କର୍ତ୍ତୃପକ୍ଷ ବୃଦ୍ଧାଙ୍କ ଅସହାୟତାକୁ ଦେଖି ପ୍ରାୟ ସମୟରେ ବଳକା ମଧ୍ୟାହ୍ନ ଭୋଜନ ଖାଇବାକୁ ଦେଇଥାନ୍ତି। ଏଥିରେ ବୃଦ୍ଧାଙ୍କ ଦିନ କଟି ଥାଏ। ଏପ୍ରିଲ ୨୫ ରୁ ସ୍କୁଲଗୁଡିକର ଗ୍ରୀଷ୍ମ ଅବକାଶ ଛୁଟି କରିଛନ୍ତି ସରକାର। ଗାଁର କେହି ଖାଇବାକୁ ଦେଲେ ଖାଉଛନ୍ତ। ନଚେତ୍ ଭୋକ ଉପାସରେ ଭାଗ୍ୟକୁ ଆଦରି ପଡି ରହୁଛନ୍ତି। ଅପରପକ୍ଷେ ଗାଁରେ ଘରକୁ ଘର ପାଇପ ଲାଇନ ସଂଯୋଗ କାମ ହୋଇଛି। ପ୍ରାୟ ଦେଢ ଶହରୁ ଅଧିକ

### ଗୁରୁଣ୍ଡି ଗୁରୁଣ୍ଡି ନଳକୂପକୁ ଆଣୁଛନ୍ତି ପାଣି


ନିଜ ଘରେ ବସିଛନ୍ତି ଗହଳ ବରିହା।

ପରିବାର ଏଥିରୁ ଉପକୃତ ହେଉଛନ୍ତି। ହେଲେ ସଂପୃକ୍ତ ବୃଦ୍ଧାଙ୍କ ଘରକୁ ପାଇପ ଲାଇନ ସଂଯୋଗ ଦିଆଯାଇନାହିଁ। ଠିକା ସଂସ୍ଥା ପକ୍ଷରୁ ତାଙ୍କୁ ଅଣଦେଖା କରାଯାଇଛି ନା ଅସହାୟତାର ଫାଇଦା ନିଆଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ବୃଦ୍ଧାଙ୍କ ଘରକୁ ପାଇପ ଲାଇନ ସଂଯୋଗ ନ ଦେବା ଘଟଣାରେ ଗ୍ରାମର କେହି ପ୍ରତିବାଦ ନ କରିବା ପରିତାପର ବିଷୟ। ଖରା ଦିନ ହୋଇଥିବାରୁ ପିଇବା ପାଣି ପାଇଁ ବୃଦ୍ଧାଙ୍କୁ ସଂଘର୍ଷ କରିବାକୁ ପଡୁଛି। ଗୁରୁଣ୍ଡି ଗୁରୁଣ୍ଡି ନଳକୂପକୁ ପାଣି ସଂଗ୍ରହ ପାଇଁ ଯାଉଛନ୍ତି। ବୃଦ୍ଧାଙ୍କ ଘରକୁ ପାଇପ ଜଳ ସଂଯୋଗ ଏବଂ ଅଙ୍ଗନୱାଡି କେନ୍ଦ୍ରରୁ ରନ୍ଧାଖାଦ୍ୟ ଯୋଗାଇବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବତୀ ମୃତ

ବଡ଼ଗାଁ,୨୮।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବାରଟେଙ୍ଗରା ଗ୍ରାମର ଜଣେ ମହିଳା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଲତିକା କିଷାନ (୨୫)। ଲତିକା ଓଦା ଲୁଗା ତାରରେ ଶୁଖାଇବା ବେଳେ ସେହି ତାର ଦେଇ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଷ ପିଇ ଯୁବକ ଗୁରୁତର

ବଡ଼ଗାଁ, ୨୮।୪( ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ଥାନା ସେନ୍ଦ୍ରୀଟାଙ୍ଗର ଗ୍ରାମର ଜଣେ ଯୁବକ ରବିବାର ବିଷ ପିଇ ଗୁରୁତର ହୋଇଛନ୍ତି। ସେ ହେଲେ ଅପିନ ଆଇନ୍ଦ (୩୪)। ରବିବାର ସକାଳେ ଅପିନ କୌଣସି କାରଣରୁ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଗାଡ଼ି ଧକ୍କାରେ ଯୁବକ ମୃତ

**କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ**

ଟେନ୍‌ସା,୨୮।୪(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ପାନପଶିଆ ଗ୍ରାମ ନିକଟରେ ଅଜଣା ଗାଡ଼ି ଧକ୍କାରେ ରବିବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ପଙ୍କଜ ଦାସ। ଏହି ରାସ୍ତାରେ ଗାଡି ଚଳାଚଳ ବନ୍ଦ ହେବା ସହ କ୍ଷତିପୂରଣ ଦାବିରେ ଗ୍ରାମବାସୀ ପାନପଶିଆ ପଞ୍ଚାୟତ ରାସ୍ତାରେ ମୃତଦେହ ରଖି ଧାରଣାରେ ବସିଛନ୍ତି। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିବ ବୋଲି ଚେତାବନୀଦେଇଛନ୍ତି। ଖବର ଲେଖା ହେବା ସୁଦ୍ଧା ରାତି ୮ଟା ରାସ୍ତା ରୋକୋ ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ପଙ୍କଜ ରବିବାର ଗଣ୍ଡୁଆରୁ ଚାଲି ଚାଲି ପାନପଶିଆକୁ ଫେରୁଥିଲେ। ପାନପଶିଆ ୨ ନଂ ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କୋଇଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### କଂଗ୍ରେସର ନିର୍ବାଚନ ପ୍ରସ୍ତୁତି ବୈଠକ

ଦେବଗଡ଼,୨୮।୪(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ବଣିଆକିଲିଣ୍ଡା ଗ୍ରାମ ପଞ୍ଚାୟତ ଗଡଖାଇରେ ଜିଲା କଂଗ୍ରେସ ପକ୍ଷରୁ ଏକ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା କଂଗ୍ରେସ ସଭାପତି ତଥା ଦେବଗଡ ବିଧାନ ସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସେମ ହେମ୍ରମ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର, ଶ୍ରୀତମ କୁମାର ସାହୁ, ସୁମନ୍ତ ବେହେରା ଓ ନାଥକୃଷ୍ଣ ଜାଲଙ୍କ ସମେତ ବଣିଆକିଲିଣ୍ଡା ଗ୍ରାମ ପଞ୍ଚାୟତର ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇ ମନୋନୟନପତ୍ର ଦାଖଲ ସମେତ ନିର୍ବାଚନ ପ୍ରଚାର ସମ୍ପର୍କରେ ସବିଶେଷ ଆଲୋଚନା କରିବାସହ ଦଳୀୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ବିଭିନ୍ନ ରଣନୀତି ପ୍ରସ୍ତୁତ କରିଥିଲେ।

# ଦ୍ୱିତୀୟ ସନ୍ଧ୍ୟାରେ ମନମୋହିଲା ଗାନ୍ଧୀଛକ

ସୁନ୍ଦରଗଡ଼,୨୮।୪
(ଜୟ ନାରାୟଣ ମେଣ୍ଟୁଲି)

ନବଜୀବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବସନ୍ତ ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ବରଗଡ଼ ଜିଲା ପଦ୍ମପୁରର ନାଟ୍ୟସଂସ୍ଥା ଲୁର ପ୍ରସିଦ୍ଧ ନାଟକ ଗାନ୍ଧୀଛକ ମଞ୍ଚସ୍ଥ ହୋଇଥିଲା। ନାଟକର ମୂଳ ହିନ୍ଦୀ ରଚନା ଅଶୋକ ମିଶ୍ର କରିଥିବା ବେଳେ ତାକୁ ସମ୍ବଲପୁରୀ, କୋଶଳି ଭାଷାରେ ଅନୁବାଦ କରିଛନ୍ତି କେଶବ ରଞ୍ଜନ ପ୍ରଧାନ। ଜଗନ୍ନାଥ ସେଠଙ୍କ ନିର୍ଦ୍ଦେଶନାକୁ ସଙ୍ଗୀତ ଦେଇଥିଲେ ଦିବ୍ୟକିଶୋର ବରିହା, କ୍ଷିରୋଦ ସାହା, ଗଜାନନ ନାଗ। ଗାନ୍ଧୀ ଭୂମିକାରେ ବିକାଶ ତନସନା, ପୋଲିସ ଅଧିକାରୀ ଚରିତ୍ରରେ ଦୟାସାଗର ଧରୁଆ ଓ ଜୀବନରାମ ପଣ୍ଡା, ନାନକୁ ଭୂମିକାରେ ରୁକ୍ମଣ ସେଠ, ନାଗପୁରୀ ସୁଧିର ସୁନା, ମନ୍ତ୍ରୀ ଭୂମିକାରେ ସୁବ୍ରତ କୁମାର ପଟ୍ଟନାୟକ, କୁଣ୍ଟୁ ଭୂମିକାରେ ମାଧବ ବରିହା, ସ୍କୁଲ ଶିକ୍ଷକ ଚରିତ୍ରରେ ଉଦ୍ଧବ ଘିବିଲା, ଏନଏସି ଅଧିକାରୀ ଚରିତ୍ରରେ ପରମେଶ୍ୱର ବିଶି, ଚପରାସି ଭୂମିକାରେ ସୁଧିର ସୁନା, ଲବଙ୍ଗ ଚରିତ୍ରରେ ଡଲି, ଅମ୍ପିୟାର ଭୂମିକାରେ ଅର୍ଚ୍ଚିତ ପାଣ୍ଡେ, ବୋଲର୍ ଭୂମିକାରେ ମାନସ ରଣା, ବ୍ୟାଟ୍ସମ୍ୟାନ ଭୂମିକାରେ ରିତେଶ ସାହୁ ଓ ଉଦଘୋଷକ ଭୂମିକାରେ ଦେବେଶ ସେଠଙ୍କ ଜୀବନ୍ତ ରସାଣିତ ଅଭିନୟ ଦର୍ଶକଙ୍କୁ ହସାଇ ହସାଇ ବେଦମ କରି ଦେଇଥିଲା। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିଭାବେ ବିଶିଷ୍ଟ ନାଟ୍ୟକାର ପ୍ରଦୀପ ପଣ୍ଡା, ଅବସରପ୍ରାପ୍ତ ଉପ ପ୍ରବନ୍ଧକ ଏନଟିପିସି ସୁବାସ ଦାଶ, କଳାକାର ରାଜକିଶୋର ମହାରଣା, ଗୁଣନିଧି ମହାନ୍ତି ଯୋଗଦେଇ ସୁନାମ ଧନ୍ୟ ନାଟ୍ୟକାର ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଶେଷ ଅତିଥିଭାବେ ପ୍ରଖ୍ୟାତ ନାଟ୍ୟକାର ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ସହଧର୍ମିଣୀ ସ୍ନେହଲତା ପରିଜା ଉପସ୍ଥିତ ଥିଲେ। ଏହି ଅବସରରେ ନବଜୀବନ ଅନୁଷ୍ଠାନର ସମରେନ୍ଦ୍ର ଠାକୁର ସ୍ୱର୍ଗତ ଭୋଳଙ୍କ ସ୍ମୃତିଚାରଣ କରିଥିଲେ। ସଦସ୍ୟ ବିଶ୍ୱରଞ୍ଜନ ହୋତାଙ୍କ ଭାବଗର୍ଭକ ମଞ୍ଚ ସଂଯୋଜନାରେ ସୁନ୍ଦରଗଡ଼ "ବିଭାପା' ଅଧ୍ୟକ୍ଷ ଅମରେଶ ସାମଲ 'ରିମଝିମ ଗିରେ ଶାବନ" ସୁରେ ଭାଓଲିନ ବାଦନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶିକା ସସ୍ମିତା ସାହୁଙ୍କ ନେତୃତ୍ୱରେ ବିଭୂରଞ୍ଜନ ଓ ସାଥୀ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ନବଜୀବନର ସଭାପତି ପ୍ରଭାତ ଭୋଳ, ସମ୍ପାଦକ ଅଜୟ ବୋହିଦାର, କୋଷାଧ୍ୟକ୍ଷ ଶ୍ୟାମନନ୍ଦନ ସହାୟ, ବରିଷ୍ଠ ସଦସ୍ୟ ଚନ୍ଦ୍ରମଣି ମିଶ୍ର, କୁମୁଦ ପଣ୍ଡା, ଦେବେନ ଅମାତା, ବିଜୁ ମହାରଣା, ରାଜେନ୍ଦ୍ର ପଣ୍ଡା, ଗୋପକୃଷ୍ଣ ନାୟକ, ରିତା ସାହୁ, ଲତିକା ପଟ୍ଟନାୟକ, ଲକ୍ଷ୍ମୀପ୍ରଭା ପତି ପ୍ରମୁଖ ମହୋତ୍ସବ ପରିଚାଳନା କରିଥିଲେ।



ଦ୍ୱିତୀୟ ସନ୍ଧ୍ୟାରେ ନାଟକ ଗାନ୍ଧୀଛକ ମଞ୍ଚସ୍ଥ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ସକୁନ୍ଦ



@ ସୌମିତ୍ରୀ



@ ସିଲୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜେଏମ୍ଏମ୍‌ର ବୀରମିତ୍ରପୁର ପ୍ରାର୍ଥୀ ହେଲେ ନୀହାର ସୁରିନ



ନୀହାରଙ୍କ ସହ କର୍ମକର୍ତ୍ତା।

କୁଆଁରମୁଣ୍ଡା,୨୮।୪(ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପାଇଁ ରବିବାର ଇଣ୍ଡିଆ ମେଣ୍ଟ ପକ୍ଷରୁ ଜେଏମଏମ ନିଜର ପ୍ରାର୍ଥୀ ଘୋଷଣା କରିଛି। ପୂର୍ବତନ ବିଧାୟକ ନୀହାର ସୁରିନଙ୍କୁ ମେଣ୍ଟ ପକ୍ଷରୁ ପ୍ରାର୍ଥୀ ଘୋଷଣା ରାଞ୍ଚିଠାରେ କରାଯାଇଛି। ନିହାର ସନ୍ଧ୍ୟାରେ ବୀରମିତ୍ରପୁରରେ ପହଞ୍ଚିବା ପରେ ତାଙ୍କୁ ଇଣ୍ଡିଆ ମେଣ୍ଟ ପକ୍ଷରୁ କଂଗ୍ରେସ, ଜେଏମଏମ ସମେତ ଅନ୍ୟ ସହଯୋଗୀ ଓ ଦଳର ବରିଷ୍ଠ କର୍ମୀମାନେ ତାଙ୍କୁ ସହର ପରିକ୍ରମା କରାଇଥିଲେ। ଏହି ଅବସରରେ ପ୍ରାର୍ଥୀ ନିହାର କର୍ମୀମାନଙ୍କ ସହ ତଳ ବସ ଷ୍ଟାଣ୍ଡରେ ଥିବା ବୀର ବିର୍ସା ମୁଣ୍ଡା ଓ ପୁରୁଣା ଥାନା ନିକଟରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହ ସହରର ବିଭିନ୍ନ ଅଞ୍ଚଳରେ ଦଳୀୟ କର୍ମୀମାନଙ୍କ ସହ ବୁଲି ସାଧାରଣ ଲୋକଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଜେଡିରେ ଦୀର୍ଘ ବର୍ଷ ଧରି କାମ କଲାପରେ ଦଳ ଟିକେଟ ଦେଲା ନାହିଁ। ବାଧ୍ୟ ହୋଇ ଦଳ ଛାଡିବା ସହ ୧୪ ବର୍ଷ ପରେ ପୁଣି ପୁରୁଣା ଦଳ ଜେଏମଏମକୁ ଫେରିଛି ବୋଲି ନିହାର ନିଜ ପ୍ରତିକ୍ରିୟାରେ କହିଛନ୍ତି। ନିହାରଙ୍କ ସହ କଂଗ୍ରେସ ନେତା ବିକ୍ରମ ପଟ୍ଟନାୟକ, ଲଲନ ଶ୍ରୀବାସ୍ତବ ଓ ଅନ୍ୟମାନେ ରହି ସହର ପରିକ୍ରମା କରିଥିଲେ।

## ବିଡିଓଙ୍କୁ ଦାବିପତ୍ର ଦେଲେ ଝରେନ ଗ୍ରାମବାସୀ

କୁତ୍ରା,୨୮।୪ (ଦେବାଶିଷ ସାହୁ)

କୁତ୍ରା ବ୍ଲକ ନୂଆଗାଁ ପଞ୍ଚାୟତ ଝରେନ ପ୍ରାଥମିକ ବିଦ୍ୟାଳୟର ପୁନଃ ନିର୍ମାଣ ଦାବିରେ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଶନିବାର ବିଡିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ବିଦ୍ୟାଳୟର ଶ୍ରେଣୀଗୃହ ଛାତ ଦୁର୍ବଳ ହୋଇ ସିମେଣ୍ଟ ପ୍ଲାଷ୍ଟର ଖସିବା ସହିତ ରଡ ଦେଖାଯାଉଛି। ଯଦି ପାଠପଢା ସମୟରେ ସିମେଣ୍ଟ ପ୍ଲାଷ୍ଟର ଖସି ଛାତ୍ରୀଛାତ୍ର କିମ୍ବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପରେ ପଡେ ତେବେ ଏଥିପାଇଁ ଦାୟୀ କିଏ ରହିବେ ବୋଲି ପ୍ରଶ୍ନ କରିଛନ୍ତି। ପୂର୍ବରୁ ଏନେଇ ବ୍ଲକ ପ୍ରଶାସନ ତଥା ବିଡିଓଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ଅଗଷ୍ଟ ୨୮ରେ ବ୍ଲକ ପ୍ରଶାସନ ବିଦ୍ୟାଳୟକୁ ଆସି ପିଲାଙ୍କୁ ଶ୍ରେଣୀ ଗୃହ ପରିବର୍ତ୍ତେ ବାରଣ୍ଡା ଓ ଗଛ ମୂଳେ ପଢ଼ାଇବାକୁ କହିଥିଲେ। ବିଦ୍ୟାଳୟ ଛାତ ସହ କାନ୍ଥ ବି ଭୁସୁଡି ପଡିବା ଉପରେ ରହିଛି। ତେଣୁ ପ୍ରଶାସନ ବିଦ୍ୟାଳୟ ପୁନଃ ନିର୍ମାଣର ଲିଖିତ ପ୍ରତିଶ୍ରୁତି ନ ଦେଲେ ଚଳିତ ବିଧାନସଭା ଓ ଲୋକସଭା ଭୋଟ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି। ଉଲ୍ଲେଖ ଯୋଗ୍ୟ, ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଶୁକ୍ରବାର ଏକ ବୈଠକ ବସିଥିଲା। ପ୍ରାଥମିକ ବିଦ୍ୟାଳୟର ପୁନଃ ନିର୍ମାଣ ନ ହେଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ।

## ଜିଲା ଓକିଲ ସଂଘ ପକ୍ଷରୁ ଓକିଲ ଦିବସ ପାଳିତ

ଦେବଗଡ଼,୨୮।୪(ଶଶାଙ୍କ ଶେଖର ଝାଙ୍କର)

ଜିଲା ଓକିଲ ସଂଘ ପକ୍ଷରୁ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଓକିଲ ଦିବସ ପାଳିତ ହୋଇଯାଇଛି। ଜିଲା ଓକିଲ ସଂଘ ସଭାପତି ପ୍ରମଥେଶ ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ଆଇନଜୀବୀ ଜୟଭଗବାନ ଅଗ୍ରୱାଲା, ରାଜୀବ ଲୋଚନ ପ୍ରଧାନ, ମନୋଜ କୁମାର ପାଢ଼ୀ, ସଞ୍ଜୀବ କୁମାର ପ୍ରଧାନ, ଅଭିମନ୍ୟୁ ରଣା, ସଚ୍ଚିକାନ୍ତ ଦାଶ, ଶ୍ରୀବତ୍ସ ମିଶ୍ର, ସୁଧୀର କୁମାର ରଥ, ମୋତିଲାଲ ବିଶ୍ୱାଳ, ବିରେନ ପ୍ରଧାନ, ସୁଶାନ୍ତ ବିଶ୍ୱାଳ ଓ ପ୍ରଦୀପ କୁମାର ଧଳ ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ମନୋଜ କୁମାର ପାଢ଼ୀ ଓ ସଚ୍ଚିକାନ୍ତ ଦାଶଙ୍କ ସମେତ ବହୁ ଆଇନଜୀବୀ ଓକିଲ ଦିବସ ପାଳନର ତାତ୍ପର୍ଯ୍ୟ ଓ ମଧୁବାବୁଙ୍କ ଜୀବନୀ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଜିଲା ଓକିଲ ସଂଘର ସମ୍ପାଦକ କ୍ଷେତ୍ରବାସୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରଙ୍କ ଆକାଉଣ୍ଟରୁ ୨ଲକ୍ଷ ଟଙ୍କା ନେଇଗଲେ ଦୁର୍ବୃତ୍ତ

ରାଉରକେଲା, ୨୮।୪(ସଙ୍ଗୀତା ଜେନା)

ଏନ୍‌ଆଇଟି ରାଉରକେଲାର ଜଣେ ଛାତ୍ରଙ୍କ ଆକାଉଣ୍ଟରୁ କେହି ଦୁର୍ବୃତ୍ତ ପ୍ରାୟ ୨ ଲକ୍ଷ ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା ନଂ . ୮୩/୨୪ ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ଏନ୍‌ଆଇଟି ଛାତ୍ର ଋଷଭ ପଟେଲ(୧୮) ଇ ବ୍ଲକ ହଲ୍‌ରେ ରୁହନ୍ତି। ତାଙ୍କ ହ୍ୱାଟସ୍‌ଆପ୍‌ରେ ଗତ ୨୧ରେ ଏକ ଲିଙ୍କ୍ ଜରିଆରେ ଟଙ୍କା ପୈଠ ପାଇଁ ମେସଜ ଆସିଥିଲା। ଏଥିରେ ଋଷଭ ଟଙ୍କା ପୈଠ କରିଥିଲେ। ହେଲେ ବାରମ୍ବାର ତାଙ୍କ ଆକାଉଣ୍ଟରୁ ଟଙ୍କା କଟିଥିଲା। ଏ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଜିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ନିର୍ବାଚନ ପ୍ରସ୍ତୁତି ବୈଠକ

ଦେବଗଡ଼,୨୮।୪
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବିଜେଡି କାର୍ଯ୍ୟାଳୟରେ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଜିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଭାପତି ରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇନଜୀବୀ ରଜତକାନ୍ତ ପ୍ରଧାନ, ସୁଧୀର କୁମାର ରଥ, ସୁଧାଂଶୁ କୁମାର ଅମାତ୍ୟ, ମାଧବ ଚନ୍ଦ୍ର ମହାପାତ୍ର, ଚୌଧୁରୀ ବେହେରା, ବିରେନ କୁମାର ପ୍ରଧାନ, ଶୈଳେନ୍ଦ୍ର ସାହୁ, କିଶୋର ଚନ୍ଦ୍ର ନନ୍ଦ, ପ୍ରଦୀପ କୁମାର ଅମାନ୍ତ ଓ ଅନୀଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ସାମ୍ମୁଖ୍ୟର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ବିଭୁତି ଗଙ୍ଗଦେବ ଓ କାମାକ୍ଷା ଗଙ୍ଗଦେବ ଉପସ୍ଥିତ ରହି ସେମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ଏହି ଅବସରରେ ବିଜେଡିର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀମାନଙ୍କ ନିର୍ବାଚନ ପ୍ରକ୍ରିୟାରେ ଜିଲା ଆଇନଜୀବୀ ସାମୁଖ୍ୟ ପକ୍ଷରୁ ଆଇନ ପରାମର୍ଶ ପ୍ରଦାନ ସହିତ ସମସ୍ତ ପ୍ରକାର ସାହାଯ୍ୟ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ଜିଲା ଆଇନଜୀବୀ ସାମ୍ମୁଖ୍ୟର ଜିଲା ସହ ସମ୍ପାଦକ କ୍ଷେତ୍ରବାସୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଜିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଦସ୍ୟ ବୃନ୍ଦ।

# ହେମଗିରରେ ଯୋଗେଶଙ୍କ ପ୍ରଚାର

**ସମ୍ବର୍ଦ୍ଧନା ସଭା, ମିଶ୍ରଣ ପର୍ବରେ ଯୋଗଦେଲେ**

ସୁନ୍ଦରଗଡ,୨୮।୪
(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂହ ହେମଗିର ବ୍ଲକର ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ରବିବାର ଏହି ବ୍ଲକ ଅନ୍ତର୍ଗତ ଆଙ୍କେଲବିରା ପଞ୍ଚାୟତର ସିଙ୍ଗାରିବାହାଲ, ଦାଘୋରା, ଆଙ୍କେଲବିରା, ଭାଲୁବାହାଲ, ରୋହିଣୀ, ବରବାହାଲି, କେଶେରଜିମା, ରାଇଚୁଆଁଠାରେ ଭୋଟ ଭିକ୍ଷା କରିଛନ୍ତି ଏବଂ ଜୁଲୁମବାହାଲ ପଞ୍ଚାୟତରେ ଏକ ସମ୍ବର୍ଦ୍ଧନା ସଭା ଏବଂ ମିଶ୍ରଣ ପର୍ବରେ ଯୋଗଦେଇଛନ୍ତି। ଏଥିରେ ୧୦୦ରୁ ଅଧିକ ଭାଜପା ଏବଂ କଂଗ୍ରେସ କର୍ମୀ ଦଳ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶଙ୍ଖ ଚିହ୍ନରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଯୋଗେଶ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ଗ୍ରାମବାସୀ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରିଥିଲେ। ସମସ୍ତ ଦାବି ପୂରଣ ନେଇ ଯୋଗେଶ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ୨୦ରେ ହେବାକୁ ଥିବା ଭୋଟରେ ଲୋକସଭା ଏବଂ ବିଧାନସଭାରେ ଇଭିଏମରେ ବଟନ ଟିପି ବିଜୟୀ କରାଇବା ପାଇଁ ଅନୁରୋଧ କରିଥିଲେ। ଏହି ପ୍ରଚାର ସମୟରେ ବ୍ଲକ ସଭାପତି ସୁକାନ୍ତ ପତି, ବରିଷ୍ଠ ନେତା କାଶୀନାଥ ରାଉତ, ଜୁଲୁମବାହାଲ ସରପଞ୍ଚ ଶେଫାଳି ଭୋଇ, ସମିତି ସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର ଭୋଇ, ଆଙ୍କେଲବିରା ସରପଞ୍ଚ ଥଇଚରଣ ସା, ସୁନିଲ ପାଟଯୋଷି, ମୁସ୍ତାକ ଅହମଦ, ରୁଦ୍ର ପ୍ରଧାନ, ପ୍ରକାଶ ବହିଦାର, ପ୍ରମୋଦ ପତି, ମୁରଲୀ ବଞ୍ଛୋର୍, ପୂର୍ବତନ ସରପଞ୍ଚ ସାଲେକ ରାମ ଧୃଆ, ପ୍ରମୋଦ ବିଶାଳ, ହରି ପ୍ରସାଦ ପ୍ରଧାନ, କୁନା ପାଢ଼ୀ, ଅନିଲ ସାହୁ, ସରୋଜ ପାଟଯୋଷି, ଗଣେଶ ବିଶାଳ, ମନବୋଧ ବିଶାଳ, ଗଙ୍ଗାରାମ ବିଶାଳ, ନିଶାମଣି ସାହୁ, ତପନ ଧୃଆ, ରଞ୍ଜିତ ପୃଷେଠ, ଦାଶରଥି ବାଘ, ମିଶ୍ର ବାବୁ, ଅମୂଲ୍ୟ ବାବୁ ଉପସ୍ଥିତ ଥିଲେ।



ଯୋଗେଶଙ୍କୁ ଗ୍ରାମବାସୀ ପାଛୋଟି ନେଉଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଘରୋଇ ବଜାରରେ ଷ୍ଟାର୍ଟଅପ୍‌ର ଉଲ୍ଲେଖନୀୟ ଅଭିବୃଦ୍ଧି

**ଭୁବନେଶ୍ୱର,୨୮।୪ (ଅଭୟ ଦାଶ)**

### ୧୦ବର୍ଷରେ ୩୦୦ଗୁଣ ବୃଦ୍ଧି

କ୍ରମାଗତ ଭାବେ ଘରୋଇ ବଜାରରେ ଷ୍ଟାର୍ଟଅପ ସଂଖ୍ୟାର ଉଲ୍ଲେଖନୀୟ ଅଭିବୃଦ୍ଧି ସହିତ ସଫଳତା ମଧ୍ୟ ହାସଲ କରିଛି। ଏପରିକି ୨୦୧୪ରେ ପ୍ରାୟ ୩୫୦ ଷ୍ଟାର୍ଟଅପ୍ ୟୁନିଟ ସର୍ବଭାରତୀୟସ୍ତରରେ ଥିଲାବେଳେ ବର୍ତ୍ତମାନ ଏହି ସଂଖ୍ୟା ପ୍ରାୟ ୩୦୦ ବଢ଼ିଛି ବୋଲି ରବିବାର କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏପରିକି ସେ କହିଛନ୍ତି ୨୦୧୪ରେ ନରେନ୍ଦ୍ର ମୋଦୀ ପ୍ରଥମଥା ପାଇଁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଏହି ସଂଖ୍ୟାର ଆଶାତୀତ ଭାବେ ବୃଦ୍ଧି ଘଟିଥିଲା। ବିଶେଷ କରି ଗତ ଦଶ ବର୍ଷ ମଧ୍ୟରେ ଘରୋଇ ବଜାରର ଷ୍ଟାର୍ଟଅପ ସଂଖ୍ୟା ପ୍ରାୟ ୩୦୦ଗୁଣ ବୃଦ୍ଧି ପାଇଛି। ସେହିଭଳି ବିଶ୍ୱସ୍ତରରେ ଭାରତର ସ୍ଥାନ ୩ୟ ଏବଂ ଘରୋଇ ବଜାରରେ ବୃହତ୍ତମ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ରହିଛି। ସାରା ବିଶ୍ୱରେ ଦ୍ରୁତତମ ବୃଦ୍ଧି ପାଉଥିବା ୟୁନିକର୍ଣ୍ଣର ଘର ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସେହିପରି ସ୍ୱାଧୀନ ଭାରତ ଇତିହାସରେ ପ୍ରଥମ ଥର ପାଇଁ ମୋଦୀ ପ୍ରଧାନମନ୍ତ୍ରୀ ଭାବେ ଦେଶର ଯୁବକମାନଙ୍କୁ ଶିକ୍ଷା ଦେବା ପାଇଁ ଏକ କଷ୍ଟଦାୟକ ତଥା ସଚେତନ ଉଦ୍ୟମ କରିଛନ୍ତି ଯେ ନିଯୁକ୍ତି କେବଳ ସରକାରୀ ଚାକିରିରେ ସୀମିତ ନୁହେଁ ଏବଂ ସେ ଜୀବିକା ନିର୍ବାହର ନୂତନ ରାସ୍ତାକୁ ପ୍ରୋତ୍ସାହିତ କରିଛନ୍ତି,ଯାହା



ଜିତେନ୍ଦ୍ର ସିଂ

ସରକାରୀ ଚାକିରି ଅପେକ୍ଷା ଅଧିକ ଲାଭଜନକ ହୋଇପାରେ ବୋଲି ମନ୍ତ୍ରୀ ସିଂ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ସ୍ପେସ୍ ସେକ୍ଟର ଘରୋଇ କ୍ଷେତ୍ରକୁ ଖୋଲିବାର ପ୍ରାୟ ଚାରି ବର୍ଷ ମଧ୍ୟରେ ସ୍ପେସ୍ ଷ୍ଟାର୍ଟଅପ୍ ସଂଖ୍ୟା ଏକ ଅଙ୍କରୁ ତିନି ଅଙ୍କକୁ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିଷ୍ପତ୍ତି ସ୍ପେସ୍, ରେଳପଥ, ସଡକ, ଭିତ୍ତିଭୂମି ଏବଂ ଇଲେକ୍ଟ୍ରୋନିକ୍ସ-ଯୋଗାଯୋଗ ସମେତ ବିଭିନ୍ନ କ୍ଷେତ୍ରକୁ ଆଗେଇ ନେଇଛି ଏବଂ ଏହା ଭାରତର ଅର୍ଥନୀତିକୁ ୧୧ତମ ସ୍ଥାନରୁ ୫ମ ବୃହତ୍ତମ ଅର୍ଥନୀତିକୁ ସ୍ଥାନିତ କରିଛି ଏବଂ ବର୍ତ୍ତମାନ ଏହା ତୃତୀୟ ସ୍ଥାନକୁ ଆସୁଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସିଂ କହିଛନ୍ତି ଯେ ୨୦୧୪ରେ ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ଦାୟିତ୍ୱ ଗ୍ରହଣ କରିଥିଲେ,ସେତେବେଳେ ଭାରତ ବିଶ୍ୱର ଦଶମ ବୃହତ୍ତମ ଅର୍ଥନୀତି ଭାବେ ଛିଡା ହୋଇଥିଲା। ହେଲେ ଗତ ଦଶ ବର୍ଷରୁ କମ୍ ସମୟ ମଧ୍ୟରେ ଆମେ ୫ମ ସ୍ଥାନକୁ ଉନ୍ନୀତ ହୋଇଛୁ, ଆଶା କରୁଛି ଚଳିତ ବର୍ଷ ଏହା ୪ର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହେବ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୩ୟ କାର୍ଯ୍ୟକାଳ ମଧ୍ୟରେ ଭାରତ ବିଶ୍ୱର ୩ୟ ବୃହତ୍ତମ ଅର୍ଥନୀତି ହେବ ଏବଂ ୨୦୪୭ ସୁଦ୍ଧା ୧ନମ୍ବର ଅର୍ଥନୀତିରେ ପରିଣତ ହେବ। ସେ ଆହୁରି କହିଛନ୍ତି ୨୦୨୪ରେ ଭାରତ ଏହାର ବୈଜ୍ଞାନିକ ତୀବ୍ରତା ଏବଂ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ସମର୍ଥିତ ଏକ ବୃହତ ଲମ୍ଫ ନେବାକୁ ପ୍ରସ୍ତୁତ ବୋଲି ସିଂ କହିଛନ୍ତି ସେ କହିଛନ୍ତି ଯେ ଭାରତ ବିଶ୍ୱର ଏକ ଅଗ୍ରଣୀ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଭାବେ ଉଭା ହୋଇଛି ଏବଂ ସ୍ଥିରତାର ରଣନୀତି କରିବାର ସମୟ ଆସିଛି। ସିଂ କହିଛନ୍ତି, ଅମୃତ-କାଳର ସଶକ୍ତିକରଣ ମାଧ୍ୟମରେ ଯୁବକମାନେ ମୋଦୀ ସରକାରଙ୍କ କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସେ କହିଛନ୍ତି ଯେ ସାଧାରଣ ନାଗରିକ ବିଶ୍ୱାସ କରନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଅଗ୍ରଣୀ ଅର୍ଥନୀତି ହୋଇପାରିବ।

# ତନିସ୍କର ବିବାହ ସମ୍ଭାର 'ରିଭା'

**ଭୁବନେଶ୍ୱର,୨୮।୪**



ତନିସ୍କର ବହୁ ପ୍ରତୀକ୍ଷିତ ତଥା ସୂକ୍ଷ୍ମ କାରିଗରିରେ ନିର୍ମିତ ବିବାହ ସମ୍ଭାର 'ରିଭା' ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଏକ ଉତ୍ସର୍ଗୀକୃତ ବିବାହ ଅଳଙ୍କାର ଉପ-ବ୍ରାଣ୍ଡ୍ ଭାବେ ତନିସ୍କ ଏହାକୁ ଗ୍ରାହକ ନିକଟରେ ଉପସ୍ଥାପନ କରିଛି। ରିଭା ନିଜର ବିବିଧ ବିବାହ ସମ୍ଭାର ସହିତ ଆଧୁନିକ ଓଡ଼ିଶାର କନ୍ୟାମାନଙ୍କ ବିଭିନ୍ନ ଆବଶ୍ୟକତା ଅନୁଯାୟୀ ଉତ୍କୃଷ୍ଟ ଡିଜାଇନ୍ ସହିତ ଉନ୍ନତ କାରିଗରି ପ୍ରତିପାଦନ କରୁଛି। ସେହିଭଳି ତନିସ୍କର ରିଭା ସମ୍ଭାର ସୁନ୍ଦରତା ଏବଂ ପରମ୍ପରାର ଏକ ଉଦାହରଣ ଭାବେ ଠିଆ ହୋଇଛି। ଏପରିକି ଏହାର ସୂକ୍ଷ୍ମ କାରିଗରି, ଯାହା ଗୁଣବତ୍ତା, ନୈତିକତା ଏବଂ ଭବ୍ୟତାର କାହାଣୀ ବର୍ଣ୍ଣନା କରିଥାଏ। ରିଭା କେବଳ ଅଳଙ୍କାର ଯୋଗାଇବାରେ ସୀମିତ ନ ରହି ପ୍ରତ୍ୟେକ କନ୍ୟାର ଏହା ଅନନ୍ୟ ଯାତ୍ରା ସହିତ ଜଡିତ ରହି ନିଜର ପ୍ରତିବଦ୍ଧତାକୁ ପ୍ରତିପାଦନ କରୁଛି। ରିଭା ଅତି ଯତ୍ନର ସହିତ ନିର୍ମିତ ସମ୍ଭାରକୁ ଗ୍ରାହକଙ୍କ ନିକଟରେ ପରଷିଥାଏ, ଯାହା ସମଗ୍ର ଭାରତରେ ଆଧୁନିକ କନ୍ୟାମାନଙ୍କ ପାଇଁ ଭରସାଯୋଗ୍ୟ ପସନ୍ଦ ଭାବେ ଠିଆ ହୋଇଛି, ରିଭାଠାରୁ ବ୍ରାଇଡାଲ୍ ଟ୍ରାଉଜ୍ ପରିସର ପାରମ୍ପରିକ, ସମ୍ଭ୍ରାନ୍ତ ଏବଂ ସୂକ୍ଷ୍ମ କାରିଗରି ଦକ୍ଷତାର ପ୍ରତିଫଳନ ସହ ତିଆରି ହୋଇଛି, ଯାହା ଦ୍ୱାରା କନ୍ୟା (ବ୍ରାଇଡ) ନିଜର ବିଶେଷ ଦିନର ପ୍ରତିଟି ମୁହୂର୍ତ୍ତକୁ ସ୍ମରଣୀୟ କରିପାରିବ। ଆଞ୍ଚଳିକ ଡିଜାଇନକୁ ଆଞ୍ଚଳିକ ଛାପ ସହିତ ସୁନା, ହୀରା, ଗ୍ଲାସ୍ କୁନ୍ଦନ ଏବଂ ପୋଲ୍କିକୁ ନେଇ ରିଭା ଏକ ବ୍ୟାପକ ଗହଣା ସମ୍ଭାର ଗ୍ରାହକଙ୍କ ନିକଟରେ ପରଷିଥାଏ, ଯାହା ସୁନିଶ୍ଚିତ କରେ ଯେ ପ୍ରତ୍ୟେକ କନ୍ୟା ତାଙ୍କ ବାହାଘର ଭଳି ବିଶେଷ ଦିନରେ ନିଜର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିବା ପାଇଁ ଯଥେଷ୍ଟ ହୋଇପାରିବ। ମୁଖ୍ୟ ବିବାହ ସମାରୋହର ବ୍ୟତିରେକେ ରିଭା ବିବାହ ସହିତ ସଂଶ୍ଳିଷ୍ଟ ବିଭିନ୍ନ ଉତ୍ସବ ପାଇଁ ସୁସଜ୍ଜିତ ଅଳଙ୍କାର ସମ୍ଭାର ଉପସ୍ଥାପନ କରିଥାଏ, ଯାହାକି ହଳଦୀଠାରୁ ଆରମ୍ଭ କରି ରିସେପ୍ସନ୍ ପର୍ଯ୍ୟନ୍ତ ସମସ୍ତ ଉତ୍ସବର ପ୍ରତ୍ୟେକ ଦିଗ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରଯୁଜ୍ୟ ହୋଇଥାଏ।

# ଏସ୍‌ବିଆଇ ଲାଇଫର ନୂତନ ଅଭିଯାନ

**ଭୁବନେଶ୍ୱର,୨୮।୪**

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଏସ୍‌ବିଆଇ ଲାଇଫ୍‌ର ନୂତନ ଅଭିଯାନ 'ଆଇଡିଏସ୍‌ଏନ୍‌ଏକ୍ସ'ର ପ୍ରଥମ ସଂସ୍କରଣ ନିକଟରେ ଆୟୋଜିତ ହୋଇଯାଇଛି, ଯାହା ବୀମା ଶିଳ୍ପର ଭବିଷ୍ୟତରେ ବିପ୍ଳବ ଆଣିବାର ପ୍ରତିଶ୍ରୁତି ଦେଉଥିବା ଏକ ଅଭିଯାନ। ଗ୍ରାହକମାନଙ୍କ ଉଦୀୟମାନ ବୀମା ଆବଶ୍ୟକତା ପୂରଣ କରିବା ଏବଂ ଜୀବନ ବୀମା ଶିଳ୍ପକୁ ପୁନଃନିର୍ଦ୍ଧାରିତ କରିବା ଲାଗି ଅଣପାରମ୍ପରିକ ଜୀବନ ବୀମା ସମାଧାନ ବିଷୟରେ ଚିନ୍ତା କରିବା, ନବସୃଜନ ଓ ଉପସ୍ଥାପନ କରିବା ଲାଗି ଏଥିରେ ବି-ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ଯୋଡ଼ିବା ଓ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଦେଶର ଭବିଷ୍ୟତ ଲିଡରମାନଙ୍କୁ ଏହି ଅଭିଯାନରେ ଯୋଡ଼ିବା, ବିଭିନ୍ନ ବୀମା ଆବଶ୍ୟକତା ଚିହ୍ନଟ କରିବା ଏବଂ ସେହି ଆବଶ୍ୟକତାକୁ ପୂରଣ କରିବା ଭଳି ବୀମାର ପରିକଳ୍ପନାତ୍ମକ ଉତ୍ପାଦ ପ୍ରସ୍ତୁତକରିବା।

ଏ ସମ୍ପର୍କରେ ଏସବିଆଇ ଲାଇଫ୍ ଇନସ୍ୟୁରାନ୍ସର ସିଏ ଆଣ୍ଡ ସିଆରଓ ଶୁଭେନ୍ଦୁ ବଳ କହିଛନ୍ତି,ବୀମା କ୍ଷେତ୍ର ପାଇଁ ବି-ସ୍କୁଲ ଛାତ୍ରୀଛାତ୍ରଙ୍କ ସୃଜନଶୀଳ ଶକ୍ତିକୁ ପ୍ରୋତ୍ସାହିତ କରୁଥିବା ଏସବିଆଇ ଲାଇଫ୍ ଆଇଡିଏସନଏକ୍ସର ପ୍ରଥମ ସଂସ୍କରଣ ପାଇଁ ମିଳିଥିବା ଜବରଦସ୍ତ ପ୍ରତିକ୍ରିୟାରେ ଆମେ ଆନନ୍ଦିତ। ଉଦୀୟମାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଉପସ୍ଥାପିତ ଅସାଧାରଣ ଧାରଣା ପ୍ଲାଟଫର୍ମର ଗୁରୁତ୍ୱକୁ ଦର୍ଶାଉଛି, ଯାହା ଶିଳ୍ପର ଅଗ୍ରଣୀ ଭାବେ ସ୍ପ୍ରିଂ-ବୋର୍ଡ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରମାନଙ୍କୁ ସମସ୍ୟା ସମାଧାନ ଏବଂ ସୃଜନଶୀଳ ଚିନ୍ତାଧାରାରେ ପ୍ରାରମ୍ଭିକ ଆରମ୍ଭ କରିବାକୁ ଉତ୍ସାହିତ କରୁଛି।

# ଅଲ୍ ନ୍ୟୁ ଇଣ୍ଟ୍ରା ଭି-୭୦ର ଅନାବରଣ

**ଭୁବନେଶ୍ୱର,୨୮।୪**



ଦେଶର ପ୍ରମୁଖ ବାଣିଜ୍ୟିକ ଯାନ କମ୍ପାନୀ ତଥା ଟାଟା ମୋଟର୍ସ ଲିମିଟେଡ୍‌ର ଅଲ ନ୍ୟୁ ଇଣ୍ଟ୍ରା ଭି-୭୦ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ସ୍ୱତନ୍ତ୍ର ଅନାବରଣ ଉତ୍ସବରେ ଏହାର ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଅପରପକ୍ଷରେ କମ୍ପାନୀର ଭି-୧୦,ଭି-୨୦, ଭି-୩୦ ଏବଂ ଭି-୫୦ର ସଫଳତା ପରେ କମ୍ପାନୀ ଭୁବନେଶ୍ୱରରେ ଇଣ୍ଟ୍ରା ରେଞ୍ଜର ୫ମ ଭାରିଆଣ୍ଟର ଶୁଭାରମ୍ଭ କରିଛି। ଖୁବ୍‌ଶୀଘ୍ର ଏହି ମଡେଲ ସମଗ୍ର ରାଜ୍ୟରେ ଉପଲବ୍ଧ ହେବାକୁ ଯାଉଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଟାଟା ମୋଟର୍ସ ଲିମିଟେଡ୍‌ର ଏରିଆ ମ୍ୟାନେଜର ଓଡ଼ିଶା ଦୀପ୍ତେଶ ସୁବ୍‌ବା କହିଛନ୍ତି, କମ୍ପାନୀର ନୂତନ ଇଣ୍ଟ୍ରା ଭି-୭୦ର ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣାକରି ଆମେ ବେଶ୍ ଉତ୍ସାହିତ ଅଛୁ। ଦୀର୍ଘ ଦଶନ୍ଧି ଧରି ଆମର ଗ୍ରାହକମାନେ ସେମାନଙ୍କ ଦୃଢ଼ବିଶ୍ୱାସ ଏବଂ ସମର୍ଥନ ଆମକୁ ଦେଉଛନ୍ତି। ତେଣୁ ଗ୍ରାହକମାନଙ୍କୁ ସୁରକ୍ଷା, ନିର୍ଭରଯୋଗ୍ୟ ଏବଂ ଉଚ୍ଚକ୍ଷମତା ସମ୍ପନ୍ନ ଯାତାୟାତ ସୁବିଧା ଯୋଗାଇଦେବାକୁ ଆମେ ପ୍ରୟାସ କରିଛୁ। ଆମର ଗ୍ରାହକମାନଙ୍କୁ ଅନ୍ୟ ପ୍ରତିଯୋଗୀ ଯାନ ଅପେକ୍ଷା ଏକ ଉତ୍ତମ ଟିସିଓ ପ୍ରଦାନ ସହ ସେମାନଙ୍କୁ ବିନିଯୋଗ ଉପରେ ଭଲ ଲାଭ ଦେବା ସହ ଉଚ୍ଚକ୍ଷମତା,ରେଞ୍ଜ ଏବଂ ଗ୍ରେଡେବିଲିଟି ଯୋଗାଇବା ଆମର ପ୍ରାଥମିକତା ହୋଇଥିବାବେଳେ ଗ୍ରାହକମାନଙ୍କ ପାଇଁ ଆମେ ବିକ୍ରୟ ପରେ ୨୪ଘଣ୍ଟିଆ ବିକ୍ରୟ ସୁବିଧା ସେବା ଯୋଗାଇ ଦେଉଛୁ।

# ଭାରତୀୟ ବ୍ୟାଙ୍କରେ କମୁଛି ଜମାରାଶି

**ଭୁବନେଶ୍ୱର,୨୮।୪(ଅନୁରାଧା ମହାରଣା)**

### ଋଣ ପ୍ରଦାନ କମାଇବାକୁ ଆହ୍ୱାନ

ଭାରତୀୟ ବ୍ୟାଙ୍କଗୁଡିକର ଆର୍ଥିକ ସ୍ଥିତି ସୁଦୃଢ଼ ରହିଛି। ବ୍ୟାଙ୍କଗୁଡିକର କ୍ରେଡିଟ୍ ଗ୍ରୋଥ ଏବଂ ଲାଭରେ ଅନେକ ଉନ୍ନତି ହେଉଥିଲେ ମଧ୍ୟ ବ୍ୟାଙ୍କଗୁଡିକରେ ଜମାରାଶି ସେହି ଅନୁରୂପ ବୃଦ୍ଧି ହେଉନାହିଁ। ଏଭଳି ପରିସ୍ଥିତିରେ ବ୍ୟାଙ୍କମାନଙ୍କୁ ଭବିଷ୍ୟତରେ ଋଣ ପ୍ରଦାନ ହାର କମାଇବାକୁ ପଡିବ। ଏସ ଆଣ୍ଡ ପି ଗ୍ଲୋବାଲ ରେଟିଂ ପକ୍ଷରୁ ଏପରି ମନ୍ତବ୍ୟ ପ୍ରକାଶ ପାଇଛି। ସାଧାରଣତଃ ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡିକରେ ଋଣ ଅଭିବୃଦ୍ଧି ହାର ପ୍ରାୟ ୧୭-୧୮ ପ୍ରତିଶତ ଅଟେ। ତୁଳନାତ୍ମକ ଭାବରେ ସରକାରୀ କ୍ଷେତ୍ର ବ୍ୟାଙ୍କଗୁଡିକର ଋଣ ଅଭିବୃଦ୍ଧି ହାର ୧୨ ରୁ ୧୪ ପ୍ରତିଶତରେ ରହିଛି । ଗ୍ଲୋବାଲ ରେଟିଂ ଏଜେନ୍ସିର ନିର୍ଦ୍ଦେଶକ ନିକିତା ଆନନ୍ଦ କହିଛନ୍ତି ଯେ ୨୦୨୫ ଆର୍ଥିକ ବର୍ଷରେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଋଣ ଅଭିବୃଦ୍ଧି ପ୍ରାୟ ୧୪ ପ୍ରତିଶତ ହୋଇପାରେ। ଗତ ଆର୍ଥିକ ବର୍ଷରେ ଏହା ୧୬ ପ୍ରତିଶତ ଥିଲା। ମାତ୍ର ଜମା ଅଭିବୃଦ୍ଧି ଋଣ ଅଭିବୃଦ୍ଧିଠାରୁ ପ୍ରାୟ ୨ ରୁ ୩ ପ୍ରତିଶତ କମ ରହିଛି। ଏଭଳି ପରିସ୍ଥିତିରେ ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡ଼ିକ ଋଣ ପ୍ରଦାନ କମ କରିପାରନ୍ତି। ଯଦି ଜମା ବୃଦ୍ଧି ନହୁଏ, ତେବେ ଏହା ବ୍ୟାଙ୍କର ଲାଭ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ସୂଚନା ଥାଉ କି, ଭାରତୀୟ ବ୍ୟାଙ୍କଗୁଡିକ ସହଜରେ ୧୫ ରୁ ୨୦ ପ୍ରତିଶତ ଋଣ ଅଭିବୃଦ୍ଧି ହାସଲ କରିପାରିବେ। ଏଥିପାଇଁ ସେମାନଙ୍କୁ ପୁଞ୍ଜି ସଂଗ୍ରହ କରିବାର ମଧ୍ୟ ଆବଶ୍ୟକତା ପଡିବ ନାହିଁ । ମାତ୍ର ଏହା ଜମା ରାଶି ସହିତ ସମାନ ହେବା ଉଚିତ୍। ଭାରତର ଅର୍ଥନୀତି ଅଧିକ ଶକ୍ତିଶାଳୀ ହେଉଥିବାବେଳେ ଏଥିରେ ବ୍ୟାଙ୍କିଂ କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏଥିପାଇଁ ସେମାନେ ଜମା ବୃଦ୍ଧି ଉପରେ ଅଧିକ ଧ୍ୟାନ ଦେବା ଉଚିତ୍ ବୋଲି ମତ ପ୍ରକାଶ ପାଇଛି।

# ବେକାରିଙ୍କ ମଧ୍ୟରେ ୮୩% ଯୁବପିଢ଼ି

**ଭୁବନେଶ୍ୱର,୨୭।୪(ଅନୁରାଧା ମହାରଣା)**

ଦେଶରେ ବେକାରି ସମସ୍ୟା ଚିନ୍ତାର ବିଷୟ ପାଲଟିଛି। ମାତ୍ର ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଏ)ର ରିପୋର୍ଟ ଅନୁଯାୟୀ, ୨୦୨୨ରେ ଭାରତର ମୋଟ ବେକାରି ଜନସଂଖ୍ୟାରେ ପ୍ରାୟ ୮୩ ପ୍ରତିଶତ ଯୁବପିଢ଼ି ଅଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ମୁଦ୍ରାନୀତି କମିଟି (ଏମ୍‌ପିସି) ସଦସ୍ୟ ଆଶିମା ଗୋୟଲ ମଧ୍ୟ ଏହା ସ୍ୱୀକାର କରିଛନ୍ତି ଯେ, ବର୍ତ୍ତମାନ ଭାରତରେ ଥିବା ବେକାରିଙ୍କ ମଧ୍ୟରେ ଯୁବପିଢ଼ିଙ୍କ ସଂଖ୍ୟା ସର୍ବାଧିକ। ତେବେ ଆଗାମୀ ଦିନରେ ଏହି ସ୍ଥିତିରେ ସୁଧାର ଆସିବା ନେଇ ସେ ଆଶା ପ୍ରକାଶ କରିଛନ୍ତି। ଆଶିମା କହିଛନ୍ତି ଯେ ଯୁବକମାନଙ୍କ ମଧ୍ୟରେ ଏହି ବେକାରି ସାମୟିକ ଅଟେ। ଦେଶର ଅର୍ଥନୀତି ଅଧିକ ଶକ୍ତିଶାଳୀ ହେଉଛି। ଏହି କାରଣରୁ ଦେଶରେ ନିଯୁକ୍ତି ସ୍ଥିତିରେ ସୁଧାର ଆସୁଛି। ଅଧିକ ଯୋଗ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଯୁବ ବେକାରି ଅଧିକ ବୋଲି ସେ କହିଛନ୍ତି। ତଥାପି ସେମାନେ ଅଧିକ ବେତନ ମଧ୍ୟ ପାଆନ୍ତି। ଏହି କାରଣରୁ ଯୁବକମାନେ ଦକ୍ଷତା ହାସଲ କରିବା ଏବଂ ଚାକିରି ଖୋଜିବାରେ ଅଧିକ ସମୟ ବିତାଉଛନ୍ତି। ଯୁବବର୍ଗଙ୍କ ପାଇଁ ବେକାରି ସର୍ବାଧିକ ବୋଲି ସେ କହିଛନ୍ତି। ଭାରତୀୟ ଯୁବକମାନେ ମଧ୍ୟ ନିଜର ବ୍ୟବସାୟ ବିକାଶରେ ବ୍ୟସ୍ତ ଅଛନ୍ତି। ଏହି କାରଣରୁ ଭାରତରେ ଷ୍ଟାର୍ଟଅପ ଧାରା ମଧ୍ୟ ଦ୍ରୁତ ଗତିରେ ବିକଶିତ ହେଉଥିବା ସେ କହିଛନ୍ତି। ତେବେ କେବଳ ସରକାରୀ ଚାକିରି ଦ୍ୱାରା ବେକାରି ହ୍ରାସ ହୋଇପାରିବ ନାହିଁ। ଗୋୟଲ କହିଛନ୍ତି ଯେ ଆଇଏଲଏ ରିପୋର୍ଟରେ ଦର୍ଶାଯାଇଛି ଯେ ନିକଟ ଅତୀତରେ ଯୁବ ବେକାରି ହ୍ରାସ ପାଇଛି। ଉନ୍ନତ ସ୍ୱାସ୍ଥ୍ୟ, ଭିତ୍ତିଭୂମି, ବୀମା, ଶିକ୍ଷା ଏବଂ ଦକ୍ଷତା ତାଲିମ ସୁବିଧା ମାଧ୍ୟମରେ ଯୁବକମାନଙ୍କ ପାଇଁ ସୁଯୋଗ ବୃଦ୍ଧି କରାଯାଇପାରିବ। କେବଳ ସରକାରୀ ଚାକିରି ଯୋଗାଇ ଦେଶରେ ବେକାରି ହ୍ରାସ ହୋଇପାରିବ ନାହିଁ।

# ଶସ୍ତା ହୋଇପାରେ ବିମାନ ଟିକେଟ୍

**ଭୁବନେଶ୍ୱର,୨୮।୪(ଅନୁରାଧା ମହାରଣା)**

ବେସାମରିକ ବିମାନ ଚଳାଚଳ କ୍ଷେତ୍ର ନିୟାମକ (ଡିଜିସିଏ) ବିମାନ ସେବା ପାଇଁ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛି। ଏପ୍ରିଲ ୨୩ ରେ ଜାରି କରାଯାଇଥିବା ସର୍କୁଲାରରେ ସେବା (ଅପ୍ଟ-ଆଉଟ କିମ୍ବା ଅପ୍ଟ-ଇନ) ଚୟନ କରିବାକୁ ଯାତ୍ରୀମାନଙ୍କୁ ସ୍ୱାଧୀନତା ଦେବା ପାଇଁ ଡିଜିସିଏ ସମସ୍ତ ଏୟାରଲାଇନ୍ସକୁ ନିର୍ଦ୍ଦେଶ ଦେଇଛି। ଏହାଦ୍ୱାରା ବିମାନ ଟିକେଟର ମୂଳ ଭଡା ହ୍ରାସ ହେବ ଏବଂ ଭଡା ଶସ୍ତା ହେବ ବୋଲି ଆଶା କରାଯାଉଛି। ଡିଜିସିଏ ସର୍କୁଲାର ଅନୁଯାୟୀ, ବର୍ତ୍ତମାନ ଏୟାରଲାଇନ୍ସକୁ ସିଟ ଚୟନ, ସ୍ନାକ୍ସ ବା ପାନୀୟ ଚାର୍ଜ, ବ୍ୟାଗେଜ ଚାର୍ଜ, କ୍ରୀଡା ଉପକରଣ ଚାର୍ଜ, ବାଦ୍ୟଯନ୍ତ୍ର ଚାର୍ଜ, ମୂଲ୍ୟବାନ ସାମଗ୍ରୀ ଇତ୍ୟାଦି ପାଇଁ ଦେୟ ଚୟନ କରିବାକୁ ପଡିବ। ଲଗେଜ ନେଇ ଆସୁଥିବା ଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଶୁଳ୍କ ସ୍ୱଷ୍ଟ ଭାବରେ ଦର୍ଶାଇବାକୁ ପଡିବ। ଏହା ବ୍ୟତୀତ ଟିକେଟ ଉପରେ ଏହି ଶୁଳ୍କ ମଧ୍ୟ ଛାପିବାକୁ ପଡିବ। ଅନାବଶ୍ୟକ ସେବାଗୁଡିକ ବିଷୟରେ ବିସ୍ତୃତ ସୂଚନା ମଧ୍ୟ ଦେବାକୁ ପଡିବ। ସର୍କୁଲାରରେ କୁହାଯାଇଛି ଯେ, ଯାତ୍ରୀଙ୍କୁ ସମସ୍ତ ତଥ୍ୟ ସ୍ୱଷ୍ଟ ଭାବରେ ଦେବାକୁ ପଡିବ । ଫଳରେ ଯାତ୍ରୀମାନେ ନିଜ ଆବଶ୍ୟକତା ଅନୁଯାୟୀ ସୁବିଧା ଚୟନ କରିପାରିବେ।

# ଓ'ବ୍ରେନ୍ କମର୍ସ ଅନଲାଇନ୍ ପ୍ରକଳ୍ପ



**ଭୁବନେଶ୍ୱର,୨୮।୪**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ରସୁଲଗଡ଼ସ୍ଥିତ ଓ'ବ୍ରେନ୍ କମର୍ସ କୋଚିଂ ସେଣ୍ଟରର ୨୫ବର୍ଷ ପୂର୍ତ୍ତି ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏହାର ନୂତନ ପ୍ଲାଟଫର୍ମ ଓ'ବ୍ରେନ୍ କମର୍ସ ଅନଲାଇନ୍ ପ୍ରୋଜେକ୍ଟ (ପ୍ରକଳ୍ପ)ର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ସେଣ୍ଟ୍ରାଲ୍ ଏକ୍ସାଇଜ୍‌ର ଅବସରପ୍ରାପ୍ତ ଅଧିକାରୀ ଚିତ୍ତରଞ୍ଜନ ଶାସ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ମାନବାଧିକାର ଫୋରମ୍ ଅଧ୍ୟକ୍ଷ ସୁବାସିନୀ ଭୋଳ, ଓ' ବ୍ରେନ୍‌ର ନିର୍ଦ୍ଦେଶକ ସରୋଜ ବିଶ୍ୱାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଓ' ବ୍ରେନ୍‌ର ନିର୍ଦ୍ଦେଶକ ସରୋଜ ବିଶ୍ୱାଳ କହିଥିଲେ, ତାଙ୍କର ଦୀର୍ଘ ଦିନର ସ୍ୱପ୍ନ ପୂରଣ ହୋଇଛି। ଏପରିକି ତାଙ୍କର ଛାତ୍ରୀଛାତ୍ରମାନେ ଘରୋଇ କମ୍ପାନୀ ଓ ବ୍ୟାଙ୍କିଙ୍ଗ ସେକ୍ଟରର ଉଚ୍ଚ ପଦପଦବୀରେ ନିଯୁକ୍ତି ପାଇଛନ୍ତି। ଏହାଛଡ଼ା ୬୫ଜଣ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ୩୮ଜଣ କଷ୍ଟ ଆକାଉଣ୍ଟାଣ୍ଟ, ୮ଜଣ କମ୍ପାନୀ ସେକ୍ରେଟାରି, ୫ ଜଣ ଗୋଲ୍ଡ ମେଡାଲିଷ୍ଟ, ୪୨ଜଣ ଯୁକ୍ତ ୨ ଟପ୍ପର, ୫ଜଣ ଯୁକ୍ତ ୩ ଟପ୍ପର ହୋଇଥିବା ଜଣାପଡ଼ିଛି।

ଅପରପକ୍ଷରେ ନିମନ୍ତ୍ରିତ ଅତିଥିମାନେ ଏହି ଅନୁଷ୍ଠାନର ଛାତ୍ରୀଛାତ୍ରୀଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୪ ମେ'ମାସଠାରୁ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ଅନଲାଇନ୍ ଜରିଆରେ ଶିକ୍ଷାଦାନ ଦିଆଯିବ। ଏପରିକି ଡିଜିଟାଲ୍ ଷ୍ଟୁଡିଓ ମାଧ୍ୟମରେ ଆଶାୟୀ ଛାତ୍ରୀଛାତ୍ରମାନେ ମାସକୁ ମାତ୍ର ୨୦୦ଟଙ୍କା ଦେଇ ପାଠ ପଢ଼ିପାରିବେ। ବିଶେଷ କରି ଏହା ଜରିଆରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ପିଲା ଉପକୃତ ହୋଇପାରିବେ।


**Classified Everyday 0674-2580101, 2549949**



REAL ESTATE

SALE

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ 30ft. ରୋଡ୍, ଘରବାଡ଼ି boundary ଇଲେକ୍ଟ୍ରିସିଟି ସୁବିଧା ଥାଇ Govt. Roadକୁ ଲାଗି SC ପ୍ଲଟ୍ ବିକ୍ରିହେବ। 9777617151, 9090142564. D-75951

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar NH-16 ଏବଂ Sum-2 Hospitalଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 6371200121. D-75949

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' road, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। (Owner). 9090963952. D-75946




Relax, Refresh your Body, Mind at Saikrupa Spa with best therapies. 8984068077. D-094

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75734

Relax, refresh your body, mind by expert therapist. Contact- 9938843929. D-76117

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By the virtue of an affidavit dt. 15.04.2024 before Executive Magistrate, Bhubaneswar that my actual and correct name is Nitesh Kumar Nayak which is in my Residence Certificate. But in Aadhaar Card my name is wrongly mentioned as Dhoba Nayak. Henceforth, I do declare that above both name is one and same person. This affidavit to be produced for necessary correction of my name in Aadhaar card i.e my correct name is Nitesh Kumar Nayak. D-183

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଆଡ୍‌ୱାର୍ଲ୍ଡ**
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମେଲ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୂର୍ଣ୍ଣମା ଗେଟ୍ ରେଲ୍ ଓଭ୍ରେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍‌କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୭୭, ସେକ୍ଟର ୫, ନୋଏଡ଼ା।
9810432170
7606841840

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ପାଇଁ ପରାମର୍ଶ

ଭବାନୀପାଟଣା,୨୮।୪ (ଉତ୍ତମ କୁମାର ଦାଶ)




ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ।

■ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକଙ୍କ କଳାହାଣ୍ଡି ଜିଲା ଗସ୍ତ

■ସାଧାରଣ ନିର୍ବାଚନ ପ୍ରସ୍ତୁତି ନେଇ କଲେ ସମୀକ୍ଷା

ଆଗାମୀ ସାଧାରଣ ନିର୍ବାଚନର ପ୍ରସ୍ତୁତି ଓ ପଦକ୍ଷେପ ଉପରେ ତର୍ଜମା କରିବା ପାଇଁ ଦିନିକିଆ କଳାହାଣ୍ଡି ଜିଲା ଗସ୍ତ କରିଛନ୍ତି ଓଡ଼ିଶା ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ (ଅବସରପ୍ରାପ୍ତ ଆଇଏଏସ)। ଏନେଇ ଶନିବାର ସନ୍ଧ୍ୟାରେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ତ୍ରିପାଠୀଙ୍କ ସହ ସ୍ୱତନ୍ତ୍ର ପୋଲିସ ପର୍ଯ୍ୟବେକ୍ଷକ ରଜନୀକାନ୍ତ ମିଶ୍ର(ଅବସରପ୍ରାପ୍ତ ଆଇପିଏସ୍) ଓ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ହିମାଲିନି କାଶ୍ୟପ (ଅବସରପ୍ରାପ୍ତ ଆଇଏଏସ୍) ସାମୂହିକ ଭାବେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶା ପାଇଁ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ବିଶେଷ କରି ମତଦାନ ନିମନ୍ତେ ଭୋଟରଙ୍କ ସୁବିଧା, ବୁଥଗୁଡ଼ିକର ସ୍ଥାନ ଓ ସ୍ଥିତି, ଇଭିଏମ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ଅଧିକାରୀ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ, ନିର୍ବାଚନ ଖର୍ଚ୍ଚ ପରିଚାଳନା,ସିଭିଜିଲ ରିପୋର୍ଟ, ଏମସିଏମସି ରିପୋର୍ଟ, ପୋଷ୍ଟଲ ବାଲାଟ, ହୋମ ଭୋଟିଂ, ସମ୍ବେଦନଶୀଳ ବୁଥ, ପୋଲିସ ମୁତୟନ, ଆବଶ୍ୟକ ପୋଲିସ ଫୋର୍ସ, ଫ୍ଲାଇଙ୍ଗ ସ୍କ୍ୱାଡ, ଏସଏସ ଟି, ପୋଲିସ ଟିମ ଓ ଅବକାରୀ ବିଭାଗ ଦ୍ୱାରା ବେଆଇନ ନିଶାଦ୍ରବ୍ୟ, ଟଙ୍କା ଜବତ ଉପରେ ସମୀକ୍ଷା କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ଅଶୋକ ଚୌଧୁରୀ, ସାଧାରଣ ପର୍ଯ୍ୟବେକ୍ଷକ ସୁଦେସ କୁମାର ମୋକ୍ତାଙ୍କ ସହ ବୈଠକରେ ୧୧ କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବୈଭବ ସିଂ ଚୌହାନ, ଲାଞ୍ଜିଗଡ଼, ଭବାନୀପାଟଣା ଓ ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ କେ.ସୁରଜିତ, ଜୁନାଗଡ଼ ଓ ଧର୍ମଗଡ ବିଧାନସଭା ନିର୍ବାଚନମଣ୍ଡଳୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମନିଶଙ୍କର ବର୍ଦୋଲୋଇ, ୧୧କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀ ପୋଲିସ ପର୍ଯ୍ୟବେକ୍ଷକ ୱାସିମ ଆକ୍ରମଙ୍କ ସହ ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି, ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର, ତନ୍ମୟ କୁମାର ଦର୍ୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଧର୍ମଗଡ ଉପ ଜିଲାପାଳ ଧିମନ ଚକମା, ଭବାନୀପାଟଣା ଉପଜିଲାପାଳ ବିଶ୍ୱଜିତ ଦାଶ, ସମସ୍ତ ଆର୍‌ଓ, ଏଆର୍‌ଓ, ବିଭିନ୍ନ ଟିମ୍‌ର ନୋଡାଲ ଅଧିକାରୀ, ନିର୍ବାଚନ ସଂଯୁକ୍ତ ଅଧିକାରୀ, ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାଲେଭଟାରେ ଏନ୍‌ଏପି ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା

ଲୋଇସିଂହା,୨୮।୪(ସୁଶାନ୍ତ ବାରିକ)



ସାଲେଭଟାରେ ସମ୍ବର୍ଦ୍ଧନା ଅବସରରେ ଏନଏପି ପ୍ରାର୍ଥୀ।

ନ୍ୟାଶନାଲ ଅପନୀ ପାର୍ଟି (ଏନଏପି)ରୁ ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାଲେଭଟା ଗ୍ରାମର ସରୋଜ ସୁନା ବିଧାୟକ ପ୍ରାର୍ଥୀ ଏବଂ ଅକ୍ଷୟ ଦିଗ୍ରୀ ଏମ୍‌ପି ପ୍ରାର୍ଥୀ ଭାବେ ଟିକେଟ ପାଇବା ପରେ ସାଲେଭଟା ଗ୍ରାମବାସୀଙ୍କ ପକ୍ଷରୁ ଶନିବାର ଉଭୟଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ଉଭୟ ପ୍ରାର୍ଥୀ ସମର୍ଥକଙ୍କ ଗହଣରେ ସାଲେଭଟାରେ ଶୋଭାଯାତ୍ରା କରି ଗ୍ରାମର ଦେବାଦେବୀ ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରିଥିଲେ। ପ୍ରତିକ୍ରିୟାରେ ବିଧାୟକ ପ୍ରାର୍ଥୀ ସୁନା କହିଛନ୍ତି, ଯେହେତୁ ଏହା ଏକ ନୂଆ ରାଜନୈତିକ ଦଳ, ଲୋକଙ୍କ ଆଶୀର୍ବାଦ ମିଳିଲେ ଲୋଇସିଂହା ପାଇଁ କିଛି ନୂଆ କରିବୁ। ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ସାମାଜିକ ବିକାଶ ଠାରୁ ଆରମ୍ଭ କରି ବିଭିନ୍ନ ସସସ୍ୟାର ସମାଧାନ ପାଇଁ ପରିବର୍ତ୍ତନ ଆବଶ୍ୟକ ରହିଛି। ଏଠାରୁ ନିର୍ବାଚିତ ପ୍ରତିନିଧିମାନେ ନିଜ ସ୍ୱାର୍ଥ ସାଧନ ହେଲା ପରେ ଏଠାକାର ଗରିବ, ଅସହାୟ, ଦଳିତ ଲୋକଙ୍କ ପାଇଁ ଆଦୌ କାମ କରିନାହାନ୍ତି। ସରକାରୀ ଯୋଜନାଗୁଡିକର ସୁଫଳ ଠିକ ଭାବେ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ନ୍ୟାଶନାଲ ଅପନୀ ପାର୍ଟି ନୂତନ ଚିନ୍ତାଧାରା ନେଇ ଆସିଛି। ବର୍ତ୍ତମାନ ସମୟରେ ପ୍ରାଥମିକ ଶିକ୍ଷା ବିଗିଡି ଯାଇଥିବାରୁ ଉଭୟ ପ୍ରାର୍ଥୀ ଚିନ୍ତା ପ୍ରକଟ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ସାମାଜିକ ସୁରକ୍ଷା ଆଦିକୁ ଗୁରୁତ୍ୱ ଦେବେ ବୋଲି ସେମାନେ କହିଛନ୍ତି।

# ମୁଖ୍ୟ କେନାଲ ଭିତରେ ବିଦ୍ୟୁତ୍ ଖୁଣ୍ଟ



କେନାଲ ଭିତରେ ବିଦ୍ୟୁତ୍ ଖୁଣ୍ଟ ରହିଛି।

ନୂଆପଡ଼ା,୨୮।୪ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଖୁଟମନ ଭେରା ପଞ୍ଚାୟତ କରବୂଲ ଗାଁ ଦେଇ ଯାଇଥିବା କେନାଲ ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟ ବିପଦସଂକୁଳ ଅବସ୍ଥାରେ ପାଣି ଭିତରେ ରହିଛି। ଖୁଣ୍ଟ ଉପରେ ୧୧ କେ.ଭି.ର ବିଦ୍ୟୁତ୍ ତାର ଯାଇଛି। ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରାର ଡାହାଣ କେନାଲ ଖୁଟମନ ଭେରା କରବୂଲ ଗାଁ ଦେଇ ନୂଆପଡ଼ା ପଟେ ଆସିଛି। ସେହି କେନାଲ ଭିତରେ ଏକ ୧୧ କେଭି ବିଦ୍ୟୁତ୍ ତାର ଯାଇଥିବା ସିମେଣ୍ଟ ଖୁଣ୍ଟ ରହିଛି। କେନାଲ ପାଣି ଛାଡିଲେ କରବୂଲ ଗାଁ ଲୋକେ ଛୋଟରୁ ବଡ ପର୍ଯ୍ୟନ୍ତ ଗାଧୋଇବା ପାଇଁ ଆସିଥାନ୍ତି। ପିଲାମାନେ ଖୁଣ୍ଟକୁ ଧରି ପାଣିକୁ ଡେଇଁ ଗାଧୋଇ ଥାନ୍ତି। ପିଲାମାନଙ୍କ ଦେହ ଓଦା ଓ ପାଣି ଥିବା କାରଣରୁ ବିପଦ ଆଶଙ୍କା କରାଯାଉଛି। ବିଦ୍ୟୁତ୍ ବିଭାଗଠାରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

# ମତଦାନ ନେଇ ସଚେତନତା ଶୋଭାଯାତ୍ରା



ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ଅତିଥି।

ଭବାନୀପାଟଣା,୨୮।୪(ଉତ୍ତମ କୁମାର ଦାଶ)

**ବିକାଶ ମହାବିଦ୍ୟାଳୟ ଛାତ୍ରୀଛାତ୍ର ସାମିଲ**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ବିକାଶ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୂଆ ମତଦାତା ଓ ମତଦାନ ସମ୍ବନ୍ଧୀୟ ସଚେତନତା ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦୟାମୟ ପାଢ଼ୀ, ଭବାନୀପାଟଣା ବିଡିଓ ଚନ୍ଦନ କୁମାର ଭୋଇ, କଳାହାଣ୍ଡି ତହସିଲଦାର ଶୁଭସ୍ମିତା ମିଶ୍ର, କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ଭବାନୀପାଟଣା ପୌରପାଳିକା ସତ୍ୟ ସମର୍ପଣ ରାଉତ, ବିକାଶ ଭବାନୀପାଟଣାର ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ନିର୍ଦ୍ଦେଶିକା ଡି.ବିଜୟା, ଏକାଡ଼େମିକ ଇନଚାର୍ଜ ଡି.ପଦ୍ମିନୀ, ପରିଚାଳନା କମିଟି ସଦସ୍ୟା ଡ.ସୁଦୀପ୍ତ କୁମାର ଜେନା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଆଦିତ୍ୟ କୁମାର ପଟ୍ଟନାୟକ, କେ. ଜୟଶ୍ରୀ, ଯୁବରାଜ ନାୟକ, ଅଧ୍ୟାପକ, ଅଧ୍ୟାପିକା, ଅନ୍ୟାନ୍ୟ କର୍ମଚାରୀ ଓ ଛାତ୍ରୀଛାତ୍ର ସହରର ପ୍ରମୁଖ ସ୍ଥାନକୁ ପରିକ୍ରମା କରି ମତଦାନ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭିନୀତ ଓ ନିର୍ଦ୍ଦେଶିତ ଏକ ମତଦାନ ସମ୍ବନ୍ଧୀୟ ଅଡିଓ ଭିଡ଼ିଓ କ୍ଲିପ ଉନ୍ମୋଚିତ ହୋଇଥିଲା।

# ସଇଁତଲା ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ

ସଇଁତଲା,୨୮।୪(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ଓକିଲ ସଂଘ ତରଫରୁ ରବିବାର ଦିନ ସଇଁତଲା କୋର୍ଟ ପରିସରସ୍ଥିତ ଓକିଲ ସଂଘର ସଭାଗୃହଠାରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବରେ ରାଜ୍ୟ ଓକିଲ ସଂଘ ସଦସ୍ୟ ତଥା ପୂର୍ବତନ ଜିଲା ଓକିଲ ସଂଘ ସଭାପତି ଲିଙ୍ଗରାଜ ପାଢ଼ୀ ମୁଖ୍ୟଅତିଥି, ସଇଁତଲା ଓକିଲ ସଂଘ ସଭାପତି ସୁବୋଧ କୁମାର ମିଶ୍ର, ସମ୍ପାଦକ ଫିରୋଜ ବରଗ୍ଡି, ପୂର୍ବତନ ସଭାପତି ରାଧେଶ୍ୟାମ ସାହୁ, ହି. ତାଣ୍ଡି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସଭା ପୂର୍ବରୁ ଅତିଥି ଓ ସଇଁତଲା ଓକିଲ ସଂଘର ସଦସ୍ୟମାନେ ମଧୁବାବୁଙ୍କ ତୈଳ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କୋର୍ଟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନସାଧାରଣଙ୍କୁ ଅଯଥା ଖର୍ଚ୍ଚାନ୍ତ ନ କରି ଆଇନଗତ ସହାୟତା ଯୋଗାଇ ଦେବା ଆଇନଜୀବୀମାନଙ୍କ କର୍ତ୍ତବ୍ୟ ବୋଲି ମୁଖ୍ୟଅତିଥି ପାଢ଼ୀ କହିଥିଲେ। ଅନ୍ୟ ଅତିଥିମାନେ ମଧୁବାବୁଙ୍କ ଜୀବନୀ ଉପରେ ସ୍ତୁତିଚାରଣ କରିଥିଲେ। ସଇଁତଲା ଓକିଲ ସଂଘ ତରଫରୁ ଗ୍ରୀଷ୍ମ ଋତୁରେ ଜଳଛତ୍ର ଖୋଲିବା, ଆଇନଜୀବୀମାନଙ୍କ ବିଭିନ୍ନ ଉତ୍ସବ ସମୟରେ ରକ୍ତଦାନ ଶିବିର ତଥା ବୃକ୍ଷରୋପଣ କରିବାକୁ ଆଇନଜୀବୀ ଟୁନୁ ରାଜପାଲିଆ ମତ ଦେଇଥିଲେ। ସେହିପରି ସଇଁତଲା ଏବଂ ବ୍ଲକ ଛକରୁ କୋର୍ଟର ରାସ୍ତାରେ ଥିବା ଛକର ନାମକୁ ମଧୁବାବୁ ଛକ ନାମରେ ନାମିତ କରିବାକୁ ନୋଟାରୀ ସତ୍ୟ ନାରାୟଣ ସାହୁ ମତ ଦେଇଥିଲେ। ଆଗାମୀ ଦିନରେ ଏ ଦିଗରେ ନିଶ୍ଚିତ ଭାବରେ ସମସ୍ତ ସଦସ୍ୟଙ୍କ ସହମତି ନେଇ କାର୍ଯ୍ୟ କରାଯିବ ବୋଲି ସଭାପତି ମିଶ୍ର କହିଥିଲେ। ସଭାରେ ଓକିଲ ସଂଘର ପୂର୍ବତନ ସଭାପତି ମାନଭଞ୍ଜନ ପାଣିଗ୍ରାହୀଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଭାଜପାର ମିଶ୍ରଣ ପର୍ବ, ନିର୍ବାଚନୀ ପ୍ରଚାର

ବୋଡ଼େନ, ୨୮।୪(ଟିକେଶର ନାଗ)



ନୂଆପଡ଼ା ଜିଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ହିତେଶ କୁମାର ବଗର୍ତ୍ତୀ ବୋଡ଼େନ ବ୍ଲକ ଅଞ୍ଚଳରେ ନିର୍ବାଚନୀ ପ୍ରଚାର କରିଥିଲେ। ଏହା ସହ ବୋଡ଼େନଠାରେ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ ପରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନ ପ୍ରଚାର ବୋଡ଼େନ, ବିରେଶକେଲା, କେରାପଦର ଓ ବିନୋପୁର ପ୍ରଭୃତି ଗାଁକୁ ବାଇକ ଶୋଭାଯାତ୍ରାରେ ପହଞ୍ଚି ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଏଥିରେ ଭାଜପା ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଆଦିବାସୀ ନେତା ବାଳକୃଷ୍ଣ ଶବର ଭାଜପାରେ ଯୋଗଦାନ କରିଥିଲେ। ଏହି ସଭାରେ ଅତିନ୍ଦ୍ର ସିଂ ମଲ୍ଲିକ, ପୃଥ୍ୱିରାଜ ମହାନ୍ତି, କିଶୋର ନାଗ, ନୀଳାମ୍ବର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବରେ ବିନୋପୁର ଗ୍ରାମରୁ କାଶୀନାଥ ବେହେରାଙ୍କ ସମେତ ବୋଡ଼େନ ଗ୍ରାମରୁ ରମେଶ ଦଣ୍ଡସେନା, ଅମରେଶ ଦଣ୍ଡସେନା, ଦେବରାଜ ଗୁଆଲ, ଯତୀନ ପାଣ୍ଡେ, ହିମନ ନୀଆଲ, ଜଗଦୀଶ ନୀଆଲ, କିଶୋର ସେଠୀ, ହେମନ୍ତ ମାଝୀ, ମଣ୍ଟୁ ଗୁଆଲ, ଗଣେଶ ମାଝୀ, ଶିବୁ ପାଣ୍ଡେ, କାହ୍ନୁ ସୁନାନୀ, ସୋନୁ ପାଣ୍ଡେ, ବୋଡ଼େନ ବ୍ଲକ ବିଜେଡି ସମ୍ପାଦନ ସନନ୍ଦୀପ ଦଣ୍ଡସେନା, କର୍ଲାକୋଟ ପଞ୍ଚାୟତ ବିଜେଡି ସମ୍ପାଦକ ରିଖିରମ ଦଳ ସମସ୍ତେ ଭାଜପାରେ ଯୋଗଦାନ କରିଥିବାରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

# କାର, ମଦ ସହ ଟଙ୍କା ଜବତ: ୨ ଗିରଫ

ଭବାନୀପାଟଣା,୨୮।୪(ଉତ୍ତମ କୁମାର ଦାଶ)



ଭବାନୀପାଟଣା ହିଲ ଟାଉନ ପାଖରେ ଗାଡିମୋଟର ଯାଞ୍ଚ କରାଯାଉଥିବା

କଳାହାଣ୍ଡି ଜିଲାରେ ଅବାଧ ଓ ନିରପେକ୍ଷ ନିର୍ବାଚନ କରିବା ପାଇଁ ଜିଲା ପ୍ରଶାସନର ଜୋରଦାର ଚେଷ୍ଟା ଜାରି ରହିଛି। ଏଥିପାଇଁ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ନାକା ଲଗାଇ ଗାଡିମୋଟର ଯାଞ୍ଚ କରାଯାଉଛି। ରବିବାର ଫ୍ଲାଇଙ୍ଗ ସ୍କ୍ୱାଡ୍ ପକ୍ଷରୁ ଭବାନୀପାଟଣା ହିଲ ଟାଉନ ପାଖରେ ଗାଡିମୋଟର ଯାଞ୍ଚ କରାଯାଉଥିବା ସମୟରେ ଏକ କାର ନଂ. ଓଡ଼ି ୦୮ ଟି –୧୬୧୭ ରୁ ୩୮.୮୦୦ ଲିଟର ବିଭିନ୍ନ ପ୍ରକାର ବିଦେଶୀ ମଦ, ନଗଦ ୩୦ ହଜାର ୫୫୦ ଟଙ୍କା ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା (ନଂ.୧୯୦/୨୪) ରୁଜୁ ହୋଇଛି।

# ଚାଷୀ ଜାଗରଣ ରାଲିକୁ ରୋକିଲା ପ୍ରଶାସନ

ଲୋଇସିଂହା,୨୮।୪(ସୁଶାନ୍ତ ବାରିକ)



ରାଲି ସ୍ଥଗିତ ପରେ କୃଷକ ସଂଘର୍ଷ ସମିତିର ସଦସ୍ୟ ଆଲୋଚନା କରୁଛନ୍ତି।

**ଲୋୟର ସୁକତେଲ ଜଳସେଚନରୁ ବାଦ୍ ପଡିବା ଘଟଣା**

୨୦୨୪ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇଛି। ଏହି ସମୟରେ ଯେ କୌଣସି ରାଲି ପାଇଁ ଜିଲା ପ୍ରଶାସନର ଅନୁମତି ଆବଶ୍ୟକ। ହେଲେ ଜିଲା ପ୍ରଶାସନର ବିନା ଅନୁମତିରେ ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ରବିବାର କରାଯିବାକୁ ଥିବା କୃଷକ ଜନ ଜାଗରଣ ବାଇକ୍ ରାଲିକୁ ସ୍ଥାନୀୟ ପୋଲିସ ବାରଣ କରିଥିଲା। ଆଇନକୁ ହାତକୁ ନ ନେଇ ଉକ୍ତ ରାଲିକୁ କୃଷକ ସଂଘର୍ଷ ସମିତି ସ୍ଥଗିତ ରଖିଥିଲା। ରବିବାର ମିଳିତ କୃଷକ ସଂଘର୍ଷ ସମିତିର ସଭାପତି ରତ୍ନାକର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଲୋଇସିଂହା ଥାନା ଅଧିକାରୀ ଯାଜ୍ଞସିନୀ ନାୟକଙ୍କ ଜରିଆରେ ଜିଲା ପ୍ରଶାସନକୁ ରାଲି ପାଇଁ ଅନୁମତି ଲୋଡିଥିବା ଜଣାଯାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡାରେ ସୁକତେଲ ନଦୀ ଉପରେ ଜିଲାର ଜୀବନ ରେଖା କୁହାଯାଉଥିବା ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପର ଲୋକାର୍ପଣ କରି ସାରିଛନ୍ତି। ପ୍ରକଳ୍ପର ବାମ ଓ ଡାହାଣ ପାର୍ଶ୍ୱରେ ଚାଷ ଜମିକୁ ଜଳ ସେଚନ ପାଇଁ ପାଇପ ଲାଇନ କାମ ଜୋରସୋରରେ ଆଗେଇ ଚାଲିଛି। ହେଲେ ଏହି ପ୍ରକଳ୍ପରୁ ସୁବର୍ଣ୍ଣପୁର ଜିଲାକୁ ଜଳସେଚନ ପାଇଁ ପଦକ୍ଷେପ ନିଆ ଯାଇଛି। ଅଥଚ ମରୁଡି ପ୍ରବଣ ଲୋଇସିଂହା ଓ ଆଗଲପୁର ବ୍ଲକର ବୃହତ ଅଞ୍ଚଳ ଜଳସେଚନରୁ ବାଦ୍ ପଡିଛି। ସଂପୃକ୍ତ ୧୦ ପଞ୍ଚାୟତକୁ ଜଳସେଚନ ଲାଗି କୃଷକ ସଂଘର୍ଷ ସମିତି ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଛି। ଅନେକ ସମୟରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ମଧ୍ୟ ସୁଫଳ ମିଳିନାହିଁ। କ୍ଷେତକୁ ପାଣି ନାହିଁ ତ ୨୦୨୪ ସାଧାରଣ ନିର୍ବାଚନ ବର୍ଜନ କରିବାକୁ କୃଷକ ସଂଘର୍ଷ ସମିତି ଚେତାବନୀ ଦେଇଛି। ଏହି ପରିପ୍ରେକ୍ଷୀରେ ଜଳ ସେଚନରୁ ବାଦ ପଡୁଥିବା ୧୦ ପଞ୍ଚାୟତର ଗାଁରେ ଚାଷୀଙ୍କୁ ଜାଗରଣ କରିବା ପାଇଁ କୃଷକ ସଂଘର୍ଷ ସମିତି ପକ୍ଷରୁ ରବିବାର ବାଇକ ରାଲି କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ରାଲି ପୂର୍ବରୁ ଶନିବାର ସ୍ଥାନୀୟ ଥାନା ପକ୍ଷରୁ ବାରଣ କରାଯାଇଥିଲା। ଜିଲା ପ୍ରଶାସନର ଅନୁମତି ମିଳିଲେ ଚାଷୀ ଜାଗରଣ ରାଲି କରାଯିବ ବୋଲି ସଭାପତି ମିଶ୍ର କହିଛନ୍ତି।

# ରାମଲୀଳାରେ ଭୋଟର ସଚେତନତା ବାର୍ତ୍ତା

ଭବାନୀପାଟଣା/ରୁପ୍ରା, ୨୮।୪
(ଉତ୍ତମ କୁମାର ଦାଶ/ସଞ୍ଜୀବ ଦାସ)



ରୁପ୍ରାଠାରେ ରାମଲୀଳା କଳାକାର।

ସାରା ଭାରତବର୍ଷରେ ବିଭିନ୍ନ ପର୍ଯ୍ୟାୟ କ୍ରମେ ନିର୍ବାଚନ ଚାଲିଛି। କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନସ୍ଥ ରୁପ୍ରାଠାରେ ୧୪ ଦିନ ବ୍ୟାପି ରଘୁକଳା ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମହାସମାରୋହରେ ରାମଲୀଳା ଅନୁଷ୍ଠିତ ହେଉଛି। ଏହି ଅବସରରେ ଏଭରେଷ୍ଟ ବିଜେତା ତଥା କଳାହାଣ୍ଡି ଜିଲାର ଭୋଟର ସଚେତନତା କାର୍ଯ୍ୟକ୍ରମର ପ୍ରଚାରକ ଯୋଗବ୍ୟାସ ଭୋଇଙ୍କ ନିବେଦନରେ ରାମଲୀଳାରେ ଭୋଟର ସଚେତନତା କରାଯାଇଥିଲା। ରାମଲୀଳାରେ ଉପସ୍ଥିତ ସମସ୍ତ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବକ, ଯୁବତୀ ତଥା ଜନସାଧାରଣଙ୍କୁ ପ୍ରଭୁ ଶ୍ରୀରାମଚନ୍ଦ୍ର କଳାହାଣ୍ଡିରେ ଆସନ୍ତା ମେ ୧୩ ତାରିଖ ହେବାକୁ ଥିବା ନିର୍ବାଚନରେ ନିଜ ମତଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତତ୍ ସଙ୍ଗେ ଲକ୍ଷ୍ମଣ, ସୁଗ୍ରୀବ ତଥା ଅନ୍ୟାନ କଳାକାର 'ମନେ ରଖ ମେ ୧୩ ଭୋଟ ଦେମା ଏଥର' ସ୍ଲୋଗାନ ମଧ୍ୟ ଦେଇଥିଲେ। ଏହିପରି ସଚେତନତା କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ପ୍ରଶାସନ ତଥା ଜିଲା ନିର୍ବାଚନ ଅଧିକାରୀ ପି.ଅନ୍ୱେଷା ରେଡୀ ଅନୁମତି ଦେଇଥିବାରୁ ରୁପ୍ରାର ରଘୁକଳା ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶ୍ୟାମସୁନ୍ଦର ଧଙ୍ଗଡାମାଝି, ଉପସଭାପତି ତ୍ରିନାଥ ସାହୁ, ସମ୍ପାଦକ ପ୍ରମୋଦ ମିଶ୍ର, ସହସମ୍ପାଦକ ଚନ୍ଦ୍ରମଣି ଗଉଡ ଓ ଅନୁଷ୍ଠାନର କର୍ମକର୍ତ୍ତା, କଳାକାରବୃନ୍ଦ ଧନ୍ୟବାଦ ଜଣାଇଛନ୍ତି। ଯେଉଁଠାରେ ରାମ ଭୂମିକାରେ ଦଶରଥ ଗଉଡ, ଲକ୍ଷ୍ମଣ ଭୂମିକାରେ ଅକ୍ଷୟ ଗଉଡ, ସୁଗ୍ରୀବ ଭୂମିକାରେ ସନ୍ତୋଷ ସାହୁ ମଧ୍ୟ ଏହି ବାର୍ତ୍ତା ପାଇଁ ଖୁସି ବ୍ୟକ୍ତ କରିଛନ୍ତି। ଦେଶଗଠନର ମହାନପର୍ବ ନିର୍ବାଚନ ପାଇଁ ଭୋଟରଙ୍କୁ ସଚେତନତା କରିଥିବାରୁ ଜିଲା ପ୍ରଶାସନ, ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ଆଗକୁ ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପତଞ୍ଜଳି ଯୋଗ ସମିତିର ବାର୍ଷିକ ଉତ୍ସବ

ରାଉରକେଲା,୨୮।୪(ଦିନେଶ ମିଶ୍ର)

ସେକ୍ଟର-୭ ସ୍ଥିତ କମ୍ୟୁନିଟି ସେଣ୍ଟର ପରିସରରେ ସୁନ୍ଦରଗଡ ଜିଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ପ୍ରଭାରୀ ପ୍ରଦୀପ୍ତ ସାହୁଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରର ୬ଷ୍ଠତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନି ସ୍ୱାଇଁ, ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲା ପତଞ୍ଜଳି ଯୋଗ ସମିତିର ପ୍ରଭାରୀ ପ୍ରଦୀପ୍ତ ସାହୁ, ଜିଲା ମିଡିଆ ପ୍ରଭାରୀ ଗଙ୍ଗାଧା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ଯୋଗର ଆବଶ୍ୟକତା, ବ୍ୟକ୍ତି, ପରିବାର, ଦେଶର ଆର୍ଥିକ ଅଗ୍ରଗତି ଓ ପ୍ରଗତିରେ ଯୋଗଦାନ ଉପରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ବରିଷ୍ଠ ଯୋଗ ଶିକ୍ଷକ ବୁଲେଣ୍ଟୁ ଶେଖର ଦୁବେ ଓ ସମୀର କୁମାର ଦାହ ଯୋଗର ଉପକାରତା ସହ ବ୍ୟକ୍ତି ଓ ତାଙ୍କ ପରିବାର ନିରୋଗ ଜୀବନ ଯାପନ ତଥା ରାଷ୍ଟ୍ର ନିର୍ମାଣରେ ଯୋଗର ଅବଦାନ ଉପରେ ମତ ପ୍ରକାଶ କରିଥିଲେ। ଏହି କେନ୍ଦ୍ରରେ ବରିଷ୍ଠ ଯୋଗ ଶିକ୍ଷକ ଆଶାଲତା ସାହୁ, ସବିତା ପ୍ରଧାନ, ମନୋରମା ରାଉତ, କୌଶଲ୍ୟା ପୃଷ୍ଟି, ରୀନା ସାହୁ, ପ୍ରତିମା ଦାସ, ସୁଦ୍ଧା ବଡାଇକ, କନକ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବରେ ପ୍ରୀତିଛନ୍ଦା ଚୌଧୁରୀ ମଞ୍ଚପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଟାଙ୍ଗରପାଲୀରେ ପୋଲିସର ଫ୍ଲାଗମାର୍ଚ୍ଚ

ରାଉରକେଲା, ୨୮।୪(ସଙ୍ଗୀତା ଜେନା)

ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ରାଉରକେଲା ପୋଲିସ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏହିକ୍ରମରେ ଟାଙ୍ଗରପାଲୀ ଥାନା ଅନ୍ତର୍ଗତ ଲୋକନାଥ ମାର୍କେଟ, ଉଠାଣଇ ମାର୍କେଟ, ସାଇ ମନ୍ଦିର, ନାରାୟଣ ମାର୍କେଟ, କନଷ୍ଟ୍ରକ୍ସନ କଲୋନୀ, ଲାଲଟାଙ୍କି, ତାରାପୁର ଗେଟ୍, ମର୍ତ୍ତଣ୍ଡି ଇଣ୍ଡିଆ ଆଦି ଅଞ୍ଚଳରେ ପୋଲିସର ଫ୍ଲାଗମାର୍ଚ୍ଚ କରାଯାଇଛି। ରବିବାର ଅପରାହ୍ନରେ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ଥାନାଧିକାରୀ ରାମେଶ୍ୱର ସିଂ ଓ ବରିଷ୍ଠ ଅଧିକାରୀମାନେ ଫ୍ଲାଗମାର୍ଚ୍ଚରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ଲୋକଙ୍କୁ ନିର୍ବାଚନକୁ ନେଇ ସଚେତନ କରାଯାଇଥିଲା।

# ସୀମାନ୍ତରେ ମାଓବାଦୀ ସକ୍ରିୟ, ଭୋଟ ବର୍ଜନ ଚେତାବନୀ

ରାଉରକେଲା,୨୮।୪(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ତଥା ରାଉରକେଲା ପୋଲିସର ସୀମାନ୍ତ ଅଞ୍ଚଳ ଗୁଡ଼ିକରେ ଭୋଟ ବର୍ଜନ ପାଇଁ ମାଓବାଦୀମାନେ ପ୍ରୟାସ ଜାରି ରଖିଥିବା ଜଣାପଡିଛି। କିଛି ଦିନ ପୂର୍ବେ ସିପିଆଇ ମାଓବାଦୀମାନେ ସୁନ୍ଦରଗଡ଼ ଜିଲା ସୀମାନ୍ତ ବିଶ୍ରା ଥାନା ଜରେଇକେଲା କୋପସିଙ୍ଗା ବଜାରରେ ନିର୍ବାଚନକୁ ବିରୋଧ କରିଥିବା ଦେଖିବାକୁ ମିଳିଥିଲା। ଅନେକ ସ୍ଥାନରେ ମାଓବାଦୀ ପୋଷ୍ଟର ଯୋଗୁ ସେମାନଙ୍କ କାର୍ଯ୍ୟକଳାପ ସକ୍ରିୟତା ବୃଦ୍ଧି ପାଇଥିବା ଆଶଙ୍କା କରାଯାଉଛି। ମାଓବାଦୀ ନିଜ ଉପସ୍ଥିତି ଦର୍ଶାଇବା ପାଇଁ ଏହି ପୋଷ୍ଟରକୁ ଆଳ କରୁଛନ୍ତି। ସେହିପରି ଓଡ଼ିଶା ବ୍ୟତୀତ ଝାଡଖଣ୍ଡ ପଶ୍ଚିମ ସିଂଭୂମ ଜିଲାର ପାଞ୍ଚପହିୟା ଓ ଡୋମଲେଇ ଗ୍ରାମରେ ପୋଷ୍ଟର ଲଗାଇ ଗ୍ରାମବାସୀଙ୍କୁ ଭୋଟ ବର୍ଜନ ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ମାଓବାଦୀମାନେ।

**ମାଓବାଦୀ ଗତିବିଧି ନିୟନ୍ତ୍ରଣ ପାଇଁ ଫ୍ଲାଗ ମାର୍ଚ୍ଚ**

ସୂଚନାଅନୁଯାୟୀ, ପ୍ରାୟ ୧୩ ବର୍ଷ ପୂର୍ବେ ଜରେଇକେଲା ଫାଣ୍ଡିରେ ବିସ୍ଫୋରଣ ହୋଇଥିଲା। ୨୦୧୧ ଜାନୁଆରୀ ୧୦ରେ ଜରେଇକେଲା ଫାଣ୍ଡି ନିକଟରେ ମାଓବାଦୀମାନେ ଲ୍ୟାଣ୍ଡମାଇନ୍ସ ବିସ୍ଫୋରଣ କରିଥିଲେ। ତତ୍କାଳ ରାଉରକେଲା ପୋଲିସ ପ୍ରଶାସନ ତୁରନ୍ତ ଫାଣ୍ଡି ବନ୍ଦ କରିଦେଇ ଥିଲେ। ମାଓପ୍ରବଣତା ହ୍ରାସ ପାଇବା ପରେ ପୁନଃ ୨୦୧୬ ଏପ୍ରିଲ ୧ରେ ଉକ୍ତ ଆଉଟପୋଷ୍ଟ ବା ଫାଣ୍ଡିକୁ ପୁଣି ଚାଲୁ କରାଯାଇଥିଲା। ସୁରକ୍ଷାଦୃଷ୍ଟିରୁ ଉଭୟ ରାଜ୍ୟ ପକ୍ଷରୁ ଏଠାରେ ସିଆରପିଏଫ୍ କ୍ୟାମ୍ପର ବନ୍ଦୋବସ୍ତ କରାଯାଇଥିଲା। ପ୍ରାୟ ୮ ବର୍ଷ ପୂର୍ବେ ବିଶ୍ରା ଅଞ୍ଚଳକୁ ମାଓବାଦୀ ମୁକ୍ତ ଦର୍ଶାଇ ଏହାକୁ ବନ୍ଦ କରିଦିଆଯାଇଥିଲା। ହେଲେ ସମ୍ପ୍ରତି ପରିସ୍ଥିତି ଯୋଗୁ ସିଆର୍‌ପିଏଫ୍ କ୍ୟାମ୍ପକୁ ସ୍ଥାନୀୟ ଲୋକ ପୁନଃ ଚାଲୁ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ସେହିପରି ବିଶ୍ରା ଅଞ୍ଚଳର ଜରେଇକେଲା, ଭାଲୁଲତା, ଅଜୟକେଲା ଅଞ୍ଚଳରେ ମାଓବାଦୀ ପୋଷ୍ଟର ଲଗାଯାଇଛି। ସୀମାନ୍ତ ଗୋଇଲକେରା, ଟୋଂଟୋ ଆଦି ଥାନା ଅଞ୍ଚଳରେ ମାଓବାଦୀ ସକ୍ରିୟତା ନିୟନ୍ତ୍ରଣ ହରାଇଛି। ଗତ ଏକ ମାସ ମଧ୍ୟରେ ମାଓବାଦୀ କ୍ୟାମ୍ପ ଠାବ, ବିପୁଳ ପରିମାଣରେ ତୀର ବୋମା ଓ ଜୀବନ୍ତ ଆଇଇଡି ଜବତ କରାଯାଇ ନିଷ୍କ୍ରିୟ କରାଯାଉଛି। ମାଓ ନିୟନ୍ତ୍ରଣ ପାଇଁ ସୁରକ୍ଷାବଳ ଦ୍ୱାରା ବିଭିନ୍ନ ସମୟରେ କଡା ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଅପରାଧିକ କାର୍ଯ୍ୟକଳାପ ହ୍ରାସ ପାଇ ନ ଥିବା ଲକ୍ଷ୍ୟ ହୋଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ସୀମାନ୍ତ ଥାନା ଗୁଡ଼ିକ ଦାୟିତ୍ୱରେ ଥିବା ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କୁ ପଚରାଯିବାରୁ, ଉଭୟ ରାଜ୍ୟପୋଲିସ ପକ୍ଷରୁ ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା ପାଇଁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। କେନ୍ଦ୍ରୀୟ ସୁରକ୍ଷାବଳ ସହଯୋଗରେ ନିରନ୍ତର କୁମ୍ବିଂ ଅପରେସନ ବା ସର୍ଚ୍ଚ ଅପେରସନ୍ ଜାରି ରହିଛି। ସୀମାନ୍ତ ଅଞ୍ଚଳରେ ନାକାବନ୍ଦୀ କରାଯାଇ ଯାନବାହାନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ମାଓବାଦୀଙ୍କୁ ଭୟ ନ କରି ଭୋଟ ଦେବାକୁ ଲୋକଙ୍କୁ କୁହାଯାଉଛି। ଅନ୍ୟ ଥାନା ଅପେକ୍ଷା ସୀମାନ୍ତ ଥାନା ଗୁଡିକରେ ବାରମ୍ବାର ଫ୍ଲାଗମାର୍ଚ୍ଚ ଜାରି ରହିଛି। ସେହି ମଧ୍ୟରେ ଓଡ଼ିଶା ଓ ଝାଡଖଣ୍ଡକୁ ସଂଯୋଗ କରୁଥିବା ବିଭିନ୍ନ ବ୍ରିଜ ଗୁଡ଼ିକରେ ଯାନବାହାନ ଯାଞ୍ଚ ଓ ଅପରାଧ ନିୟନ୍ତ୍ରଣ ଅଭିଯାନ କରାଯାଉଛି। ଶନିବାର ବିଶ୍ରା, ବନ୍ଧମୁଣ୍ଡା, ଝିରପାଣି, ଟାଙ୍ଗରପାଲୀ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି ବୋଲି ଡିଏସ୍‌ପି ମହାପାତ୍ର ସୂଚନାଦେଇଥିଲେ।

# ୟୁଜିଆଇଇ ପ୍ରାକ୍ତନ ଛାତ୍ର ସଂଘର ବାର୍ଷିକ ସାଧାରଣ ପରିଷଦ ସଭା



କାର୍ଯ୍ୟକ୍ରମରେ ଛାତ୍ର ସଂଘର ସଦସ୍ୟ ଓ ଅନ୍ୟମାନେ।

ରାଉରକେଲା,୨୮।୪(ସଙ୍ଗୀତା ଜେନା)

ଜେଲ୍‌ରୋଡ ସ୍ଥିତ ବୈଷୟିକ ଶିକ୍ଷାନୁଷ୍ଠାନ ଉତ୍କଳମଣି ଗୋପବନ୍ଧୁ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ(ୟୁଜିଆଇଇ) ପ୍ରାକ୍ତନ ଛାତ୍ର ସଂଘର ବାର୍ଷିକ ସାଧାରଣ ପରିଷଦ ସଭା ଶିକ୍ଷାନୁଷ୍ଠାନର ପ୍ରେକ୍ଷାଳୟରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଭୟ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ସହ ସମ୍ପାଦକ ଶୁଭେନ୍ଦୁ ପଣ୍ଡା, କୋଷାଧ୍ୟକ୍ଷ ଅନାଦି ଚରଣ ବିଶ୍ୱାଳ, ବରିଷ୍ଠ ସଦସ୍ୟ ବିରେନ୍ଦ୍ର ମହାନ୍ତି, ନୀଳମଣି ମହାପାତ୍ର, ବସନ୍ତ ସେନାପତି, ସତ୍ୟନାରାୟଣ ଦାସ, ଅଜୟ ମହାପାତ୍ର, ପଞ୍ଚାନନ ବେହେରା, ଧନେଶ୍ୱର ନନ୍ଦ, ଦିଲ୍ଲୀପ ମହାପାତ୍ର, ବସନ୍ତ ସ୍ୱାଇଁ, ସୁବ୍ରତ ଜେନା, ଭରତ ମହାପାତ୍ର, ବସନ୍ତ ସାହୁ, ଲଲାଟେନ୍ଦୁ ନାୟକ, ଅରୁଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସହସମ୍ପାଦକ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଆଗାମୀ ଦିନରେ ବୃକ୍ଷରୋପଣ, ରକ୍ତଦାନ ଶିବିର, ସ୍ୱଚ୍ଛତା କାର୍ଯ୍ୟକ୍ରମ, କୌଶଳ ଶିକ୍ଷାର ଅଭିବୃଦ୍ଧି ଏବଂ ଛାତ୍ରୀଛାତ୍ରଙ୍କୁ ସାକ୍ଷାତକାର ସମ୍ମୁଖୀନ ହେବା ପାଇଁ ତାଲିମ କର୍ମଶାଳା ଆୟୋଜନ ପାଇଁ ପ୍ରସ୍ତାବ ଆସିଥିଲା। ସେହିପରି କୋଷାଧ୍ୟକ୍ଷ ବିଶ୍ୱାଳ ଆର୍ଥିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆସନ୍ତା ୨ ବର୍ଷ ପାଇଁ ନିର୍ବାଚନ ଅଧିକାରୀ ଆଇନଜୀବୀ ବୁଦ୍ଧିରାମ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ନୂତନ କମିଟି ଗଠନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଭାବେ ଆଦତ୍ୟ ମହାପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ବେହେରା, ଉପସଭାପତି ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ପ୍ରଧାନ, ଲଳିତେନ୍ଦୁ ମିଶ୍ର, ତ୍ରୈଲୋଚନ ସାମଲ, ସଜଳ ବାନାର୍ଜୀ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଣ୍ଡା, କୋଷାଧ୍ୟକ୍ଷ ମନୋଜ ମହାନ୍ତ ସମେତ ଅନ୍ୟମାନଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଶିକ୍ଷାନୁଷ୍ଠାନର ମୁଖ୍ୟ ପୃଷ୍ଠପୋଷକ ଭାବେ ପ୍ରଭାତ ମହାପାତ୍ର, ସାରଦା ନାୟକ, ଜୁଏଲ ଓରାମ, ବିଶେଶ୍ୱର ଟୁଡୁ, ଡ. ସୁରେନ୍ଦ୍ର ବିଶ୍ୱାଳ ଓ ପରାମର୍ଶଦାତା ଭାବେ ମେଜର ଚକ୍ରଧର ପରିଡ଼ା, ଡ. ସମୀର ଆଚାର୍ଯ୍ୟ, ରାମଚନ୍ଦ୍ର ସାହୁ, ଡ. ଯତୀନ ନାୟକ, ପଞ୍ଚାନନ ବେହେରାଙ୍କୁ ମନୋନୀତ କରାଯାଇଥିଲା। ୨୫ ଜଣ କାର୍ଯ୍ୟନିର୍ବାହୀ ପରିଷଦ ସଭ୍ୟ ଓ ୨୫ ଜଣ ସକ୍ରିୟ କାର୍ଯ୍ୟନିର୍ବାହୀ ସଦସ୍ୟ ଓ ସଭ୍ୟ ମଧ୍ୟ ମନୋନୀତ ହୋଇଥିଲେ। ଉକ୍ତ ସଭାକୁ ଜଗନ୍ନାଥ ଜେନା, ଶିବ ପ୍ରସାଦ ସାହୁ, ପ୍ରଦୀପ୍ତ ସାହୁ, ଆଲୋକ ସିଂ, ରତ୍ନାକର ଖଣ୍ଡୁଆଳ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ଶତପ୍ରତିଶତ ମତଦାନ ପାଇଁ ମିନି ମାରାଥନ



ମିନି ମାରାଥନରେ ଅତିଥିଙ୍କ ଗ୍ରହଣରେ ପ୍ରତିଯୋଗୀମାନେ।

ରାଉରକେଲା,୨୮।୪(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲାର ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ମେ ୨୦ରେ ମତଦାନ ହେବାକୁ ଯାଉଛି। ଏଥିପାଇଁ ମତଦାତାଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲାପାଳ(ଏଡ଼ିଏମ୍) ତଥା ରାଉରକେଲା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି ପୂର୍ବାହ୍ନରେ ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସହରବାସୀ ନିର୍ବାଚନକୁ ପ୍ରାଥମିକତା ଦେଇ ସେମାନଙ୍କର ମତଦାନ ଅଧିକାରକୁ ସାବ୍ୟସ୍ତ କରିବାକୁ ଏଡିଏମ୍ କୁଲକର୍ଣ୍ଣି ଆହ୍ୱାନ ଦେଇଥିଲେ। ମତଦାନ ଦିବସ ଛୁଟିଦିନ ନୁହେଁ ବରଂ ଭୋଟ ଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅଂଶୀଦାର ହେବାକକୁ କହିଥିଲେ। ଏଥିସହ ଅନ୍ୟ ମାନଙ୍କୁ ମତଦାନ କରିବାକୁ ପ୍ରୋତ୍ସାହିତ କରିବାକୁ ଏଡିଏମ୍ କହିଥିଲେ। ଉକ୍ତ ମାରାଥନ୍‌ରେ ପାନପୋଷ ଉପଜିଲାପାଳ ବିଜୟ ନାୟକ, ଆର୍‌ଏମ୍‌ସି ଯୁଗ୍ମ କମିଶନର ପଲ୍ଲବୀ ନାୟକ, ରାଉରକେଲା ତହସିଲଦାର ନିବେଦିତା ପ୍ରଧାନଙ୍କ ସହ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ମୁଖ୍ୟ ଆକର୍ଷଣ ଭାବେ ଗିନିଜ ବୁକ୍ ଅଫ୍ ରେକର୍ଡ ଅଧିକାରୀ ଆଥଲେଟ୍ ସୁମିତ ସିଂହ ଓ ଅନ୍ୟମାନେ ମାରାଥନ୍‌ରେ ଯୋଗଦେଇଥିଲେ। ଉକ୍ତ ମାରାଥନ୍ ମ୍ୟୁନିସିପାଲ କଲେଜ, ପାୱାର ହାଉସ ରୋଡ, ଡେଲି ମାର୍କେଟ, ଆମ୍ବେଦକର ଛକ ହୋଇ ପୁନଃ ଆର୍‌ଏମ୍‌ସି କାର୍ଯ୍ୟାଳୟ ନିକଟକୁ ପ୍ରତ୍ୟାବର୍ତ୍ତନ କରିଥିଲା।

## ମଧୁବାବୁ ଥିଲେ ଓଡ଼ିଆ ଜାତିର ପରିଚୟ

ରାଉରକେଲା,୨୮।୪(ଦିନେଶ ମିଶ୍ର)

ରାଉରକେଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ସଂଘ ପରିସରରେ ଥିବା ମଧୁମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ.କୁମରବର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ସେବା ନିବୃତ୍ତ ପ୍ରଫେସର ଡ. ବିଜୟ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଭାଷା ଭବନର ଅଧ୍ୟକ୍ଷ ପ୍ରଫେସର ଡ. ମନୋରଞ୍ଜନ ପ୍ରଧାନ ଯୋଗଦେଇ ଓଡିଆ ଜାତି ପାଇଁ ମଧୁବାବୁଙ୍କ ଅବଦାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଡିଏଭି ସ୍କୁଲ ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଲୋକନାଥ ପ୍ରଧାନଙ୍କୁ ସତ୍ୟନାରାୟଣ ସ୍ମୃତି ସମ୍ମାନ ଓ ସାମାଜିକ କର୍ମୀ ଭଗବାନ ଦାସ ଶିବହରେଙ୍କୁ ମଧୁସୂଦନ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନୁଷ୍ଠାନ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାତଃ ସମୟରେ ସଂଘ ପକ୍ଷରୁ ରାଉରକେଲା ରେଳ ଷ୍ଟେଶନରେ ସମସ୍ତ କର୍ମକର୍ତ୍ତା ଯୋଗଦେଇ ମଧୁବାବୁଙ୍କ ମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଓ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଉତ୍କଳ ଗୌରବ-୨୦୨୪କୁ ଅତିଥିମାନେ ଉନ୍ମୋଚିନ କରିଥିଲେ। ସଭାପତି ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡ. ନଗେନ ଦାସ ମଞ୍ଚପରିଚାଳନା କରିଥିଲେ। ଏହି ଉତ୍ସବରେ ରଶ୍ମିରଞ୍ଜନ ବୋଇତାଇ, ଘନଶ୍ୟାମ ଧଳ, ଲକ୍ଷ୍ମଣ ନାଥ ଦାସ, ରାଧାମୋହନ ନାୟକ, ସ୍ମିତା ମିଶ୍ର, କନକଲତା ମିଶ୍ର, ବିପିନ ବିହାରୀ ପଟ୍ଟନାୟକ, ବାସନ୍ତୀ ପୃଷ୍ଟି, ଇନ୍ଦ୍ରମଣି ମହାପାତ୍ରଙ୍କ ସହ ବହୁ ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂଙ୍ଗ ବିଭାଗ ଉତ୍ପାଦକତାରେ ଆଣିଛି ଉନ୍ନତି




ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂଙ୍ଗ ବିଭାଗ ଅଧିକାରୀ।

ରାଉରକେଲା,୨୮।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂଙ୍ଗ ସେବା ବିଭାଗ ହାସଲ କରିଛି ଉଲ୍ଲେଖନୀୟ ମାଇଲ ଖୁଣ୍ଟ। ଅତ୍ୟାଧୁନିକ ଅଭିନବ କୌଶଳର ଅବଲମ୍ବନ ପୂର୍ବକ କାରଖାନାର ଉତ୍ପାଦକତାରେ ଉନ୍ନତୀ ଆଣିବାରେ ଏହା ବିଶେଷ ସହଯୋଗୀ ସାବ୍ୟସ୍ତ ହୋଇଛି। ରିଫ୍ରାକ୍ଟୋରୀ ଲାଇନିଙ୍ଗ ବିଶିଷ୍ଟ ଫର୍ଣ୍ଣେସ ଓ କିଲନର ରିଫ୍ରାକ୍ଟୋରୀ ସ୍ଥାପନ ସହିତ ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରୁଥିବା ଏହି ବିଭାଗ ଗତ ଆର୍ଥିକ ବର୍ଷରେ ଚିତାକର୍ଷକ ପ୍ରଦର୍ଶନ କରିଛି। ୨୦୨୪ ମାର୍ଚ୍ଚରେ ଆର୍‌ଏଚଓବି ୟୁନିଟ ଦ୍ୱାରା ୧୯୬ ହିଟର ଜାତୀୟ ରେକର୍ଡ ସ୍ନର୍କେଲ ଲାଇଫ ହାସଲ କରିଥିବା ବେଳେ ଫେବୃୟାରୀରେ ହାସଲ ହୋଇଥିବା ୧୬୨ଟି ହିଟ ରେକର୍ଡକୁ ଅତିକ୍ରମ କରି ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଏହିଭଳି ୨୦୨୪ ମାର୍ଚ୍ଚରେ ସର୍ବାଧିକ ୧୬୬ଟି ହିଟ ଲାଇଫ ହାସଲ ହୋଇଛି। ୨୦୨୩-୨୪ରେ ହାରାହାରି ୧୪୨.୧୦ ହିଟ ଆରଏଚଓବି ଲାଇଫ ହାସଲ ହୋଇଥିଲା। ଅନୁରୂପ ଭାବେ ୨୦୨୩-୨୪ ଅବଧି ମଧ୍ୟରେ ହାରାହାରି ଟର୍ପେଡୋ ଲେଡଲ ଲାଇଫରେ ୨୪୭୬ ହିଟ ରହିଛି ଯାହା ଭାରତ ଇସ୍ପାତ ଶିଳ୍ପରେ ଏକ ନୂତନ ମାନକ ସ୍ଥିର କରି ପାରିଛି। ଏଥିସହ ୨୦୨୨-୨୩ ଆର୍ଥିକ ବର୍ଷରେ ହାସଲ ହୋଇଥିବା ୧୩୩.୪୧ ହିଟ ମୁତାବିକ ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ତୁଳନାରେ୨୦୨୩-୨୪ରେ ଉନ୍ନତି ଆଣିଛି। ତେବେ ଏହି ସବୁ ମାଇଲଖୁଣ୍ଟ ନା କେବଳ ଶିଳ୍ପ ନେତୃତ୍ୱ ଭାବରେ କାରଖାନା ସ୍ଥିତିକୁ ସଦୃଢ଼ କରୁଛି ବରଂ ଭାରତରେ ଶ୍ରେଷ୍ଠ ରିଫ୍ରାକ୍ଟୋରୀ ପ୍ରଦର୍ଶନ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥିର କରୁଛି।

# ରାଉରକେଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଆର୍‌ଏମ୍‌ସି ନିର୍ବାଚନ ଜରୁରୀ

ରାଉରକେଲା,୨୮।୪
(ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)



କାର୍ଯ୍ୟକ୍ରମରେ ଦିଲୀପଙ୍କ ସହ ସମର୍ଥକ ଓ ଅନ୍ୟମାନେ।

ରାଉରକେଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଆର୍‌ଏମ୍‌ସି ନିର୍ବାଚନ ଜରୁରୀ ବୋଲି ରବିବାର ଭାଜପା ପକ୍ଷରୁ ଆୟୋଜିତ ଏକ ବିଶାଳ ସଭାରେ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ତାଙ୍କ ବକ୍ତବ୍ୟରେ ମତ ପ୍ରକାଶ କରିଛନ୍ତି। ଛେଣ୍ଡ କଲୋନୀ ସ୍ଥିତ କଳିଙ୍ଗ ବିହାର ଅଞ୍ଚଳରେ ସାମାଜିକ କର୍ମୀ ରାଜୀବ କୁମାରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଭାଜପା କର୍ମୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାଉରକେଲା ଭାଜପା ପ୍ରାର୍ଥୀ ଦିଲୀପ ରାୟ ଯୋଗଦେଇ ଥିଲେ। ସହରରେ ଥିବା ବିଭିନ୍ନ ବସ୍ତି ଓ ଗରୀବ ଲୋକଙ୍କ ବିକାଶ ପାଇଁ କିଭଳି କାର୍ଯ୍ୟ କରିବାକୁ ହେବ ସେନେଇ ଦିଲୀପ ତାଙ୍କ ମତ ପ୍ରକାଶ କରିଥିଲେ। ଏହି ସଭାରେ ତରୁଣ ଶତପଥୀ, ତାରାକିଷ୍ଟା ରାଓ, କାଳିଆ ସାହୁ, ବିଜୟ ସୁନ୍ଦର ରାୟ, ଦୀପ୍ତି ସୁନ୍ଦର ରାୟ, ରଶ୍ମିତା ମଲ୍ଲିକ, ଖୁର୍ସିଦା ବାନୋ, ସ୍ମିତା ନାୟକଙ୍କ ସହ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ମଧୁବାବୁ ଜୟନ୍ତୀ, ଆଇନଜୀବୀ ଦିବସ ପାଳିତ

ରାଉରକେଲା,୨୮।୪(ଦିନେଶ ମିଶ୍ର)

ଉଦିତନଗର ସ୍ଥିତ ସିଭିଲକୋର୍ଟ ନିକଟ ସଂଘ କାର୍ଯ୍ୟାଳୟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ଜୟନ୍ତୀ ଓ ଆଇନଜୀବୀ ଦିବସ ସଭାପତି ସଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ଓଡିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁବାବୁ ଓ ଆଇନଜୀବୀ ଦିବସ ପାଳନ ଉପରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡିଶା ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡା ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ପ୍ରୟାସ ଦଣ୍ଡସେନା ଯୋଗଦେଇ ଆଇନଜୀବୀ ପେଶାରେ ଯୋଗଦେଉଥିବା ନବାଗତମାନେ କିଭଳି ସାମାଜିକ ଉତ୍ତରଦାୟିତ୍ୱ ପ୍ରତି ସଚେତନ ହୋଇ କାର୍ଯ୍ୟ କରିବେ ସେନେଇ ପରାମର୍ଶ ଦେଇଥିଲେ। ଉତ୍ସବରେ ସଂଘର ସମ୍ପାଦକ ଦେବାନନ୍ଦ ତନ୍ତୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ସୁଜୟ ପାଣି, ଗିରିଶ ମହାପାତ୍ର, ରାମ ପ୍ରସାଦ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସଦସ୍ୟ ଡି.ଏନ ପଣ୍ଡା, ଦିନବନ୍ଧୁ ଭୋଳ, ଏମ୍‌ଡି ରଫିକ ଅତିଥିଙ୍କୁ ଓକିଲ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଜଷ୍ଟିସ୍ ଦାଶ ସଂଘର ୧୨ ଜଣ ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ୨୦୨୩ରେ ସଂଘରେ ଯୋଗଦେଇ ଥିବା ୫୩ ଜଣ ନୂତନ ଆଇନଜୀବୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏହି ଉତ୍ସବକୁ କମିଟି ସଦସ୍ୟ ଅନନ୍ତ ନାରାୟଣ ସାହୁ ଓ ବନ୍ଦନା ପଣ୍ଡା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସଂଘର ଯୁଗ୍ମ ସମ୍ପାଦକ ଅନୁସୁରୁ ହରି ଡୋରା,ଅଞ୍ଜନା ଗହୀର, ଉପେନ୍ଦ୍ର ଶତପଥୀ, ବ୍ରଜେଶ କୁମାର ମିଶ୍ର, ସୁଶାନ୍ତ କୁମାର ନାୟକ, ସନ୍ତୋଷ କୁମାର ତ୍ରିପାଠୀ, ସୁନିତା ନନ୍ଦ, ଉଦୟ ଲାକ୍ରା, ସରୋଜ ମହାପାତ୍ର, ମାନସ ରଞ୍ଜନ ପଣ୍ଡା, ବିସ୍ମୟ ଦାସ, ମୁରେଶ ମାଝି, ଅଜୟ ମହାନ୍ତି, ନିହାର ରଞ୍ଜନ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଂଘର ଉପସଭାପତି ରାଜକିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକର୍ମରେ ଉପସ୍ଥିତ ଅତିଥିମାନେ।

# ସହରରେ ବୃଦ୍ଧିପାଉଛି ଜଳ ଅପବ୍ୟବହାର

ରାଉରକେଲା,୨୮।୪
(ବିପ୍ଳବ ରଞ୍ଜନ ଦାଶ)



ବ୍ରାହ୍ମଣୀ ନଦୀ ସଙ୍କୁଚିତ ହେବାରେ ଲାଗିଛି।

ରାଉରକେଲା ସହରର ଜୀବନରେଖା କୁହାଯାଉଥିବା ବ୍ରାହ୍ମଣୀ, ଶଙ୍ଖ ଓ କୋଏଲ୍ ନଦୀର ପରିସୀମା ଦିନକୁଦିନ ସଙ୍କୁଚିତ ହେବାରେ ଲାଗିଛି। ଏହାର ପ୍ରଭାବ ସିଧାସଳଖ ସହରବାସୀଙ୍କ ଉପରେ ପଡୁଛି। ଆଗକୁ ସହରର ନଦୀଗୁଡ଼ିକର ସୁରକ୍ଷା ପ୍ରତି ଯତ୍ନଶୀଳ ନ ହେଲେ ଭବିଷ୍ୟତରେ ଉତ୍କଟ ଜଳସଙ୍କଟ ସହରବାସୀଙ୍କ ପାଇଁ ଭୟାବହ ପରିସ୍ଥିତି ସୃଷ୍ଟି କରିବ। ପ୍ରକାଶଥାଉ କି, ଏକଦା ବ୍ରାହ୍ମଣୀ ନଦୀ ସହରବାସୀଙ୍କ ପାନୀୟ ଆବଶ୍ୟକତାକୁ ପୂରଣ କରେ। ରାଉରକେଲା ଜଳ ନିଗମ ବିଭାଗ ତରଫରୁ ବ୍ରାହ୍ମଣୀ ନଦୀରୁ ଦୈନିକ ୬୧ ମିଲିୟନ ଲିଟର ପାଣି ଉତ୍ତୋଳନ ହୋଇ ସହରସାରା ବିତରଣ ହୁଏ। ତନ୍ମଧ୍ୟରୁ ୨୦ଭାଗ ପାଣି ବ୍ୟବହାର ପରେ ଅପବ୍ୟବହାର ହୋଇ ସିଧାସଳଖ ସ୍ୱିରେଜ ସିଷ୍ଟମ ମାଧ୍ୟମରେ ନଦୀରେ ମିଶୁଥିବା ବେଳେ ବଳକା ପାଣି ଦୈନିକ ଅପବ୍ୟବହାର ହୋଇ ନଷ୍ଟ ହେଉଛି। ସହରରେ ଏହିଭଳି ଜଳର ଅପବ୍ୟବହାର ଆଗକୁ ଜଳ ସଙ୍କଟ ପାଇଁ ପ୍ରମୁଖ କାରଣ ସାଜିବ ବୋଲି ସହରର ବୁଦ୍ଧିଜିବୀ ମହଲରେ କୁହାଯାଉଛି। ନଦୀଘାଟରୁ ବାଲି ଉତ୍ତୋଳନ ଓ ଘର ନିର୍ମାଣ ଯୋଗୁ ନଦୀ ସଙ୍କୁଚିତ ହେବାରେ ଲାଗିଛି। ରାଉରକେଲା ଜଳ ବିଭାଜନ ବିଭାଗ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସହରର ପ୍ରତ୍ୟେକ ଘରକୁ ଟ୍ୟାପ୍ ଓ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଉଛି। ତଥାପି ଜଳ ସମସ୍ୟା ଦେଖାଦେଉଛି। ରାଉରକେଲା ଜଳ ନିଗମ (ୱାଟ୍‌କୋ)କୁ ଆର୍ଥିକ ବର୍ଷ ୨୦୨୦-୨୧ରେ ସହରର ୨୨ଟି ଜୋନକୁ ପାନୀୟ ଜଳ ପହଞ୍ଚାଇବା ପାଇଁ ଆବଶ୍ୟକୀୟ ଜଳ ପ୍ରକଳ୍ପ ନିର୍ମାଣ ନିମନ୍ତେ ୧୨୯ କୋଟି ୬୪ ଲକ୍ଷ ବ୍ୟୟବରାଦ ହୋଇଛି। ଆରଏମ୍‌ସି ଟ୍ୟାପ୍ ଯୋଗେ ମୋଟ ୩ ଲକ୍ଷ ଲୋକଙ୍କ ପାଖକୁ ଦୈନିକ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଆର୍ଥିକ ବର୍ଷ ୨୦୨୨-୨୩ରେ ୬ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟବରାଦ କରିଛି। ଏହିସବୁ ପ୍ରକଳ୍ପର ସଠିକ ପରିଚାଳନା ପାଇଁ ଜଳର ଆବଶ୍ୟକତା ରହିଛି। ଏନେଇ ରାଉରକେଲା ୱାଟ୍‌କୋ ମୁଖ୍ୟ ପରିଚାଳକ ପ୍ରତାପ କେଶରୀ ମହାନ୍ତିଙ୍କୁ ପଚାରିବାରୁ, ସହରରେ ଅନବରତ ମେଗା ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। ଜଳ ବିନା ପ୍ରକଳ୍ପଗୁଡ଼ିକ ଜନହିତରେ ଲାଗିବା ଅସମ୍ଭବ। ତେଣୁ ଆଗକୁ ଯେଭଳି ସହରରେ ଜଳ ଅପବ୍ୟବହାର ହ୍ରାସ ହେବ, ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁଖ୍ୟ ପରିଚାଳକ ମହାନ୍ତି କହିଥିଲେ।

# ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଓ ସତର୍କତା


ଡା. ରାମଚନ୍ଦ୍ର ରାଉତ

"ଆମ ଶରୀରର ତାପମାତ୍ରା ସାଧାରଣତଃ ମସ୍ତିଷ୍କର ନିମ୍ନ ଭାଗରେ ଥିବା 'ହାଇପୋଥାଲାମସ୍' (Hypothalamus) ନିୟନ୍ତ୍ରଣ କରିଥାଏ ଏବଂ ଏହାର ଉତ୍ତାପ ସମ୍ବେଦନଶୀଳ । ଅତ୍ୟଧିକ ଉତ୍ତାପ ବୃଦ୍ଧି ପାଇଲେ ଏହାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ । ସାଧାରଣତଃ ୩୭ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ତାତି ରହିଲେ ଶରୀରରେ ଉତ୍ତାପଜନିତ ଲକ୍ଷଣ ପ୍ରକାଶ ପାଇଥାଏ । ଯଦି ଏହି ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ହୁଏ, ତେବେ ତାହା ଶରୀର ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ।"

ବର୍ତ୍ତମାନ ସମଗ୍ର ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହାର ପ୍ରଭାବ ଜନଜୀବନ ଉପରେ କିପରି ପଡିଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତେଣୁ ଏଭଳି ସମୟରେ ଏ ନେଇ କେତେକ ବିଷୟରେ ଜନସାଧାରଣ ଜାଣିବା ନିହାତି ଦରକାର। ବିଶେଷଭାବରେ ଆମ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ଗତ କିଛିଦିନ ଧରି ୪୪ ଡିଗ୍ରୀରୁ ଅଧିକ ରହିବା ସହ ୪୬ ଡିଗ୍ରୀରେ ପହଞ୍ଚି ସାରିଲାଣି। ଏଥିଲାଗି ଜନସଚେତନତା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ମଣିଷ ଶରୀର ଥଣ୍ଡା ଜଳବାୟୁକୁ ଯେପିର ସହ୍ୟ କରିପାରେ ଉତ୍ତପ୍ତ ଜଳବାୟୁକୁ ସେହି ପରିମାଣରେ ସହ୍ୟ କରିପାରେ ନାହିଁ। ଆମ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା(core temperature) ସାଧାରଣତଃ ୩୬-୩୭ ଡିଗ୍ରୀ ସେଲ୍‌ସିୟସ। ଅର୍ଥାତ୍ ଏହି ଉତ୍ତାପରେ ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ, ଏନ୍‌ଜାଇମ, ହରମୋନ, ରକ୍ତ ଉପାଦାନ ଓ ଅନ୍ୟାନ୍ୟ ଲବଣାଦି ଠିକ୍ ପ୍ରକାରେ କାମ କରିଥାଆନ୍ତି। ବାହାର ଉତ୍ତାପ ବୃଦ୍ଧି ପାଇଲେ ଆମ ଚର୍ମ ସହିତ ଆଭ୍ୟନ୍ତରୀଣ ଅଂଶରୁ ତାପ ହ୍ରାସ ହୁଏ ନାହିଁ। ଏହା ହ୍ରାସ ହେବା ପାଇଁ ଅଧିକ ଝାଳ ନିର୍ଗତ ହୁଏ ଓ ତାହା ସହିତ ଜଳ ଓ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯଥା- ସୋଡିୟମ, ପୋଟାସିୟମ, କ୍ଲୋରାଇଡ୍, ବାଇକାର୍ବୋନେଟ୍ ଇତ୍ୟାଦି କ୍ଷୟ ହୋଇଥାଏ। ସୋଡିୟମ ଆମର ବାହ୍ୟ କୋଷିକା ତରଳ ପଦାର୍ଥ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ପୋଟାସିୟମ ହୃଦଯନ୍ତ୍ର (ହାର୍ଟ)ର କାର୍ଯ୍ୟକାରିତା ପାଇଁ ଅପରିହାର୍ଯ୍ୟ।

ତେଣୁ ଜଳଶୁଷ୍କତା (dehydration) ପାଇଁ ପାଣି ସହିତ 'ଓଆର୍‌ଏସ୍' ପିଇବା ଉଚିତ। ଏହା ପ୍ରାଣ ରକ୍ଷାକାରୀ। ସେହିପରି ସର୍ବଦା ଅତ୍ୟଧିକ ଖରାଠାରୁ ଦୂରେଇ ରହିବା ଉଚିତ। ଖରା ସହିତ ଜଳବାୟୁ ଅଧିକ ଜଳୀୟବାଷ୍ପଯୁକ୍ତ ହୋଇ ଗୁଳୁଗୁଳି ହେଲେ ତାହା ଅଧିକ କ୍ଷତିକାରକ ହୋଇଥାଏ।

ଆମ ଶରୀରର ତାପମାତ୍ରା ସାଧାରଣତଃ ମସ୍ତିଷ୍କର ନିମ୍ନ ଭାଗରେ ଥିବା 'ହାଇପୋଥାଲାମସ୍' (Hypothalamus) ନିୟନ୍ତ୍ରଣ କରିଥାଏ ଏବଂ ଏହାର ଉତ୍ତାପ ସମ୍ବେଦନଶୀଳ। ଅତ୍ୟଧିକ ଉତ୍ତାପ ବୃଦ୍ଧି ପାଇଲେ ଏହାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ସାଧାରଣତଃ ୩୭ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ତାତି ରହିଲେ ଶରୀରରେ ଉତ୍ତାପଜନିତ ଲକ୍ଷଣ ପ୍ରକାଶ ପାଇଥାଏ। ଯଦି ଏହି ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ହୁଏ, ତେବେ ତାହା ଶରୀର ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ। ଏଥିଯୋଗୁ ଆମେ ଆଉ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଉ। ସେପରି କେତେକ ପ୍ରମୁଖ ସମସ୍ୟା ବିଷୟରେ ନିମ୍ନରେ ବର୍ଣ୍ଣନା କରାଯାଇଛି।





**ହିଟ୍ କ୍ରାମ୍ପ** : ହିଟ୍ କ୍ରାମ୍ପ ସମସ୍ୟା ଦେଖାଦେଲେ ମାଂସପେଶୀରେ ଯନ୍ତ୍ରଣା, ଚାଲିବା ଓ କାମ କରିବାରେ କଷ୍ଟ ହୋଇଥାଏ। ଜଳ ସହିତ ସୋଡିୟମକ୍ଷୟ ହେବା ଯୋଗୁ ଏପରି ହୋଇଥାଏ। ଏହି ସମୟରେ ଓଆର୍‌ଏସ୍ ଦ୍ରବଣ ଯଥେଷ୍ଟ ପରିମାଣରେ ପିଅନ୍ତୁ। ଏହାବ୍ୟତୀତ ଲେମ୍ବୁଲୁଣଯୁକ୍ତ ଥଣ୍ଡା ପାଣି ପିଅନ୍ତୁ ଏବଂ ଥଣ୍ଡା ସ୍ଥାନରେ ରୁହନ୍ତୁ। ତେବେ ଏଥିରୁ ଆରୋଗ୍ୟ ମିଳିଥାଏ।

**ହିଟ୍ ସିଙ୍କୋପ୍** : ଅତ୍ୟଧିକ ଖରା ଯୋଗୁ କେତେକ ବ୍ୟକ୍ତି ଅଚେତ ହୋଇଯାଆନ୍ତି। ଏହାକୁ 'ହିଟ୍ ସିଙ୍କୋପ୍' କୁହାଯାଏ।

**ହିଟ୍ ଏକଜର୍ସନ** : ଏପରି ସମସ୍ୟା ୩୭ ଡିଗ୍ରୀ ସେଲ୍‌ସିୟସରୁ ୪୦ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ପରିଲକ୍ଷିତ ହୋଇଥାଏ। ଆମେ ଅତ୍ୟଧିକ ତାପଯୁକ୍ତ ପରିବେଶରେ ଦୀର୍ଘ ସମୟ ଧରି ରହି କାମ କଲେ ଏଭଳି ସମସ୍ୟା ଦେଖାଦେଇଥାଏ। ଏହାର ଚିକିତ୍ସା ପାଇଁ ଓଆର୍‌ଏସ୍ ସହିତ ଶିରା ମଧ୍ୟ ଦେଇ 'ଆର୍‌ଏଲ' କିମ୍ବା 'ଡିଏନ୍‌ଏସ୍' କିମ୍ବା 'ଏନ୍‌ଏସ୍' ଦିଆଯାଇଥାଏ। ସ୍ଥଳ ବିଶେଷରେ ପ୍ରଥମ ୨୪ ଘଣ୍ଟାରେ ୫ ଲିଟର ପର୍ଯ୍ୟନ୍ତ ସାଲାଇନ ଦରକାର ପଡିଥାଏ।

**ଅଂଶୁଘାତ:** ଅଂଶୁଘାତ(sun stroke/ heat stroke) ହେଉଛି ସବୁଠାରୁ ଗୁରୁତର ତାତିଜନିତ ସମସ୍ୟା। ଏଥିଯୋଗୁ ମୁଣ୍ଡବ୍ୟଥା, ବାନ୍ତି, ମାଂସପେଶୀୟ ଯନ୍ତ୍ରଣା, ବାଚାଳତା, ଜଳଶୂନ୍ୟତା, ପରିସ୍ରା ହ୍ରାସ, ଶୁଷ୍କ ଚର୍ମ, କିଛି ଜାଣି ନ ପାରିବା, ପାଟି ଖନି ବାଜିଯିବା, ଅଚେତ ହୋଇଯିବା ଏପରିକି ସ୍ଥଳବିଶେଷରେ ଜୀବନହାନି ଘଟିଥାଏ। ଅଂଶୁଘାତ ଭଳି ଗୁରୁତର ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ଆମେ ସତର୍କତା ଅବଲମ୍ବନ କରିବା ନିହାତି ଦରକାର। ତା'ସହ ଯଦି କେହି ଏଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ତାଙ୍କୁ ପ୍ରଥମେ ଥଣ୍ଡା ଏବଂ ପବନ ଚଳପ୍ରଚଳ ସ୍ଥାନକୁ ନେଇଯାଆନ୍ତୁ। କୁଲର କିମ୍ବା ଏସି ପରିବେଶରେ ରଖିଲେ ତାଙ୍କୁ ଟିକେ ଆରାମ ଲାଗିଥାଏ। ଯଦି ବାନ୍ତି ହେଉନି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଓଆର୍‌ଏସ୍ ପିଇବାକୁ ଦିଅନ୍ତୁ। ଏହାଦ୍ୱାରା ଅଂଶୁଘାତଆକ୍ରାନ୍ତ ବ୍ୟକ୍ତିଙ୍କ ଶରୀରରେ ଜଳୀୟ ଅଂଶ ଧୀରେ ଧୀରେ ବୃଦ୍ଧି ପାଇଥାଏ। ଯଦି ସେହି ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ଅଛି ଏବଂ ତାଙ୍କଠାରେ ଜଳୀୟ ଶୁଷ୍କତା ଅତ୍ୟଧିକ ଦେଖାଦେଇଛି ଏବଂ ବାରମ୍ବାର ବାନ୍ତି ହେଉଛି ତେବେ ତୁରନ୍ତ ନିକଟସ୍ଥ ହସ୍‌ପିଟାଲକୁ ନେଇଯାଆନ୍ତୁ। ସେଠାରେ ଆର୍‌ଏଲ/ ଡିଏନ୍‌ଏସ୍/ ଏନ୍‌ଏସ୍ ସାଲାଇନ୍ ଦିଆଯାଇ ଚିକିତ୍ସା କରାଯାଇଥାଏ।

ବର୍ତ୍ତମାନ ଲଗାତର କିଛିଦିନ ହେବ ହାରାହାରି ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ରହୁଛି। ତେଣୁ ଏହି ସମୟରେ ଯଦି ଅତି ଜରୁରୀ କାମ ନାହିଁ ତେବେ ବାହାରକୁ ନ ଯିବା ଭଲ। ଯେଉଁମାନେ ତାତି ସମ୍ବେଦନଶୀଳ ନୁହନ୍ତି, ସେମାନଙ୍କୁ ଏହା ଅଧିକ ବାଧିଥାଏ। ବୃଦ୍ଧା-ବୃଦ୍ଧ, ଶିଶୁ, ଗର୍ଭବତୀ, ଗୁରୁତର ପୀଡିତ ରୋଗୀ, ଡାଇବେଟିସ୍, ହୃଦ୍‌ରୋଗୀମାନେ ସହଜରେ ତାତିଜନିତ ରୋଗର ଶିକାର ହୋଇଥାଆନ୍ତି। ତେଣୁ ଏ ନେଇ ସତର୍କତା ଅବଲମ୍ବନ କରିବା ଦରକାର।

-ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୮୨୪୯୦୮୭୯୯୫

## ଲାଲ ରକ୍ତ କୋଷିକା ଓ ଭିଟାମିନ୍ 'ଇ'



ଭିଟାମିନ୍ 'ଇ'ରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହି ତାଲିକାରେ ଆଉ ଏକ ଜିନିଷକୁ ସାମିଲ କରାଯାଇଛି। ଯଦି ଆମେ ଉପଯୁକ୍ତ ପରିମାଣର ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଉ ତେବେ ତାହା ଆମ ଶରୀରରେ ଲାଲ ରକ୍ତକୋଷିକାକୁ ଦୃଢ଼ କରିଥାଏ। ଏହା ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଆମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ଏଥିପାଇଁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଏଭଳି ଖାଦ୍ୟ ଶରୀରରେ ଥାଏରଏଡ୍ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।

## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ଚିନାବାଦାମ



ଚିନାବାଦାମରେ ପ୍ରୋଟିନ୍, ମ୍ୟାଗ୍ନେସିୟମ୍, ଫାଇବର, ଓମେଗା-୩, ଓମେଗା-୬ ଫ୍ୟାଟି ଏସିଡ୍, ଭିଟାମିନ୍-ଇ, ପୋଟାସିୟମ୍, ଜିଙ୍କ୍, କ୍ୟାଲ୍‌ସିୟମ୍ ଆଦି ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ରକ୍ତ ସଞ୍ଚାଳନକୁ ଆହୁରି ସକ୍ରିୟ କରିଥାଏ। ଏହା ମଧ୍ୟ ଦୃଷ୍ଟିଶକ୍ତିକୁ ଆହୁରି ଦୃଢ଼ କରିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି ଯେ, ଚିନାବାଦାମ ଖାଇଲେ ହୃଦ୍‌ରୋଗ ଆଶଙ୍କା କେତେକାଂଶରେ ଦୂର ହୋଇଥାଏ। ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଆହୁରି ପ୍ରକାଶ କରିଛନ୍ତି ଯେ, ଚିନାବାଦାମ ଖାଇଲେ ତାହା ଦୀର୍ଘାୟୁ କରିବାରେ ମଧ୍ୟ କେତେକାଂଶରେ ସାହାଯ୍ୟ କରିଥାଏ।

## ବିଳମ୍ବରେ ଉଠୁଥିଲେ...



ପ୍ରତିଦିନ ଭୋରୁ ଉଠିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ହେଲେ ଏପରି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ରାତିରେ ଡେରିରେ ଶୋଇଥାନ୍ତି ଏବଂ ବିଳମ୍ବରେ ଉଠିଥାଆନ୍ତି। ଟୋକିଓ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁମାନେ ପ୍ରତିଦିନ ଡେରିରେ ଉଠିଥାନ୍ତି, ଏହାର ନକାରାତ୍ମକ ପ୍ରଭାବ ସେମାନଙ୍କ ମସ୍ତିଷ୍କ ଓ ତା'ର କାର୍ଯ୍ୟଧାରା ଉପରେ ପଡିଥାଏ। ଏମାନଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ବିଳମ୍ବରେ ଉଠିବା ଏକ ଅଭ୍ୟାସରେ ପରିଣତ ହୋଇଗଲେ ମସ୍ତିଷ୍କରେ 'ଆମ୍‌ଲଏଡ୍' ନାମକ ଏକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧିପାଏ। ଭବିଷ୍ୟତରେ ଏହା 'ଆଲ୍‌ଜିମର୍ସ' ସମସ୍ୟାର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଭଳି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ନୀରୋଗ ଶରୀର ଅନ୍ତରାଳେ...



କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟର ବିକାଶ ପାଇଁ ଆବଶ୍ୟକ ପରିମାଣର ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ନିହାତି ଜରୁରୀ। କାରଣ ଏଭଳି ଖାଦ୍ୟ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଶକ୍ତ କରିବାରେ ସହାୟକ ହୋଇଥାଏ। ତେଣୁ ସବୁବେଳେ ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଇଲେ ତାହା ଆମ ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଆମ ଶରୀରରେ ଅନେକ ପ୍ରକାର ତତ୍ତ୍ୱ ରହିଛି। ଏଗୁଡ଼ିକ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ। ନହେଲେ ଆମେ କେତେକ ରୋଗର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ସବୁବେଳେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହେଉଥିବ। ଗରିଷ୍ଠ ଖାଦ୍ୟ ଯଦି ସବୁବେଳେ ଖାଉଛନ୍ତି ତେବେ ଏଥିପ୍ରତି ସତର୍କ ରହନ୍ତୁ। କାରଣ ଏହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ପ୍ରତିଦିନର ଖାଦ୍ୟ ତାଲିକାରେ ତଟକା ଫଳମୂଳ- ସେଓ, ଅଙ୍ଗୁର ଆଦି ସାମିଲ କରନ୍ତୁ। ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ଶରୀର ପାଇଁ ବେଶ୍ ଉପକାରୀ। ଖାଦ୍ୟ ଖାଇବା ସହ ଏହା ଠିକ୍ ଭାବରେ ହଜମ ହେବା ପାଇଁ ଉପଯୁକ୍ତ ପରିମାଣର ପାଣି ପିଅନ୍ତୁ।

## ଉନ୍ନତ ଜୀବନଶୈଳୀ ପାଇଁ...



ସବୁବେଳେ ଖୁସିରେ ରହିବାକୁ କିଏ ବା ନ ଚାହେଁ? ଏଥିପାଇଁ ନିଜର ଚିନ୍ତାଧାରା ସବୁବେଳେ ସକାରାତ୍ମକ ରହିବା ଦରକାର। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇଥାଉ। ଏହି ସମୟରେ ନିଜର ମାନସିକତାକୁ ସନ୍ତୁଳିତ ରଖିବାକୁ ଚେଷ୍ଟା କରନ୍ତୁ। ତେଣୁ ଜୀବନକୁ ଠିକ୍ ମାର୍ଗରେ ଆଗେଇ ନେବା ଲାଗି ଆମ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ସବୁବେଳେ ଏଭଳି ଲୋକଙ୍କ ସହ ମିଶନ୍ତୁ ଯାହା ଭଲ ପ୍ରଭାବ ଆପଣଙ୍କର ଜୀବନଶୈଳୀ ଉପରେ ପଡ଼ିବ। ଆମ ମାନସିକତାକୁ ସକ୍ରିୟ ରଖିଥାଏ ହସ। ନିଜେ ସୁସ୍ଥ ରହିବା କହିଦେଲେ ହେବ ନାହିଁ, ଏଥିପାଇଁ ନିଜର ଖାଦ୍ୟପେୟ ଏବଂ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ୍ ହେବାକୁ ପଡିବ। ନିଜ ଜୀବନଶୈଳୀକୁ ଠିକ୍ ବାଟରେ ପରିଚାଳନା କରିବା ପାଇଁ ସବୁବେଳେ ଏକ ରୁଟିନ୍‌ଯୁକ୍ତ ଜୀବନ ଯାପନ କରନ୍ତୁ। ଏହି ସମୟରେ ନିଜର ଆତ୍ମବିଶ୍ୱାସ ଦୃଢ଼ ହେବା ନିହାତି ଦରକାର। ନିଜକୁ ଯେତେ ସମ୍ଭବ ଟେନସନମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ। ଏକ ଉନ୍ନତ ଜୀନବଶୈଳୀ ପାଇଁ ଆପଣ ଅଭିଜ୍ଞ ମନୋବିଜ୍ଞାନୀଙ୍କ ସହ ପରାମର୍ଶ କରନ୍ତୁ। ଆପଣଙ୍କ ମନରେ ଉଠିଥିବା ପ୍ରଶ୍ନଗୁଡ଼ିକୁ ସେ ସରଳ ଭାବର ସମାଧାନ କରିଦେବେ।

## ସ୍ୱାସ୍ଥ୍ୟ ସୂଚନା

- ସବୁବେଳେ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ଦୈନନ୍ଦିନ ରୋଟିନ୍‌ରେ ବ୍ୟାୟାମ ସାମିଲ କରନ୍ତୁ।
- ଯଦି ଆପଣଙ୍କ ବୟସ ୫୦ ଟପିଗଲାଣି ତେବେ ନିଜର ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଭିଜ୍ଞ ସ୍ୱାସ୍ଥ୍ୟ ବିଶେଷଜ୍ଞ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ବିଶେଷଭାବରେ ହୃଦ୍‌ଜନିତ ସମସ୍ୟା ଥିଲେ ଏଭଳି ଅଭ୍ୟାସ ବର୍ଜନୀୟ।
- ଅଧିକ ଲୁଣ କିମ୍ବା ଚର୍ବିଜତୀୟ ଖାଦ୍ୟ ମେଶି ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ ସ୍ତରକୁ ବଢ଼ାଇଥାଏ।
- ପ୍ରତିଦିନ ରାତିରେ କ୍ଷୀର ପିଉଛନ୍ତି କି? ଯଦି ହଁ, ତେବେ ଏହା ଶରୀରକୁ ସୁସ୍ଥ ରଖିବାରେ ଅନେକାଂଶରେ ସାହାଯ୍ୟ କରେ।
- ଗାଜରରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ପ୍ରତିଦିନ ସକାଳେ ମର୍ଣ୍ଣିଂ ୱାକ୍ ପରେ ଗାଜରରେ ପ୍ରସ୍ତୁତ ଜୁସ୍ ପିଇପାରନ୍ତି।
- କୌଣସି କାମ କରୁଥିବାବେଳେ ଯଦି ହାଲିଆ ଲାଗୁଛି, ତେବେ କିଛି ସମୟ ବିଶ୍ରାମ ନିଅନ୍ତୁ। ଏହାଦ୍ୱାରା ଆପଣଙ୍କୁ ଆରାମ ଲାଗିବ ଓ ସମ୍ପାଦନ କରୁଥିବା କାମଟିକୁ ସହଜରେ ଶେଷ କରିପାରିବେ।
- ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶକ୍ରମେ ମେଡିସିନ ଖାଆନ୍ତୁ। ତା' ସହ ସେ ଯେଉଁ ପରାମର୍ଶ ଦେଉଛନନ୍ତି ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।



# ମହାକାଶରେ ଶିବ-ଶକ୍ତି


ପ୍ର. ରମେଶ ଚନ୍ଦ୍ର ପରିଡ଼ା

"ଜ୍ୟୋତିର୍ବିଜ୍ଞାନୀମାନଙ୍କ ମତରେ ସମ୍ଭବତଃ 'ଶିବ' ଏବଂ 'ଶକ୍ତି' ଆଜିକୁ ପ୍ରାୟ ୧୨,୦୦୦ ନିୟୁତ ବର୍ଷ ପୂର୍ବେ ଛାୟାପଥ ସୃଷ୍ଟି ହେବାର ଆଦ୍ୟକାଳରେ ସେଥିରେ ମିଶିଥିବା ଦୁଇଟି ଅଲଗା ଅଲଗା ତାରକାପୁଞ୍ଜର ସ୍ମାରକୀ। କାରଣ ସଂଗୃହୀତ ତଥ୍ୟ ଅନୁସାରେ ସେ ଦୁଇଟିରେ ଥିବା ତାରକାଗୁଡ଼ିକର ରାସାୟନିକ ସଂରଚନା ୧୨/୧୩ ହଜାର ନିୟୁତ ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ତାରକାଗୁଡ଼ିକର ସଦୃଶ। ଏ ପ୍ରତ୍ୟେକର ବସ୍ତୁତ୍ୱ ଆମ ସୂର୍ଯ୍ୟ ତୁଳନାରେ ପ୍ରାୟ ୧୦ ନିୟୁତ ଗୁଣ ଅଧିକ।"

ଭାରତୀୟ ଧର୍ମ ସଂସ୍କୃତିରେ ଶିବ ହେଲେ ମଙ୍ଗଳମୟ ଦେବାଧିଦେବ ମହାଦେବ ଏବଂ ଶକ୍ତି ସୂଚିତ କରେ ତାଙ୍କ ସଙ୍ଗିନୀ ତଥା ଶକ୍ତିର ପ୍ରତୀକ ଶକ୍ତିସ୍ୱରୂପିଣୀ ମା' ଦୁର୍ଗାଙ୍କୁ। ଏହି ଦ୍ୱୟ ଏକତ୍ର ସୃଷ୍ଟିର ମୂଳ ପିଣ୍ଡ ବୋଲି ବିଚାର କରାଯାଏ। ଏହି ଆଧ୍ୟାତ୍ମିକ ବିଶ୍ୱାସକୁ ଆମେ ନାନାଦି ଭୌତିକ ରୂପ ଦେଇ ପୂଜା କରିଥାଉ। ତେବେ ଏହାକୁ ଏବେ ନୂତନ ବିଜ୍ଞାନଭିତ୍ତିକ ରୂପମାନ ପ୍ରଦାନ କରାଯାଇଛି। ତାହା ପ୍ରଥମେ ପ୍ରମାଣ କରାଯାଇଥିଲା ଗତ ୨୦୨୩ ମସିହା ଅଗଷ୍ଟ ୨୬ ତାରିଖ ଦିନ। ଏହିଦିନ ଚନ୍ଦ୍ରପୃଷ୍ଠରେ ଭାରତୀୟ ମହାକାଶଯାନ 'ଚନ୍ଦ୍ରୟାନ-୩'ର ଲ୍ୟାଣ୍ଡର 'ବିକ୍ରମ' ଅବତରଣ କରିଥିଲା। ଏହି ପବିତ୍ର ସ୍ଥାନକୁ 'ଶିବ-ଶକ୍ତି' ନାମରେ ନାମିତ କରିବା ପାଇଁ ଆମ ଦେଶର ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଚଳିତ ବର୍ଷ ଫେବୃଆରୀରେ ଆନ୍ତର୍ଜାତିକ ଜ୍ୟୋତର୍ବିଜ୍ଞାନୀ ସଂଘ (ଇଣ୍ଟରନ୍ୟାଶନାଲ ଆଷ୍ଟ୍ରୋନୋମିକାଲ ୟୁନିୟନ) ଏହି ନାମକୁ ସ୍ୱୀକୃତି ପ୍ରଦାନ କରିଛି। ପୁନଶ୍ଚ ନିକଟରେ ଏହି ନାମର ପୁନଃ ଉପଯୋଗ କରିଛନ୍ତି ଜ୍ୟୋତିର୍ବିଜ୍ଞାନୀମାନେ ପୁଣି ଆହୁରି ଏକ ବୃହତ୍ତର କ୍ଷେତ୍ରରେ। ସେମାନେ ଆବିଷ୍କାର କରିଥିବା ଛାୟାପଥ ନକ୍ଷତ୍ରମଣ୍ଡଳର ଆଦିମତମ ମୂଳପିଣ୍ଡ ବୋଲି ବିଶ୍ୱାସ କରାଯାଉଥିବା ତାରକାଗୁଡ଼ିକର ଦୁଇଟି ପୁରାତନ ସ୍ରୋତକୁ 'ଶିବ' ଏବଂ 'ଶକ୍ତି' ନାମରେ ନାମିତ କରିଛନ୍ତି।

ଏହି ଦୁଇଟିର ଆବିଷ୍କାର ହୋଇଛି ୟୁରୋପୀୟ ମହାକାଶ ସଂସ୍ଥା ଦ୍ୱାରା ୨୦୧୩ ମସିହାରେ ମହାକାଶକୁ ପ୍ରେରିତ କରାଯାଇଥିବା 'ଗାଇଆ' ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା। ଏହି ଶକ୍ତିଶାଳୀ ବ୍ୟବସ୍ଥାଟି ଇତିମଧ୍ୟରେ ପୃଥିବୀର ନିକଟତମ ନକ୍ଷତ୍ରମଣ୍ଡଳର ପ୍ରାୟ ୧.୫ ହଜାର ନିୟୁତ (ବିଲିୟନ) ତାରକାମାନଙ୍କର ଅବସ୍ଥିତି ସେମାନଙ୍କ ମଧ୍ୟରେ ଦୂରତ୍ୱ ଇତ୍ୟାଦି ସମ୍ପର୍କରେ ବହୁତ ତଥ୍ୟ ସଂଗ୍ରହ କରିସାରିଲାଣି।

ଜ୍ୟୋତିର୍ବିଜ୍ଞାନୀମାନଙ୍କ ମତରେ ସମ୍ଭବତଃ 'ଶିବ' ଏବଂ 'ଶକ୍ତି' ଆଜିକୁ ପ୍ରାୟ ୧୨,୦୦୦ ନିୟୁତ ବର୍ଷ ପୂର୍ବେ ଛାୟାପଥ ସୃଷ୍ଟି ହେବାର ଆଦ୍ୟକାଳରେ ସେଥିରେ ମିଶିଥିବା ଦୁଇଟି ଅଲଗା ଅଲଗା ତାରକାପୁଞ୍ଜର ସ୍ମାରକୀ। କାରଣ ସଂଗୃହୀତ ତଥ୍ୟ ଅନୁସାରେ ସେ ଦୁଇଟିରେ ଥିବା ତାରକାଗୁଡିକର ରାସାୟନିକ ସଂରଚନା ୧୨/୧୩ ହଜାର ନିୟୁତ ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ତାରକାଗୁଡିକର ସଦୃଶ। ଏ ପ୍ରତ୍ୟେକର ବସ୍ତୁତ୍ୱ ଆମ ସୂର୍ଯ୍ୟ ତୁଳନାରେ ପ୍ରାୟ ୧୦ ନିୟୁତ ଗୁଣ ଅଧିକ।

ହିନ୍ଦୁ ଧର୍ମ ଅନୁସାରେ ଶିବ ଏବଂ ଶକ୍ତିଙ୍କ ମିଳନରୁ ବିଶ୍ୱ ବ୍ରହ୍ମାଣ୍ଡର ଉତ୍ପତ୍ତି। ଅନ୍ୟପକ୍ଷରେ ସମ୍ଭବତଃ ତାଞ୍ଚ ଦୁଇଟି ସେହି ସମୟରେ ସୃଷ୍ଟି ହୋଇଥିଲା। ଅତଏବ ଏହା ଚିହ୍ନଟ ହେବା ଛାୟାପଥର ବିକ୍ଷୁବ୍ଧ ଆଦ୍ୟକାଳ ସମ୍ପର୍କରେ ମତ ପ୍ରକାଶ କରାଯାଇଛି ଚଳିତ ବର୍ଷ ମାର୍ଚ୍ଚ ମାସରେ ପ୍ରକାଶିତ 'ଆଷ୍ଟ୍ରୋଫିଜିକାଲ ଜର୍ଣ୍ଣାଲ'ର ଏକ ପ୍ରବନ୍ଧରେ। ଏହାର ମୁଖ୍ୟ ଲେଖକଙ୍କ ମତରେ ସେ ଏବଂ ତାଙ୍କର ସହଯୋଗୀମାନଙ୍କର ଏହି ଅଧ୍ୟୟନ ବିଶ୍ୱବ୍ରହ୍ମାଣ୍ଡ ତାରକାପୁଞ୍ଜମାନେ କିପରି ସୃଷ୍ଟି ହେଲେ ସେହି ମୌଳିକ ପ୍ରଶ୍ନର ସମାଧାନ ଲାଗି ନୂତନ ମାର୍ଗଦର୍ଶନ କରାଇଛି।

ଆଜକୁ ପ୍ରାୟ ୧୩.୮ ହଜାର ନିୟୁତ ବର୍ଷ ପୂର୍ବେ ଘଟିଥିବା ବ୍ରହ୍ମବିସ୍ଫୋଟ ବା ବିଗ୍ ବ୍ୟାଙ୍ଗ ହେତୁ ବିଶ୍ୱ ବ୍ରହ୍ମାଣ୍ଡର ଉଦ୍ଭବ ହୋଇଥିଲା। ଏହା ପରେ ପରେ ସମ୍ଭବତଃ ଅନ୍ୟାନ୍ୟ ତାରକାପୁଞ୍ଜ ସହିତ ଛାୟାପଥର ସୃଷ୍ଟି ପ୍ରକ୍ରିୟା ଆରମ୍ଭ ହେଲା। ବିଶ୍ୱାସ କରାଯାଏ ଯେ ପ୍ରଥମେ ଏହାର ଆକୃତି ଅନିୟମିତ ଥିଲା ଏବଂ ତହିଁରେ ଭରି ରହିଥିଲା ବାଷ୍ପ ଏବଂ ଧୂଳି। ତାହା ଏକତ୍ରିତ ହୋଇ ଘନ ହୋଇଚାଲିବା ଫଳରେ ତାରକାମାନେ ଉତ୍ପନ୍ନ ହେଲେ। ବର୍ତ୍ତମାନର ଏହି ଆବିଷ୍କାର ଏହି ପ୍ରକ୍ରିୟା ଉପରେ ଅଧିକ ଆଲୋକପାତ କରିବ।

-ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୩୦୧୪୬୦





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ